

'ଡନ୍-୩'ର ବଜେଟ୍ ୨୭୫ କୋଟି

▸ପୃଷ୍ଠା ୧୪ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-286 ◆BHUBANESWAR ◆FRIDAY ◆12 APRIL 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧୨ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

ବିଜେଡିର ପ୍ରାର୍ଥୀ ତାଲିକା

## ଚତୁର୍ଥ ପର୍ଯ୍ୟାୟରେ ୧୦



- ସମ୍ବଲପୁରରେ ପ୍ରସନ୍ନ, ରେଢ଼ାଖୋଲରେ ରୋହିତ
- ଭୁବନେଶ୍ୱର ମଧ୍ୟ ଆସନ ନିମନ୍ତେ ଅନନ୍ତ ନାରାୟଣ
- ନର୍ଲାରେ ମନୋରମା ଓ ପାରାଦ୍ୱୀପରେ ଗୀତାଞ୍ଜଳି
- ବାଦ୍ ପଡ଼ିଲେ ଭୂପିନ୍ଦର ସିଂହ ଓ ସମ୍ବିତ ରାଉତରାୟ

■ **ଭୁବନେଶ୍ୱର, ୧୧।୪ (ସମିସ):** ଗୁରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚତୁର୍ଥ ପର୍ଯ୍ୟାୟରେ ଆଉ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏହି ୯ ପ୍ରାର୍ଥୀଙ୍କୁ ମିଶାଇ ବିଜେଡି ପକ୍ଷରୁ ଏପର୍ଯ୍ୟନ୍ତ ବିଧାନସଭା ପାଇଁ ମୋଟ ୧୧୭ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସେହିପରି ଅବଶିଷ୍ଟ ଗୋଟିଏ ଅର୍ଥାତ୍ ବାଲେଶ୍ୱର ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରୁ ଦଳ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ପ୍ରାର୍ଥୀ କରିଛି।

**ଲେଖାଶ୍ରୀ ବାଲେଶ୍ୱର ଲୋକସଭା ଆସନ ପ୍ରାର୍ଥୀ**

୯ ଆସନ ମଧ୍ୟରୁ ବିଜେଡି ୪ଟି ଆସନରେ ପ୍ରାର୍ଥୀ ପରବର୍ତ୍ତନ କରିଛି। ସମ୍ବଲପୁରରୁ ଦଳ ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ଟିକଟ ଦେଇଥିବା ବେଳେ ରେଢାଖୋଲରୁ ରୋହିତ୍ ପୂଜାରୀ, ତାଳଚେରରୁ ବ୍ରଜକିଶୋର ପ୍ରଧାନ, ଭୁବନେଶ୍ୱର ମଧ୍ୟ ଆସନରୁ ଅନନ୍ତ ନାରାୟଣ ଜେନା ନିର୍ବାଚନ ଲଢ଼ିବେ। ସେହିପରି ଲକ୍ଷ୍ମୀପୁରରୁ ଦଳ ପ୍ରଭୁ ଜାନିଙ୍କୁ ପୁନଃ ଟିକଟ ଦେଇଥିବା ବେଳେ ବାଲିଗୁଡ଼ାରୁ ଚକ୍ରମଣି କହଁର, ନର୍ଲାରୁ ମନୋରମା ମହାନ୍ତି ଓ ତେଲକୋଇରୁ ମାଧବ ସର୍ଦ୍ଦାର ବିଜେଡି ଟିକଟରୁ ପ୍ରତିଦ୍ୱନ୍ଦିତା କରିବେ। ଅପରପକ୍ଷେ ୨ ବିଧାୟକ ଯଥା ଭୂପିନ୍ଦର ସିଂ ଓ ସମ୍ବିତ ରାଉତରାୟଙ୍କ ଟିକଟ କାଟିଛି ଦଳ। ପାରାଦୀପରୁ ଦଳ ବିଧାୟକ ସମ୍ବିତଙ୍କ ସ୍ଥାନରେ ତାଙ୍କ ପତ୍ନୀ ଗୀତାଞ୍ଜଳି ରାଉତରାୟଙ୍କୁ ଟିକଟ ପ୍ରଦାନ କରିଛି। ସେହିପରି ମହିଳା ପ୍ରାର୍ଥିତ୍ୱକୁ ଅଗ୍ରାଧିକାର ଦେଉଥିବା ମୁଖ୍ୟମନ୍ତ୍ରୀ ଏହି ୯ ପ୍ରାର୍ଥୀଙ୍କ ମଧ୍ୟରେ ୨ ମହିଳା ରହିଛନ୍ତି। ସେମାନେ ହେଲେ ମନୋରମା ମହାନ୍ତି ଓ ଗୀତାଞ୍ଜଳି ରାଉତରାୟ। ଏହି ୨ ପ୍ରାର୍ଥୀଙ୍କୁ ମିଶାଇ ବିଧାନସଭା ପାଇଁ ବିଜେଡିର ଏଯାବତ୍ ଘୋଷିତ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା ୨୨ରେ ପହଞ୍ଚିଛି। ସେହିପରି ଲେଖାଶ୍ରୀଙ୍କୁ ମିଶାଇ ଲୋକସଭାରେ ମୋଟ ୭ ଜଣଙ୍କୁ ଟିକଟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୭୨, ଦ୍ୱିତୀୟ ପର୍ଯ୍ୟାୟରେ ୨୭ ଓ ତୃତୀୟ ପର୍ଯ୍ୟାୟରେ ୯ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲେ।

ବିଜେଡିରେ ମହିଳା ପ୍ରତିନିଧିତ୍ୱ

## ଲୋକସଭାରେ ୩୩ ପ୍ରତିଶତ ଟିକଟ

■ **ଭୁବନେଶ୍ୱର, ୧୧।୪ (ସମିସ):** ପୁଣିଥରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନରେ ମହିଳାଙ୍କ ପ୍ରତିନିଧିତ୍ୱକୁ ଦେଇଛନ୍ତି ଅଗ୍ରାଧିକାର। ୨୦୧୯ରେ ୩୩% ଲୋକସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରି ଦେଶରେ ଉଦାହରଣ ସୃଷ୍ଟି କରିଥିଲା। ଚଳିତ ନିର୍ବାଚନରେ ମଧ୍ୟ ବିଜେଡି ସଭାପତି ୩୩% ମହିଳାଙ୍କୁ ଲୋକସଭା ଆସନରେ ପ୍ରାର୍ଥୀ କରିଛନ୍ତି। ଘୋଷିତ ୨୧ ଆସନ ମଧ୍ୟରୁ ୭ଟି ଆସନରେ ଦଳର ମହିଳା ପ୍ରାର୍ଥୀମାନେ ପ୍ରତିଦ୍ୱନ୍ଦ୍ୱିତା କରିବେ।

କେବଳ କଥାରେ ନୁହେଁ; କାମରେ ମଧ୍ୟ ମହିଳା ସଶକ୍ତିକରଣକୁ ସବୁବେଳେ ପ୍ରାଧାନ୍ୟ

**୨୦୧୯ରେ ମଧ୍ୟ ୭ ଜଣ ମହିଳାଙ୍କୁ ମିଳିଥିଲା ଟିକଟ**

**ଏଯାଏ ୨୨ ଜଣଙ୍କୁ ମିଳିଛି ବିଧାନସଭା ଆସନ**

ଦେଇ ଆସିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମହିଳା ଆଗକୁ ବଢ଼ିବେ, ଆତ୍ମନିର୍ଭର ହେବେ, ରାଜ୍ୟ ବିକାଶର ସାରଥୀ ହେବେ। ଉପରୋକ୍ତ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିଜର ପ୍ରତିଟି କାର୍ଯ୍ୟକ୍ରମ, ଯୋଜନା ଜାରି ରଖିଛନ୍ତି। ଦଳ ପକ୍ଷରୁ ଏଯାବତ୍ ୧୧୭ ବିଧାନସଭା ଏବଂ ସମସ୍ତ ୨୧ ଲୋକସଭା ପାଇଁ ପ୍ରାର୍ଥୀ ଘୋଷଣା ସରିଛି। ଏଥିରୁ ବିଧାନସଭା ପାଇଁ ମୁଖ୍ୟମନ୍ତ୍ରୀ ୨୨ ଏବଂ ଲୋକସଭାରେ ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଛନ୍ତି।

ଲୋକସଭା ପାଇଁ ଘୋଷିତ ପ୍ରାର୍ଥୀ ତାଲିକାରେ ମୋଟ ୭ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। କୋରାପୁଟରୁ କୌଶଲ୍ୟା ହିକକାଙ୍କୁ ଦଳ ପ୍ରାର୍ଥୀ କରିଛି। ଅନୁରୂପ ଭାବେର ଆସିକାରୁ ରଞ୍ଜିତା ସାହୁ, ଜଗତସିଂହପୁରରୁ ରାଜଶ୍ରୀ ମଲ୍ଲିକ, ଯାଜପୁରରୁ ଶର୍ମିଷ୍ଠା ସେଠୀ, ଭଦ୍ରକରୁ ମଞ୍ଜୁଲତା ମଣ୍ଡଳ ଓ ବରଗଡରୁ ପରିଣୀତା ମିଶ୍ରଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସେହିପର ବାଲେଶ୍ୱରରୁ ଡ. ଲେଖାଶ୍ରୀ ସାମନ୍ତ ସିଂହାର ଲୋକସଭା ପ୍ରାର୍ଥୀ ହୋଇଛନ୍ତି।

ଅନୁରୂପ ଭାବର ବିଧାନସଭା ପାଇଁ ଘୋଷିତ ୧୧୭ ଜଣିଆ ପ୍ରାର୍ଥୀ ତାଲିକାରେ ୨୨ ଜଣ ମହିଳା ରହିଛନ୍ତି। ସେହିପରି ଲୋକସଭା ପାଇଁ ଘୋଷିତ ୨୧ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୭ ଜଣ ମହିଳାଙ୍କୁ ସ୍ଥାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ବିଧାନସଭା ପାଇଁ ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରେ ରାୟଗଡାରୁ ଅନୁସୟା ମାଝୀ, ବିଜେପୁରର ରୀତା ସାହୁ, ଅତାବିରା ସ୍ନେହାଙ୍ଗିନୀ ଛୁରିଆ, ବସ୍ତାର ସୁବାସିନୀ ଜେନା, ବିଞ୍ଝାରପୁରର ପ୍ରମିଳା ମଲ୍ଲିକ, ଯାଜପୁରର ସୁଜାତା ସାହୁ, ଟିଟିଲାଗଡର ଟୁକୁନି ▸ପୃଷ୍ଠା-୯

## ଏପ୍ରିଲ୍‌ରେ ଥଣ୍ଡାର ସର୍ବକାଳୀନ ରେକର୍ଡ

■ **ଭୁବନେଶ୍ୱର, ୧୧।୪ (ସମିସ):** ଏପ୍ରିଲ୍ ମାସରେ ଥଣ୍ଡାର ସର୍ବକାଳୀନ ରେକର୍ଡ ହୋଇଛି। ରାଜ୍ୟର ବିଭିନ୍ନ ସହରରେ ଏପ୍ରିଲ୍ ମାସରେ ଅନୁଭୂତ ହୋଇ ଦିନର ତାପମାତ୍ରା ସବୁ ରେକର୍ଡ ଭଙ୍ଗ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ୪ ସହରରେ ଏପ୍ରିଲ ମାସର ସବୁଠୁ ଥଣ୍ଡା ଦିନ ଅନୁଭୂତ ହୋଇଛି। ବର୍ଷା ଏବଂ ମେଘୁଆ ଆକାଶ ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ହ୍ରାସ ପାଇଛି। ଫଳସ୍ୱରୁପ ଅନୁଗୁଳ, ଟିଟିଲାଗଡ, ସମ୍ବଲପୁର, ହୀରାକୁଦ ଆଦି ସହରରେ ଏପ୍ରିଲ ମାସର ସବୁଠାରୁ ଥଣ୍ଡା ଦିନ ଭାବେ ପରିଗଣିତ ହୋଇଛି। ଗୁରୁବାର ଟିଟିଲାଗଡରେ ଦିନର ତାପମାତ୍ରା ▸ପୃଷ୍ଠା-୯

**୪ ଦିନରେ ୮ ଡିଗ୍ରୀ ବଢ଼ିବ ତାତି**

**୧୫ରୁ ପୁଣି ଆରମ୍ଭ ହେବ ଗ୍ରୀଷ୍ମ ଲହରୀ**

ନିର୍ବାଚନ ଲଢ଼ିବା ନେଇ ଅଡୁଆରେ ମୋକିମ୍

## ହାଇକୋର୍ଟଙ୍କ ରାୟ ପରେ ଝୁଲୁଛି ଭାଗ୍ୟ



■ **କଟକ, ୧୧।୪(ସମିସ):** ହାଇକୋର୍ଟଙ୍କ ରାୟ ପରେ ବାରବାଟୀ-କଟକର କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କ ଭାଗ୍ୟ ଏବେ ଝୁଲୁଛି। ଓଆରଏଚଡିସି ଋଣ ଦୁର୍ନୀତି ମାମଲାରେ ତାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ୩ବର୍ଷ ଜେଲଦଣ୍ଡ ଓ ୫୦ହଜାର ଜରିମାନା ଆଦେଶକୁ ହାଇକୋର୍ଟ କାଏମ ରଖିବା ସହ ମୋକିମଙ୍କ ଆବେଦନକୁ ରଦ୍ଦ କରିଛନ୍ତି। ନିର୍ବାଚନର ଅବ୍ୟବହିତ ପୂର୍ବରୁ ମୋକିମଙ୍କୁ ଏହି ଅଦାଲତି ଝଟକା ପରେ ଦଳର କର୍ମୀ ଓ ଛାମୁଆ ନେତା ବି ଦ୍ୱନ୍ଦରେ ପଡିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୮,ଉପଧାରା ୧,୨ ଓ ୩ରେ ବିଧାୟକ ବା ସାଂସଦ ଯଦି କୋ÷ଣସି ଅଦାଲତରେ ୨ବର୍ଷରୁ ଅଧିକ କାରାଦଣ୍ଡରେ ଦଣ୍ଡିତ ହୋଇଥିବେ ତାହେଲେ ସେମାନଙ୍କ ସଦସ୍ୟତା ରଦ୍ଦ ହେବ। ଏପରିକି ସମ୍ପୃକ୍ତ ଜନପ୍ରତିନିଧି ଦଣ୍ଡ ଭୋଗ କରିସାରିବା ପରେ ୬ବର୍ଷ ପର୍ଯ୍ୟନ୍ତ ନିର୍ବାଚନରେ ଅଂଶଗ୍ରହଣ କରିପାରିବେ ନାହିଁ ବୋଲି ଲିଲି ଥୋମାସ ବନାମ ଭାରତ ସରକାର ମାମଲାରେ ସର୍ବୋଚ୍ଚ ଅଦାଲତ ରାୟ ଦେଇଛନ୍ତି। ଏହି ରାୟ ଅନୁସାରେ ଦେଶରେ ଅନେକ ବଡ ନେତା ତଥା ବିଧାୟକ ଓ ସାଂସଦଙ୍କ ସଭ୍ୟ ପଦ ରଦ୍ଦ ସହ ସେମାନଙ୍କ ନିର୍ବାଚନ ଲଢ଼ିବା ବାଟ ବନ୍ଦ ହୋଇଛି। ଏବେ ମୋକିମଙ୍କ କ୍ଷେତ୍ରରେ ଏଭଳି ଘଟିପାରେ ଓ ଆଗାମୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ତାଙ୍କ ପାଇଁ କଠିନ ହେବ ବୋଲି କୁହାଯାଉଛି।

ମୋକିମଙ୍କ ବିଧାୟକ କାର୍ଯ୍ୟକାଳ ଏବେ ବି ଶେଷ ହୋଇନାହିଁ। ଯଦିଓ ହାଇକୋର୍ଟ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ ତାଙ୍କ ପାଖରେ ସୁଯୋଗ ରହିଛି; କିନ୍ତୁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ସେ ସୁପ୍ରିମକୋର୍ଟରେ ଆବେଦନ କରି ▸ପୃଷ୍ଠା-୯



# ୧୨ ବିଲିଅନ୍ ଡଲାରର ଠକେଇ: କୋଟିପତିଙ୍କୁ ମୃତ୍ୟୁଦଣ୍ଡ



ହୋ ଚି ମିନ୍ ସିଟି, ୧୧।୪(ଏଜେନ୍ସି): ୧୨ ବିଲିଅନ୍ ଡଲାର ବା ୧୨୦୦ କୋଟି ଡଲାରର ଜାଲିଆତି ଓ ଠକାମୀ କରିଥିବା ଭିଏତନାମର ବିଶାଳ ରିୟଲ ଇଷ୍ଟେଟ୍ କମ୍ପାନୀ ଭନ ଥିନହ ଫଟର ଅଧକ୍ଷା ଟ୍ରୁଓଙ୍ଗ ମାଇଁ ଲାନଙ୍କୁ ହୋ ଚି ମିନ୍ ସିଟିର ଏକ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଛି। ୬୭ବର୍ଷ ବୟସ୍କା ଲାନଙ୍କୁ ୨୦୨୨ରେ ଗିରଫ କରାଯାଇଥିଲା। ୧୨୦୦ କୋଟି ଡଲାର ହେଉଛି ଭିଏତନାମର ଜିଡିପିର ପ୍ରାୟ ୩% ।୨୦୧୨ରୁ ୨୦୨୨ଯାଏ ଲାନ ସାଇଗନ ଜଏଣ୍ଟ ଷ୍ଟକ୍ କମର୍ସିଆଲ ବ୍ୟାଙ୍କକୁ ବେଆଇନ ଭାବେ ନିୟନ୍ତ୍ରଣ କରି ଶହଶହ ବେନାମୀ, ଜାଲ ଓ ଅସ୍ତିତ୍ୱହୀନ କମ୍ପାନୀ ଜରିଆରେ ଅଜସ୍ର ପୁଞ୍ଜି ହରଣଚାଳ କରିଥିଲେ। ସେଥିପାଇଁ ସେ ସରକାରୀ କର୍ମଚାରୀମାନଙ୍କୁ ପ୍ରଚୁର ଲାଞ୍ଚ ଦେଉଥିଲେ।

■ ତୃତୀୟ ପର୍ଯ୍ୟାୟ ନିର୍ବାଚନ

## ୯୪ ଆସନରେ ପ୍ରାର୍ଥିପତ୍ର ଦାଖଲ ଆଜିଠାରୁ

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି): ନିର୍ବାଚନ କମିଶନ ତୃତୀୟ ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୯୪ଟି ଲୋକସଭା ଆସନରେ ମନୋନୟନ/ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ଶୁକ୍ରବାର ଆସାମ, ବିହାର, ଛତିଶଗଡ଼, ଦାଦ୍ରା ଓ ନଗରହାବେଲୀ, ଡାମନ ଓ ଡିୟୁ ଗୋଆ, ଗୁଜରାଟ, ଜମ୍ମୁ-କଶ୍ମୀର, କର୍ଣ୍ଣାଟକ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ-ଏହି ୧୨ଟି ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର ୯୪ ଆସନ ପାଇଁ ମନୋନୟନପତ୍ର ଦାଖଲ ପ୍ରକ୍ରିୟା ସମ୍ପର୍କିତ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇବ। ମନୋନୟନପତ୍ର ଦାଖଲ ଏପ୍ରିଲ ୧୨ରୁ ଆରମ୍ଭ ହୋଇ ଏପ୍ରିଲ ୧୯ ଯାଏ ଚାଲିବ। ଏପ୍ରିଲ ୨୦ରେ ମନୋନୟନପତ୍ର ଯାଞ୍ଚ୍ ହେବ। ମନୋନୟନପତ୍ର ପ୍ରତ୍ୟାହାରର ଶେଷ ତାରିଖ ହେଉଛି ଏପ୍ରିଲ ୨୨। ତୃତୀୟ ପର୍ଯ୍ୟାୟର ୨୯-ବେତୁଲ (ଅନୁସୂଚିତ ଜନଜାତି) ସଂସଦୀୟ କ୍ଷେତ୍ରର ସ୍ଥଗିତ ନିର୍ବାଚନକୁ ମିଶାଇ ୯୪ ଆସନରେ ମେ’ ୭ରେ ମତଦାନ ହେବ।

■ କଂଗ୍ରେସରେ ଚାଲିଛି ଇସ୍ତଫାର ସୁଅ

## ରୋହନ ଗୁପ୍ତା ବିଜେପିରେ ସାମିଲ



ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ୨୦୨୪ ନିର୍ବାଚନ ଯେତିକି ପାଖେଇ ଆସୁଛି କଂଗ୍ରେସ ଦଳରେ ନେତାଙ୍କ ଇସ୍ତଫା ସଂଖ୍ୟା ସେତିକି ବଢିବାରେ ଲାଗିଛି। ନିକଟରେ ମହାରାଷ୍ଟ୍ରର ବହୁ ପ୍ରମୁଖ ନେତା ଦଳ ଛଶଡି ବିଜେପିରେ ସାମିଲ ହୋଇଥିଲା ବେଳେ ଗୁରୁବାର କଂଗ୍ରେସର ପୂର୍ବତନ ପ୍ରବକ୍ତା ରୋହନ ଗୁପ୍ତା ବିଜେପିରେ ସାମିଲ ହୋଇଛନ୍ତି। ତାଙ୍କୁ ଦଳରେ ଅପମାନିତ କରାଯାଇ ଆସୁଥିଲା ବେଳେ ସନାତନ ଧର୍ମକୁ ଅପମାନିତ କରାଯାଉଥିବା ଏବଂ ଏଥିନେଇ ଦଳର ଆଭିମୁଖ୍ୟ ସ୍ୱଷ୍ଟ ନଥିବାରୁ ସେ ଦଳ ଛାଡିବାକୁ ବାଧ ହୋଇଛନ୍ତି ବୋଲି ପ୍ରାୟ ମାସକ ତଳେ କଂଗ୍ରେସ ଛାଡିବା ବେଳେ କହିଥିଲେ। ରୋହନଙ୍କୁ ଚଳିତ ନିର୍ବାଚନରେ ଅହମ୍ମଦାବାଦ ପୂର୍ବ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କରାଯାଇଥିଲା। କିନ୍ତୁ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମନା କରି ଦଳ ଛାଡିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କର ବିକଶିତ ଭାରତ ସ୍ୱପ୍ନରେ ସାମିଲ ହେବାକୁ ରୋହନ ନିଷ୍ପତ୍ତି ନେଇଛନ୍ତି ବୋଲି ଗୁରୁବାର ବିଜେପିରେ ଯୋଗଦେବା ପରେ କହିଛନ୍ତି।

## ମୋଷ୍ଟ ୱାଣ୍ଟେଡ୍ ମାଓନେତା ଗିରଫ

ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ଝାଡ଼ଖଣ୍ଡ ଓ ଆସାମରେ ଚଢ଼ଉ କରି ମାଓ ସଂଗଠନ ‘ପିପୁଲ୍ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆ’ (ପିଏଲ୍ଏଫ୍ଆଇ)ର ମୋଷ୍ଟ ଓ୍ୱାଣ୍ଟେଡ୍ ନେତା ବିନୋଦ ମୁଣ୍ଡାକୁ ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ଗିରଫ କରିଛି। ଗୁରୁବାର ଏକ ସରକାରୀ ବିବୃତିରେ ଏହି ସୂଚନା ଦିଆଯାଇଛି। ମିଳିଥିବା ଏନ୍ଆଇଏ ସ୍ଥାନୀୟ ପୁଲିସ ସହାୟତାରେ ବୁଧବାର ରାତିରେ ଝାଡ଼ଖଣ୍ଡ ଓ ଆସାମର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଏନଆଇଏ ଟିମ୍ ବିନୋଦକୁ ଝାଡ଼ଖଣ୍ଡର ଖୁଣ୍ଟି ଜିଲ୍ଲାରୁ ଗିରଫ କରିଥିଲା। ବିନୋଦ ପିଏଲଏଫଆଇର ସଶସ୍ତ୍ର ସଦସ୍ୟ ଏବଂ ଝାଡ଼ଖଣ୍ଡରେ ୪ଟି ମାମଲାରେ ୱାଣ୍ଟେଡ ଥିବା ତଦନ୍ତକାରୀ ସଂସ୍ଥା କହିଛି। ନକ୍ସଲ ସଂଗଠନକୁ ଆର୍ଥିକ ସହାୟତା ଦେବାକୁ ବିନୋଦ ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଏବଂ ଓଡ଼ିଶାରେ କୋଇଲା ବ୍ୟବସାୟୀ, ପରିବହନ ସଂସ୍ଥା, ରେଳ ଠିକାଦାର ଏବଂ ଅନ୍ୟ ବ୍ୟବସାୟୀଙ୍କ ଠାରୁ ବଟି ଆଦାୟ କରୁଥିଲା।

ଅବକାରୀ ନୀତି ଦୁର୍ନୀତି ମାମଲାରେ ଆପକୁ ଡବଲ ଝଟ୍କା

# କେ କବିତାଙ୍କୁ ଗିରଫ କଲା ସିବିଆଇ



ନୂଆଦିଲ୍ଲୀ,୧୧।୪(ଏଜେନ୍ସି)

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ଆମ ଆଦମୀ ପାର୍ଟି(ଆପ୍)କୁ ଗୁରୁବାର ଦୁଇ ଦୁଇଟି ଝଟ୍କା ଲାଗିଛି। ଏହି ମାମଲାରେ ପୂର୍ବରୁ ଇଡି ଦ୍ୱାରା ଗିରଫ ହୋଇ ଜେଲରେ ରହିଥିବା ବିଆରଏସ୍ ନେତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ କେ କବିତାଙ୍କୁ ସିବିଆଇ ପୁଣି ଗିରଫ କରିଛି। ନିକଟରେ ସିବିଆଇ ପକ୍ଷରୁ କବିତାଙ୍କୁ ତିହାର ଜେଲରେ ଜେରା କରାଯାଇଥିଲା। ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ବୁଚି ବାବୁଙ୍କ ଫୋନରୁ କବିତାଙ୍କ ସହ ହୋଇଥିବା ହ୍ୱାଟସ୍ଆପ୍ ଚାଟ୍‌ରୁ ସିବିଆଇକୁ ବହୁ ତଥ୍ୟ ମିଳିବା ପରେ ଆପକୁ ଲାଞ୍ଚ ଭାବେ ଦିଆଯାଇଥିବା ୧୦୦ କୋଟିର କାରବାର ସମ୍ପର୍କରେ ସିବିଆଇ ଗୁରୁବାର ପୁଣିଥରେ କବିତାଙ୍କୁ ଜେରା କରିଥିଲା। ଏହାପରେ କବିତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। କେବଳ କବିତାଙ୍କ ଗିରଫ ନୁହେଁ, ଆଗକୁ ଆପ୍ର ଆଉ କିଛି ନେତା ମଧ୍ୟ ଇଡି କବଜାରେ ପଡ଼ିବାର ଆଶଙ୍କା ରହିଛି। ବିଶେଷକରି ମନ୍ତ୍ରୀ ଆତିଶୀ ମାର୍ଲେନା ଏବଂ ସୌରଭ ଭରଦ୍ୱାଜଙ୍କୁ ପୂର୍ବରୁ ଇଡି ପଚରାଉଚରା କରିସାରିଥିଲା ବେଳେ ପୁଣି ସେମାନଙ୍କୁ ଡକରା ଆସିପାରେ ବୋଲି କୁହାଯାଉଛି। ସେପଟେ ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ମୁକୁଳିବା ସମ୍ଭାବନା ମଧ୍ୟ କ୍ଷୀଣ ହୋଇଛି। ନିର୍ବାଚନ ପାଖେଇ ଆସୁଥିଲା ବେଳେ ଏସବୁ ନେତାଙ୍କ ସ୍ଥିତିକୁ ନେଇ ଆପ୍ ମଧ୍ୟରେ ଭାଳେଣି ପଡ଼ିଛି। କେବଳ ରାଜ୍ୟସଭା ସାଂସଦ ସଞ୍ଜୟ ସିଂଙ୍କ ନେତୃତ୍ୱରେ ଏବେ ଦଳୀୟ ନେତା ଏକାଠି ହୋଇ ନିର୍ବାଚନ ଲଢିପାରନ୍ତି ବୋଲି କୁହାଯାଉଛି।

## କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବହିଷ୍କୃତ



ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବ୍ୟକ୍ତିଗତ ସଚିବ ବିଭବ କୁମାରଙ୍କୁ ଗୁରୁବାର ତାଙ୍କ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି। ସରକାରୀ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ଦ୍ୱାରା ତାଙ୍କୁ ତାଙ୍କ ପଦବୀରୁ ବହିଷ୍କାର କରାଯାଇଛି। ଅସ୍ଥାୟୀ ନିଯୁକ୍ତିକୁ ନେଇ କେନ୍ଦ୍ରୀୟ ସିଭିଲ ସର୍ଭିସ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭିଜିଲାନ୍ସ ଏଭଳି ପଦକ୍ଷେପ ନେଇଥିବା କହିଛି। ଉଲ୍ଲେଖଯୋଗ୍ୟ ଯେ, ବିଭବ କୁମାର ୨୦୦୭ ମସିହାରେ ଏକ ଫୌଜଦାରୀ ମାମଲାରେ ଜଡ଼ିତ ରହିଥିଲେ ହେଁ ଏ ସମ୍ପର୍କରେ କୌଣସି ସୂଚନା ଦିଆଯାଇନଥିଲା। ସେତେବେଳେ ସେ ଜଣେ ସରକାରୀ କର୍ମଚାରୀଙ୍କ ଉପରେ ଆକ୍ରମଣ କରିଥିଲେ। ଏହା ନିୟମର ଉଲ୍ଲଙ୍ଘନ ବୋଲି ଭିଜିଲାନ୍ସ କହିଛି। କୌଣସି ବ୍ୟକ୍ତିଙ୍କ ଚରିତ୍ର ଏବଂ ତାଙ୍କ ବିଷୟରେ ଯାଞ୍ଚ ନକରି ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତିକୁ ଅନୁମତି ଦେବା ଠିକ୍ ନୁହେଁ ବୋଲି ଭିଜିଲାନ୍ସ କହିଛି।

## ରକ୍ତ ବୁହାଇଦେବୁ ପଛେ ସିଏଏ ଲାଗୁ କରିବୁନି: ମମତା



କୋଲକାତା,୧୧।୪(ଏଜେନ୍ସି): ପଶ୍ଚିମବଙ୍ଗରେ କୌଣସି ସ୍ଥିତିରେ ନାଗରିକତା ସଂଶୋଧନ ଆଇନ (ସିଏଏ) ଲାଗୁ କରିବାକୁ ଦିଆଯିବନି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୃଢୋକ୍ତି କରିଛନ୍ତି। ସିଏଏ ସହିତ ଜାତୀୟ ନାଗରିକ ପଞ୍ଜିକା (ଏନଆରସି) ଏବଂ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ମଧ୍ୟ ଲାଗୁ କରିବାକୁ ଅନୁମତି ଦେବେ ନାହିଁ ବୋଲି ମମତା କହିଛନ୍ତି। ସେ କହିଛନ୍ତି ଯେ, ସବୁ ଧର୍ମ ମଧ୍ୟରେ ସମନ୍ୱୟ ରହିବା ଉଚିତ। ସେଥିପାଇଁ ୟୁନିଫର୍ମ ସିଭିଲ କୋଡ୍ ଗ୍ରହଣୀୟ ନୁହେଁ। ଦେଶ ପାଇଁ ରକ୍ତ ବୁହାଇବାକୁ ପ୍ରସ୍ତୁତ ଅଛୁ; କିନ୍ତୁ ଦେଶ ପାଇଁ ନିର୍ଯାତନାକୁ ବରଦାସ୍ତ କରିବୁ ନାହିଁ ବୋଲି ମମତା ଇଦ୍-ଉଲ୍-ଫିତର ଅବସରରେ କୋଲକାତାରେ ଏକ ସମାବେଶକୁ ସମ୍ବୋଧିତ କରି କହିଛନ୍ତି। ଏହାଛଡ଼ା ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାରକୁ ନେଇ ସେ ବିଜେପି ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

## ବିଚାରାଧୀନ ମାମଲାକୁ ନେଇ ସୋସିଆଲ ମିଡିଆ ପୋଷ୍ଟ ଚିନ୍ତା ବଢ଼ାଇଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୪(ଏଜେନ୍ସି)

ନ୍ୟାୟିକ ବ୍ୟବସ୍ଥାରେ ବିଚାରାଧୀନ ରହିଥିବା ମାମଲାରେ ଏବେ ସୋସିଆଲ ମିଡିଆରେ କରାଯାଉଥିବା ପୋଷ୍ଟ ସଂଖ୍ୟା ବଢିବାରେ ଲାଗିଛି। ବିଚାରାଧୀନ ମାମଲାକୁ ନେଇ ବିଭିନ୍ନ ସୋସିଆଲ ମିଡିଆରେ ପୋଷ୍ଟିଂ ସହ ଏସମ୍ପର୍କରେ ମେସେଜ୍ କରିବା କିମ୍ବା ନ୍ୟାୟିକ ପ୍ରଣାଳୀ ଉପରେ ଟକ୍କା ଟିପ୍ପଣୀ ରଖିବା ଚିନ୍ତା ବଢାଇଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ବିଚାରାଧୀନ ମାମଲାକୁ ନେଇ ଆସାମର ଜଣେ ବିଧାୟକ ନିଜ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିଲା ବେଳେ ଏହାକୁ ବିରୋଧ କରି ସୁପ୍ରିମକୋର୍ଟରେ ହୋଇଥିବା ଏକ ପିଟିସନର ଶୁଣାଣି କରି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ଜଷ୍ଟିସ୍ ବେଲା ତ୍ରିବେଦୀଙ୍କ ଖଣ୍ଡପୀଠ ଏହା କହିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ, ବିଭିନ୍ନ ଅଦାଲତରେ ବିଚାରାଧୀନ ରହିଥିବା ମାମଲାକୁ ନେଇ ସୋସିଆଲ ମିଡିଆରେ ପୋଷ୍ଟ ସଂଖ୍ୟା ବଢିବାରେ ଲାଗିଛି।



ସୋସିଆଲ ମିଡିଆ ନିୟମାବଳୀକୁ ଉଲ୍ଲଙ୍ଘନ କରାଯାଇ ନ୍ୟାୟିକ ବ୍ୟବସ୍ଥା ସମ୍ପର୍କରେ ଟିକ୍କା ଟିପ୍ପଣୀ କରାଯାଉଛି। ଏହାବ୍ୟତୀତ ମେସେଜ ଏବଂ ଲେଖା ମାଧ୍ୟମରେ ଅଦାଲତଙ୍କୁ ସମାଲୋଚନା କରାଯାଉଛି। ଯଦିଓ କୌଣସି ସମାଲୋଚନା କିମ୍ବା ଦୋଷାରୋପକୁ ସହ୍ୟ କରିବାକୁ ନ୍ୟାୟିକ ବ୍ୟବସ୍ଥାର ଯଥେଷ୍ଟ ଧୈର୍ଯ୍ୟ ରହିଛି; ତଥାପି ବ୍ୟକ୍ତି ସ୍ୱାଧୀନତା ଏବଂ ଅଭିବ୍ୟକ୍ତି ଆଳରେ ସୋସିଆଲ ମିଡିଆ ପ୍ଲାଟଫର୍ମରେ କରାଯାଉଥିବା ପୋଷ୍ଟ ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ ଭଳି ଲାଗୁଛି। କୌଣସି ମାମଲାର ବିଚାର ବେଳେ ଜଣେ ଓକିଲଙ୍କ ଯୁକ୍ତିକୁ ନେଇ ବିଚାରପତି ପ୍ରତିକ୍ରିୟା ପ୍ରକାଶ କରିବା ସ୍ୱାଭାବିକ ବିଷୟ। କିନ୍ତୁ ଅନେକ ସମୟରେ ବିଚାରପତିଙ୍କ ପ୍ରତିକ୍ରିୟାକୁ ନେଇ କଦର୍ଥ କରାଯାଉଛି। କିନ୍ତୁ ଏହା ଦେଶର ନ୍ୟାୟିକ ବ୍ୟବସ୍ଥା ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।

## ଆତଙ୍କବାଦ ରୋକିବାକୁ ପାକିସ୍ତାନ ଅସମର୍ଥ ହେଲେ ଭାରତ ସହଯୋଗ କରିବ:ରାଜନାଥ



ନୂଆଦିଲ୍ଲୀ, ୧୧।୪(ଏଜେନ୍ସି): ପାକିସ୍ତାନ ସରକାର ଚାହିଁଲେ ପାକିସ୍ତାନ ଭୂମୀରୁ ଆତଙ୍କବାଦର ଉତ୍ପାଟନରେ ଭାରତ ସହଯୋଗ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଫର ଦେଇଛନ୍ତି। ସମ୍ବାଦ ସରବରାହ ସଂସ୍ଥା ଏଏନଆଇକୁ ଦେଇଥିବା ସାକ୍ଷାତକାରରେ ରାଜନାଥ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି, ଭାରତରେ ଅସ୍ଥିରତା ସୃଷ୍ଟି ଲକ୍ଷ୍ୟରେ ଆତଙ୍କବାଦକୁ ଉପଯୋଗ କଲେ ସାଂଘାତିକ ପରିଣାମ ଭୋଗ କରିବ। ପାକିସ୍ତାନ ତା’ ଦେଶରୁ ଆତଙ୍କବାଦ ହଟାଉ, ଯଦି ଆତଙ୍କବାଦ ହଟାଇବାକୁ ପାକିସ୍ତାନ ଅସମର୍ଥ ତେବେ ଭାରତର ସହଯୋଗ ଓ ସହାୟତା ଲୋଡୁ। ଭାରତ ସେଥିପାଇଁ ପ୍ରସ୍ତୁତ ଅଛି। କିଛି ଦିନ ତଳେ ରାଜନାଥ ସିଂହ ଦତଏନଏନ ନ୍ୟୁଜ୍ ୧୮ କୁ ଦେଇଥଇବା ସାକ୍ଷାତକାରରେ କହିଥଇଲେ ଯେ ଭାରତରେ ଆତଙ୍କବାଦୀ ହିଂସା ଘଟାଇ ଯଦି କିଏ ପାକିସ୍ତାନୁ ଚାଲିଯାଏ ତେବେ ଭାରତ ପାକିସ୍ତାନରେ ପ୍ରବେଶ କରି ସେମାନଙ୍କୁ ନିପାତ କରିବ। ଗାର୍ଡିୟାନରେ ପ୍ରକାଶିତ ଏକ ରିପୋର୍ଟରେ ‘ର’ ପାକିସ୍ତାନରେ ଆତଙ୍କବାଦୀଙ୍କୁ ଟାର୍ଗେଟରେ ରଖି ହତ୍ୟା କରୁଛି। କିନ୍ତୁ ଯାହା ଅଭିଯୋଗ କରାଯାଇଛି ତାହା ଭାରତର ନୀତି ନୁହେଁ ବୋଲି ରାଜନାଥ କହିଛନ୍ତି।

ନିର୍ବାଚନୀ ବଣ୍ଡକୁ ନେଇ ପୁଣି ବର୍ଷିଲେ ରାହୁଲ

## ମୋଦୀ ସରକାରଙ୍କ କାଳରେ ଦୁର୍ନୀତି ସୀମା ଟପିଛି



ନୂଆଦିଲ୍ଲୀ,୧୧।୪(ଏଜେନ୍ସି): ମୋଦୀ ସରକାର ଏବଂ ବିଜେପି ଦୁର୍ନୀତି କରିବାରେ ସୀମା ଟପିଛନ୍ତି। ବିଶେଷକରି ଗତ ୫ ବର୍ଷ ମଧ୍ୟରେ ନିର୍ବାଚନୀ ବଣ୍ଡ ମାଧ୍ୟମରେ ବିଜେପି ହଜାର ହଜାର କୋଟି ଟଙ୍କାର ଦୁର୍ନୀତି କରିଛି ବୋଲି ଯୋଧପୁର ଠାରେ ଗୁରୁବାର ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ କହିଛନ୍ତି। ମୋଦୀ ବିଗତ ୧୦ ବର୍ଷ ହେଲା ଦୁର୍ନୀତି ବିରୋଧରେ ଲଢେଇ କରୁଛନ୍ତି ବୋଲି କହୁଛନ୍ତି। କିନ୍ତୁ ଏହି ସମୟ ମଧ୍ୟରେ ତାଙ୍କ ଦଳ ବହୁ ଶିଳ୍ପପତି ଏବଂ ଶିଳ୍ପ ସଂସ୍ଥାଙ୍କ ଠାରୁ ହଜାର ହଜାର କୋଟି ଟଙ୍କାର ଚାନ୍ଦା ଉଠାଇଛନ୍ତି ବୋଲି ରାହୁଲ କହିଛନ୍ତି। କେବଳ ନିର୍ବାଚନୀ ବଣ୍ଡ ନୁହେଁ, ପିଏମ କେୟାର୍ସ ଫଣ୍ଡ ଏବଂ ଆଦାନୀ ମେଗା ସ୍କାମ ମଧ୍ୟ ସବୁ ସରହଦ ଟପିଛି। ମୋଦୀ ସରକାର ଏକ ଦୁର୍ନୀତିଗ୍ରସ୍ତ ସରକାର ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଏଭଳି ଚାଲିଛି ବୋଲି ରାହୁଲ କହିଛନ୍ତି। ଦେଶରେ ପରବିର୍ତ୍ତନ ଆଣିବାକୁ ପଡ଼ିବ। କଂଗ୍ରେସ ନିଜ ନିର୍ବାଚନୀ ଇସ୍ତାହାରରେ ଦେଶବାସୀଙ୍କୁ ଯେଉଁସବୁ ପ୍ରତିଶ୍ରୁତି ଦେଇଛି ତାହାକୁ ନିଶ୍ଚିତ ପୂରଣ କରିବ ବୋଲି ରାହୁଲ କହିଛନ୍ତି। ବିଶେଷକରି ଚାଷୀ ଏବଂ ମହିଳାଙ୍କ ସମସ୍ୟା ଦୂର କରିବାକୁ ତାଙ୍କ ଦଳ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଛନ୍ତି।

ଇନ୍ଦିରାଙ୍କ ପରେ ଆମେରିକୀୟ ପତ୍ରିକା କଭର୍ ପେଜ୍‌ରେ ମୋଦୀ

# ‘ଭାରତରେ ଗଣମାଧ୍ୟମ ସ୍ୱାଧୀନତା ଅକ୍ଷୁଣ୍ଣ ରହିଛି’

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି)

ଭାରତରେ ଗଣମାଧ୍ୟମର ସ୍ୱାଧୀନତା ସଙ୍କୁଚିତ ହୋଇଥିବା ନେଇ ପାଶ୍ଚାତ୍ୟ ମିଡିଆ ଯାହା କହୁଛି ତାହା ନିରାଧାର ଓ ଅସତ୍ୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକାର ମ୍ୟାଗାଜିନ ‘ନ୍ୟୁଜ୍ ୱିକ୍’କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି। ମୋଦୀ କହିଛନ୍ତି, ଯେଉଁମାନେ କହୁଛନ୍ତି ଯେ ଭାରତରେ ମିଡିଆ ସ୍ୱାଧୀନତା/ସ୍ୱତନ୍ତ୍ରତା ହ୍ରାସ ପାଇଛି ସେମାନେ ଭାରତର ଲୋକଙ୍କ ସହ ସମ୍ପର୍କରେ ନରହି ଅଲଗା ଏକ କଳ୍ପିତ ଅବାସ୍ତବତାର ଛବି ଆଙ୍କୁଛନ୍ତି। ଭାରତବାସୀଙ୍କ ଡିଏନଏରେ ଗଣତନ୍ତ୍ର ରହିଛି। ଖୁବ୍ ନିକଟରେ ଭାରତର ୯୭ କୋଟି ଯୋଗ୍ୟ ଭୋଟର ଲୋକସଭା ନିର୍ବାଚନରେ ମତଦାନ କରିବେ। ଭାରତରେ ଲୋକଙ୍କୁ ଦରକାରୀ ତଥ୍ୟ ଓ ସଦ୍ୟତମ ସୂଚନା/ସମ୍ବାଦ ଯୋଗାଇବାରେ ଗଣମାଧ୍ୟମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହୁଛି।

ଖବର ସରବରାହ ଓ ପରିବେଷଣ ନିମନ୍ତେ ଦେଶରେ ପ୍ରାୟ ୧ଲକ୍ଷ ୫୦ହଜାର ପଞ୍ଜିକୃତ ପ୍ରକାଶନୀ ସଂସ୍ଥା ରହିଛି। ଶହଶହ ଟେଲିଭିଜନ ନ୍ୟୁଜ୍ ଚ୍ୟାନେଲ ରହିଛି। ଦିବାରାତ୍ର ନିରନ୍ତର ଅବାଧ ଖବର ପ୍ରକାଶନ ଓ ପ୍ରସାରଣ ଚାଲିଛି। ବିଡ଼ମ୍ବନାର ବିଷୟ, ଭାରତୀୟଙ୍କ ଜନମାନସ, ବୈଚାରିକ




ଚିନ୍ତାଭାବନା ଓ ଆଶାଆକାଂକ୍ଷା ସମ୍ପର୍କରେ ଅଜ୍ଞ କିଛି ଲୋକ ଓ ପାଶ୍ଚାତ୍ୟ ଗଣମାଧ୍ୟମ ତଥାପି କହନ୍ତି ଯେ ଭାରତରେ ମିଡିଆ ସ୍ୱାଧୀନତା ହ୍ରାସ ପାଇଛି। ଭାରତରେ ସଂଖ୍ୟାଲଘୁମାନେ ସ୍ୱଚ୍ଛନ୍ଦରେ, ନିରାପଦରେ ଜୀବନଯାପନ କରୁଛନ୍ତି ଓ ନିଜ ଜୀବନଧାରଣର ମାନରେ ଉନ୍ନତି ଆଣିବାରେ ପ୍ରୟାସରତ ଅଛନ୍ତି। ତଥାପି କିଛି ଲୋକ ଅପପ୍ରଚାର କରୁଛନ୍ତି ଯେ ଭାରତରେ ସଂଖ୍ୟାଲଘୁ ଅସୁରକ୍ଷିତ ଅଛନ୍ତି। ସେମାନେ ନିଜ ଅଜ୍ଞତାର ବଳୟ ବାହରକୁ ଯିବାକୁ ନଚାହିଁ, ଭାରତର ଜନଜୀବନ ସହ ସମ୍ପର୍କରେ ନଥାଇ ଏପରି ଅସତ୍ୟ କହୁଛନ୍ତି। ସବୁଧର୍ମର ସଂଖ୍ୟାଲଘୁମାନେ ମୁସଲିମ୍,ଖ୍ରୀଷ୍ଟିଆନ୍, ବୌଦ୍ଧ, ଶିଖ୍, ଜୈନ ବା ପାର୍ସି ଯିଏ ବି ହୁଅନ୍ତୁ, ଭାରତରେ ସମସ୍ତେ ସୁରକ୍ଷିତ, ସୁଖୀ ଜୀବନ ବିତାଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଭାରତ ସରକାର କୌଣସି ସମ୍ପ୍ରଦାୟ ପାଇଁ କିମ୍ବା କୌଣସି ଭୌଗୋଳିକ ସୀମା ଭିତରେ ରହିଥିବା ଲୋକଙ୍କ ପାଇଁ ଯୋଜନା/ସ୍କିମ୍ ରୂପାୟନ ଓ କାର୍ଯ୍ୟାନ୍ୱୟନ କରନ୍ତି ନାହିଁ, ଯାହା କରନ୍ତି ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ନିର୍ବିଶେଷରେ, ବିନା ଭେଦଭାବରେ ସମସ୍ତ ଭାରତବାସୀଙ୍କ ପାଇଁ କରନ୍ତି। ସରକାରୀ ଯୋଜନା ଓ ସ୍କିମ୍ ସମସ୍ତଙ୍କ ପାଖରେ ପହଞ୍ଚେ ଓ ସୁବିଧାସୁଯୋଗରୁ କେହି ଯୋଗ୍ୟ ଉପଭୋକ୍ତା ଯେପରି ବଞ୍ଚିତ ନହୁଅନ୍ତି ତାହା ସୁନିଶ୍ଚିତ କରାଯାଇଥାଏ ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। ଚୀନ ସହ ଭାରତର ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଚୀନ ସହ ସୁସମ୍ପର୍କକୁ ଭାରତ ଗୁରୁତ୍ୱ ଓ ମହତ୍ତ୍ୱ ଦେଇଥାଏ। ଉଭୟ ଦେଶ ମଧ୍ୟରେ ଶାନ୍ତି ଓ ମୈତ୍ରୀ ସମ୍ପର୍କ କେବଳ ଦକ୍ଷିଣ ଏସିଆ ନୁହେଁ, ସମଗ୍ର ବିଶ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ। ସୀମାକୁ ନେଇ ଚୀନ ସହ ଯେଉଁ ବିବାଦ ରହିଛି ଯଥାଶୀଘ୍ର ତାହାର ସମାଧାନ କରାଯାଇପାରିଲେ ଉଭୟ ଦେଶ ଅତୀତର ତିକ୍ତତାକୁ ପଛରେ ପକାଇ ଦ୍ୱିପାକ୍ଷିକ ସମ୍ପର୍କକୁ ନିବିଡ଼ତର କରିବାରେ ପ୍ରୟାସୀ ହୁଅନ୍ତେ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ମତ ଦେବାସହ କହିଛନ୍ତି ଯେ କୂଟନୈତିକ ଓ ସେନା ସ୍ତରରେ ସକାରାତ୍ମକ ଓ ଗଠନମୂଳକ ଚିନ୍ତାଧାରା ନେଇ କାର୍ଯ୍ୟକରାଗଲେ ଚୀନ-ଭାରତ ସୀମାରେ ଶାନ୍ତି ଓ ପ୍ରଶାନ୍ତିର ବାତାବରଣ ଅଣାଯାଇପାରିବ। ପାକିସ୍ତାନ ସହ ଭାରତର ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଦାୟିତ୍ୱଗ୍ରହଣ କରିବା ବେଳେ ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ ଉପମହାଦେଶରେ ଶାନ୍ତି ଓ ସୁରକ୍ଷାକୁ ଭାରତ ସରକାର ଗୁରୁତ୍ୱ ଦେଇଥାନ୍ତି। ଭାରତ ଚାହେଁ, ସୀମାରେ ଆତଙ୍କ ଓ ହିଂସାମୁକ୍ତ ବାତାବରଣ ରହୁ। ତେବେ ପାକିସ୍ତାନରେ ଇମରାମ ଖାନଙ୍କ ଗିରଫଦାରୀ ସମ୍ପର୍କରେ କିଛି ମନ୍ତବ୍ୟ ଦେବାକୁ ରାଜି ନହୋଇ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଘଟଣାଟି ପାକିସ୍ତାନ ଆଭ୍ୟାନ୍ତରୀଣ ବ୍ୟାପାର।

ଅଯୋଧାର ରାମ ମନ୍ଦିର ବିଷୟରେ ମୋଦୀ କହିଛନ୍ତି ଯେ ଭାରତୀୟଙ୍କ ଜାତୀୟ ଚେତନାରେ ଶ୍ରୀରାମଙ୍କ ନାମ ରହିଛି। ଅନେକ ଶତାବ୍ଦୀର ସାଧନା ଓ ତ୍ୟାଗସ୍ୱୀକାର ପରେ ଶ୍ରୀରାମ ତାଙ୍କ ଜନ୍ମସ୍ଥଳୀ ଫେରିଛନ୍ତି। ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ସମାରୋହ ସମ୍ପର୍କରେ ସେ କହିଛନ୍ତି, ୧୪୦କୋଟି ଭାରତୀୟଙ୍କ ପ୍ରତିନିଧି ଭାବେ ପ୍ରାଣପ୍ରତିଷ୍ଠା ଦିବସର ୧୧ ଦିନ ପୂର୍ବରୁ ପ୍ରାଣପ୍ରତିଷ୍ଠା ଉତ୍ସବ ଯାଏ ସେ ନିଷ୍ଠାର ସହ ବ୍ରତଧାରଣ କରିଥିଲେ ଓ ତାଙ୍କ ସହ ଥିଲା ଅସଂଖ୍ୟ ରାମଭକ୍ତଙ୍କ ପ୍ରାର୍ଥନା ଓ ଆଧ୍ୟାତ୍ମିକ ସମର୍ପଣଭାବ। ସେହି ପବିତ୍ର ଦିବସରେ ସମଗ୍ର ଦେଶ ଏକାକାର ହୋଇଥିଲା, ସବୁ ଘର ରାମ ଜ୍ୟୋତିରେ, ପ୍ରଦୀପ ପ୍ରଜ୍ୱଳନରେ ଆଲୋକିତ ହୋଇଥିଲା ଯେପରି ତାହା ଅନ୍ୟ ଏକ ଦୀପାବଳି ଥିଲା।

## ସ୍କୁଲବସ୍ ଓଲଟି ୮ ଛାତ୍ର ମୃତ, ୨୦ ଆହତ

ମହେନ୍ଦ୍ରଗଡ଼ (ହରିୟାଣା),୧୧।୪(ଏଜେନ୍ସି)

ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲାସ୍ଥ କାନିନା ନାମକ ସହରରେ ଆଜି ସକାଳେ ଜିଏଲ ପବ୍ଲିକ ସ୍କୁଲର ବସ୍ ଓଲଟି ପଡ଼ିବାରୁ ୮ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୨୦ ଛାତ୍ର ଆହତ ହୋଇଛନ୍ତି। ଜଣେ ଛାତ୍ରଙ୍କ କହିବା ଅନୁଯାୟୀ, ସ୍କୁଲବସର ଡ୍ରାଇଭର ମଦ୍ୟପାନ କରି ଘଣ୍ଟାପ୍ରତି ୧୨୦ କିମି ବେଗରେ ଗାଡ଼ି ଦୌଡ଼ାଇଥିଲା। ଅନ୍ୟ ଏକ ଯାନକୁ ଓଭରଟେକ୍ କଲାବେଳେ ଉନହାନି ଗ୍ରାମରେ ଏକ ମୋଡ଼ରେ ସ୍କୁଲବସ୍ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ସ୍ଥାନୀୟ ଲୋକେ ଓଲଟିପଡ଼ିଥିବା ବସରୁ ପିଲାଙ୍କୁ ଉଦ୍ଧାର କରି ନିକଟସ୍ଥ ନିହାଲ ହସପିଟାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସାମାନ୍ୟ ଆହତ ୮ଜଣ ପିଲାଙ୍କୁ ଘରକୁ ପଠାଇଦିଆଯାଇଛି ଓ ଆହତ ୧୨ ଜଣ ପିଲାଙ୍କୁ ଅଧିକ ଚିକିତ୍ସା ପାଇଁ ସରକାରୀ ହସପିଟାଲକୁ ପଠାଯାଇଛି। ଦୁର୍ଘଟଣା ବେଳେ ବସରେ ୩୦ ଛାତ୍ର ଥିବା ଓ ବସର ଫିଟନେସ୍ ୬ବର୍ଷ ତଳୁ ଏକ୍ସପାୟାର୍ ହୋଇଯାଇଥିବା ପୁଲିସ୍ କହିଛି। ମହେନ୍ଦ୍ରଗଡ଼ ଏସପି ଅର୍ଶ ବର୍ମା କହିଛନ୍ତି, ସ୍କୁଲବସ୍ ଡ୍ରାଇଭରକୁ ଗିରଫ କରାଯାଇଛି ଓ ସେ ମଦ୍ୟପାନ କରିଥିଲା କି ନାହିଁ ତାହା ନିଶ୍ଚିତ କରିବାକୁ ତା’କୁ ଡାକ୍ତରୀ ପରୀକ୍ଷା ନିମନ୍ତେ ହସପିଟାଲକୁ ପଠାଯାଇଛି। ଆଜି ଇଦ-ଉଲ ଫିତର ପାଇଁ



ସରକାରୀ ଛୁଟି ଦିବସ ଥିବା ସତ୍ତ୍ୱେ ସ୍କୁଲ ଖୋଲାଥିଲା। ହରିୟାଣା ଶିକ୍ଷା ମନ୍ତ୍ରୀ ସୀମା ତ୍ରିଖା ହସପିଟାଲ ପହଞ୍ଚି ଆହତ ଛାତ୍ରଙ୍କ ଚିକିତ୍ସା ବିଷୟ ବୁଝିଛନ୍ତି। ସରକାରୀ ଛୁଟି ଦିନରେ ସ୍କୁଲ ଖୋଲିଥିବାରୁ ସ୍କୁଲର ମାଲିକ, ପ୍ରିନ୍ସିପାଲଙ୍କ ବିରୋଧରେ ଓ ମଦ୍ୟପାନ କରି ଦୁର୍ଘଟଣା ଘଟାଇଥିବାରୁ ବସ୍ ଡ୍ରାଇଭର ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




ବୁମ୍ରାଙ୍କୁ ୫ ୱିକେଟ୍ ସଫଳତା
▶କ୍ରୀଡ଼ା ପୃଷ୍ଠାରେ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-286 •BHUBANESWAR •FRIDAY •12 APRIL 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୮୬ •ଭୁବନେଶ୍ୱର •ଶୁକ୍ରବାର •୧୨ ଏପ୍ରିଲ୍ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦


# ବିଜେପିରେ ବିଦ୍ରୋହ ଅଣାୟତ୍ତ

## ବଡ଼ମ୍ବାରେ 'ଗୋ-ବ୍ୟାକ୍' ଭର୍ତ୍ତୃହରି



ବିଜୟ-ସମ୍ବିତ୍‌ଙ୍କ ଗୋଷ୍ଠୀ ମୁହାଁମୁହିଁ; ଭର୍ତ୍ତୃହରିଙ୍କୁ ତୀବ୍ର ବିରୋଧ

୪ଟି ସ୍ଥାନରେ ଭର୍ତ୍ତୃହରି ହଟହଟା, ୨ଟି ଥାନା ପୁଲିସ ନାକେଦମ୍

ସଭା ନ କରି ଫେରିଲେ ବିଜେପି ଲୋକସଭା ପ୍ରାର୍ଥୀ ଭର୍ତ୍ତୃହରି

■ କଟକ/ବଡମ୍ବା, ୧୧।୪ (ସମିସ): ବିଜେଡିରେ ୨୬ ବର୍ଷ ସାଂସଦ ଥିବା ଭର୍ତ୍ତୃହରି ଦଳ ଛାଡ଼ି ଏବେ କଟକ ଲୋକସଭା ଆସନ ପାଇଁ ବିଜେପି ପ୍ରାର୍ଥୀ। ମାତ୍ର ଲୋକସଭା ଆସନ ଅଧୀନସ୍ଥ ବିଭିନ୍ନ ଅଞ୍ଚଳର ବିଜେପି କର୍ମୀ ତାଙ୍କୁ ଗ୍ରହଣ କରିବାକୁ ନାରାଜ। ଗତକାଲି ଖଣ୍ଡପଡ଼ା ଅଞ୍ଚଳରେ ଭର୍ତ୍ତୃହରି ହଟହଟା ହୋଇଥିବାବେଳେ ଆଜି ବଡ଼ମ୍ବା ଅଞ୍ଚଳରେ ତୀବ୍ର ବିରୋଧର ସମ୍ମୁଖୀନ ହୋଇଛନ୍ତି। ଦଳର ଲୋକସଭା ପ୍ରାର୍ଥୀଙ୍କ ବିରୋଧରେ ବିଜେପି କର୍ମୀମାନେ ଖୋଲାଖୋଲି ପଦାକୁ ବାହାରିଛନ୍ତି। କଟକ ଜିଲ୍ଲା ବିଜେପି ଏବେ ବିଭିନ୍ନ ଭାଗରେ ବିଭକ୍ତ ହୋଇ ଯାଇଛି। ବଡ଼ମ୍ବାରେ ବିଜେପି କର୍ମୀମାନେ 'ଗୋ-ବ୍ୟାକ୍ ଭର୍ତ୍ତୃହରି' ସ୍ଲୋଗାନ ଦେଇ ତାଙ୍କୁ ବିରୋଧ କରିଛନ୍ତି। ଘରେ ପଶୁ ପଶୁ ମୁଣ୍ଡାରେ ଚାଳ ବାଜିବା ପରି ଆରମ୍ଭରୁ ପ୍ରଚାର ମଇଦାନରେ ବିରୋଧ ଭର୍ତ୍ତୃହରିଙ୍କ ମନରେ ଛନକା ପୂରାଇଛି।

ଟିକେଟ୍ ବଣ୍ଟାକୁ କେନ୍ଦ୍ର କରି ବଡମ୍ବାରେ ବିଜେପିର ୨ଗୋଷ୍ଠୀ ମଧ୍ୟରେ ଦୀର୍ଘ ସମୟ ଧରି ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଆଶାୟୀ ପ୍ରାର୍ଥୀ ବିଜୟ ଦଳବେହେରାଙ୍କ ସମର୍ଥକ ଓ ଟିକେଟ୍ ପାଇଥିବା ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀଙ୍କ ସମର୍ଥକ ମଧ୍ୟରେ ପତାକା ଚିରା, ଢେଲା ମାଡ ଓ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିଲେ। ପ୍ରଥମରୁ ଭର୍ତ୍ତୃହରି ଦଳର କର୍ମୀଙ୍କ ବିରୋଧର ଶିକାର ହୋଇଥିଲେ, ଏବେ ବିଧାନସଭା ଆସନ ଟିକଟ ବଣ୍ଟନରେ ତାଙ୍କର ଭୂମିକା ଥିବା ଅଭିଯୋଗ କରି ସ୍ଥାନୀୟ କର୍ମୀମାନେ ଭର୍ତ୍ତୃହରିଙ୍କ ଉପରେ ବର୍ଷିଥିଲେ। ବିଜେପି କର୍ମୀମାନେ ଦୀର୍ଘ ସମୟ ତାଙ୍କ ଗାଡ଼ିକୁ ରୋକିବା ସହ ରାସ୍ତା ମଝିରେ ଅଟକ ରଖିଥିଲେ। ସମ୍ବିତ୍ ତ୍ରିପାଠୀଙ୍କୁ ଟିକଟ ▶ପୃଷ୍ଠା-୯

## ରାଜ୍ୟ କାର୍ଯ୍ୟାଳୟ ଘେରିଲେ ବିଜେପୁର ଓ କୋରାପୁଟ କର୍ମୀ







■ ଭୁବନେଶ୍ୱର, ୧୧।୪ (ସମିସ): ୧୧୨ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା ପରେ ବିଜେପିରେ ସୃଷ୍ଟି ହୋଇଥିବା ବିଦ୍ରୋହ କ୍ରମଶଃ ଅଣାୟତ୍ତ ହେଲାଣି । ପ୍ରତିଦିନ ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଅସନ୍ତୁଷ୍ଟମାନେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଡେରା ପକାଉଛନ୍ତି। ଟିକଟ ପାଇଥିବା ପ୍ରାର୍ଥୀ ଓ ରାଜ୍ୟ ନେତୃତ୍ୱଙ୍କ ବିରୋଧରେ ନାରାବାଜି କରୁଛନ୍ତି। ଟିକଟ ନ ବଦଳାଇଲେ ଚରମ ପରିଣତି ଭୋଗିବାକୁ ଧମକ ମଧ୍ୟ ଦେଉଛନ୍ତି। ଏହିକ୍ରମରେ ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ପୁଣି ଦୁଇଟି ନିର୍ବାଚନମଣ୍ଡଳୀର ଅସନ୍ତୁଷ୍ଟଙ୍କ ମେଳି ଦେଖିବାକୁ ମିଳିଛି।

ଆଜି କୋରାପୁଟ ନିର୍ବାଚନମଣ୍ଡଳୀରେ ବିଜେପି ଟିକଟ ପାଇଥିବା ରଘୁରାମ ମାଛଙ୍କ ବିରୋଧରେ ରାଜ୍ୟ କାର୍ଯ୍ୟାଳୟରେ ପ୍ରବଳ ନାରାବାଜି ହୋଇଥିଲା। ଅନ୍ୟତମ ଆଶାୟୀ

**ଘୋଷିତ ପ୍ରାର୍ଥୀଙ୍କୁ ପରିବର୍ତ୍ତନ ପାଇଁ ଦାବି କଲେ ଆଶାୟୀ**

ଭାଗିରଥୀ ପାଟନିଆଙ୍କ ସମର୍ଥକମାନେ ରଘୁରାମଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟ ନେତୃତ୍ୱଙ୍କ ନିକଟରେ ଟିକଟ ପରିବର୍ତ୍ତନ ଦାବି କରିଥିଲେ। ବାହାରି ନେତା, ଆମଦାନୀ ନେତା ଚଳିବ ନାହିଁ, ଟିକଟ ବଦଳ ଆମର ଦାବି ଆଦି ସ୍ଲୋଗାନ ଦେଇଥିଲେ। ସେହିପରି ବିଜେପୁର ବିଧାନସଭା ଆସନ ପାଇଁ ସନତ ଗଡତିଆଙ୍କୁ ଦଳ ଟିକଟ ଦେଇଥିବା ବେଳେ ସମାନ ଧରଣର ଅସନ୍ତୋଷ ଦେଖିବାକୁ ମିଳିଛି। ଅନ୍ୟତମ ଆଶାୟୀ ସୁଶୀଲ କୁମାର ଶର୍ମାଙ୍କ ସମର୍ଥକ ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ସନତଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଛନ୍ତି। ଗତ ୨ ତାରିଖରେ ଦଳର ପ୍ରାର୍ଥୀ ତାଲିକା ଘୋଷଣା ପରେ ଦଳରେ ଅସନ୍ତୋଷ, ବିଦ୍ରୋହ ଥମୁନଥିବା ବେଳେ ବିଜେପି ରାଜ୍ୟ ନେତୃତ୍ୱ ବଳକା ଆସନ ପାଇଁ ଚିନ୍ତାରେ ପଡ଼ିଛନ୍ତି। ଦଳକୁ ସମ୍ଭାବ୍ୟ ବିଦ୍ରୋହ ଭୟ ଚିନ୍ତାଗ୍ରସ୍ତ କରିଥିବା ବେଳେ ସେଥିପାଇଁ ପ୍ରାର୍ଥୀ ତାଲିକା ବିଳମ୍ବ ହେଉଥିବା ଜଣାପଡ଼ିଛି।

### ନିର୍ବାଚନ ଜିତିବା ପାଇଁ ବିଜେପିର ଭୟଙ୍କର ରଣନୀତି

## ତୃଣମୂଳସ୍ତରରେ ମହିଳାମାନଙ୍କ ଚରିତ୍ର ସଂହାର କରୁଛନ୍ତି ପ୍ରାର୍ଥୀ

■ ଭୁବନେଶ୍ୱର, ୧୧।୪ (ସମିସ): ନିର୍ବାଚନ ଆସୁ ଆସୁ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟ ଆରମ୍ଭ କରିଦିଏ ଓଡ଼ିଶା ବିଜେପି। ନିର୍ବାଚନ ଜିତିବା ଲାଗି ଯେ କୌଣସିସ୍ତରକୁ ବି ଯାଇପାରନ୍ତି ବିଜେପି ନେତା। ଅତୀତରେ ଏପରି ହୋଇଥିଲା ଆଉ ଏବେ ମଧ୍ୟ ତାହାର ପୁନରାବୃତ୍ତି ହେଉଛି। ତୃଣମୂଳ ସ୍ତରରେ ସେବା ଯୋଗାଇ ନିଜ ପରିବାର ପ୍ରତିପୋଷଣ କରୁଥିବା ମହିଳାମାନଙ୍କୁ ମାନସିକ ନିର୍ଯ୍ୟାତନା ଦେବା ସହ ସେମାନଙ୍କ ଚରିତ୍ର ସଂହାର କରିବା ପାଇଁ ମଧ୍ୟ ବିଜେପି ନେତା ପଛାଉ ନାହାନ୍ତି। ରାଜ୍ୟ ବିଜେପି ନେତାଙ୍କ ବିରୋଧରେ ଏପରି ସଙ୍ଗୀନ ଅଭିଯୋଗ ଆଣି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ବିଜୁ ଜନତା ଦଳ। ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବି ପତ୍ର ପ୍ରଦାନ କରିଛନ୍ତି।

**ବିଜେପିକୁ ସମର୍ଥନ ନ କଲେ କୁପରିଣାମ ଭୋଗିବାକୁ ଦିଆଯାଉଛି ଧମକ**

**ଗଣତନ୍ତ୍ରର ସୁରକ୍ଷା ପାଇଁ ଇସିଆଇଙ୍କ ନିକଟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି**

ଗତ କିଛି ଦିନ ହେଲା ଓଡ଼ିଶା ବିଜେପି ଅତି ଭୟଙ୍କର ରଣନୀତି କ୍ରମେ ତୃଣମୂଳ ସ୍ତରରେ କାର୍ଯ୍ୟରତ ମହିଳା ମାନଙ୍କୁ ଟାର୍ଗେଟ୍ କରିବା ଆରମ୍ଭ କରିଛି। ବିଜେପି ପ୍ରାର୍ଥୀ ଏବଂ ତାଙ୍କ ସମର୍ଥକମାନେ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ମିଶନ୍ ଶକ୍ତି ନେତୃତ୍ୱଙ୍କ ବିରୋଧରେ ଅତ୍ୟନ୍ତ କଦର୍ଯ୍ୟ ଓ ନିନ୍ଦନୀୟ ଅଭିଯୋଗ ଆଣୁଛନ୍ତି । ନିଜ ଦଳ ଓ ପ୍ରାର୍ଥୀଙ୍କ ସପକ୍ଷରେ ସମର୍ଥନ ଜୁଟାଇବା ଲକ୍ଷ୍ୟରେ ଏହି କ୍ଷେତ୍ରରେ କାର୍ଯ୍ୟରତ ମହିଳାମାନଙ୍କୁ ଧମକ ଚମକ ଦିଆଯାଉଛି। ସେମାନଙ୍କୁ ରାଜନୈତିକ ଦଳର ହାତବାରିସୀ ବୋଲି ଆଖ୍ୟା ଦିଆଯାଉଛି। ସର୍ବସାଧାରଣରେ ଏହି ମହିଳାମାନଙ୍କୁ ବିଜେପି ନେତା ଅପମାନିତ କରୁଛନ୍ତି। ଡରାଇ ଧମକାଇ ବିଜେପିକୁ ସମର୍ଥନ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି । ଯଦି ଏଥିରେ ରାଜି ନ ହୁଅନ୍ତି ତେବେ ଏହାର କୁପରିଣାମ ଭୋଗିବା ପାଇଁ ପ୍ରସ୍ତୁତ ରହିବାକୁ ମଧ୍ୟ ବିଜେପି ନେତା ଓ ତାଙ୍କ ସମର୍ଥକମାନେ ଧମକ ଦେଉଛନ୍ତି। ମହିଳାମାନଙ୍କ ମର୍ଯ୍ୟାଦା ▶ପୃଷ୍ଠା-୯






ମହଙ୍ଗା ପଡ଼ିଲା ଦଳ ବଦଳ

## ଅରବିନ୍ଦ, ପ୍ରେମାନନ୍ଦଙ୍କ ସଭ୍ୟ ପଦ ରଦ୍ଦ

■ ଭୁବନେଶ୍ୱର, ୧୧।୪ (ସମିସ): ଦଳବଦଳ କରିଥିବା ଓଡ଼ିଶା ବିଧାନସଭାର ୨ ଜଣ ବିଧାୟକ ଅରବିନ୍ଦ ଢ଼ାଲି ଓ ପ୍ରେମାନନ୍ଦ ନାୟକ ନିଜର ସଦସ୍ୟପଦ ହରାଇଛନ୍ତି। ବାଚସ୍ପତି ପ୍ରମିଳା ମଲ୍ଲିକ ଉଭୟଙ୍କ ସଭ୍ୟ ପଦ ରଦ୍ଦ କରିଛନ୍ତି। ଏନେଇ ବୁଧବାର ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ଦୁଇ ବିଧାୟକ ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି ।

ଦଳ ବଦଳ ନିରୋଧୀ ଆଇନ ଅନୁଯାୟୀ ଜୟଦେବ ବିଧାୟକ ଅରବିନ୍ଦ ଢ଼ାଲି ଓ ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକଙ୍କ ବିଧାୟକ ପଦ ରଦ୍ଦ ନିମନ୍ତେ ଉଭୟ ବିଧାୟକଙ୍କ ପଦ ରଦ୍ଦ ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲେ। ପିଟିସନ ଗ୍ରହଣ କରି ଶୁଣାଣି ପାଇଁ ଉଭୟ ବିଧାୟକଙ୍କୁ ମାର୍ଚ୍ଚ ୧୯ ତାରିଖରେ ବାଚସ୍ପତି ନୋଟିସ୍ ଜାରି କରିଥିଲେ। ମାତ୍ର ଉଭୟ ଅରବିନ୍ଦ ଓ ପ୍ରେମାନନ୍ଦ ▶ପୃଷ୍ଠା-୯




## ବିଜେଡିର ୪ର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

### ଲୋକସଭା ଆସନ


ଲେଖାଶ୍ରୀ ସାମନ୍ତସିଂହାର
ବାଲେଶ୍ୱର

### ବିଧାନସଭା ଆସନ


ପ୍ରଭୁ ଜାନି
ଲକ୍ଷ୍ମୀପୁର


ଗୀତାଞ୍ଜଳି ରାଉତରାୟ
ପାରାଦୀପ


ପ୍ରସନ୍ନ ଆଚାର୍ଯ୍ୟ
ସମ୍ବଲପୁର


ରୋହିତ ପୂଜାରୀ
ରେଢ଼ାଖୋଲ


ମାଧବ ସର୍ଦ୍ଦାର
ତେଲକୋଇ


ବ୍ରଜ ପ୍ରଧାନ
ତାଳଚେର


ମନୋରମା ମହାନ୍ତି
ନର୍ଲା


ଚକ୍ରମଣି କହଁର
ବାଲିଗୁଡ଼ା


ଅନନ୍ତ ନାରାୟଣ ଜେନା
ଭୁବନେଶ୍ୱର ମଧ୍ୟ

# ବାପାଙ୍କ ଗଡ଼ ବଜାୟ ଲକ୍ଷ୍ୟରେ ଦେବୀରଞ୍ଜନ

**କଟକ, ୧୧।୪ (ସମିସ):** କଟକ ଜିଲ୍ଲାର ଅଣସଂରକ୍ଷିତ ବାଙ୍କୀ ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ମାହୋଲ ସରଗରମ ହେଲାଣି। ବିଜେଡି ଓ ବିଜେପି ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ କଂଗ୍ରେସ ଦଳ କିନ୍ତୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଚୟନ କରିପାରିନାହିଁ। ବିଜେଡିରୁ ଦେବୀରଞ୍ଜନ ତ୍ରିପାଠୀ ଓ ବିଜେପିରୁ ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କୁ ଟିକଟ ମିଳିଛି। ୯୦ ଦଶକରୁ ଏକପ୍ରକାର ଅଣକଂଗ୍ରେସ ରାଜନୀତିର ଗଡ଼ ପାଲଟିଛି ଏହି ନିର୍ବାଚନମଣ୍ଡଳୀ। କେବଳ ୨୦୦୪କୁ ବାଦ୍ ଦେଲେ, ୧୯୯୦ରୁ ୨୦୧୯ ପର୍ଯ୍ୟନ୍ତ ସମସ୍ତ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଏଠାରେ ପରାସ୍ତ ହୋଇଛନ୍ତି। ପିତା ପ୍ରଭାତ ତ୍ରିପାଠୀଙ୍କ ଦୃଢ଼ ସଂଗଠନ ବଳରେ ଗତ ୨୦୧୯ରେ ପ୍ରଥମ କରି ନିର୍ବାଚନ ଲଢ଼ି ବିଜେଡି ପ୍ରାର୍ଥୀ ଭାବେ ଦେବୀରଞ୍ଜନ ବିଜୟୀ ହୋଇଥିଲେ।





ବାଙ୍କୀ ବିଧାନସଭା କ୍ଷେତ୍ର



ଏଥର ପୁଣି ପିତାଙ୍କ ଗଡ଼କୁ ବଜାୟ ରଖିବା ଲକ୍ଷ୍ୟରେ ରହିଛନ୍ତି ବିଜେଡି ପ୍ରାର୍ଥୀ ଦେବୀରଞ୍ଜନ।

ଏହି ନିର୍ବାଚନମଣ୍ଡଳୀରେ ବିଜେପି ରାଜନୀତି ଏବେ ଗୋଳମାଳିଆ ସ୍ଥିତିରେ ରହିଛି। ବିଜେପି ପ୍ରାର୍ଥୀ ତୁଷାରକାନ୍ତଙ୍କୁ ଅନ୍ୟତମ ଆଶାୟୀ ତଥା ଶୁଭ୍ରାଂଶୁ ମୋହନ ପାଢ଼ୀ ଓ ତାଙ୍କ ସମର୍ଥକମାନେ ବିରୋଧ କରୁଛନ୍ତି। ସେହିପରି କଂଗ୍ରେସରୁ ପୁଣି ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ପ୍ରାର୍ଥୀ ହେବାର ସମ୍ଭାବନା ରହିଥିବା ବେଳେ ସ୍ମୃତିରଞ୍ଜନ ଲେଙ୍କାଙ୍କ ନାମ ମଧ୍ୟ ଚର୍ଚ୍ଚା ହେଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ବିଗତ ତିନିଗୋଟି ସାଧାରଣ ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ବିଜେଡି ସହ କଂଗ୍ରେସର ସିଧାସଳଖ ମୁକାବିଲା ହୋଇଛି। ଯେଉଁଠି ବିଜେପିକୁ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ବିଜେପିରେ ଗୋଷ୍ଠୀ କନ୍ଦଳ ଦିନକୁ ଦିନ ବଢ଼ୁଥିବା ବେଳେ ଏହି ଟ୍ରେଣ୍ଡର ପୁନରାବୃତ୍ତି ହେବ ବୋଲି ଆଲୋଚନା ହେଉଛି। ୨୦୦୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ୮୦୫୬ଖଣ୍ଡ, ୨୦୧୪ରେ ଅଜୟ ସ୍ୱାଇଁ ୮୬୭୨ଖଣ୍ଡ ଓ ୨୦୧୯ ନିର୍ବାଚନରେ ଶୁଭ୍ରାଂଶୁ ୩୨୫୪୧ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ବାଙ୍କୀ ବିଧାନସଭା କ୍ଷେତ୍ରରୁ ଡାଃ ଯୋଗେଶ ରାଉତ, ଘନଶ୍ୟାମ ସାହୁ, ପ୍ରଭାତ ତ୍ରିପାଠୀଙ୍କ ଭଳି ନେତୃବୃନ୍ଦ

### ବିଗତ ୩ ନିର୍ବାଚନରେ ବିଜେପି ତୃତୀୟ ସ୍ଥାନରେ ସନ୍ତୁଷ୍ଟ

ପ୍ରତିନିଧିତ୍ୱ କରିଛନ୍ତି। ୧୯୯୫ରେ ରାଜ୍ୟରେ କଂଗ୍ରେସ ହାୱା ସତ୍ତ୍ୱେ ଜନତା ଦଳ ପ୍ରାର୍ଥୀ ଭାବେ ପ୍ରଭାତ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ଯୋଗେଶ ରାଉତଙ୍କୁ ପରାସ୍ତ କରିଥିଲେ। ୨୦୦୦ ମସିହା ନିର୍ବାଚନରେ ସେ ପୁଣି ବିଜେଡି ପ୍ରାର୍ଥୀ ହୋଇ କଂଗ୍ରେସ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକଙ୍କୁ ହରାଇଥିଲେ। ୨୦୦୪ରେ କିନ୍ତୁ କଂଗ୍ରେସ ପ୍ରାର୍ଥୀ ଦେବାଶିଷଙ୍କଠାରୁ ସେ ହାରିଯାଇଥିଲେ। ଏହା ପରଠାରୁ କିନ୍ତୁ ବିଜେଡି ଏହି ନିର୍ବାଚନ ମଣ୍ଡଳୀରେ ବିଜୟ ବାନା ଉଡ଼ାଇ ଆସିଛି। ୨୦୦୯ ଓ ୨୦୧୪ରେ ମଧ୍ୟ ପ୍ରଭାତ ବିଜୟୀ ହୋଇଥିଲେ। ୨୦୧୯ରେ ପ୍ରଭାତଙ୍କ ପୁଅ ଦେବୀରଞ୍ଜନ ବିଜେଡି ପ୍ରାର୍ଥୀ ଭାବେ ଜିତାପଟ ହାସଲ କରିଥିବା ବେଳେ ଆସନ୍ତା ୨୦୨୪ନିର୍ବାଚନରେ ଦ୍ୱିତୀୟଥର ପ୍ରାର୍ଥୀ ହୋଇଛନ୍ତି।

**୨୦୧୯ର ଫଳାଫଳ**

ଦେବୀରଞ୍ଜନ ତ୍ରିପାଠୀ (ବିଜେଡି)- ୭୪, ୫୯୯ଖଣ୍ଡ ଭୋଟ (୪୬.୪୪ ପ୍ରତିଶତ)
ଦେବାଶିଷ ପଟ୍ଟନାୟକ(କଂଗ୍ରେସ)- ୫୦, ୪୮୧ଖଣ୍ଡ ଭୋଟ (୩୧.୪୩ପ୍ରତିଶତ)
ଶୁଭ୍ରାଂଶୁ ମୋହନ ପାଢ଼ୀ(ବିଜେପି)- ୩୨, ୫୪୧ଖଣ୍ଡ ଭୋଟ(୨୦.୨୬ପ୍ରତିଶତ)

**୨୦୨୪ରେ ମତ ସାବ୍ୟସ୍ତ କରିବେ**

୧, ୧୨, ୬୩୧(ପୁରୁଷ)
୧, ୦୩, ୮୮୦(ମହିଳା)
୯ (ଅନ୍ୟାନ୍ୟ)
**ମୋଟ ଭୋଟର - ୨, ୧୬, ୫୨୦**

## ମୟୂରଭଞ୍ଜ ଲୋକସଭା ଆସନ

# ଛକାପଞ୍ଝାରେ କଂଗ୍ରେସ୍ - ଜେଏମ୍ଏମ୍

### ଭଲ ସ୍ଥିତିରେ ସୁଦାମ; ବଳ ଗୋଟାଉଛନ୍ତି ନବ

**ବାରିପଦା, ୧୧।୪(ସମିସ):** ମୟୂରଭଞ୍ଜ (ସଂ) ଲୋକସଭା ଆସନ ପାଇଁ ଦୁଇ ପ୍ରମୁଖ ଦଳ ବିଜେଡି ଓ ବିଜେପି ସେମାନଙ୍କ ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। କିନ୍ତୁ ତୃତୀୟ ଦଳ ଭାବେ କଂଗ୍ରେସ ଓ ଜେଏମ୍ଏମ୍ ମଧ୍ୟରେ ଛକାପଞ୍ଝା ଲାଗିଛି। ବୁଧବାର ଜେଏମ୍ଏମ୍ ମୟୂରଭଞ୍ଜ ଲୋକସଭା ଆସନରେ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିବା ପରେ କଂଗ୍ରେସ ଏଠାରେ ପ୍ରାର୍ଥୀ ଦେବ ନା ଜେଏମ୍ଏମ୍ ସହ ମେଣ୍ଟ କରିବା ତାହା ସ୍ପଷ୍ଟ ହୋଇନି।

ଏହି ଲୋକସଭା ଆସନ ଅଧୀନରେ ଉଦଳା, ବାରିପଦା, ମୋରଡା, ବାଙ୍ଗିରିପୋଷି, ସାରସକଣା, ରାଇରଙ୍ଗପୁର ଏବଂ ଯଶିପୁର ବିଧାନସଭା କ୍ଷେତ୍ର ରହିଛି। କେବଳ ମୋରଡ଼ା ଆସନ ଅଣସଂରକ୍ଷିତ ଥିବା ବେଳେ ଅବଶିଷ୍ଟ ୬ଟି ଆସନ ଏସ୍‌ଟି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଗତ ୨୦୧୯ ନିର୍ବାଚନରେ ବିଜେପି ପ୍ରାର୍ଥୀ ବିଶ୍ୱେଶ୍ୱର ଟୁଡୁ ୪ଲକ୍ଷ ୮୩ହଜାର ୮୧୨ଟି (୪୨.୭୦) ପ୍ରତିଶତ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ୨୫ହଜାର ୨୫୬ଟି ଭୋଟରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ଡାଃ ଦେବାଶିଷ ମାର୍ଣ୍ଡିଙ୍କୁ ପରାସ୍ତ କରିଥିଲେ। ଦେବାଶିଷ ୪ଲକ୍ଷ ୫୮ହଜାର ୫୫୬ଟି (୪୦.୭୦) ପ୍ରତିଶତ ଭୋଟ ପାଇଥିଲେ। ସେହିପରି ଜେଏମ୍ଏମ ପାଇଥିଲା ୧୨ ପ୍ରତିଶତ ଭୋଟ। ଏହି ଲୋକସଭା କ୍ଷେତ୍ର ୧୯୯୮ ପର୍ଯ୍ୟନ୍ତ କଂଗ୍ରେସ ହାତରେ ରହିଥିବା ବେଳେ ୧୯୯୮ ଉପନିର୍ବାଚନ ଏବଂ ୧୯୯୯ ନିର୍ବାଚରେ ବିଜେପିର ସାଲଖାନ ମୁର୍ମୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

ଗତ ୨୦୦୪ ନିର୍ବାଚନରେ ଏହି ଆସନରେ ତତ୍କାଳୀନ ଜେଏମ୍ଏମ୍ ନେତା ସୁଦାମ ମାରାଣ୍ଡି ସାଂସଦ ଭାବରେ ନିର୍ବାଚିତ ହୋଇଥିବା ବେଳେ ୨୦୦୯ରେ ବିଜେଡିର ଲକ୍ଷ୍ମଣ ଟୁଡୁ ଏବଂ ୨୦୧୪ରେ ବିଜେଡିର ଇଂ. ରାମଚନ୍ଦ୍ର ହାଁସଦା ସାଂସଦ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ ପୁଣି ବିଜେପି ହାତକୁ ଏହି ଆସନ ଚାଲି ଯାଇଥିଲା। ଇଂ. ବିଶ୍ୱେଶ୍ୱର ଟୁଡୁ ନିର୍ବାଚିତ ହୋଇ ସର୍ବଦା ବିବାଦୀୟ ରହି ଆସିଥିଲେ। ଫଳରେ ବିଜେପି ବିଶ୍ୱେଶ୍ୱରଙ୍କ ଉପରେ ଭରସା ନ କରି ବିଜେପିରୁ ରାଇରଙ୍ଗପୁର ବିଧାୟକ ଥିବା ନବଚରଣ ମାଝୀଙ୍କୁ ଟିକଟ ଦେଇଛି। ନବଚରଣ ଥରେ ମାତ୍ର ରାଇରଙ୍ଗପୁରରୁ ବିଧାୟକ ହୋଇଥିବା ବେଳେ କେବଳ ରାଇରଙ୍ଗପୁର ସବଡିଭିଜନ୍‌କୁ ଛାଡ଼ିଦେଲେ ବାରିପଦା, ଉଦଳା





ବା କରଞ୍ଜିଆ ସବଡିଭିଜନରେ ତାଙ୍କର ସେଭଳି ଲୋକପ୍ରିୟତା ନାହିଁ। ସେହିଭଳି ନିକଟ ଅତୀତରେ ଅଧିକାଂଶ ଜିଲ୍ଲାବାସୀଙ୍କ ଅନିଚ୍ଛା ସତ୍ତ୍ୱେ ଜିଲ୍ଲା ବିଭାଜନ ପାଇଁ ମୁଣ୍ଡ ଟେକିଥିବା ଆନ୍ଦୋଳନର ସେ ନେତୃତ୍ୱ ନେଇଥିଲେ। ମୟୂରଭଞ୍ଜ ବିଭାଜନ ପାଇଁ ଦରକାର ପଡ଼ିଲେ ପ୍ରାଣବଳି ଦେବେ ବୋଲି ପ୍ରତିକ୍ରିୟା ଦେଇ ଅଞ୍ଚଳବାସୀଙ୍କ ରୋଷର ଶିକାର ହୋଇଥିଲେ। ଏପରିକି ସୋସିଆଲ ମିଡିଆରେ ବିଭିନ୍ନ ଅଣରାଜନୈତିକ ସଂଗଠନ ତାଙ୍କର ପ୍ରାର୍ଥିତ୍ୱକୁ ଖୋଲାଖୋଲି ଚ୍ୟାଲେଞ୍ଜ କରୁଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି। ଏହାର ସୁଯୋଗ ନେବା ପାଇଁ ବିଜେଡି ଆଗଭର ରହିଛି।

ମୟୂରଭଞ୍ଜ ଲୋକସଭା କ୍ଷେତ୍ରରେ ନିଜର ପୂର୍ବ ପତିଆରା ଜାହିର କରିବାକୁ ବିଜେଡି ନୂଆ ରଣନୀତି ଆରମ୍ଭ କରିଛି। ସୁଦାମ ମାରାଣ୍ଡି ମୋଟ ୫ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ସହ ଥରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଜିଲ୍ଲାରେ ସେ ଜଣେ ଅଭିଜ୍ଞ ଓ ପରିଚିତ ଚେହେରା ଏବଂ ସମଗ୍ର ଜିଲ୍ଲାରେ ତାଙ୍କର ଦବଦବା ରହିଛି। ବିଜେଡିର ମୟୂରଭଞ୍ଜ ସାଙ୍ଗଠନିକ ଜିଲ୍ଲା-୧ର ସଭାପତି ମଧ୍ୟ ସେ ରହିଛନ୍ତି। ଗତ ୨୦୧୯ ନିର୍ବାଚନରେ ବିଜେପି ଏହି ଆସନରେ ବାଜି ମାରିଥିବା ବେଳେ ତ୍ରିସ୍ତରୀୟ ପଞ୍ଚାୟତ ଏବଂ ପୌର ନିର୍ବାଚନରେ ବିଜେପିକୁ ଧୂଳି ଚଟାଇ ଦେଇଥିଲା ବିଜେଡି। ଜିଲ୍ଲାର ମୋଟ ୫୬ଟି ଜିଲ୍ଲା ପରିଷଦ ଆସନ ନିର୍ବାଚନରେ ବିଜେପି ଖାତା ଖୋଲି ପାରିନଥିବା ବେଳେ ଜେଏମ୍ଏମ ୩ଟି ଆସନ ହାତେଇବାରେ ସଫଳ ହୋଇଥିଲା। ଉଦଳା ଏନ୍ଏସିକୁ ଛାଡ଼ିଦେଲେ ବାରିପଦା, ରାଇରଙ୍ଗପୁର ମ୍ୟୁନିସିପାଲିଟି ସହ କରଞ୍ଜିଆ ଏନ୍ଏସି ମଧ୍ୟ ଦଖଲ କରିଥିଲା ବିଜେଡି। ଜିଲ୍ଲାରେ ଗତ ନିର୍ବାଚନରେ ବିଜୟ ଲାଭ କରିଥିବା ବିଜେପିର ୬ଜଣ ବିଧାୟକଙ୍କ ମଧ୍ୟରୁ ଜଣେ ଦୁଇଜଣଙ୍କୁ ଛାଡ଼ି ବାକି ବିଜେପି ବିଧାୟକମାନଙ୍କର ରାଜନୈତିକ ନିଷ୍କ୍ରିୟତା ଦଳର ଲୋକପ୍ରିୟତାକୁ ପ୍ରଭାବିତ କରିଛି। ଜିଲ୍ଲାବାସୀଙ୍କର ବହୁପ୍ରତୀକ୍ଷିତ ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି- ଗୋରୁମହିଷାଣି ଆଦି ରେଳ ପ୍ରକଳ୍ପ ନିର୍ମାଣ ପାଇଁ ଚୂଡ଼ାନ୍ତ ଘୋଷଣା ହୋଇନଥିବାରୁ ଜିଲ୍ଲାବାସୀ ବିଜେପି ପ୍ରତି ମନ ଊଣା କରିଛନ୍ତି। ତେବେ ନବଚରଣ ଓ ସୁଦାମ ପ୍ରତିଦିନ ନିର୍ବାଚନ କ୍ଷେତ୍ର ଗସ୍ତ କରି ପ୍ରଚାରକୁ ଜୋରଦାର କରୁଛନ୍ତି। ସୁଦାମଙ୍କ ପୂର୍ବ ଟ୍ରାକ୍ ଓ ସଂଗଠନ ଅନୁସାରେ ସ୍ଥିତି ଦୃଢ଼ ଥିବା ବେଳେ ନବ ଜିଲ୍ଲାସାରା ବୁଲି ବଳ ଗୋଟାଇବାରେ ଲାଗିଛନ୍ତି।

## ଝରିଗାଁ ବିଧାନସଭା ଆସନ

# ଆଶାୟୀ ଅନେକ; ବିଜେପିର ଅଙ୍କ ଛିଣ୍ଡୁନି

**ନବରଙ୍ଗପୁର, ୧୧।୪ (ସମିସ):** ନବରଙ୍ଗପୁର ଜିଲ୍ଲାରେ ୪ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଝରିଗାଁ ନିର୍ବାଚନ ମଣ୍ଡଳୀରେ ବିଜେପିର ବିଧାୟକ ପ୍ରାର୍ଥୀ ପାଇଁ ଆଜି ପର୍ଯ୍ୟନ୍ତ ଛିଣ୍ଡିପାରୁନି ଅଙ୍କ। ବହୁଥର ବିଧାୟକ, ମନ୍ତ୍ରୀ ଏବଂ ଏଥର ସାଂସଦ ରହିଥିବା ରମେଶ ମାଝୀଙ୍କ ସହ ଟକ୍କର ଦେବା ଭଳି କାହାକୁ ପ୍ରାର୍ଥୀ କରିବ, ବିଜେପି ସେନେଇ ଚିନ୍ତାରେ। ଏ ପର୍ଯ୍ୟନ୍ତ ବିଜେପିର ଅଙ୍କକଷା ଚାଲିଛି। ମଇଦାନରେ ଏକାଧିକ ଆଶାୟୀ ପ୍ରାର୍ଥୀ ଥିବାରୁ ରାଜ୍ୟ ନେତୃତ୍ୱ ପ୍ରାର୍ଥୀ ଘୋଷଣାକୁ ଝୁଲାଇ ରଖିଥିବା ଆଲେଚାନା ହେଉଛି। ଫଳରେ ବିଜେପି କର୍ମୀ ଦ୍ୱନ୍ଦ୍ୱରେ ରହିଛନ୍ତି। କାହା ନେତୃତ୍ୱରେ ଓ କାହା ପାଇଁ ଭୋଟରଙ୍କ ପାଖକୁ ଯିବେ, ସ୍ଥିର କରିପାରୁନାହାନ୍ତି।

ଝରିଗାଁ ନିର୍ବାଚନମଣ୍ଡଳୀ ପାଇଁ ବର୍ତ୍ତମାନ ବିଜେପିର ୪ଜଣ ଆଶାୟୀ ଟିକଟ ଦୌଡ଼ରେ ରହିଥିବା ଜଣାଯାଇଛି। ସେମାନେ ହେଲେ, ଶ୍ୟାମସୁନ୍ଦର ମାଝୀ, ନରସିଂ



ଭତରା, ପର୍ଶୁରାମ ମାଝୀ ଏବଂ ଗୋପାଳ ପୂଜାରୀ। ନବରଙ୍ଗପୁର ପୂର୍ବତନ ସାଂସଦ ଥିବା ପର୍ଶୁରାମ ମାଝୀ ୨୦୧୯ ନିର୍ବାଚନରେ ବିଜେପି ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ୩୯୬୭୧ ଖଣ୍ଡ ଭୋଟ ପାଇଥିଲେ। ତୃତୀୟ ସ୍ଥାନରେ ତାଙ୍କୁ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ତାଙ୍କୁ ଦଳ ପୁନରାବୃତ୍ତି କରିବା ନେଇ ଚର୍ଚ୍ଚା ହେଉଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଶ୍ୟାମସୁନ୍ଦରଙ୍କ ନେତୃତ୍ୱରେ ବିଜେପି ଚନ୍ଦାହାଣ୍ଡି ଅଞ୍ଚଳରେ ଲଢ଼ିଥିବାରୁ ଗତ ୨୦୧୯ ନିର୍ବାଚନରେ ସେ ଟିକଟ ଆଶାରେ ଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ବିଜେପି ପର୍ଶୁରାମଙ୍କ ଉପରେ ଭରସା କରି ତାଙ୍କୁ ଟିକଟ ଦେଇଥିଲା। ତେଣୁ ଏଥର ଟିକଟ ପାଇବା ପାଇଁ ସେ ପ୍ରମୁଖ ଦାବିଦାର ତାଲିକାରେ ଥିବା କୁହାଯାଉଛି। ସେହିପରି ଦୀର୍ଘ ବର୍ଷ ଧରି ସଂଗଠନ କରି ବିଜେପି ସହ ରହି ଆସିଥିବା ଗୋପାଳ ପୂଜାରୀ ଟିକଟ ଦୌଡ଼ରେ ରହିଛନ୍ତି। ଏଠାରେ ସେ ବିଜେପିର ତୃଣମୂଳ ସଂଗଠନକୁ ମଜଭୁତ କରିବା ସହ ଦୁଇଦୁଇ ଥର ସମିତିସଭ୍ୟ ଓ ଥରେ ବ୍ଲକ ଅଧ୍ୟକ୍ଷ ହୋଇଥିଲେ। ବର୍ତ୍ତମାନ ଲ୍ୟାମ୍ପ ସଭାପତି ପଦରେ ରହିଛନ୍ତି। ଜଣେ ଆଦିବାସୀ ନେତା ତଥା ସ୍ୱାଧୀନତା ସଂଗ୍ରାମୀ ବଗା ପୂଜାରୀଙ୍କ ଅଣନାତି ଓ ମହିମା ସମାଜର ଆଗଧାଡ଼ିର ନେତା ହିସାବରେ ଅଞ୍ଚଳରେ ତାଙ୍କର ପରିଚିତି ରହିଛି। ଏପରିସ୍ଥଳେ ବିଜେପି ରାଜ୍ୟ ନେତୃତ୍ୱ କାହାକୁ ପ୍ରାର୍ଥୀ କରିବେ, କାହାକୁ ଛାଡ଼ିବେ; ସେନେଇ ଚିନ୍ତାରେ ପଡ଼ିଥିବା କୁହାଯାଉଛି। ଜଣଙ୍କୁ ଟିକଟ ଦେଲେ ଅନ୍ୟମାନେ ବିଦ୍ରୋହ କରିବାର ଆଶଙ୍କାକୁ ରାଜ୍ୟ ନେତୃତ୍ୱ ଏଡ଼ାଇ ପାରୁନାହାନ୍ତି।

## ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର

# ପ୍ରାର୍ଥୀ ଖୋଜୁଛନ୍ତି ବିଜେପି, କଂଗ୍ରେସ

**ବନ୍ତ/ଆଗରପଡ଼ା, ୧୧।୪ (ସମିସ):** ଭଦ୍ରକ ଜିଲ୍ଲାର ଅନ୍ୟତମ ଚର୍ଚ୍ଚିତ ଭଣ୍ଡାରିପୋଖରୀ ବିଧାନସଭା ଆସନ। ବିଜେଡିର ଗଡ଼ ଥିବା ଏହି ଆସନରେ ଦଳ ନିଜର ପ୍ରାର୍ଥୀ ଅଦଳବଦଳ କରିଥିବା ବେଳେ ଅନ୍ୟ ଦୁଇ ପ୍ରମୁଖ ବିଜେପି ଓ କଂଗ୍ରେସ ଏବେ ବି ପ୍ରାର୍ଥୀ ଖୋଜିବାରେ ବ୍ୟସ୍ତ। ୨୦୦୯, ୧୪ ଓ ୧୯ରେ ବିଜେଡିର ବିଧାୟକ ହୋଇଥିବା ଭେଟେରାନ୍ ନେତା ପ୍ରଫୁଲ୍ଲ ସାମଲଙ୍କୁ ଏଥର ଦଳ ଭଦ୍ରକରେ ପ୍ରାର୍ଥୀ କରିଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଭଣ୍ଡାରିପୋଖରୀରେ ପ୍ରାର୍ଥୀ କରିଛି। ବନ୍ଧୁମିଳନ, ପ୍ରଚାର, ସଭାସମିତି କରି ସଞ୍ଜୀବ ନିଜର ସ୍ଥିତି ସୁଦୃଢ଼ କରିବାରେ ଲାଗି ପଡ଼ିଥିବା ବେଳେ ଅନ୍ୟ ଦୁଇଦଳ ପ୍ରାର୍ଥୀ ଦେବାରେ ବିଳମ୍ବ କରୁଥିବାରୁ, ଏଥରର ଲଢ଼େଇ ଏକପାଖିଆ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ଭଣ୍ଡାରିପୋଖରୀ ଆସନରେ କଂଗ୍ରେସର ଏକ ଭଲ ସଂଗଠନ ରହିଛି। ୨୦୦୪ରେ କଂଗ୍ରେସରୁ ଅନନ୍ତ ସେଠୀ ଏହି ଆସନରୁ ବିଧାୟକ ହୋଇଥିଲେ। ପରବର୍ତ୍ତୀ ୩ଟି ନିର୍ବାଚନରେ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୦୯ରେ ବଦ୍ରି ନାରାୟଣ ଧଳ ୨୯.୩୪ ପ୍ରତିଶତ, ୨୦୧୪ରେ ସୁବ୍ରତ କୁମାର ଦାସ ୨୩. ୫୯ ପ୍ରତିଶତ ଭୋଟ ପାଇଥିବା ବେଳେ ୨୦୧୯ରେ ସେତେବେଳର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମାତ୍ର ୮, ୮୫୯ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀଙ୍କଠାରୁ ହାରିଯାଇଥିଲେ। ବିଜେଡି ପ୍ରାର୍ଥୀ



ପ୍ରଫୁଲ୍ଲ ସାମଲ ୭୦ ହଜାର ୧୮୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ନିରଞ୍ଜନ ପଟ୍ଟନାୟକ ୬୧ ହଜାର ୩୨୧ଖଣ୍ଡ ଭୋଟ ପାଇଥିଲେ। ତେଣୁ ସେହି ଦୃଷ୍ଟିରୁ ଭଲ ସ୍ଥିତିରେ ଥିବା କଂଗ୍ରେସ ଏଥର କିନ୍ତୁ ପ୍ରାର୍ଥୀ ଦେବାରେ ପଛଘୁଞ୍ଚା ଦେଉଥିବାରୁ କର୍ମୀମାନଙ୍କ ମନୋବଳ ଭାଙ୍ଗି ଯାଉଛି। ତେବେ କଂଗ୍ରେସରୁ ପୁନଃ ନିରଞ୍ଜନ କିମ୍ବା ତାଙ୍କ ପରିବାରକୁ କେହି ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ, ସର୍ବଦା ତୃତୀୟ ସ୍ଥାନରେ ରହୁଥିବା ବିଜେପି ଏଥର ବଡ଼ ଆଶା ରଖିଛି ବୋଲି ଚର୍ଚ୍ଚା ହେଉଥିବା ବେଳେ ପ୍ରାର୍ଥୀ କିନ୍ତୁ କାହାକୁ କରିବ, ତାହାର ସ୍ପଷ୍ଟ ଚିତ୍ର ମିଳିପାରୁନି। ମେଣ୍ଟ ଭାଙ୍ଗିବା ପରେ ଏହି ଆସନରେ ୨୦୦୯ରେ ଭେଟେରାନ୍ ନେତା ମନମୋହନ ସାମଲ ଲଢ଼େଇ କରି ୧୫. ୫୮ ପ୍ରତିଶତ ହାରରେ ଅର୍ଥାତ୍ ୨୧, ୧୬୦ ଖଣ୍ଡ ଭୋଟ ପାଇଥିଲେ। ୨୦୦୯ରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବଦ୍ରିନାରାୟଣ ଧଳକୁ ୨୦୧୪ରେ ବିଜେପି ପ୍ରାର୍ଥୀ କରିଥିଲା। କଂଗ୍ରେସରୁ ପ୍ରାର୍ଥୀ ହୋଇ ବଦ୍ରି ୩୮, ୮୪୦ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ହୋଇ ପାଇଥିଲେ ମାତ୍ର ୨୮, ୮୦୯ ଖଣ୍ଡ। ଦ୍ୱିତୀୟରୁ ତୃତୀୟ ସ୍ଥାନକୁ ଖସିଆସିଥିଲେ। ୨୦୧୯ରେ ମଧ୍ୟ ସେ ତୃତୀୟ ସ୍ଥାନରେ ରହି ୩୯ହଜାର ୧୪୧ଖଣ୍ଡ ଭୋଟ ପାଇଥିଲେ। ତେଣୁ ଚଳିତ ନିର୍ବାଚନରେ ଏଠାରେ ବିଜେପି ବଦ୍ରି ନା ଆଉ କାହାକୁ ମଇଦାନକୁ ଓହ୍ଲାଇବ, ତାହାକୁ କର୍ମୀମହଲ ଅନେଇ ବସିଛନ୍ତି।

ଅପରପକ୍ଷେ, ଏଥର ବିଜେପିରୁ ତୃତୀୟଥର ଲଢ଼ିବାକୁ ବଦ୍ରି ସଜବାଜ ହେଉଥିବା ବେଳେ ଅନ୍ୟ ଆଶାୟୀ ତାଙ୍କ ବାଟରେ କଣ୍ଟା ସାଜିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଗତ ସେପ୍ଟେମ୍ବର ୨୭ ତାରିଖରେ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ଡ. ସୁଧାଂଶୁ ଶେଖର ନାୟକ ବିଜେପିରେ ସାମିଲ ହୋଇ ଆଶାୟୀ ତାଲିକାରେ ରହିଛନ୍ତି। ଅତୀତରେ ତାଙ୍କ ପତ୍ନୀ ରେବତୀ ନାୟକ ବିଜେଡିରୁ ବନ୍ତ ବ୍ଲକର ଅଧ୍ୟକ୍ଷା ହୋଇଥିଲେ। ତେଣୁ ସୁଧାଂଶୁ କିମ୍ବା ପତ୍ନୀ ରେବତୀଙ୍କ ମଧ୍ୟରୁ କେହି ବିଜେପି ପ୍ରାର୍ଥୀ ହୋଇପାରନ୍ତି ବୋଲି କୁହାଯାଉଛି। ସେହିପରି ସଂଘ ନେତା ତଥା ଦଳର ପୂର୍ବତନ ସଂଗଠନ ମନ୍ତ୍ରୀ ପଞ୍ଚାନନ ରାଉତଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ସୁଜାତା ଜେନା ଦଳର ବିଭିନ୍ନ ପଦପଦବିରେ ରହି ନିଜ କାର୍ଯ୍ୟଶୈଳୀ ମାଧ୍ୟମରେ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ସେ ମଧ୍ୟ ଟିକଟ ଦୌଡ଼ରେ ଥିବା କୁହାଯାଉଛି।



### ବଣ୍ଡାଘାଟିରେ ଗଣତନ୍ତ୍ରର ମହାନ୍ ପର୍ବକୁ ନେଇ ଉତ୍ସାହ

# ୫ ହଜାର ଫୁଟ୍ ଉପରେ ନିର୍ବାଚନୀ ତାତି

**ମାଲକାନଗିରି, ୧୧।୪(ସମିସ):** 'ରାଜନୀତି', 'ନିର୍ବାଚନ', 'ମତଦାନ'; ଦିନ ଥିଲା, ଏସବୁ ଶବ୍ଦ ସମୁଦ୍ରପତ୍ତନଠାରୁ ୫ହଜାର ଫୁଟ୍ ଉପରେ ଥିବା ମାଲକାନଗିରି ଜିଲ୍ଲା ବଣ୍ଡାଘାଟବାସୀଙ୍କ ପାଇଁ କିଛି ଗୁରୁତ୍ୱ ରଖୁନଥିଲା। ଦେଶ/ରାଜ୍ୟରେ ସରକାର କିଏ ଗଢ଼ିଲା, ସେଥିରେ ସେମାନଙ୍କର କିଛି ଯା' ଆସ ନଥିଲା। ନିର୍ବାଚନ ବେଳେ ବି ପୁଲିଂ ଅଧିକାରୀ ଜଗି ଜଗି ନିରାଶ ହୋଇ ଫେରୁଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ, ଗଣତନ୍ତ୍ରର ଏହି ମହାପର୍ବ ସେମାନଙ୍କ ପାଇଁ ପୂରାପୂରି ଅଲେଡ଼ା ଥିଲା। କିନ୍ତୁ ସମୟ ବଦଳିଛି, ନିର୍ବାଚନକୁ ନେଇ ସେମାନେ ସଚେତନ ହୋଇଛନ୍ତି। ଭଲ ପ୍ରତିନିଧିଙ୍କୁ ନିର୍ବାଚିତ କଲେ ସେମାନେ ବି ବିକାଶ ଦେଖିବେ ବୋଲି ଜାଣିଲେଣି। ତେଣୁ ନିର୍ବାଚନୀ ଋତୁରେ ଏବେ ଏଠି ରାଜନୈତିକ ଉଷ୍ମତା ଦେଖିବାକୁ ମିଳୁଛି। ଆଉ ଏସବୁ ପରିବର୍ତ୍ତନ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ସମ୍ଭବପର ହୋଇପାରିଛି ବୋଲି ଏହି ଆଦିମ ବାସିନ୍ଦା କୁହନ୍ତି।

କୁହାଯାଏ, ପ୍ରଭୁ ରାମଚନ୍ଦ୍ର ଯେତେବେଳେ ବନବାସରେ ଥିଲେ, ସେହି ସମୟରେ ମଧ୍ୟ ଏହି ଜନଜାତି ଏଠାରେ ରହୁଥିଲେ। ଏହି ଜନଜାତିର ଚାଲିଚଳଣି ଏବଂ ପୂଜା ପାର୍ବଣ ସମ୍ପୂର୍ଣ୍ଣ ଅଲଗା। ବଣ୍ଡା ଜନଜାତି ମାଲକାନଗିରି ଜିଲ୍ଲାର ଉତ୍ତର-ପୂର୍ବ ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମୁଦୁଲିପଡ଼ା, ଅଣ୍ଡ୍ରାହାଲ ଏବଂ ବଡ଼ଦୁରାଲ ପଞ୍ଚାୟତରେ ବସବାସ କରନ୍ତି। ଏହି ୩ ପଞ୍ଚାୟତକୁ ନେଇ ବଣ୍ଡାଘାଟି। ୩୨ଟି ଗ୍ରାମରେ ରହୁଥିବା ପ୍ରାୟ ୭୨୦୦ ବ୍ୟକ୍ତିଙ୍କୁ ନେଇ ଏମାନଙ୍କର ଜନସଂଖ୍ୟା। ତେବେ ବର୍ଷ ବର୍ଷ ଧରି ବିକାଶଠାରୁ ବହୁକୋଷ ଦୂରରେ ରହି ଆସିଥିବା ବେଳେ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଯୋଗୁଁ ଅଞ୍ଚଳଟି ବିକାଶମୁହାଁ ହୋଇଛି। ବଣ୍ଡାଘାଟିରେ ପୂର୍ବରୁ ଲୋକେ ବାହାର ଦୁନିଆ ବିଷୟରେ ଅଜ୍ଞ ଥିବା ବେଳେ ବର୍ତ୍ତମାନ କିନ୍ତୁ ସେମାନେ ଅନ୍ୟମାନଙ୍କ ପରି ସମସ୍ତ ବିଷୟରେ ଅବଗତ ହୋଇ ଆଗକୁ ଆସିଛନ୍ତି। ଏହି କ୍ରମରେ ବଣ୍ଡା ଜନଜାତି ବର୍ତ୍ତମାନ ନିର୍ବାଚନରେ ସକ୍ରିୟ ହୋଇ ନିଜେ ମତଦାନ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ସେମାନେ ବୁଝିସାରିଲେଣି ଯେ ନିର୍ବାଚନରେ ମତଦାନ କରି ଉତ୍ତମ ସରକାର ବାଛିଲେ, ସେମାନଙ୍କ ପ୍ରକୃତ ବିକାଶ ସମ୍ଭବ ହୋଇପାରିବ। ତେଣୁ ବିଗତ କିଛି ବର୍ଷ ମଧ୍ୟରେ ଏହି ବଣ୍ଡାଘାଟିରେ ନିର୍ବାଚନ ଓ ରାଜନୈତିକ ପାଣିପାଗରେ ଉଷ୍ମତା ଦେଖିବାକୁ ମିଳୁଛି। ଏପରିକି, ବଣ୍ଡା ଜନଜାତିର ଯୁବକ ଡମ୍ବୁରୁ ସୀସା ଅଞ୍ଚଳର ବିଧାୟକ ଭାବେ ପୂର୍ବରୁ ଚୟନ ହୋଇସାରିଛନ୍ତି। ଶ୍ରୀ ସୀସା ୨୦୧୪ ନିର୍ବାଚନରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟଲାଭ କରିଥିଲେ। ତେଣୁ ପୂର୍ବାପେକ୍ଷା ବିଗତ କିଛି ବର୍ଷ ମଧ୍ୟରେ ବଣ୍ଡା ଜନଜାତି ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ଏବେ ପୁଣି ନିର୍ବାଚନ ସମୟ ଆସିଥିବା ବେଳେ ଏହି ଅଞ୍ଚଳରେ ନିର୍ବାଚନୀ ମାହୋଲ ସରଗରମ ହେବାରେ ଲାଗିଛି। ଏହି ବଣ୍ଡାଘାଟିଟି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ରହିଥିବା ବେଳେ ବିଗତ ଦୁଇଟି ନିର୍ବାଚନରେ ଏହି ଅଞ୍ଚଳରେ ବିଜୁ ଜନତା ଦଳର ପ୍ରାର୍ଥୀ ବାଜିମାତ୍ କରିଆସୁଛନ୍ତି।





ସେହିପରି ଏଠାକାର ଲୋକଙ୍କୁ ନିର୍ବାଚନମନସ୍କ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଭୋଟଦାନ ନିମନ୍ତେ ସଚେତନ କରାଯାଉଥିବା ବେଳେ ବର୍ତ୍ତମାନ ମଧ୍ୟ ଅଞ୍ଚଳରେ ମତଦାନ ଲାଗି ପ୍ରଶାସନ ପକ୍ଷରୁ ୬ଟି ମତଦାନ କେନ୍ଦ୍ର କରାଯାଇଥିବା ନେଇ ସୂଚନା ମିଳିଛି। ଅଞ୍ଚଳରେ ମୋଟ ୫୪୦୦ରୁ ଊର୍ଦ୍ଧ୍ୱ ଭୋଟର୍ ରହିଥିବା ବେଳେ ସେମାନେ କିପରି ନିଜର ମତ ସୁରୁଖୁରୁରେ ଜାହିର୍ କରିପାରିବେ, ସେନେଇ ବ୍ୟବସ୍ଥା କରାଯାଇଛି।

ଚଳିତ ନିର୍ବାଚନ ପାଇଁ ଏଠାରେ କଂଗ୍ରେସକୁ ବାଦ୍ ଦେଲେ ଅନ୍ୟ କୌଣସି ଦଳ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ତେବେ ଏହି ବଣ୍ଡାଘାଟି ଅଞ୍ଚଳରେ ପୂର୍ବରୁ ବିକାଶ ବାଟ ହୁଡ଼ିଥିବା ବେଳେ ରାଜ୍ୟ ସରକାରଙ୍କ ପ୍ରୟାସରେ ଗତ ଦଶନ୍ଧି ମଧ୍ୟରେ ଅଞ୍ଚଳରେ ଅଭୂତପୂର୍ବ ବିକାଶ ହୋଇପାରିଛି। ଫଳରେ ଲୋକେ ବିକାଶ ସହ ଯୋଡ଼ିହୋଇ ନିଜ ଭୋଟ୍‌ର ମୂଲ୍ୟ ବୁଝିପାରିଛନ୍ତି। ସେହିପରି ଅଞ୍ଚଳର ବିକାଶକୁ ସ୍ଥାନୀୟ ଅଞ୍ଚଳର ରାଜନେତାମାନେ ମଧ୍ୟ ବେଶ୍ ଗୁରୁତ୍ୱ ଦେଉଥିବାରୁ ଲୋକେ ମତଦାନ କ୍ଷେତ୍ରରେ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ନିର୍ବାଚନ ଯେତେ ପାଖେଇ ଆସୁଛି ଲୋକଙ୍କ ମଧ୍ୟରେ ଏହାକୁ ନେଇ ସେତିକି ଉତ୍ସାହ ଦେଖିବାକୁ ମିଳୁଥିବା ବେଳେ ଲୋକେ ବର୍ତ୍ତମାନ ସମସ୍ତ ଦଳର ପ୍ରାର୍ଥୀ ଘୋଷଣା ଉପରେ ନଜର ରଖିଥିବା ପ୍ରକାଶ କରିଛନ୍ତି।

ବଣ୍ଡା ଯୁବକଯୁବତୀ ନିର୍ବାଚନକୁ ନେଇ ବେଶ୍ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି। ସେମାନଙ୍କ କହିବାନୁଯାୟୀ, ପୂର୍ବାପେକ୍ଷା ଅଞ୍ଚଳରେ ଲୋକେ ବେଶ୍ ଶିକ୍ଷିତ ହେବା ସହିତ ସମୟ ସହ ତାଳ ଦେଇ ଚାଲିବା ଜାଣିଗଲେଣି। ତେଣୁ ଲୋକେ ଏଥର ଅଧିକରୁ ଅଧିକ ବିକାଶ ଆଡ଼କୁ ଅଗ୍ରସର ହୋଇ ମତଦାନ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାସହ ଅଞ୍ଚଳର ଉନ୍ନତି ଏବଂ ଆଦିମ ଜନଜାତିଙ୍କ ବିକାଶ ପାଇଁ ମତଦାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି ବୋଲି ସେମାନେ କହିଛନ୍ତି। ଏସବୁ ମଧ୍ୟରେ ପ୍ରାର୍ଥୀ ଘୋଷଣା ଉପରେ ସମସ୍ତଙ୍କର ନଜର ରହିଥିବା ବେଳେ ଅଞ୍ଚଳରେ ଲୋକେ ନିର୍ବାଚନକୁ ନେଇ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

# ବଳି ପଡ଼ିବେ କି ସୁବାସ!

**ଦେବଗଡ଼, ୧୧।୪ (ସମିସ):** ୨୦୨୪ ସାଧାରଣ ନିର୍ବାଚନ ପାଇଁ ଦିନ ପାଖେଇ ଆସୁଛି। ସମ୍ବଲପୁର ଲୋକସଭା ଆସନ ଅଧୀନ ଦେବଗଡ଼ ବିଧାନସଭା କ୍ଷେତ୍ର ପାଇଁ ବିଜେପିକୁ ଛାଡ଼ିଦେଲେ ଅନ୍ୟ ରାଜନୈତିକ ଦଳର ପ୍ରାର୍ଥୀ ଘୋଷଣା ହୋଇନି। ବିଜେପି ପ୍ରଥମେ ବିଧାୟକ ପ୍ରାର୍ଥୀ ଭାବେ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନାମ ଘୋଷଣା କରିଛି। ତେବେ ସୁବାସଙ୍କ ନାମ ଘୋଷଣା ପରେ ଦଳୀୟ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିଜେପିର ଅନେକ ଆଶାୟୀ ପ୍ରାର୍ଥୀ ଏବଂ ବରିଷ୍ଠ ଦଳୀୟ କାର୍ଯ୍ୟକର୍ତ୍ତା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ରଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେହିପରି ସାଂସଦ ନୀତେଶଙ୍କ ଟିକଟ କଟିବା ପରେ ନୀତେଶଙ୍କ



**ବିଜେପିରୁ ସାଂସଦ ନୀତେଶ ହୋଇପାରନ୍ତି ବିଧାୟକ ପ୍ରାର୍ଥୀ!**



ସମର୍ଥକଙ୍କ ମଧ୍ୟରେ ନୈରାଶ୍ୟଭାବ ଜାତ ହୋଇଛି। ନୀତେଶ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦେବଗଡ଼ ରାଜନୀତିରେ ନୀତେଶଙ୍କ ଅନୁପସ୍ଥିତି ଧର୍ମେନ୍ଦ୍ରଙ୍କ ନିର୍ବାଚନୀ ପ୍ରଚାର ଓ ଭୋଟରେ ପ୍ରଭାବ ପକାଇବା ଆଶଙ୍କା ଦେଖାଦେଇଥିବାରୁ ଧର୍ମେନ୍ଦ୍ର ନୀତେଶଙ୍କୁ ଦେବଗଡ଼ ରାଜନୀତିରେ ସକ୍ରିୟ କରିବା ଉଦ୍ଦେଶ୍ୟରେ ସୁବାସଙ୍କ ଟିକଟ କାଟି ତାଙ୍କ ସ୍ଥାନରେ ନୀତେଶଙ୍କୁ ପ୍ରାର୍ଥୀ କରିବାକୁ ମନସ୍ଥ କରିଥିବା ଚର୍ଚ୍ଚା ଏବେ ସବୁଠି। ଏପରି ହେଲେ ଦେବଗଡ଼ ବିଜେପିର ଅସନ୍ତୁଷ୍ଟ ଗୋଷ୍ଠୀଙ୍କୁ ସନ୍ତୁଷ୍ଟ କରିବା ସହ ଦଳୀୟ ଅସନ୍ତୋଷକୁ ସମାଧାନ କରି ଦଳୀୟ କର୍ମୀଙ୍କ ପୂର୍ଣ୍ଣ ସମର୍ଥନ ହାସଲ କରିବାରେ ଧର୍ମେନ୍ଦ୍ର ସକ୍ଷମ ହେବେ ବୋଲି ଦଳୀୟ କର୍ମୀ ମହଲରେ ଆଲୋଚନା ଜୋର ଧରିଛି।

### ବ୍ରହ୍ମପୁର ସହରରେ ଜମିଲାଣି ପ୍ରଚାର

# ଚା' ଖଟି, ପାର୍କ, ଖେଳପଡ଼ିଆ ଓ ଦଣ୍ଡନାଚକୁ ପ୍ରାର୍ଥୀଙ୍କ ଟାର୍ଗେଟ

**ବ୍ରହ୍ମପୁର, ୧୧।୪(ସମିସ):** ଦିନ ଗଡ଼ିବା ସହ ନିର୍ବାଚନୀ ତାତି ବଢ଼ି ଚାଲିଛି। ଡିଜିଟାଲ ଯୁଗରେ ସାମାଜିକ ଗଣମାଧ୍ୟମ ଜରିଆରେ ନିୟମିତ ପ୍ରଚାର ସତ୍ତ୍ୱେ ପ୍ରତ୍ୟକ୍ଷ ଭାବେ ଲୋକଙ୍କୁ ଭେଟିବାକୁ ପ୍ରାଥମିକତା ଦେଉଛନ୍ତି। ହାତରେ କମ୍ ସମୟ ଥିବାରୁ ଜନଗହଳିପୂର୍ଣ୍ଣ ସ୍ଥାନରେ ଗୋଷ୍ଠୀଭିତ୍ତିକ ପ୍ରଚାର କରିବାର ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି। ବ୍ରହ୍ମପୁର ସହରରେ ଏହାର ଅଧିକରୁ ଅଧିକ ଫାଇଦା ନେବା ପାଇଁ ବିଜେଡି ପ୍ରୟାସ ଆରମ୍ଭ କରିଛି। ଦଳୀୟ ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାନସଭା ପ୍ରାର୍ଥୀ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସହିତ ଦଳୀୟ କର୍ମୀ ଓ ନେତା ଏକଜୁଟ ହୋଇ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ସହରର ବିଭିନ୍ନ ଚା' ଖଟି, ପାର୍କ, ଖେଳପଡ଼ିଆ, ଗଣପର୍ବ ଦଣ୍ଡନାଚ ସମେତ ବିଭିନ୍ନ ସଙ୍ଗଠନ ସହିତ ପ୍ରତ୍ୟକ୍ଷ ଭାବେ ସାକ୍ଷାତ ଆଲୋଚନା କରୁଛନ୍ତି।





ବିଜେଡିର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀ ପୂର୍ବାହ୍ନରୁ ଅପରାହ୍ନ ଓ ବିଳମ୍ବିତ ରାତି ପର୍ଯ୍ୟନ୍ତ ଭୋଟର୍‌ଙ୍କୁ ଭେଟିବାକୁ ଚେଷ୍ଟା କରୁଛନ୍ତି। ପୂର୍ବାହ୍ନରେ ବିଭିନ୍ନ ଖେଳପଡ଼ିଆ ଓ ପାର୍କରେ ସ୍ୱାସ୍ଥ୍ୟ ସଚେତନ ଲୋକଙ୍କ ଭିଡ଼ ରହୁଥିବା ବେଳେ ଚା' ଖଟିରେ ବୁଦ୍ଧିଜୀବୀଙ୍କ ମହଲରେ ହେଉଛି ରାଜନୈତିକ ଆଲୋଚନା। ବିଭିନ୍ନ ସଙ୍ଗଠନର ସଦସ୍ୟ ଓ କର୍ମକର୍ତ୍ତାଙ୍କ ସହଯୋଗ ଲୋଡ଼ୁଛନ୍ତି ପ୍ରାର୍ଥୀ। ଏହି କ୍ରମରେ ବିଜେଡି ବିଧାୟକ ପ୍ରାର୍ଥୀ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ବ୍ରହ୍ମପୁର କୋର୍ଟ ପରିସରରେ ନିଜ ସମର୍ଥକଙ୍କ ସହ ସଂଘର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ।

ସେହିଭଳି ଗଞ୍ଜାମର ଗଣପର୍ବ କୁହାଯାଉଥିବା ଦଣ୍ଡନାଚ ବର୍ତ୍ତମାନ ସବୁଠି ସାହି ଓ ଗଳିକନ୍ଦିରେ ଆୟୋଜିତ ହେଉଛି। ଏଠାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ପରିବେଶ ବିଷୁବ ସଂକ୍ରାନ୍ତିରେ ଶେଷ ହେବ। ଏଣୁ ସମୟର ସଦୁପଯୋଗ କରିବାକୁ ଯାଇ ବିଭିନ୍ନ ଦଣ୍ଡନାଚ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀ। ବିଜେଡିର ଏହି ଦଳୀୟ ପ୍ରାର୍ଥୀଙ୍କୁ ପ୍ରଚାର ସମୟରେ ବେଶ ସମର୍ଥନ ଓ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ମଧ୍ୟ ମିଳୁଥିବା ପରିଲକ୍ଷିତ ହେଉଛି। ପ୍ରଚାର ସମୟରେ ପ୍ରାର୍ଥୀଙ୍କ ସହ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇଂ ବିବେକ ରେଡୀ, କର୍ପୋରେଟର୍ ସଞ୍ଜିତ ପାଣିଗ୍ରାହୀ, ତ୍ରିପତି ସାହୁ, ସୋନାଲି ଗନ୍ତାୟତ, ଦଣ୍ଡପାଣି ନାୟକ, ସମୀର ମିଶ୍ର, ଦୁର୍ଗା ପଣ୍ଡା, ଜାମୁଲା ଶ୍ରୀନୁ, ଟି କିଶୋର, ଦୁର୍ଗା କୁମାର ଲାୟକ, ଶ୍ୱେତରେଖା ତ୍ରିପାଠୀ, ସୁରେନ୍ଦ୍ର ମହାରଣାଙ୍କ ସମେତ ବହୁ କର୍ମକର୍ତ୍ତା ଓ ଆଇନଜୀବୀ ସାମିଲ ହୋଇଛନ୍ତି।

### ଜୟନ୍ତଙ୍କ ବାହାସ୍ଫୋଟକୁ ଶୁଭାଶିଷଙ୍କ କଟାକ୍ଷ

# ମଲା ମିରିଗକୁ ପକାଉଛନ୍ତି ପାହାର

**ପୁରୀ, ୧୧।୪ (ସମିସ):** ନିର୍ବାଚନରେ ଜିତିବା ପାଇଁ ପ୍ରାର୍ଥୀମାନେ ପୁଳାପୁଳା ପ୍ରତିଶ୍ରୁତି ରଖନ୍ତି। ଏପରିକି ଅନେକ ମିଛ କହିବାକୁ ମଧ୍ୟ ପଛାନ୍ତି ନାହିଁ। ସେମାନେ ବୁଝନ୍ତି ମିଛ କହି ଭୋଟରଙ୍କ ମନ ଜିଣିଦେଲେ ପୁଣି ୫ବର୍ଷ ତାଙ୍କର। ତେଣୁ ନିର୍ବାଚନ ସମୟରେ ଏମିତି ଅନେକ ପ୍ରାର୍ଥୀ ବାହାସ୍ଫୋଟ ମାରନ୍ତି। ଯେମିତି ପୁରୀ ବିକାଶକୁ ନେଇ ମିଛ କହୁଛନ୍ତି ବିଜେପି ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ। ପାଞ୍ଚ ବର୍ଷ ମଧ୍ୟରେ ପୁରୀରେ ହୋଇଥିବା ବିକାଶମୂଳକ କାର୍ଯ୍ୟ ତାଙ୍କ ଯୋଗୁଁ ହେଲା ବୋଲି କହି ବୁଲୁଛନ୍ତି ଜୟନ୍ତ। ହେଲେ ତାଙ୍କର ଏହି ମନ୍ତବ୍ୟକୁ ନିନ୍ଦା କରିଛନ୍ତି ବିରୋଧୀ। ବାସ୍ତବରେ ଯିଏ ଶ୍ରୀକ୍ଷେତ୍ର ପୁରୀର ବିକାଶ ପାଇଁ ଦିନରାତି ଏକ କରିଦେଇଛନ୍ତି ସେମାନେ ନିରବ ଥିବା ବେଳେ ଯିଏ ସାମାନ୍ୟତମ ସହଯୋଗ କରିନାହାନ୍ତି, ସେମାନେ ଏଭଳି ବାହାସ୍ଫୋଟ ମାରୁଛନ୍ତି ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ।

ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ ସ୍ୱପ୍ନ ଦେଖିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫନି ବାତ୍ୟାରେ ଉଜୁଡ଼ା ଶ୍ରୀକ୍ଷେତ୍ରକୁ ଦେଖି ମନରେ ବିକାଶର ଚିତ୍ର ଆଙ୍କିଥିଲେ ମୁଖ୍ୟମନ୍ତ୍ରୀ। ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର ପୁରୀକୁ ବାସ୍ତବତାର ରୂପ ଦେବା ପାଇଁ ବିନ୍ଧାଣୀ ସାଜିଥିଲେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଶ୍ରୀମନ୍ଦିରର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ସହ ଭକ୍ତଙ୍କୁ ଅତ୍ୟାଧୁନିକ ସେବା ସୁବିଧା ଯୋଗାଇଦେବା ଲାଗି ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ହେଲେ ଏହି ନିଷ୍ପତ୍ତି ନେବା ଏବଂ ଏହାକୁ ବାସ୍ତବତାର ରୂପ ଦେବା ଆଦୌ ସହଜ ନ ଥିଲା। ଶହ ଶହ ବର୍ଷ ଧରି ମନ୍ଦିର ଚାରିପାଖରେ ଘର କରିଥିବା ପୁରୀବାସୀ, ବିଭିନ୍ନ ମଠ, ମନ୍ଦିରର ମୁଖ୍ୟ ଏବଂ ବ୍ୟବସାୟୀକ ପ୍ରତିଷ୍ଠାନ ମାଲିକଙ୍କୁ ମନେଇବା ଅସମ୍ଭବ ମନେ ହେଉଥିଲା। ହେଲେ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ଶବ୍ଦ ମହାପ୍ରଭୁଙ୍କ ପ୍ରତି ତ୍ୟାଗ କରିବାର ଆହ୍ୱାନ ଏହାକୁ ସହଜ କରିଥିଲା। ଯାହାବି ହେଉ ମନ୍ଦିର ଚୌହଦୀର ୭୫ ମିଟର ପରିଧିକୁ ଖାଲି କରାଯାଇ ଆରମ୍ଭ ହୋଇଥିଲା କାମ। ହେଲେ ଏଥିରେ ବାଧକ ସାଜିଥିଲେ ବିରୋଧୀ। ବିଶେଷକରି ବିଜେପିର ନେତୃତ୍ୱ ପରିକ୍ରମା ପ୍ରକଳ୍ପ କରାଇ ନ ଦେବା ପାଇଁ ସବୁସ୍ତରକୁ ଚାଲି ଯାଇଥିଲେ। ଆଇନର ଜାଲରେ ଛନ୍ଦିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ସଂସଦରେ ଓଡ଼ିଶାକୁ ଅପବାଦ ଦେବାକୁ ଚେଷ୍ଟା କରିଥିଲେ। ଏପରିକି, ଏଏସ୍‌ଆଇ, ଏନଏମ୍‌ଏ, ବାଇ ଲ' ବିବାଦ ଛିଡ଼ା କରିଥିଲେ। ସବୁଥିରେ ବିଫଳ ହେବା ପରେ ବିଜେପିର କେନ୍ଦ୍ରମନ୍ତ୍ରୀ, ସାଂସଦ ଏବଂ ସ୍ଥାନୀୟ ଜନ ପ୍ରତିନିଧି ସମସ୍ତେ ପରିକ୍ରମା ପ୍ରକଳ୍ପ ବିରୋଧରେ ପଦଯାତ୍ରା କରି ଜନମତ ସମର୍ଥନ ନେବାକୁ ହୀନ ଉଦ୍ୟମ କରିଥିଲା। ସେତେବେଳେ ସମସ୍ତେ ଦେଖିଥିଲେ ବିରୋଧୀ ବିଜେପିର ଅସଲ ଚେହେରା।

ସେହିପରି ସ୍ୱର୍ଗଦ୍ୱାରର ପୁନରୁଦ୍ଧାର ପାଇଁ ବଡ଼ ତ୍ୟାଗ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ବାପା ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମାଧି ହଟାଇଦେବାର କଠୋର ନିଷ୍ପତ୍ତି ନେବା ସହ ସ୍ୱର୍ଗଦ୍ୱାରର ବିକାଶ ପାଇଁ ହାତ ଖୋଲିଥିଲେ। ସେହିପରି ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ୍ (ଶ୍ରୀସେତୁ) ତିଆରି କରିଛନ୍ତି ରାଜ୍ୟ ସରକାର। ପୁରୀରେ ବହୁତଳ ପାର୍କିଂ, ଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ନିର୍ମାଣ, ତିନୋଟି ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ, ତୀର୍ଥ ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ଏମିତି ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି ରାଜ୍ୟ ସରକାର। ପୁରୀରେ ଅନ୍ତର୍ଜାତୀୟ ବିମାନ ବନ୍ଦର ନିର୍ମାଣ ନେଇ ମଧ୍ୟ ସରକାର ତାଙ୍କର ଉଦ୍ୟମ ଜାରି ରଖିଛନ୍ତି। ହେଲେ ଏ ସବୁ ତାଙ୍କ ଯୋଗୁ ସମ୍ଭବ ହୋଇପାରିଛି ବୋଲି କହୁଛନ୍ତି ବିଧାୟକ ଜୟନ୍ତ ଷଡ଼ଙ୍ଗୀ। ପୁରୀର ସବୁ ବିକାଶମୂଳକ କାର୍ଯ୍ୟକୁ ନେଇ ସେ ଲିଫ୍‌ଲେଟ ପ୍ରସ୍ତୁତ କରି ସହରବାସୀଙ୍କୁ ବଣ୍ଟନ କରୁଛନ୍ତି। କିନ୍ତୁ ଲୋକ ଦେଖିଛନ୍ତି ପରିକ୍ରମା ପ୍ରକଳ୍ପକୁ ବିରୋଧ କରି ବିଜେପିର ଅପରାଜିତା ଷଡ଼ଙ୍ଗୀ, ସମ୍ବିତ ପାତ୍ର ପ୍ରମୁଖ ନେତୃତ୍ୱମାନେ ଯେଉଁ ପଦଯାତ୍ରା ଏବଂ ଧାରଣା ଦେଇଥିଲେ ସେଥିରେ ସ୍ଥାନୀୟ ବିଧାୟକଙ୍କ ଭୂମିକା କେମିତି ଥିଲା? ପୁରୀବାସୀ ବାସ୍ତବ କ'ଣ ଜାଣିଛନ୍ତି। ନିର୍ବାଚନ ବୈତରଣୀ ପାର୍ ହେବା ପାଇଁ ବିଜେପି ପାଖରେ କିଛି ବିକାଶ ପ୍ରସଙ୍ଗ ନ ଥିବା ବେଳେ ରାଜ୍ୟ ସରକାରଙ୍କ ବିକାଶକୁ ନେଇ ବାହାସ୍ଫୋଟ ମାରୁଛନ୍ତି ବୋଲି କହିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ।

ଶ୍ରୀ ଖୁଣ୍ଟିଆ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ଲାଗି ଯେଉଁ ନିଷ୍ପତ୍ତି ନେଇଥିଲେ ସେଥିରେ ମୁଖ୍ୟ ଭୂମିକା ଲିଭାଇଥିଲେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଭୋର ୪ଟାରୁ ପୁରୀରେ ପହଞ୍ଚି ବିକାଶମୂଳକ କାର୍ଯ୍ୟକୁ ପ୍ରତ୍ୟକ୍ଷ ଅନୁଧ୍ୟାନ କରୁଥିଲେ। ଦିନରାତି ପୁରୀର ବିକାଶକୁ ପରଖୁଥିଲେ। ଯେଉଁଥିପାଇଁ ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଶ୍ରୀ ସେତୁ, ବହୁତଳ ପାର୍କିଂ, ଷ୍ଟାଡିୟମ, ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ ଆଦି ପୂର୍ଣ୍ଣାଙ୍ଗ ରୂପ ନେଇଥିବା ବେଳେ ଆଗକୁ ବିମାନବନ୍ଦର ହେବାକୁ ଯାଉଛି। ଏ ସବୁ ରାଜ୍ୟ ସରକାର ମୁଖ୍ୟତଃ ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କ ଯୋଗୁ ସମ୍ଭବ ହୋଇପାରିଛି। ହେଲେ ସ୍ଥାନୀୟ ବିଧାୟକ ମଲା ମିରିଗରେ ପାହାର ପକାଇ ଆମେ ଶିକାର କରିଛୁ ବୋଲି କହିବା ହସ୍ୟାସ୍ପଦ। ବାସ୍ତବରେ ପୁରୀବାସୀ ସତ କ'ଣ ଜାଣିଛନ୍ତି। ସେମାନେ ଠିକଣା ସମୟରେ ଏହାର ଜବାବ୍ ଦେବେ ବୋଲି କହିଛନ୍ତି ଶ୍ରୀ ଖୁଣ୍ଟିଆ।

### କନ୍ଧମାଳ ବିଧାନସଭା ଆସନ

# ମଇଦାନରୁ କଂଗ୍ରେସ ପ୍ରାର୍ଥୀ ଉଭାନ

**ବୌଦ୍ଧ, ୧୧।୪(ସମିସ):** ଲୋକସଭା ଓ ବିଧାନସଭା ନିର୍ବାଚନ ପାଇଁ ବିଗୁଲ ବାଜି ସାରିଛି। ବୌଦ୍ଧ ଜିଲ୍ଲାର କନ୍ଧମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସର ପ୍ରାର୍ଥୀ ମଧ୍ୟ ଘୋଷଣା ସରିଛି। ବିଜେଡି ତୃତୀୟ ଥର ପାଇଁ ବିଧାୟକ ମହୀଧର ରଣାଙ୍କୁ ରିପିଟ୍ କରିଛି। ସେହିପରି ଦ୍ୱିତୀୟ ଥର ପାଇଁ ବିଜେପି କହ୍ନେଇ ଚରଣ ଡାଙ୍ଗଙ୍କୁ ପ୍ରାର୍ଥୀ କରିଛି। ମାତ୍ର ସମସ୍ତଙ୍କୁ ଚକିତ କରି କଂଗ୍ରେସ ବାଲିଗୁଡାର ମନୋଜ ଆଚାର୍ଯ୍ୟଙ୍କୁ ଦଳୀୟ ପ୍ରାର୍ଥୀ କରିଛି। ଶ୍ରୀ ଆଚାର୍ଯ୍ୟ ଗତ ୨୦୧୯ ନିର୍ବାଚନରେ କଂଗ୍ରେସ ପକ୍ଷରୁ କନ୍ଧମାଳ ଲୋକସଭା ପ୍ରାର୍ଥୀ ଥିଲେ। ବିଜେପି ଓ ବିଜେଡି ପକ୍ଷରୁ କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ବିଜେପି ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଓ ବିଜେଡି ପ୍ରାର୍ଥୀ ମହୀଧର ରଣା ସମର୍ଥକଙ୍କୁ ଧରି ନିଜ ନିଜର ଶକ୍ତି ପ୍ରଦର୍ଶନ କରି ଚାଲିଛନ୍ତି। ହେଲେ କଂଗ୍ରେସ ପ୍ରାର୍ଥୀ ମନୋଜ ଆଚାର୍ଯ୍ୟ ନିର୍ବାଚନ ରଣାଙ୍ଗନକୁ ଏ ପର୍ଯ୍ୟନ୍ତ ଓହ୍ଲାଇନାହାନ୍ତି। କଣ୍ଟାମାଳ ନିର୍ବାଚନମଣ୍ଡଳୀର କଂଗ୍ରେସ କର୍ମୀ ପ୍ରାର୍ଥୀଙ୍କୁ ଖୋଜୁଛନ୍ତି। ତାଙ୍କର ଅବସ୍ଥିତି ସମ୍ପର୍କରେ କଂଗ୍ରେସ କର୍ମୀ ଜାଣିପାରୁ ନାହାନ୍ତି। ଟିକଟ ପାଇବା ପରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଆଚାର୍ଯ୍ୟ ପଲସଗୋରାଠାରେ ଏକ ଘର ଭଡ଼ା ନେଇ ସେଠାରୁ ନିର୍ବାଚନୀ ରାଜନୀତି ପରିଚାଳନା କରି ଆସୁଥିଲେ। ତେବେ କିଛି ଦିନ ହେଲା ଉକ୍ତ ଘର ତାଲା ପଡ଼ିଥିବା ବେଳେ ଶ୍ରୀ ଆଚାର୍ଯ୍ୟଙ୍କ ଦେଖା ମିଳୁନାହିଁ। ଏପରିକି ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀଙ୍କ ପାଖରେ ମଧ୍ୟ ତାଙ୍କ ବିଷୟରେ କୌଣସି ଖବର ନାହିଁ। କଣ୍ଟାମାଳ ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନେତା ପ୍ରଶାନ୍ତ ସାହୁ, ଉଦୟନାଥ ଶର୍ମା, ସରୋଜ ପ୍ରଧାନ, ମହେଶ୍ୱର ପ୍ରଧାନ ଓ ଅନ୍ୟମାନେ ଆଶାୟୀ ଥିବା ବେଳେ କଣ୍ଟାମାଳ ନିର୍ବାଚନମଣ୍ଡଳୀ ପାଇଁ ବାହାର ଜିଲ୍ଲାରୁ ମନୋଜଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଥିଲା। ମାତ୍ର ମନୋଜଙ୍କ ନିରବତା କଂଗ୍ରେସ କର୍ମୀଙ୍କ ମନରେ ନୈରାଶ୍ୟ ସୃଷ୍ଟି କରିଛି। ଅନ୍ୟପକ୍ଷରେ ମନୋଜ କଂଗ୍ରେସ ଟିକଟକୁ ଫେରାଇବେ ଓ ଦଳ ଅନ୍ୟ କାହାର ନାମ ଘୋଷଣା କରିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।



## ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଜରୁରୀକାଳୀନ ବୈଠକ

# ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ

ବାରିପଦା, ୧୧।୪(ସମିସ)




ମୟୂରଭଞ୍ଜ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ବୃଦ୍ଧି ଆଶଙ୍କା ନେଇ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଗୁରୁବାର ଏକ ଜରୁରୀକାଳୀନ ସମୀକ୍ଷା ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ ହଲରେ ଅନୁଷ୍ଠିତ ସମସ୍ତ ଅତିରିକ୍ତ ଜିଲ୍ଲପାଳ, ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉପଖଣ୍ଡସ୍ତରୀୟ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଜରୁରୀକାଳୀନ ଅଧିକାରୀଙ୍କୁ ନେଇ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ପାନୀୟ ଜଳକୁ ନେଇ ଦେଖା ଦେଇଥିବା ସମସ୍ୟାକୁ ମୁଖ୍ୟ ଆଧାରରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ଗଣମାଧ୍ୟମରେ ପ୍ରକାଶିତ ସମସ୍ତ, ବ୍ଲକରେ ପାନୀୟଜଳ ଦ୍ୱାରା ଦେଖାଦେଇଥିବା ସମସ୍ୟା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ସମସ୍ତ ବିଭାଗୀୟ ଅଧିକାରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଥି ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ ଗଣମାଧ୍ୟମ ରିପୋର୍ଟ ଆଧାରରେ ସମସ୍ତ ସ୍ଥାନରେ ୪୮ ଘଣ୍ଟା ମଧ୍ୟରେ ପାନୀୟଜଳ ଯୋଗୁଁ ହେଉଥିବା ଅସୁବିଧାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ସମସ୍ୟା ନେଇ ଗ୍ରାମବାସୀ ଭୋଟ ବର୍ଜନ ଚେତାବନୀ ପ୍ରସଙ୍ଗକୁ ଗମ୍ଭୀର ଭାବେ ନେବା ପାଇଁ କହିଥିଲେ। ଏହିସବୁ ମୌଳିକ ସୁବିଧାରୁ ବଞ୍ଚିତ ହେବା ଏବଂ ଏହା ଆଧାରରେ ଭୋଟ ବର୍ଜନ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ଜିଲ୍ଲାପାଳ କହିଥିଲେ। ଏଥିସହିତ ଗ୍ରୀଷ୍ମର ପ୍ରକୋପ ଧୀରେ ଧୀରେ ବଢ଼ିବାକୁ ଥିବା ବେଳେ ଗ୍ରୀଷ୍ମ ପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଏହାର ସଠିକ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷା ପାଇବାର ଉପାୟ ସମ୍ପର୍କରେ ବୈଠକରେ ଅଧିକାରୀଙ୍କୁ ଜିଲ୍ଲାପାଳ ବୁଝାଇଥିଲେ। ବାହାରେ ବୁଲୁଥିବା ପଶୁପକ୍ଷୀଙ୍କ ପାଇଁ ଆବଶ୍ୟକ ପରିମାଣର ଜଳ ରଖିବା ପ୍ରତି ଗୁରୁତ୍ୱ ଦେଇଥିଲେ। ଆସନ୍ତା ୧୩ ତାରିଖରୁ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବା ପୂର୍ବାନୁମାନ କରାଯାଇଥିବାରୁ ଏଥିପ୍ରତି ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସୂଚନା ଥାଉକି, ଗ୍ରୀଷ୍ମ ପ୍ରବାହ ସହିତ କାଳ ବୈଶାଖୀ ହେବାର ସମ୍ଭାବନା ଥିବାରୁ, କ୍ଷୁଦ୍ର ମରାମତି ହେଉଥିବା ଆବାସ ଏବଂ ଜରୁରୀକାଳୀନ କାର୍ଯ୍ୟପାଇଁ ସମସ୍ତ ଉଚିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ଆଦେଶ ଦେଇଥିଲେ। ସମସ୍ତ ପର୍ଯ୍ୟଟନସ୍ଥଳକୁ ସାମୟିକ ଭାବେ ବନ୍ଦ ରଖିବା ଏବଂ ଅଧିକ ଶ୍ରମ ଆବଶ୍ୟକ କାର୍ଯ୍ୟଗୁଡ଼ିକୁ ଦିନ ୧୧ଟା ରୁ ୩ଟା ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ପରିବହନ ଅଧିକାରୀ ବିଶ୍ୱରାଜ ବେହେରା, ବାରିପଦା ପୌର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣିଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ପଶୁପକ୍ଷୀଙ୍କ ପାଇଁ ଆବଶ୍ୟକ ପରିମାଣର ଜଳ ରଖିବା ପ୍ରତି ଗୁରୁତ୍ୱ**

## ଅପହୃତା ନାବାଳିକା ଉଦ୍ଧାର; ଯୁବକ ଗିରଫ

**ବାରିପଦା, ୧୧।୪(ସମିସ):** ବାରିପଦା ସଦର ଥାନା ପୁଲିସ ଦ୍ୱାରା ଅପହୃତ ହୋଇଥିବା ଜଣେ ନାବାଳିକାକୁ ଉଦ୍ଧାର କରାଯାଇଛି। ଏଥି ସହିତ ଅପହରଣକାରୀ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବାରିପଦା ସଦର ଥାନା ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ଜୈନିକା ନାବାଳିକାକୁ ଅପହରଣ ହୋଇଥିବାର ନେଇ ବାରିପଦା ସଦର ଥାନାରେ ପରିବାର ଲୋକେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଖବର ପାଇ ବାଲେଶ୍ୱର ଥାନା ଅନ୍ତର୍ଗତ ସୁନହଟ ଅଞ୍ଚଳରୁ ପୀଡିତା ନାବାଳିକାକୁ ଉଦ୍ଧାର କରିବା ସହ ଯୁବକକୁ ପୁଲିସ ଗିରଫ କରିଛି। ଉଭୟଙ୍କ ଡାକ୍ତରୀ ମାଇନା କରିବା ପରେ ନାବାଳିକାକୁ ସୁଧାର ଗୃହକୁ ପଠାଇବା ସମେତ ଗିରଫ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅନୁବନ୍ଧନ ଦେବାକୁ ଦାବି

**ବାରିପଦା, ୧୧।୪(ସମିସ):** ଦିନକୁ ଦିନ ଆଇନ ପାଠ୍ୟକ୍ରମର ଆବଶ୍ୟକତା ଅଧିକରୁ ଅଧିକ ହେଉଥିବାରୁ ରାଜ୍ୟ ସରକାର ବିଭିନ୍ନ ପ୍ରାନ୍ତରରେ ନୂତନ ଆଇନ ମହାବିଦ୍ୟାଳୟ କିମ୍ବା ଅନ୍ୟ ମହାବିଦ୍ୟାଳୟରେ ନୂତନ ଆଇନ ବିଭାଗ ଖୋଲିବାକୁ ଅନୁମତି ଦେଇଛନ୍ତି। ନୂତନ ଭାବେ ଖୋଲାଯାଇଥିବା ଆଇନ ମହାବିଦ୍ୟାଳୟ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧନ ହେବା ଏକାନ୍ତ ଜରୁରୀ। କାରଣ ବାର କାଉନସିଲ ଅଫ ଇଣ୍ଡିଆ କେବଳ ଅନୁବନ୍ଧନ ହୋଇଥିବା ମହାବିଦ୍ୟାଳୟକୁ ବିଚାରକୁ ନେଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମଧୁସୂଦନ ଆଇନ୍ ମହାବିଦ୍ୟାଳୟ ଅନଲାଇନ ବା ଅଫଲାଇନ୍ ଇନ୍ସପେକ୍ସନ୍ କରି ଆଫିଲେସନ୍ ଦେବାର ବିଧି ରହିଛି। କିନ୍ତୁ ରାଜ୍ୟ ସରକାର ଆଇନ୍ ମହାବିଦ୍ୟାଳୟକୁ ଅନୁମତି ଦେବାର ଦୀର୍ଘଦିନ ପରେ ବି ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ ଆଫିଲେସନ ଦେଉନାହାନ୍ତି। ତେଣୁ ମହାବିଦ୍ୟାଳୟ ମାନେ ବାର କାଉନସିଲ ଅଫ ଇଣ୍ଡିଆର ସର୍ତ୍ତ ପୂରଣ କହିପାରୁନାହାନ୍ତି। ବାର କାଉନସିଲ ଅଫ ଇଣ୍ଡିଆର ଅନୁମୋଦନ ନ ପାଇଲେ ଛାତ୍ରଛାତ୍ରୀ ନାମଲେଖାଇ ପାରିବେ ନାହିଁ। ତେଣୁ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟର କୁଳପତି ଏବଂ କୁଳାଧିପତି ଏଥିପ୍ରତି ଦୃଷ୍ଟି ଦେବାକୁ ଛାତ୍ର ଛାତ୍ରୀ ଓ ଅଭିଭାବକ ନିବେଦନ କରିଛନ୍ତି।

## ମୁଣ୍ଡାରୀ ଭାଷାଭାଷୀ ସାମାଜିକ ସଂଗଠନର ବୈଠକ

# ରାଜନୈତିକ ଉପେକ୍ଷା ନେଇ ତୀବ୍ର ଅସନ୍ତୋଷ



**ବାରିପଦା, ୧୧।୪(ସମିସ):** ମୁଣ୍ଡାରୀ ଭାଷାଭାଷୀଙ୍କ ବିଭିନ୍ନ ସାମାଜିକ ସଂଗଠନକୁ ନେଇ ଗୁରୁବାର ଅବସରପ୍ରାପ୍ତ କର୍ମଚାରୀ ଭବନରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଣ୍ଡା ସମ୍ପ୍ରଦାୟର ଲୋକଙ୍କୁ ଚଳିତ ବର୍ଷ ସାଧାରଣ ନିର୍ବାଚନରେ ରାଜନୈତିକ ଦଳ ପକ୍ଷରୁ ଟିକଟ ବଣ୍ଟନରେ ପାତର ଅନ୍ତର କରାଯାଇଛି ବୋଲି ମତପ୍ରକାଶ ପାଇଥିଲା। ଏହି ସମ୍ପ୍ରଦାୟର କାହାକୁ ବି ଟିକଟ ମିଳି ନ ଥିବାରୁ ସମ୍ପୃକ୍ତ ସମ୍ପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବୀରଭଦ୍ର ସିଂଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମୁଣ୍ଡାରୀ ଭାଷାଭାଷୀଙ୍କ ପ୍ରତିନିଧିତ୍ୱ ଆଉ ରହୁନାହିଁ। ଫଳରେ ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କ ଭାଷା ଓ ସଂସ୍କୃତିର ବିକାଶ ନିମନ୍ତେ କେହି ବି ପ୍ରସ୍ତାବ ଦେଉନାହାନ୍ତି। ଯେପରିକି ଗତ ଜୁଲାଇ ୧୧ ତାରିଖ ଭୁବନେଶ୍ୱର ସ୍ଥିତ ସଚିବାଳୟରେ ରାଜ୍ୟ ସରକାରଙ୍କ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ହୋ, କୁଇ ଏବଂ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ଦେବା ନିମନ୍ତେ ସୁପାରିସ କରାଯାଇଥିଲା; ହେଲେ ସେ ନେଇ କୌଣସି ଆଲୋଚନା କରାଗଲାନାହିଁ। ଏହାର ମୁଖ୍ୟ କାରଣ ହେଉଛି ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କର ପ୍ରତିନିଧିତ୍ୱ ନଥିଲା। ମୟୂରଭଞ୍ଜ ଜିଲ୍ଲାରୁ ଅନ୍ୟ କେହି ଉକ୍ତ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଅଂଶଗ୍ରହଣ କରିଥିଲେ। ସେମାନେ ଅନ୍ୟ ସମ୍ପ୍ରଦାୟର ହୋଇଥିବାରୁ ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତିକୁ ଗୁରୁତ୍ୱ ଦେଇନଥିଲେ। ତେଣୁ ଚଳିତ ବର୍ଷ ନିର୍ବାଚନରେ ଜଣେ ମୁଣ୍ଡାରୀ ଭାଷାଭାଷୀ ଲୋକଙ୍କୁ ନିର୍ବାଚିତ କରିବା ପାଇଁ ସଂଗଠନ ତରଫରୁ ନିଷ୍ପତ୍ତି ନିଆଯାଇଛି। ମୟୂରଭଞ୍ଜ ଜିଲ୍ଲାର ଅନୁସୂଚିତ ଜନଜାତିଙ୍କ ନିମନ୍ତେ ସଂରକ୍ଷିତ ୭ଟି ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା ସାନ୍ତାଳ, ହୋ', ବାଥୁଡି ପ୍ରଭୃତି ସମ୍ପ୍ରଦାୟରୁ ବିଭିନ୍ନ ରାଜନୈତିକ ଦଳରୁ ପ୍ରାର୍ଥୀ କରାଯାଇଥିବା କ୍ଷେତ୍ରରେ ମୁଣ୍ଡା ସମ୍ପ୍ରଦାୟରୁ ଗୋଟିଏ ମଧ୍ୟ ପ୍ରାର୍ଥୀ ଦିଆଯାଇନାହିଁ। ଏଯାବତ୍ ବାଙ୍ଗିରିପୋଷି ଏବଂ ସାରସକଣା ନିର୍ବାଚନ ମଣ୍ଡଳୀରେ କୌଣସି ରାଜନୈତିକ ଦଳ ନିଜ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଉକ୍ତ ଦୁଇ ନିର୍ବାଚନ ମଣ୍ଡଳୀରୁ ମୁଣ୍ଡା ସମ୍ପ୍ରଦାୟରୁ ପ୍ରାର୍ଥୀ ଦେବା ନିମନ୍ତେ ବହୁଦିନ ଧରି ଦାବି କରାଯାଇ ଆସୁଛି। ଏଠାରେ ମୁଣ୍ଡା ସମ୍ପ୍ରଦାୟର ପ୍ରାର୍ଥୀଙ୍କୁ ଟିକେଟ ମିଳିବା ନେଇ ସମସ୍ତ ସଂଗଠନ ଆଶା ପ୍ରକାଶ କରିଥିବା ବେଳେ ଏଥର ମଧ୍ୟ ଉପେକ୍ଷା କରାଗଲେ ରାଜନୈତିକ ବିପର୍ଯ୍ୟୟର ସମ୍ମୁଖୀନ ହେବେ ବୋଲି ମତ ଦେଇଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରୀୟ ସଚେତନତା ଏବଂ ବ୍ଲକସ୍ତରୀୟ ବୈଠକ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ଉଡ଼ାପର୍ବ ଭକ୍ତାଙ୍କୁ ଅବହେଳା ପ୍ରତିବାଦରେ ରାସ୍ତାରୋକ

# ସମାଧାନ ଦାବିରେ ତାତିଲେ ପାଟଭକ୍ତା

**ବାରିପଦା, ୧୧।୪(ସମିସ):** ମୟୂରଭଞ୍ଜ ସର୍ବପୁରାତନ ଭକ୍ତାଙ୍କ ପାରମ୍ପରିକ ଉଡାପର୍ବ ଉତ୍ତର ସାହି ଓ ଦକ୍ଷିଣ ସାହି ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ସେମାନଙ୍କ ପ୍ରତି ଅବହେଳା ହେଉଥିବା ନେଇ ଅଭିଯୋଗ ହୋଇଛି। ଯାହାର ସମାଧାନ ଦାବି କରି ପାଟଭକ୍ତାମାନେ ଗୁରୁବାର ସ୍ଥାନୀୟ ବଡ଼ବଜାରଠାରେ ରାସ୍ତା ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ବାରିପଦା ଅଧିଷ୍ଠାତ୍ରୀ ଦେବୀ ମା' ଅମ୍ବିକାଙ୍କ ମନ୍ଦିରରେ ହାକୁଣ୍ଡା ପୂଜା ସହିତ ଭକ୍ତାମାନଙ୍କ ଦ୍ୱାରା ଗୁରୁବାରଠାରୁ ବଡ଼ବଜାରରେ ବାଇଗଣ ଗଛର କଣ୍ଟା ବିଛାଇ କଣ୍ଟାପାଟ ନୀତି ଆରମ୍ଭ ହୋଇଛି। ତେବେ ଉକ୍ତ ନୀତିରେ ଦେବୋତ୍ତର ବିଭାଗ ପକ୍ଷରୁ ବାରମ୍ବାର ଅବହେଳା କରାଯାଉଥିବା ନେଇ ଭକ୍ତାମାନେ ଅଭିଯୋଗ କରିଛନ୍ତି। କଣ୍ଟାପାଟରେ ନିମ୍ନମାନର କଣ୍ଟା ପଡ଼ିଛି; ଯାହାକି ଭକ୍ତାମାନଙ୍କ ପାଇଁ ଉପଯୋଗୀ ନୁହେଁ। ଫଳରେ ଠିକ ଭାବେ କଣ୍ଟାପାଟ ନୀତି ହୋଇପାରିଲା ନାହିଁ। ଉଡାପର୍ବରେ ଭକ୍ତାଙ୍କ ପାଇଁ ଆବଶ୍ୟକତାଠାରୁ କମ୍ କଣ୍ଟା ଗଛ ଯୋଗାଇ ଦିଆଯାଇଛି। ଆଗରୁ ଦେବତ୍ତର ବିଭାଗ ପକ୍ଷରୁ ଠିକ କଣ୍ଟା ପଡୁଥିଲା କିନ୍ତୁ ତାହା ଧୀରେ ଧୀରେ ନିମ୍ନମାନର ହେଇଯାଉଛି ବୋଲି ପ୍ରତିବାଦ କରି ଭକ୍ତାମାନେ ରାସ୍ତାରୋକ କରିଛନ୍ତି। ଏଥିସହିତ ୨୦୨୪ ଭକ୍ତାରେ ଦୁଇ ସାହିରେ ୬ଜଣ ଭକ୍ତଙ୍କର ନିଯୁକ୍ତି ପାଇଁ ଦାବି ଜଣାଯାଇଛି। ରାଜତନ୍ତ୍ର ଅମଳରୁ ଏହି ଭକ୍ତା ପର୍ବ ଚୈତ୍ର ପର୍ବ ସମୟରେ ବର୍ଷକୁ ଥରେ ପାଳନ ହୋଇ ଆସୁଛି। ଉକ୍ତ କର୍ମକୁ ସୁଚାରୁ ରୂପେ ସମ୍ପାଦନ ପାଇଁ ଦୁଇ ସାହିର ୬ଜଣ ଭକ୍ତା ସେବକଙ୍କ ନିଯୁକ୍ତି ପାଇଁ ଦାବି ହୋଇଛି। ଏଥି ସହିତ ଭକ୍ତାମାନଙ୍କ ଖର୍ଚ୍ଚ ବୃଦ୍ଧି ସହ ମାସିକ ଛଡ ଭତ୍ତା ବୃଦ୍ଧି ପାଇଁ ଦାବି କରିଛନ୍ତି। ଭକ୍ତଙ୍କୁ ଉପଯୁକ୍ତ ଖର୍ଚ୍ଚ ଦିଆଯାଉ ନାହିଁ କି ମାସିକ ଭତ୍ତା ପ୍ରଦାନ କରାଯାଉନାହିଁ। ତେଣୁ ଏହି ସବୁ ଟଙ୍କାରେ ଖର୍ଚ୍ଚ ବହନ କରିନପାରି ଭକ୍ତାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁକରି ଭକ୍ତାମାନଙ୍କୁ ବାର୍ଷିକ ୪ହଜାର ଟଙ୍କା ଲେଖାଏଁ ପ୍ରଦାନ ସମେତ ଛଡର ମାସିକ ଭତ୍ତା ପ୍ରଦାନ ପାଇଁ ଦାବି କରିଛନ୍ତି। ଉକ୍ତ ସମସ୍ୟାର ସମାଧାନ ନ ହେବାରୁ ଠିକ ସମୟରେ ନୀତି କର୍ମ ହୋଇପାରିନାହିଁ। ତେଣୁକରି ଭକ୍ତାଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ସହ ରାସ୍ତା ଅବରୋଧ କରିଥିଲେ। ଦାବି ପୂରଣ ନେଇ ଭକ୍ତାମାନେ ଅଡ଼ି ବସି ରାସ୍ତା ଅବରୋଧ କରିବାରୁ ବଡ଼ ବଜାର ମୁଖ୍ୟ ରାସ୍ତାରେ ଅନେକ ସଂଖ୍ୟକ ଯାନବାହନ ଅଟକି ରହିଥିଲା। ଘଟଣାସ୍ଥଳରେ ବାରିପଦା ଟାଉନ ଥାନା ଅଧିକାରୀ ସୁମିତ କୁମାର ସୋରେନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦେବତ୍ତୋର ଅଧିକାରିଣୀ ମୀନାକ୍ଷୀ ତରାଇ ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ସୂଚନାଯୋଗ୍ୟ, ଶୁକ୍ରବାର ନିଆଁପାଟ, ଶନିବାର ଉଗ୍ରତପାଟ (ନିଆଁଝୁଲା) କର୍ମ ଅନୁଷ୍ଠିତ ହେବ। ଆଗାମୀ ୧୨ ତାରିଖ ଓ ୧୩ ତାରିଖରେ ମଧ୍ୟରାତ୍ରିରେ ଭକ୍ତାମାନେ ନିଶାଘଟ ନେଇ ଛଡପଡ଼ିଆରେ ପହଞ୍ଚିବା ସହ ଛଡ ମଣ୍ଡପରେ ଭକ୍ତା ନୃତ୍ୟ ପରିବେଷଣ କରିବେ। ଏଥିସହିତ ଆଗାମୀ ୧୪ ତାରିଖ ଅପରାହ୍ନ ସାଢେ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବଡଦାଣ୍ଡରେ ଉଡ଼ାପର୍ବ ଅନୁଷ୍ଠିତ ହେବ।



# ତାତିରୁ ଆଶ୍ୱସ୍ତି; ଟଳିଲା ଶିମିଳିପାଳ ବନାଗ୍ନି ଚିନ୍ତା

ବାରିପଦା, ୧୧।୪(ସମିସ): ପଶ୍ଚିମା ଝଡ଼ ପ୍ରଭାବରେ ଗୁରୁବାର ସକାଳୁ ମୟୂରଭଞ୍ଜ ଜିଲ୍ଲା ବର୍ଷାରେ ଭିଜିଛି। ପୂର୍ବରୁ ବଜ୍ରପାତ ସହ ବୃଷ୍ଟିପାତ ନେଇ ପାଣିପାଗ ବିଭାଗର ପୂର୍ବରୁ ସତର୍କତା ସୂଚନା ଜାରି ହୋଇଥିଲା; ଯାହାକୁ ନେଇ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଫଳରେ ଅସହ୍ୟ ଗ୍ରୀଷ୍ମପ୍ରବାହର ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହେଉଥିବା ଜନଜୀବନକୁ ଆଶ୍ୱସ୍ତି ମିଳିଛି। ମୁଣ୍ଡଫଟା ଖରା ନେଇ ୪୦ଡିଗ୍ରୀ ତାପମାତ୍ରା ପାର କରି ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇସାରିଥିବା ବେଳେ ବୃଷ୍ଟିପାତ ଯୋଗୁଁ ତାପମାତ୍ରା ଅନେକ ମାତ୍ରାରେ ହ୍ରାସ ପାଇଛି। ସେହିପରି ଶିମିଳିପାଳ ଅଭୟାରଣ୍ୟରେ ମଧ୍ୟ ଗୁରୁବାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଥିବା ବେଳେ ବନାଗ୍ନି ଭୟ ସାମୂହିକ ଭାବେ ଟଳିଯାଇଛି। ଫଳରେ ପରିବେଶପ୍ରେମୀଙ୍କ ମଧ୍ୟରେ କିଛିଟା ଆଶ୍ୱସ୍ତି ଆଣିଛି। ଶିମିଳିପାଳ ଅଭୟାରଣ୍ୟରେ ଚଳିତ ଥର ବର୍ଷା ପାଇଁ ବନାଗ୍ନି ସ୍ଥିତି ନିୟନ୍ତ୍ରଣରେ ରହିଛି। ତଥାପି ବନାଗ୍ନି ସ୍ଥିତିକୁ ନିୟନ୍ତ୍ରଣ ପାଇଁ ଶିମିଳିପାଳ ଅଭୟାରଣ୍ୟ ସମେତ ଅନ୍ୟାନ୍ୟ ବନଖଣ୍ଡରେ କର୍ମଚାରୀମାନେ ବ୍ଲୋୟର ମେସିନ ସହ ନିୟୋଜିତ ରହିଛନ୍ତି। ଦିନତମାମ ସବୁଠି କୋହଲା ପାଗ ସହିତ ହାଲୁକା ଧରଣର ବର୍ଷା ହୋଇଥିବା ବେଳେ ଆସନ୍ତା ଦୁଇ ଦିନ ପରେ ତାପମାତ୍ରା ପୁଣି ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରିପଦା, ୧୧।୪(ସମିସ):** ବାରିପଦା ସଦର ଥାନା ଅନ୍ତର୍ଗତ ସିନ୍ଦୁରଗୌରା ଅଞ୍ଚଳର କେନ୍ଦୁସାହିରେ ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣଙ୍କ ହେଲେ ରନୀ ମହାନ୍ତ (୩୦)। ଅପରାହ୍ନରେ ଘରେ କେହି ନ ଥିବାବେଳେ ଏହି ଘଟଣା ଘଟିଛି। ବନ୍ଦ କୋଠରୀ ମଧ୍ୟରେ ବେକରେ ଶାଢୀ ଲଗାଇ ଫ୍ୟାନରେ ଓହଳି ପଡ଼ିଥିବା ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରି ଏକ ଅପମୃତ୍ୟୁ ରୁଜୁକରି ଅଧିକ ତଦନ୍ତ କରୁଛି। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଅନୁମାନ କରାଯାଉଥିଲେ ହେଁ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟତା ଜଣାପଡ଼ିବ ବୋଲି ଆଇଆଇସି ମଧୁସ୍ମିତା ମହାନ୍ତି କହିଛନ୍ତି। ମୃତ ମହିଳାଙ୍କ ଦୁଇଟି ସନ୍ତାନ ଅଛନ୍ତି।

## ମା' ଲାଲପାଟ ସାଲପାଟ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା

**ବାରିପଦା, ୧୧।୪(ସମିସ):** ବାରିପଦା ପୌର ପରିଷଦ ଅନ୍ତର୍ଗତ ୧୫ନଂ. ୱାର୍ଡ ପୂର୍ଣ୍ଣଚନ୍ଦ୍ରପୁର ସ୍ଥିତ ବହୁ ପୁରାତନ ଲାଲପାଟ ସାଲପାଟ ଗ୍ରାମଦେବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହ ବାର୍ଷିକ ପୂଜା ରୀତିନୀତି ଅନୁସାରେ ଆରମ୍ଭ ହୋଇଛି। ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଅଧିବାସ, କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ ଆଦି କାର୍ଯ୍ୟକ୍ରମ ହୋଇଛି। ସକାଳେ ମା' ଅମ୍ବିକାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ବୁଢାରାହୁଳ ମଠ ନିକଟ ବୁଢାବଳଙ୍ଗ ଓ ଚିପଟ ନଦୀର ସଙ୍ଗମ ସ୍ଥଳରୁ କଳସ ଶୋଭାଯାତ୍ରାର ଶୁଭାରମ୍ଭ ହୋଇଥିଲା। ଶତାଧିକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ ମୁଣ୍ଡରେ ପୂର୍ଣ୍ଣକୁମ୍ଭ ନେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶଙ୍ଖ, ଘଣ୍ଟ ଘଣ୍ଟା, ମୃଦଙ୍ଗ ଓ ହରିବୋଲ ଧ୍ୱନି ଦେଇ ପ୍ରାୟ ୫ କିମି ଯାତ୍ରା କରି ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ପରେ ରୀତିନୀତି ଅନୁସାରେ ମା'ଙ୍କ ପୂଜାବିଧି ଆରମ୍ଭ ହୋଇଥିଲା। ୧୨ ତାରିଖରେ ସକାଳ ୬ ଘଟିକାରେ ନାମ ସଂକୀର୍ତ୍ତନ ସହ ମନ୍ଦିର ପ୍ରତିଷ୍ଠା କର୍ମ ଏବଂ ୧୩ ତାରିଖରେ ସକାଳ ୮ଟାରେ ଦଧିନଉତି ଏବଂ ପରେ ସର୍ବସାଧାରଣ ପୂଜା, ଯଜ୍ଞ, ବାର୍ଷିକ ପୂଜା, ପୂର୍ଣ୍ଣାହୂତି, ପୁଷ୍ପାଞ୍ଜଳି ଏବଂ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ କମିଟି ତରଫରୁ ପ୍ରକାଶ।



# ୪ ନିର୍ବାଚନମଣ୍ଡଳୀ କର୍ମକର୍ତ୍ତାଙ୍କୁ ନେଇ ବିଜେଡିର ବିଶାଳ ସମ୍ମିଳନୀ





ବାରିପଦା, ୧୧।୪(ସମିସ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ବିଜୁ ଜନତା ଦଳର ଦଳୀୟ ନେତା, କର୍ମକର୍ତ୍ତା ଓ କର୍ମୀ ଅଧିକ ସକ୍ରିୟ ହୋଇ ପଡ଼ିଛନ୍ତି। ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଜିଲ୍ଲା ବିଜେଡ଼ି ପକ୍ଷରୁ ସଂଗଠନକୁ ଆହୁରି ସୁଦୃଢ କରି ଆଗେଇ ନେବା ପାଇଁ ଜୋରଦାର ପ୍ରକ୍ରିୟା ଜାରି ରହିଛି। ଏ ନେଇ ଗୁରୁବାର ରଘୁନାଥପୁର କଲ୍ୟାଣ ମଣ୍ଡପ ପରିସରରେ ବିଜେଡ଼ି ସହପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ସଭାପତିତ୍ୱରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଲେଙ୍କା ବାରିପଦା, ମୋରଡା, ଉଦଳା ଓ ବଡ଼ସାହି ନିର୍ବାଚନମଣ୍ଡଳୀର କର୍ମୀମାନଙ୍କ ସହିତ ଆଲୋଚନା କରି ସମୀକ୍ଷା କରିଥିଲେ। ବୈଠକରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ସାନନ୍ଦ ମାରାଣ୍ଡି, ପ୍ରୀତିନନ୍ଦା କାନୁନଗୋ, ଶ୍ରୀନାଥ ସୋରେନ ଓ ଅନସୂୟା ପାତ୍ର ସମେତ ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଆଗାମୀ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ କର୍ମୀ ଓ କର୍ମକର୍ତ୍ତା ଶପଥ ନେଇଥିଲେ। ଗତ ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ବିଜେପିର ସାଂସଦ ଓ ୬ଜଣ ବିଧାୟକଙ୍କୁ ନିର୍ବାଚିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନେ ଲୋକଙ୍କ ବିଶ୍ୱାସ ହରାଇଲେ। ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନେତୃତ୍ୱ ଏବଂ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଫଳରେ ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡ଼ି ବାଜିମାତ କରିପାରିଥିଲା। ବିଜେଡ଼ି ବର୍ଷ ତମାମ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କିପରି ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେ ନେଇ ଉଦ୍ୟମ ଜାରି ରଖିଛି। କର୍ମକର୍ତ୍ତାମାନେ ଏକ ମନ ଏକ ପ୍ରାଣ ହୋଇ ଜିଲ୍ଲାର ସାଂସଦ ପ୍ରାର୍ଥୀ ଏବଂ ସମସ୍ତ ବିଧାୟକ ପ୍ରାର୍ଥୀଙ୍କୁ ସଫଳତାର ଶୀର୍ଷକରେ ପହଞ୍ଚାଇବାକୁ ଶପଥ ନେବାକୁ ଦଳର ପର୍ଯ୍ୟବେକ୍ଷକ ଶ୍ରୀ ଲେଙ୍କା ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଳର କର୍ମକର୍ତ୍ତାଙ୍କ ଆଗ୍ରହ ଓ ଉତ୍କଣ୍ଠା ଜିଲ୍ଲାରେ ବିଜେଡ଼ିର ସଫଳତା ବୋଲି ସେ ପ୍ରକାଶ କରିଥଲେ। ଜିଲ୍ଲାର ବିଜେଡ଼ି କର୍ମୀ ଓ ନେତାଙ୍କ ମନରେ ଉତ୍ସାହ ବଢ଼ାଇବା ସହିତ ପର୍ଯ୍ୟବେକ୍ଷକ ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଉପଦେଷ୍ଟା ସରୋଜିନୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ବାରିପଦା ପୌର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଆମ ଓଡ଼ିଶା ନବୀନ ଓଡ଼ିଶାର ଜିଲ୍ଲା ସଂଯୋଜକ ସୁନିଲ କୁମାର ଦାଶ, ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଯୁବ ଜନତା ଦଳର ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳର ସଭାପତି ସୁନିଲ କୁମାର ନାୟକଙ୍କ ସମେତ ବିଭିନ୍ନ ବ୍ଲକ ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା, ବିଭିନ୍ନ ଗ୍ରାମ ପଞ୍ଚାୟତ ପ୍ରତିନିଧିଙ୍କ ସମେତ ସହ ପର୍ଯ୍ୟବେକ୍ଷକ ଏବଂ ସଂଯୋଜକ ଉପସ୍ଥିତ ଥିଲେ।



### ଶିମିଳିପାଳ ସୁରକ୍ଷା ଓ ଅଖଣ୍ଡ ଶିକାର ରୋକିବାକୁ ପ୍ରୟାସ

# ମୁତୟନ ହୋଇଛନ୍ତି ହଜାରେ ସୁରକ୍ଷା ବଳ



**ବାରିପଦା, ୧୧।୪(ସମିସ)**

ମହାବିଷୁବ ସଂକ୍ରାନ୍ତି ପୂର୍ବରୁ ଶିମିଳିପାଳ ଅଭୟାରଣ୍ୟରେ ପାରମ୍ପରିକ ଅଖଣ୍ଡ ଶିକାରକୁ ରୋକିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରାଯାଇଛି। ଏ ନେଇ ବନବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ପ୍ରାୟ ୧୧ହଜାର ସଶସ୍ତ୍ର ସୁରକ୍ଷା ବଳ ମୁତୟନ କରାଯିବା ସହିତ ପ୍ରବେଶ ପଥଗୁଡିକ କଡାକଡି ଯାଞ୍ଚ ଆରମ୍ଭ ହୋଇଛି। ଜିଲ୍ଲାର ବନ ସଂଲଗ୍ନ ଗ୍ରାମବାସୀ ମକର ସଂକ୍ରାନ୍ତିରୁ ପଣି ସଂକ୍ରାନ୍ତି ମଧ୍ୟରେ ଅଖଣ୍ଡ ଶିକାର ଗୋଷ୍ଠୀଗତଭାବରେ ଗାଁ ଦେବତା ବା ଜାହିରାରେ ପୂଜା କରି ଜଙ୍ଗଲ ଭିତରକୁ ପ୍ରବେଶ କରି ନୀରିହ ବନ୍ୟଜନ୍ତୁଙ୍କୁ ଶିକାର କରି ପର୍ବପର୍ବାଣିରେ ଭୋଜି କରି ଖାଉଥାନ୍ତି। ଏହି ଶିକାରରୁ ସେମାନଙ୍କୁ ବାରଣ ପୂର୍ବକ ସଚେତନ ପାଇଁ ସରକାରଙ୍କ ପକ୍ଷରୁ ଦୀର୍ଘ ବର୍ଷ ଧରି ବ୍ୟାପକ କାର୍ଯ୍ୟକ୍ରମ କରାଯାଉଥିଲେ ହେଁ ଏଥିରେ ଅଙ୍କୁଶ ଆସିଛି। ତେବେ ଦୁଇ ସପ୍ତାହ ତଳେ ଉଦଳା ଥାନା ଅଞ୍ଚଳରେ ପୁଣି ୩ଟି ଗ୍ରାମର ୪୦ ଶିକାରୀ ପୁଣି ପ୍ରବେଶ କରି ସମ୍ବର ଶିକାର ପରେ ୯ଜଣ ଶିକାରୀ ୩୧ କିଗ୍ରା ମାଂସ ଓ ୯ଟି ବନ୍ଧୁକ ଜବତ ପରେ ଘଟଣାକୁ ଗୁରୁତ୍ୱ ଦେଇଛି ବନବିଭାଗ। ଶିମିଳିପାଳକୁ ସୁରକ୍ଷା ଓ ଅଖଣ୍ଡ ଶିକାରକୁ ରୋକିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ୧୭୦ ଜଣ ସ୍ପେଶାଲ ଟାଇଗର ପ୍ରୋଟେକ୍ସନ ଫୋର୍ସ, ୭ଶହ ପ୍ରୋଟେକ୍ସନ ଆସିଷ୍ଟାଣ୍ଟ, ୧୨୦ ଜଣ ଫରେଷ୍ଟର ଏବଂ ଫରେଷ୍ଟ ଗାର୍ଡ, ୩୨ଜଣ ଏକ୍ସ ଆର୍ମି ଏବଂ ୧୦୦ ପୁଲିସ କର୍ମଚାରୀଙ୍କୁ ସମ୍ବେଦନଶୀଳ ଅଞ୍ଚଳରେ ମୁତୟନ କରାଯାଇଛି। ପାଟ୍ରୋଲିଂକୁ ଅଧିକ କଡାକଡି କରାଯିବା ସହ ପ୍ରତି ମୁହୂର୍ତ୍ତରେ କର୍ମଚାରୀଙ୍କ ସ୍ଥିତି ସମ୍ପର୍କରେ ଅବଗତ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ ପ୍ରକାଶ ଚାନ୍ଦ ଗୋଗିନେନି କହିଛନ୍ତି।

# ପଦ୍ମପୁରରେ ବିଜେଡିର ଜୋନ୍‌ସ୍ତରୀୟ ବୈଠକ; ଦଳୀୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା

**ଯଶିପୁର, ୧୧।୪(ସମିସ):** ଯଶିପୁର ନିର୍ବାଚନ ମଣ୍ଡଳୀର ରହିଥିବା ୪୧ ନମ୍ବର ଓ ୪୨ ନମ୍ବର ଜୋନ୍ ସ୍ତରୀୟ ନିର୍ବାଚନୀ ବୈଠକ ପଦ୍ମପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ବିଶେଶ୍ୱର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଯଶିପୁର ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କୁ ସମସ୍ତ କର୍ମୀ ପୁଷ୍ପଗୁଚ୍ଛ ଓ ଦଳୀୟ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ଦେବାଶିଷ ମହାନ୍ତି ଦଳୀୟ ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମ ଓ ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡିଙ୍କୁ ଆଗାମୀ ସାଧାରଣ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ୍ ଦେଇ ବିଜୟ କରିବାକୁ ଅନୁରୋଧ କରିଥିଲେ। ନିଜ ଅଭିଭାଷଣରେ ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକାଳ ମଧ୍ୟରେ ଯଶିପୁର ଅଞ୍ଚଳରେ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ହୋଇଥିବା ନେଇ ବକ୍ତବ୍ୟ ରଖିଥିଲେ। ଏଠାରେ ଦଳୀୟ ବିଧାୟକ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ୫-ଟି ଅଧ୍ୟକ୍ଷ ତାହା ଦ୍ୱାରା ପୂରଣ ହୋଇପାରିଛି ବୋଲି କହିଥିଲେ। ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧ୍ୟକ୍ଷ କମଳା ତିରିଆ, ଜିଲ୍ଲା ପରିଷଦ ସଭ୍ୟା ମିନତୀ ନାଏକ ଓ ସୁଜାତା ହୋ, ମହିଳା ସଂଯୋଜିକା ବୀଣାପାଣି ଘଣା, ବ୍ଲକ ମହିଳା ସଭାପତି ଜ୍ୟୋସ୍ନାମୟୀ ନାୟକ, ମିଶନ ଶକ୍ତି ଫେଡେରେସନ ସଭାପତି କୁନ୍ତଳତା ମହାନ୍ତ, ଯୁବ ସଭାପତି ପ୍ରଭାତ ମହାନ୍ତ, କାର୍ଯ୍ୟକାରୀ ସଭାପତି ସହଦେବ ରାମ,



ଜିଲ୍ଲା ସାଧାରଣ ସମ୍ପାଦକ ଖଗେଶ୍ୱର ସାହୁ, ବିପିନବିହାରୀ ମହାନ୍ତ, ବିଶ୍ୱନାଥ ସାହୁ, ପଙ୍କଜ ମିଶ୍ର, ଶମ୍ଭୁନାଥ ମହାକୁଡ଼, ଦେବାଶିଷ ସାହୁଙ୍କ ସମେତ ୨୦ଟି ପଞ୍ଚାୟତର ସଭାପତି, ଯୁବ, ଛାତ୍ର, ମହିଳା ତଥା ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## କରଞ୍ଜିଆ ତହସିଲରେ ମିଳୁନି ସେବା

**କରଞ୍ଜିଆ, ୧୧।୪(ସମିସ):** ପାଞ୍ଚପୀଢ ଉପଖଣ୍ଡର କରଞ୍ଜିଆ ସଦର ମହକୁମା ହୋଇଥିବାବେଳେ ସର୍ବଦା ଚଳ ଚଞ୍ଚଳ ହୋଇଥାଏ। ଏଠାରେ କୋର୍ଟ କଚେରୀଠାରୁ ଆରମ୍ଭ କରି ବ୍ୟାଙ୍କ ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ମାନ ରହିଛି। ଫଳରେ ଜନସାଧାରଣ ସରକାରୀ କାର୍ଯ୍ୟାଳୟ ଉପରେ ନିର୍ଭର କରନ୍ତି। କିନ୍ତୁ ଏଠାରେ ଥିବା ତହସିଲ ଏବେ ସ୍ଥାଣୁ ଅବସ୍ଥାକୁ ଚାଲିଆସିଛି। ତହସିଲରେ କୌଣସି କାମ ଠିକ୍‌ଭାବେ ହୋଇପାରୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଦୂରଦୂରାନ୍ତରୁ ଏଠାକୁ ଆସୁଥିବା ଲୋକେ ନିରାଶରେ ଫେରୁଛନ୍ତି। ଲୋକେ ଜମିଜମା ଟିକସ ଆଦୌ ପୈଠ କରିପାରୁ ନାହାନ୍ତି। ଜମିର ଟିକସ ପୈଠ ହୋଇ ପାରୁନଥିବାରୁ କୋର୍ଟ କାମ ହୋଇପାରୁନାହିଁ କି ବ୍ୟାଙ୍କରୁ ଋଣ ମିଳୁନାହିଁ। ବହୁ ନିରୀହ ଲୋକ ଜମିର କାଗଜପତ୍ର କୋର୍ଟରେ ଉପସ୍ଥାପନ କରିପାରୁନଥିବାରୁ ଅନ୍ୟାୟ ଭାବେ ଜାମିନ ପାଇବାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ଅନଲାଇନରେ ମଧ୍ୟ ଲୋକେ କୌଣସି ଟିକସ ଦାଖଲ କରିପାରୁନାହିଁ। ଫଳରେ ଏଠାରେ ୫-ଟି ଯୋଜନା ବିଫଳ ହୋଇଛି। ନୂତନ ଭାବେ ଯୋଗ ଦେଇଥିବା ତହସିଲଦାର କହିଛନ୍ତି ଯେ, ଅନଲାଇନରେ ନେଟ ସାଇଟ ଖୋଲିବାକୁ ଆମକୁ ଅନୁମତି ମିଳିନାହିଁ। ତେଣ ମାନୁଆଲରେ କାମ କରିବାକୁ ଅନୁମତି ମିଳିନାହିଁ।

## ଶ୍ରୀଶନିଶ୍ଚର ମନ୍ଦିର ଟ୍ରଷ୍ଟର ବୈଠକ

**କରଞ୍ଜିଆ, ୧୧।୪(ସମିସ):** କରଞ୍ଜିଆ ଏନଏସି ସ୍ଥିତ ୧୩ ନମ୍ବର ୱାର୍ଡରେ ଥିବା ଶ୍ରୀଶ୍ରୀ ଶନିଶ୍ଚର ମହାଗ୍ରହ ପରିଚାଳନା ନିମନ୍ତେ ଏକ ନୂତନ ଟ୍ରଷ୍ଟବୋର୍ଡ ଗଠନ ହୋଇଛି। ଆଜି ଟ୍ରଷ୍ଟ ବୋର୍ଡ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟଭାର ଗ୍ରହଣ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟ୍ରଷ୍ଟର ସଭାପତି ତ୍ରିଲୋଚନ ପତି ଅଧ୍ୟକ୍ଷତା କରିଥିବା ବେଳେ ଉପସଭାପତି କୁମାର ଦେବାଶିଷ ବେହେରା, ସମ୍ପାଦନ କର୍ଣ୍ଣାର୍ଜୁନ ସାହା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ସାହା, ଟ୍ରଷ୍ଟି ଅଖିଳ ଚନ୍ଦ୍ର ଗ୍ରହଚାର୍ଯ୍ୟ, ଅନାଦି ଚରଣ ମହାନ୍ତି, ପ୍ରତିଭା ଦାସ, ସରୋଜିନୀ ଦାସ ଓ ରଞ୍ଜିତା ଦାସ ଦାୟିତ୍ୱ ଗ୍ରହଣ କରିଥଲେ। ମନ୍ଦିରର ଉନ୍ନତି କରଣ, ସୁପରିଚଳନ ନିମନ୍ତେ ୟୁକୋ ବ୍ୟାଙ୍କରେ ଜମାଖାତା ଖୋଲିବା, ପ୍ରତି ମାସର ଶେଷ ଶନିବାର ସମୀକ୍ଷା ବୈଠକ ଆଦି ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## କରଞ୍ଜିଆ ମହୋତ୍ସବର ସମୀକ୍ଷା ବୈଠକ

**କରଞ୍ଜିଆ, ୧୧।୪(ସମିସ):** ଏକାଦଶ କରଞ୍ଜିଆ ମହୋତ୍ସବ ଗତ ୮ ତାରିଖ ସମାପ୍ତ ହୋଇଯାଇଛି। ତେବେ ଆଜି ମହୋତ୍ସବକୁ ନେଇ ସମୀକ୍ଷା ବୈଠକ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଦିବ୍ୟପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୋଷାଧ୍ୟକ୍ଷ କର୍ଣ୍ଣାର୍ଜୁନ ସାହା, ପ୍ରୋଗ୍ରାମ କୋର୍ଡିନେଟର ସଞ୍ଜୟ କୁମାର ଅଗ୍ରୱାଲ, ଉମାଶଙ୍କର ଦାସ, କବିତା ମହାନ୍ତ, ଶିବୁ ପେରିୱାଲ, ମହେଶ୍ୱର ନାୟକ, ନରେଶ ପୁଥାଳ, ରାଜା ବେହେରା, ବିଜୟ ବାରିକ, ସୁରଜ ସିଂ, ଜଗମୋହନ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷା କରିଥିଲେ।

## ଜାତୀୟ ସ୍ମାରକୀ ପ୍ରାଧିକରଣ ଅଧ୍ୟକ୍ଷଙ୍କ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ

**ଖିଚିଙ୍ଗ, ୧୧।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରିଛନ୍ତି ଜାତୀୟ ସ୍ମାରକୀ ପ୍ରାଧିକରଣ ଅଧ୍ୟକ୍ଷ କିଶୋରକୁମାର ବସା। ମନ୍ଦିର ପରିସରରେ ଏକ ବହୁ ପୁରାତନ ସଂଗ୍ରହାଳୟ ମଧ୍ୟ ରହିଛି। ଗତକାଲି ଶ୍ରୀ ବସା ମନ୍ଦିର ପରିଦର୍ଶନ କରିବା ସହିତ ସଂଗ୍ରହାଳୟ, ବିରାଟ ଗଡ଼, କୀଚକଗଡ଼, ଅମାର ଘର, କୁକୁଡ଼ା ଘର ଆଦି ବୁଲି ଦେଖିଥିଲେ। ତାଙ୍କ ସହିତ ସ୍ଥାନୀୟ ତହସିଲଦାର, ବିଡ଼ିଓ ଓ ମନ୍ଦିର ପରିଛା ଅଜୟ କୁମାର ସାହୁ ଉପସ୍ଥିତ ଥିଲେ। ଭବିଷ୍ୟତରେ କିଭଳି ଏହିସବୁ ସ୍ଥାନକୁ ବିକଶିତ କରାଯାଇପାରିବ ସେ ବାବଦରେ କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

## ବାରିପଦାରେ ଇଦ୍ ପର୍ବ ପାଳିତ

**ବାରିପଦା, ୧୧।୪(ସମିସ):** ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ୍ ପର୍ବ ବାରିପଦା ସହରରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ମସଜିଦ ମାନଙ୍କରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନବାଜ୍ ପାଠ କରିଥିଲେ। ଏହାପରେ ପରସ୍ପରକୁ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ। ମୁସଲିମ ଧର୍ମାବଲମ୍ବୀମାନେ ଦୀର୍ଘ ଏକ ମାସର ନିଷ୍ଠାର ସହ ଉପବାସ ନୀତି ପରେ ଇଦ ପାଳନ କରିଥିବା ବେଳେ ତାଙ୍କ ମଧ୍ୟରେ ବେଶ ଖୁସି ଦେଖିବାକୁ ମିଳିଥିଲା। ଇଦ ପର୍ବ ନେଇ ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ମସଜିଦ ଗୁଡିକରେ ଶ୍ରଦ୍ଧାଳୁ ମାନେ ନୂଆ ବସ୍ତ୍ର ପରିଧାନ କରି ମହାଆଡମ୍ବରରେ



ଇଦ ପର୍ବ ପାଳନ କରିଛନ୍ତି। ଇଦ ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା। ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକମାନେ ଇଦ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଛନ୍ତି। ବିଜେଡ଼ିର ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ଓ ବାରିପଦା ବିଧାୟକ ପ୍ରାର୍ଥୀ ସାନନ୍ଦ ମାରାଣ୍ଡି ସହରର ବିଭିନ୍ନ ମସଜିଦଗୁଡିକ ବୁଲି ସ୍ଥାନୀୟ ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି। ଇଦ ପର୍ବକୁ ନେଇ ଶାନ୍ତି ଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ଇଦ୍‌ପର୍ବ ପାଳିତ ହୋଇଛି।

# ବଡ଼ଡାଲିମାରେ ସୁଦାମ ଓ ରାଇସେନଙ୍କ ପ୍ରଚାର ଜୋର୍‌ଦାର

**ବଡ଼ଡାଲିମା/ତିରିଙ୍ଗ, ୧୧।୪(ସମିସ):** ତିରିଙ୍ଗ ବ୍ଲକ ଅନ୍ତର୍ଗତ ବଡଡାଲିମାରେ ଆଜି ବିଜେଡିର ଲୋକସଭା ପ୍ରାର୍ଥୀ ସୁଦାମ ମାରାଣ୍ଡି ଓ ରାଇରଙ୍ଗପୁର ବିଧାନସଭା ପ୍ରାର୍ଥୀ ରାଇସେନ ମୁର୍ମୁ ଜୋରସୋର ପ୍ରଚାର ଆରମ୍ଭ କରିଛନ୍ତି। ଆଜି ବଡଡାଲିମା ରାଧାକୃଷ୍ଣ ମନ୍ଦିରରୁ ନିଜ ନିଜର ପ୍ରଚାର ଆରମ୍ଭ କରିଛନ୍ତି ଉଭୟ ନେତା। ଶହ ଶହ ଦଳୀୟ ସମର୍ଥକଙ୍କ ଉପସ୍ଥିତିରେ ମନ୍ଦିରରେ ପୂଜାପାଠ କରିବା ପରେ ରାମେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚି ଆଶୀର୍ବାଦ ନେଇଥିଲେ। ସଂଖ୍ୟାଧିକ କର୍ମୀ ତଥା ସମର୍ଥକଙ୍କ ନାରାବାଜିରେ ପଦଯାତ୍ରା ମାଧ୍ୟମରେ ଶୋଭାଯାତ୍ରା ଆରମ୍ଭ କରିଥିଲେ। ପଶ୍ଚିମ ମୟୂରଭଞ୍ଜ ଜୋନର ସଭାପତି କାଶୀନାଥ ହେମ୍ବ୍ରମ୍, ବଡଡାଲିମା ସମିତି ସଭ୍ୟ ବଳଭଦ୍ର ହେମ୍ବ୍ରମ୍, ୨୦ ନମ୍ବର ଜୋନର ଜିଲ୍ଲାପରିଷଦ ପରେଶ ମୁଣ୍ଡା, ୨୧ ନମ୍ବର ଜୋନର ଜିଲ୍ଲା ପରିଷଦ



ସଭ୍ୟା ଜନତା ବସା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜେମାମଣି ସୁନଢ଼ି, ରାଜୁ ବସା, ପଶ୍ଚିମ ମୟୂରଭଞ୍ଜ ଜୋନର ସେକ୍ରେଟାରୀ ଉତ୍ତମ ମହାପାତ୍ର, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ପୂର୍ତ୍ତି ପ୍ରମୁଖ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଆଦିବାସୀ ପାରମ୍ପରିକ ନୃତ୍ୟ, ବାଦ୍ୟରେ ଦୁଇ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା।

# ୧୬ଟି ବିଧାନସଭା ଆସନରେ ଲଢ଼ିବ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା




**ରାଇରଙ୍ଗପୁର, ୧୧।୪(ସମିସ):** ରାଇରଙ୍ଗପୁର କଲ୍ୟାଣ ମଣ୍ଡପରେ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଡୋଶୀ ଝାଡଖଣ୍ଡର ମନ୍ତ୍ରୀ ଦୀପକ ବିରୁଆ, ସମ୍ମାନିତ ଅତିଥି ଭାବେ ବହଡାଗୋଡା ବିଧାୟକ ସମୀର ମହାନ୍ତି ସହିତ ଓଡ଼ିଶା ପ୍ରଦେଶ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଅଧ୍ୟକ୍ଷା ଅଞ୍ଜନୀ ସୋରେନ ମାର୍ଣ୍ଡି ଓ ରାଜ୍ୟ ସଭାପତି ଶ୍ୟାମଚରଣ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଲୋକସଭା ସମେତ ୧୬ଟି ବିଧାନସଭା ଆସନରେ ଜେଏମ୍‌ଏମ୍ ଲଢିବ ବୋଲି ଶ୍ରୀ ବିରୁଆ ପ୍ରକାଶ କରିଥିଲେ। ମୟୂରଭଞ୍ଜ ଲୋକସଭା ଆସନ ସମେତ ସାରସକଣା, ରାଇରଙ୍ଗପୁର, ବାଙ୍ଗରିପୋଷି, ମୋରଡା, ଯଶିପୁର, ବାରିପଦା, ଉଦଳା, କରଞ୍ଜିଆ, ବୀରମିତ୍ରପୁର, ବଣାଇ, ରାଜଗାଙ୍ଗପୁର, ରଘୁନାଥପାଲି, ବସ୍ତା, ସୁକିନ୍ଦା, ପରଜଙ୍ଗ ଓ ଚମ୍ପୁଆ ଆସନରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ନିର୍ବାଚନ ଲଢ଼ିବ ବୋଲି ସୂଚନା ଦେଇଥିଲେ। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ଦୁବରାଜ ନାଗ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସାଲୁ କିସ୍କୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦାରାସିଂ ମୁଣ୍ଡା, ସଦସ୍ୟା ସରୋଜିନୀ ମୁର୍ମୁ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଘନଶ୍ୟାମ ପିଙ୍ଗୁଆ, ସଭାପତି ସୁନୀଲ ମାଝୀ, ଜିଲ୍ଲା ପ୍ରବକ୍ତା ସନ୍ତୋଷ କୁମାର ମୁର୍ମୁ, ଉପସଭାପତି ମଦନ ମୋହନ ମାଣ୍ଡି, ଭୂବନ ଟୁଡୁ, ଯଶୋବନ୍ତ ବାରିକ, ବାବୁଲାଲ ମୁର୍ମୁ, ପୂର୍ବ ମୟୂରଭଞ୍ଜ ସଭାପତି ପୁଥୁରାଜ ହାଁସଦା, ସମ୍ପାଦକ କିଶ୍ନର ହାଁସଦାଃ, ଯୁବ ସଭାପତି ଆକାଶ ସିଂ, ସନାତନ ମୁର୍ମୁ, ରମେଶ ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ମୀନା ସୋରେନ, ବିନ୍ଦୁସ୍ମିତା ସିଂ ଦେଓ, ଶୀତଳ କିସ୍କୁ, ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୁନାରାମ ଟୁଡୁ, ରାଇରଙ୍ଗପୁର ବ୍ଲକ ଉପସଭାପତି କାଳୀଚରଣ ଟୁଡୁ ପ୍ରମୁକ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ; ଯୁବକ କୋର୍ଟଚାଲାଣ

**ବେତନଟୀ, ୧୧।୪(ସମିସ):** ବେତନଟୀ ଥାନା ଇଲାକାରେ ଜନୈକା ମହିଳାଙ୍କୁ ଟଣାଓଟରା କରି ମାଡମାରିବା ତଥା ଅର୍ଦ୍ଧଉଲଗ୍ନ କରିବା ସହିତ ଅସଦାଚରଣ କରିବା ଅଭିଯୋଗରେ ଆକ୍ରମଣକାରୀ ଯୁବକକୁ ଗିରଫକରି ଗୁରୁବାର କୋର୍ଟଚାଲାଣ କରିଛି ପୁଲିସ। ଗିରଫ ଯୁବକ ଜଣକ ହେଉଛି ଆମ୍ବଯୋଡା ଗ୍ରାମର ସନ୍ତୁ ଓରଫ ଅଜିତ ମହାନ୍ତ। ଏତଲାକାରିଣୀ ପୀଡିତାଙ୍କ ଅଭିଯୋଗ ମୁତାବକ ଚଳିତମାସ ୯ ତାରିଖ ରାତି ୮ଟା ପାଖାପାଖି ସମୟରେ ଘର ସମ୍ମୁଖରେ ପାଟିତୁଣ୍ଡ ଶୁଣି ବାହାରକୁ ଦୌଡି ଆସିଥିଲେ। ପୀଡିତାଙ୍କ ସ୍ୱାମୀଙ୍କ ତଣ୍ଟିଚିପି ଦୁଇଜଣ ଯୁବକ ମାଡମାରୁଥିବା ପୀଡିତା ଏତଲାରେ ଦର୍ଶାଇଛନ୍ତି। ସ୍ୱାମୀଙ୍କୁ ବଞ୍ଚାଇବାକୁ ପୀଡିତା ଏବଂ ନଣନ୍ଦ ଦୌଡି ଆସିଥିବା ବେଳେ ଅଜିତ ନଣନ୍ଦଙ୍କୁ ଆକ୍ରମଣ ପୂର୍ବକ ଟଣାଓଟରା କରି ଅର୍ଦ୍ଧଉଲଗ୍ନ କରିବା ସହିତ ଅସଦାଚରଣ କରିଥିଲା। ଏ ନେଇ ବେତନଟୀ ପୁଲିସ ଏକ ମାମଲା ରୁଜୁକରି ଅଜିତକୁ ଗିରଫ କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷାପରେ ଗୁରୁବାର ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରିଛି।

### ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଶିକ୍ଷା ହିଁ ସଫଳତାର ଚାବିକାଠି



**ଉଦଳା, ୧୧।୪(ସମିସ):** ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁମତି ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଦ୍ୟାଧର ଜେନା, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେନ୍ଦ୍ର କୁମାର ଦାସ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀତିଶ କୁମାର ଘୋଷ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମିନତୀମଞ୍ଜରୀ ପଣ୍ଡା, ସନ୍ଧ୍ୟାରାଣୀ ବାରିକ ଓ ହେଲେନା ସିଂ, ଉଦଳା ସିଆରସିସି ଆଦ୍ୟାଶା ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁଣାତ୍ମକ ଶିକ୍ଷା ଶିଶୁର ସାମଗ୍ରିକ ବିକାଶରେ ପ୍ରଧାନ ଭୂମିକା ନିର୍ବାହ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ପୁରାତନ ଛାତ୍ର ସଂସଦର ଜିତେନ୍ଦ୍ରନାଥ ହେମ୍ବ୍ରମ ଏବଂ ସୀତାକାନ୍ତ ମହାପାତ୍ରଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ସହଦେବ ପକ୍ଷତ୍ର, ସ୍ୱର୍ଣ୍ଣପ୍ରଭା ବରାଳ, ପୁଷ୍ପିତା ବେହେରା, ମାନସ୍ୱନୀ ପାତ୍ର, ସବିତା ନାୟକ, ବିମଳମଣି ସେଠୀ, ନମିତା ପ୍ରଧାନ ତଥା ପରିଚାଳନା କମିଟିର ସଭ୍ୟସଭ୍ୟା, ପୁରାତନ ଛାତ୍ରଛାତ୍ରୀ, ଅବିଭାବକମାନେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଅଜୟ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

### ବିନା ସୂଚନା ଫଳକରେ ଚାଲିଛି କରଞ୍ଜିଆ ପ୍ରାଣୀ ଚିକିତ୍ସାଳୟ ଗୃହ ନିର୍ମାଣ

# ରାତାରାତି ବାଲି ବଦଳରେ ଭର୍ତ୍ତି ହେଉଛି ମାଟି

**କରଞ୍ଜିଆ, ୧୧।୪(ସମିସ)**



ପ୍ରାଣୀ ସମ୍ପଦର ବିକାଶ ପାଇଁ ସରକାରୀସ୍ତରରେ ବ୍ୟାପକ ଯୋଜନା ହେବା ସହିତ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; ହେଲେ ବିଭାଗୀୟ ଯନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀଙ୍କ ଅବହେଳାରୁ ପ୍ରାଣୀ ଚକିତ୍ସାଳୟର ଭିତ୍ତିଭୂମି ଦିଗହରା ହେବାରେ ଲାଗିଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି କରଞ୍ଜିଆ ପ୍ରାଣୀ ଚିକିତ୍ସାଳୟରେ। ଏଠାରେ ଚାଲିଥିବା ନୂତନ ଗୃହ ବିନା ସୂଚନା ଫଳକରେ ଚାଲୁଥିବାବେଳେ ରାତାରାତି ବାଲି ଜାଗାରେ ମାଟି ଭର୍ତ୍ତି କରାଯାଉଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ପ୍ରାଣୀ ଚିକିତ୍ସାଳୟ ପରିସରରେ ନୂତନ କୋଠା ନିର୍ମାଣ ଚାଲିଛି; ହେଲେ କେଉଁ ବିଭାଗର କାର୍ଯ୍ୟ, ବ୍ୟୟ ଅଟକଳ ମୂଲ୍ୟ କେତେ, କିଏ କାର୍ଯ୍ୟ କରୁଛି ସେ ନେଇ କୌଣସି ସୂଚନା ଫଳକ ଲଗାଯାଇନାହିଁ। ତେଣୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ନିଜ ଇଚ୍ଛାରେ ବାଲି ବଦଳରେ ମାଟି ଭର୍ତ୍ତି କରୁଛନ୍ତି; ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ନେଇ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବି ନିମ୍ନମାନର କାମ ଚାଲିଛି। ବିଭାଗୀୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯନ୍ତ୍ରୀଙ୍କ ଦ୍ୱାରା ପ୍ରାଣୀ ଚିକିତ୍ସାଳୟ ନିର୍ମାଣ କାର୍ଯ୍ୟ ହେବାର ନିୟମ ରହିଥିଲେ ମଧ୍ୟ ଏଠାରେ କାହାକୁ ଦେଖିବାକୁ ମିଳୁନାହିଁ। କେବଳ ଝାଡ଼ଖଣ୍ଡ ମିସ୍ତ୍ରୀ ଦ୍ୱାରା ନିର୍ମାଣ ଚାଲିଛି। ଏ ନେଇ ପ୍ରାଣୀ ଚିକିତ୍ସକଙ୍କୁ ପଚାରିବାରୁ ବିଭାଗ ତରଫରୁ କାର୍ଯ୍ୟ ହେଉଥିଲେ ମଧ୍ୟ ସବିଶେଷ ତଥ୍ୟ ତାଙ୍କ ନିକଟରେ ନ ଥିବା କହିଥିଲେ। ଏହି ଅନିୟମିତତା କାର୍ଯ୍ୟର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

## ବ୍ଲକ୍‌ସ୍ତରୀୟ ବ୍ରାହ୍ମଣ ମହାସଭା

**ବୈଶିଙ୍ଗା, ୧୧।୪( ସମିସ):** ବୈଶିଙ୍ଗା ଥାନା ଅଧୀନ ଦଳଦଳି ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅପରାହ୍ନରେ ବ୍ଲକସ୍ତରୀ ବ୍ରାହ୍ମଣ ମହାସଭା ଅନୁଷ୍ଠିତ ହୋଇଥିଲା। ବେତନଟୀ କେନ୍ଦ୍ର ସଭାପତି ପଙ୍କଜ କୁମାର ଦାଶ ଏବଂ ବୈଶିଙ୍ଗା କେନ୍ଦ୍ର ସଭାପତି ରାମଚନ୍ଦ୍ର ପାଣିଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ଏବଂ ବଡ଼ସାହି ସମେତ ବିଭିନ୍ନ ସ୍ଥାନରୁ ବ୍ରାହ୍ମଣ ସମାଜର କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ସାମିଲ ହୋଇଥିଲେ। ବ୍ରାହ୍ମଣ ସମାଜକୁ ସୁସଂଗଠିତ କରିବା, ବ୍ରାହ୍ମଣସମାଜର ସୁରକ୍ଷା ସମେତ ବହୁବିଧ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଗକୁ ବ୍ରାହ୍ମଣ ସମାଜ ସୁରକ୍ଷା ସମିତି ପକ୍ଷରୁ କିଭଳି ଗଠନମୂଳକ କାର୍ଯ୍ୟକୁ ସଫଳ ରୂପରେଖ ଦିଆଯାଇପାରବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ଶେଷରେ ଅକ୍ଷୟ ପାଣିଗ୍ରାହୀ ଶାନ୍ତିପାଠ କରାଇ ସଭା ସମାପନ କରାଯାଇଥିଲା।

ମହିଳାଙ୍କ ବିକାଶ ପାଇଁ ନିବେଶ, ସମାଜର ସବୁକ୍ଷେତ୍ରରେ ନିବେଶ ସହିତ ସମାନ । -ମିଲିଣ୍ଡା ଗେଟ୍ସ



ସକାଳ THE SAKALA

# ‘ଟାଟୁ’ଚିତ୍ର ମୁକ୍ତ ପୁଲିସ୍ ବାହିନୀ

ଶରୀରରେ ଚିତା କୁଟାଇବା ଏକ ଫେସନ । ଏଥିରେ କଳାତ୍ମକତା ଅଛି ଓ ଅନେକଙ୍କ ପାଇଁ ଏହା ଏକ ବିଳାସ । ଏହା ପଛରେ ପରମ୍ପରା ଓ ଏକ ସାଂସ୍କୃତିକ ଛାପ ଥିଲେ ମଧ୍ୟ ଏକଦା ଓଡ଼ିଶାରେ ରାଜାରାଜୁଡ଼ା ଶାସନରେ ଅତ୍ୟାଚାରୀ ନରପତିଙ୍କ ଲୋଲୁପ ଦୃଷ୍ଟିରୁ ନିଜକୁ ବଞ୍ଚାଇବା ପାଇଁ ସୁନ୍ଦରୀ ଲଳନାମାନେ ଦେହରେ ଚିତା କୁଟାଇ ନିଜକୁ ଅସୁନ୍ଦର ଓ ବିବର୍ଣ୍ଣା କରୁଥିଲେ । ଅପରପକ୍ଷରେ କେତେକ କନ୍ଧ ସମ୍ପ୍ରଦାୟର ମହିଳା ଚିତାକୁଟାକୁ ନିଜ ସଂସ୍କୃତିର ଏକ ଅଙ୍ଗ ଭାବେ ଏବେ ମଧ୍ୟ ବଜାୟ ରଖିଛନ୍ତି । ଆଉ ଏବେ ଆଧୁନିକ ସମୟର ଯୁବସମାଜ ପାଇଁ ଟାଟୁ ଏକ ନୂଆ ଉନ୍ମାଦ (କ୍ରେଜ୍) । ଏହା ଏକ ଫେସନ ଚଳଣ ଓ ରୁଚି ପାଲଟି ଯାଇଛି । ଏହି ‘ଫ୍ୟାଡ୍’ ବା ଫେସନ ମଧ୍ୟରେ ଓଡ଼ିଶା ପୁଲିସ୍‌ର ସ୍ୱତନ୍ତ୍ର ସିକ୍ୟୁରିଟି ବାଟାଲିୟନ (ଏସ୍‌ଏସ୍‌ବି) ଅପ୍ରତ୍ୟାଶିତ ଭାବେ ଏକ ନିର୍ଦ୍ଦେଶନାମା ଜାରି କରି କହିଛି ଯେ ୧୫ ଦିନ ମଧ୍ୟରେ ଏହାର ସବୁ ଅଧିକାରୀ ଓ କର୍ମଚାରୀଙ୍କୁ ଶରୀରରେ ଅଙ୍କା ଯାଇଥିବା ଟାଟୁକୁ ହଟାଇବାକୁ ପଡ଼ିବ । ତାହା ନ କଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଆଦେଶ ପରବର୍ତ୍ତୀ ସମୟରେ କ୍ରମଶଃ ରାଜ୍ୟର ସମଗ୍ର ପୁଲିସ ବାହିନୀର ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ହେବ । ଏସ୍‌ଏସ୍‌ବି ଅଧିକାରୀ ଓ କର୍ମଚାରୀମାନେ ଓଡ଼ିଶା ହାଇକୋର୍ଟ, ମୁଖ୍ୟମନ୍ତ୍ରୀଙ୍କ ଆବାସ, ରାଜଭବନ ସମେତ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦପ୍ତର ତଥା ପ୍ରତିଷ୍ଠାନରେ ନିରାପତ୍ତା ଦାୟିତ୍ୱ ବୁଝିଥା’ନ୍ତି ।

ଏଭଳି ଏକ ଆଦେଶ ଅପ୍ରତ୍ୟାଶିତ ଏବଂ ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ । ଏଥିରେ ଏସ୍‌ଏସ୍‌ବିର କର୍ମଚାରୀ ଓ କମିଶନରେଟ ପୁଲିସ କର୍ମଚାରୀମାନେ ଅସନ୍ତୁଷ୍ଟ ହୋଇପାରନ୍ତି ଏବଂ କହିପାରନ୍ତି ଯେ ଏହା ସେମାନଙ୍କର ବ୍ୟକ୍ତିଗତ ବ୍ୟାପାରରେ ଏକ ହସ୍ତକ୍ଷେପ । ଆମ ବିଚାରରେ କିନ୍ତୁ ଏହା ଉଚିତ । ପୁଲିସ୍ ଏକ ଶୃଙ୍ଖଳିତ ପେସାଦାର ବାହିନୀ ଏବଂ ଏହାର ଡ୍ରେସ୍‌କୋଡ୍ ସହିତ ଅନ୍ୟାନ୍ୟ ନୀତି ନିୟମ ରହିଛି । ଓଡ଼ିଶା ପୁଲିସ୍ ମାନୁଆଲ୍‌ରେ ଉପଯୁକ୍ତ ପୋଷାକ ନିୟମ (ଡ୍ରେସକୋଡ୍)ର ବର୍ଣ୍ଣନା ରହିଛି ଯାହାକୁ କର୍ମଚାରୀମାନେ ମାନିବାକୁ ବାଧ୍ୟ । ତଦନୁସାରେ କୌଣସି ପୁଲିସ୍ କର୍ମଚାରୀ କର୍ତ୍ତବ୍ୟପାଳନ ସମୟରେ ମୁଣ୍ଡ ବା ଶରୀରରେ ଜାତିଗତ, ଧାର୍ମିକ ଓ ସମ୍ପ୍ରଦାୟଜନିତ ଚିହ୍ନ ଧାରଣ କରିପାରିବେ ନାହିଁ । ସେମାନଙ୍କର ମୁହଁ ଓ ଶରୀରକୁ ମଧ୍ୟ ଜାତି ଓ ସମ୍ପ୍ରଦାୟଗତ ରୂପରଙ୍ଗରେ ସଜାଇ ପାରିବେ ନାହିଁ । କେବଳ ଶିଖମାନଙ୍କ ପାଇଁ କିଛି ସ୍ୱତନ୍ତ୍ର ରିହାତି ରହିଛି । ଅନ୍ୟମାନଙ୍କ ପାଇଁ ତାହା ନାହିଁ; ଏପରିକି ଦାଢ଼ି ରଖିବାକୁ ହେଲେ ବରିଷ୍ଠ ଅଧିକାରୀମାନଙ୍କଠାରୁ ଅନୁମତି ନେବାର ଆବଶ୍ୟକତା ରହିଛି । ପୁଲିସ୍ ଏକ ଶୃଙ୍ଖଳିତ ବାହିନୀ ହୋଇଥିବାରୁ ସେମାନଙ୍କ ବେଶ ପୋଷାକ, ବାଳକଟା ସବୁ ଏକାପରି ଓ ନିୟମବନ୍ଧ । ଏହାର ମୁଖ୍ୟ କାରଣ ହେଲା ପୁଲିସ୍ ବାହିନୀ ବା ସମ୍ପୃକ୍ତ ବିଭାଗ ପେସାଦାରୀ ଦୃଷ୍ଟିକୋଣକୁ ଗୁରୁତ୍ୱ ଦିଏ ଏବଂ ତଦନୁସାରେ ନିଜର କର୍ମଚାରୀଙ୍କୁ ଶୃଙ୍ଖଳିତ ରଖେ । ସୁତରାଂ ପୁଲିସ କର୍ମଚାରୀ ଯଦି ଧାର୍ମିକ ଓ ଅନ୍ୟାନ୍ୟ ସଂବେଦନଶୀଳ ବିଷୟବସ୍ତୁ ଉପରେ ଶରୀରରେ ଟାଟୁ କରିବେ, ତାହା ବୃତ୍ତିଗତ ଓ ନିରାପତ୍ତା ଜନିତ ବିପଦ ସୃଷ୍ଟି କରିପାରେ । ଏହା ମଧ୍ୟ ପୁଲିସ ବାହିନୀକୁ ଜାତି ଓ ଧର୍ମ ଆଧାରରେ ବିଭାଜିତ କରିବାର ଆଶଙ୍କା ରହିଛି । ଗଣହିଂସା ଓ ଗଣ୍ଡଗୋଳ ସମୟରେ ଲୋକେ ଜାତି ଧର୍ମ ଆଧାରରେ ଏହି ଟାଟୁକୁ ଦେଖି କର୍ମଚାରୀଙ୍କୁ ଆକ୍ରମଣ କରିପାରନ୍ତି ।

ପୁଲିସ ସେବା / ଚାକିରି ଅତ୍ୟନ୍ତ ଆନୁଷ୍ଠାନିକ ବା ଔପଚାରିକ ଏବଂ ଏହା ଅତ୍ୟନ୍ତ ଶୃଙ୍ଖଳିତ । ସେହି ଶୃଙ୍ଖଳା ଏହାର ଆଚରଣ, ଉଚ୍ଚାରଣ ଏବଂ ବେଶ ପୋଷାକରେ ରହିବାକୁ ବାଧ୍ୟ । ସୁତରାଂ ଟାଟୁ ଏକ ଫେସନ ଚିହ୍ନ ଏବଂ ପୁଲିସ୍ ମାନୁଆଲ ବହିର୍ଭୂତ । ତେଣୁ ତାହା ଆଦୌ ଗ୍ରହଣୀୟ ନୁହେଁ । ସାଧାରଣ ଲୋକ ଏହା ଦେଖିଲେ ପୁଲିସକୁ ଚପଳ ଓ ନିଷ୍ଠାବିହୀନ ବୋଲି ଧରି ନେଇପାରନ୍ତି । ଏହାଦ୍ୱାରା ପୁଲିସ ବାହିନୀର ଛବି ମଳିନ ହେବାର ଆଶଙ୍କା ଥାଏ ।

ଅବଶ୍ୟ କେତେକ ଯୁକ୍ତି କରିପାରନ୍ତି ଯେ ସେନାରେ ଟାଟୁକୁ ଅନୁମତି ପ୍ରଦାନ କରାଯାଇଛି । ତେବେ ସତକଥା ହେଲା ଯେଉଁ ଟାଟୁ ଆପତ୍ତିଜନକ ନୁହେଁ, ଯଥା ଜଣେ ସୈନିକ ବା ଅଧିକାରୀ ନିଜ ହାତରେ ନିଜର ନାମ ଟାଟୁ କରିବା ବା ଅନୁରୂପ ଚିତାକୁଟାକୁ ସେନା ଅନୁମତି ଦେଇଛି । ଯେଉଁ ଟାଟୁ ଅଣ ଆପତ୍ତିଜନକ, ଭଦ୍ର ଏବଂ ସୁନ୍ଦର ସେଥିରେ ସେନାର କିଛି ଆପତ୍ତି ନାହିଁ । ଉପରିସ୍ଥ ଅଧିକାରୀଙ୍କଠାରୁ ଅନୁମତି ନେଇ ଜଣେ ଏହି ଚିତା କୁଟାଇପାରିବ । ଏବେ କିନ୍ତୁ ଟାଟୁ କେବଳ ବିଚିତ୍ର, ଭୟଙ୍କର ଓ ଅବିବେକୀ ହେଉ ନାହିଁ ଏହା ଏକ ଅଚିନ୍ତନୀୟ ସଂସ୍କୃତି ସୃଷ୍ଟି କରିଛି । ଯେଉଁ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଟାଟୁ କରିଛନ୍ତି, ସେମାନେ କ’ଣ ଏ କ୍ଷେତ୍ରରେ ବିଭାଗୀୟ ନିୟମ ଓ ଶାଳୀନତାକୁ ପାଳନ କରୁଛନ୍ତି? ଏହା ବିଶୃଙ୍ଖଳା ନୁହେଁ ତ ଆଉ କ’ଣ ହୋଇପାରେ?

ମାନବାଧିକାର ପ୍ରେମୀଙ୍କ ପାଇଁ ଏହା ଏକ ଅଗ୍ରହଣୀୟ ନିଷ୍ପତ୍ତି ହୋଇପାରେ । ତେବେ ଏହି ପ୍ରସଙ୍ଗରେ ବ୍ରିଟେନରେ ଘଟିଥିବା ଏକ ଘଟଣାର ଅବତାରଣା ଯୁକ୍ତିଯୁକ୍ତ ମନେ ହୁଏ । ଜଣେ ମହିଳା ସେନା ଅଧିକାରୀ ଯୁଦ୍ଧ ସମ୍ପର୍କୀୟ କିଛି ଗୁପ୍ତ ଖବର ସର୍ବସାଧାରଣଙ୍କ ଗୋଚରରେ ପ୍ରେସ୍‌କୁ ପ୍ରଘଟ କରିଦେଲେ । ଯୁଦ୍ଧ ଗୁପ୍ତ ତଥ୍ୟ ପ୍ରଘଟ ଅଭିଯୋଗରେ ତାଙ୍କୁ ସେନା ବରଖାସ୍ତ କରିବାରୁ ସେ ବ୍ରିଟିଶ ପାର୍ଲାମେଣ୍ଟରେ ନିଜ ଆବେଦନ ରଖି କହିଲେ ବ୍ରିଟେନବାସୀଙ୍କୁ ଯୁଦ୍ଧ ସମ୍ପର୍କରେ ତଥ୍ୟ ଦେଇ ସେ ନିଜର ନାଗରିକ ଅଧିକାର ନିର୍ବାହ କରିଛନ୍ତି । ବହୁ ବିଚାର ବିମର୍ଶ ପରେ ବ୍ରିଟିଶ ପାର୍ଲାମେଣ୍ଟ ତାଙ୍କ ରାୟରେ ସେହି ବରଖାସ୍ତ ମହିଳା ଅଧିକାରୀଙ୍କୁ କହିଲେ, ଯେ ଜଣେ ନାଗରିକ ଭାବରେ ତୁମେ ତୁମ ଦାୟିତ୍ୱ ଓ ଅଧିକାର ସାବ୍ୟସ୍ତ କରିଛ; କିନ୍ତୁ ସେନା ଅଧିକାରୀଭାବେ ସେଥିରେ ରହିବାର ଅଧିକାର ଆଉ ତୁମର ନାହିଁ । ଏଥିରେ ସେନାଭଳି ଶୃଙ୍ଖଳିତ ବାହିନୀର ନୀତି ନିୟମ ଓ ପେସାଦାରୀ ଆଭିମୁଖ୍ୟ କେତେ ଗୁରୁତ୍ୱପୂର୍ଣ୍ଣ ତାହାର ପ୍ରମାଣ ମିଳେ । ଆମ ପୁଲିସ୍ ଓ ବ୍ରିଟିଶ ପୁଲିସର ଦାୟାଦ ଓ ତାହାର ଅଧିକାଂଶ ନିୟମ ଏବେ ମଧ୍ୟ ଏଠାରେ ବଳବତ୍ତର । ତେଣୁ ନୀତି ନିୟମର ଉଲ୍ଲଂଘନ ହେବ କିପରି?

# ସ୍ମାର୍ଟଫୋନ ମାୟାଜାଲରେ ଉପଭୋକ୍ତା



ଡକ୍ଟର ପ୍ରଦୀପ ମହାପାତ୍ର
ବ୍ରହ୍ମପୁର, ମୋ: ୯୪୩୭୦୯୬୯୪୪

ସ୍ମାର୍ଟଫୋନ ବିଶ୍ୱବ୍ୟାପୀ ଇଣ୍ଟରନେଟ ଆହରଣର ପ୍ରମୁଖ ସାଧନ ପାଲଟିବା ପରେ ଏବେ ତାହା ଅନେକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ବିଶେଷକରି କୋଭିଡ-୧୯ ମହାମାରୀ ପରବର୍ତ୍ତୀ ସମୟରେ ସଂଖ୍ୟାଧିକ ଉପଭୋକ୍ତାଙ୍କ ସ୍ମାର୍ଟଫୋନ ବ୍ୟବହାର ଅଭ୍ୟାସ ବଢ଼ିଯାଇଛି । ସେମାନେ ମଧ୍ୟ ହୃଦୟଙ୍ଗମ କରୁଛନ୍ତି ଯେ ଦୈନନ୍ଦିନ ଭିତ୍ତିରେ ସେମାନଙ୍କର ଦୀର୍ଘ ସମୟ ସ୍ମାର୍ଟଫୋନ ସହିତ କଟୁଛି ଏବଂ ଏହି ଅଭ୍ୟାସ ବ୍ୟକ୍ତିତ୍ୱ ବିକାଶର ପ୍ରତିବନ୍ଧକ ସାଜୁଛି । ଫୋନ ବ୍ୟବହାରକୁ ହ୍ରାସ କରିବା ପାଇଁ ଚେଷ୍ଟା କଲେ ବି ଅନେକ ସେଥିରେ ସଫଳତା ପାଇପାରୁ ନାହାନ୍ତି ।

ଭାରତରେ ଡିସେମ୍ବର ୨୦୨୩ ସୁଦ୍ଧା ବ୍ରଡବ୍ୟାଣ୍ଡ ଇଣ୍ଟରନେଟ ସଂଯୋଗ ସଂଖ୍ୟା ୮୨ କୋଟି ଥିବା ବେଳେ ସେଥିମଧ୍ୟରୁ ଅଧିକାଂଶ ସ୍ମାର୍ଟଫୋନ ଉପଭୋକ୍ତା ବୋଲି ଜଣାପଡ଼ିଛି । ଭାରତୀୟ ଟେଲିକମ ନିୟାମକ ‘ଟ୍ରାଇ’ର ତଥ୍ୟ ଅନୁଯାୟୀ ଦେଶରେ ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ୮୩ ଜଣଙ୍କ ନିକଟରେ ମୋବାଇଲ ଫୋନ ଉପଲବ୍ଧ । ଓଡ଼ିଶାରେ ୧୦୦ ଜଣଙ୍କ ମଧ୍ୟରେ ୭୬ ଜଣଙ୍କ ମୋବାଇଲ ଫୋନ ସଂଯୋଗ ରହିଛି । ‘ଇଣ୍ଟରନେଟ ଓ ମୋବାଇଲ ଆସୋସିଏସନ ଅଫ ଇଣ୍ଡିଆ’ ଆନୁକୂଲ୍ୟରେ ପ୍ରକାଶିତ ବିବରଣୀ ଅନୁଯାୟୀ ୨୦୨୩ ସୁଦ୍ଧା ଇଣ୍ଟରନେଟ ଉପଭୋକ୍ତାଙ୍କ ମଧ୍ୟରୁ ୯୦ ପ୍ରତିଶତ ଦୈନିକ ହାରାହାରି ଦେଢ଼ଘଣ୍ଟା ଇଣ୍ଟରନେଟ ବ୍ୟବହାର କରୁଥିଲେ । ଅର୍ଥାତ, ସ୍ମାର୍ଟଫୋନ ଯୋଗେ ଇଣ୍ଟରନେଟ ମଞ୍ଚରେ ମଧ୍ୟ ପହଞ୍ଚୁଥିଲେ । ଦିଲ୍ଲୀକେନ୍ଦ୍ରିକ ଇଣ୍ଟରନେଟ ଚିନ୍ତନ ମଞ୍ଚ ‘ଇସ୍ୟା ସେଣ୍ଟର’ ଓ ‘ଅହମ୍ମଦାବାଦ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟ’ ଆନୁକୂଲ୍ୟରେ ୨୦୨୩ରେ ପ୍ରକାଶିତ ବିବରଣୀରେ ଦର୍ଶାଯାଇଥିଲା ଯେ ଦେଶରେ ୭୪ କୋଟି ଇଣ୍ଟରନେଟ ଉପଭୋକ୍ତା ଦୈନିକ ଚାରି ଘଣ୍ଟା ଯାଏଁ ସ୍ମାର୍ଟଫୋନ ବ୍ୟବହାର କରିଥା’ନ୍ତି ।

ସାଧାରଣ ପରିସଂଖ୍ୟାନରୁ ଜଣାଯାଏ ଯେ ପ୍ରତିଦିନ ଘଣ୍ଟାଏ ଫୋନ ବ୍ୟବହାର କଲେ ବର୍ଷକରେ ୧୫ ଦିନ, ଦୁଇ ଘଣ୍ଟା ବ୍ୟବହାରରେ ୩୦ ଦିନ, ତିନି ଘଣ୍ଟା ବ୍ୟବହାରରେ ୪୫ ଦିନ, ଚାରି ଘଣ୍ଟା ବ୍ୟବହାରରେ ୬୧ ଦିନ, ପାଞ୍ଚ ଘଣ୍ଟା ବ୍ୟବହାରରେ ୭୬ ଦିନ, ଛଅ ଘଣ୍ଟା ବ୍ୟବହାରରେ ୯୧ ଦିନ ଏବଂ ଦୈନିକ ସାତ ଘଣ୍ଟା ବ୍ୟବହାର କଲେ ବର୍ଷରେ ୧୦୦ ଦିନ ବିନିଯୋଗ ହୋଇଥାଏ । ଏକବିଂଶ ଶତାବ୍ଦୀ ତୃତୀୟ ଦଶକ ମଧ୍ୟଭାଗରେ ପ୍ରଚଳିତ ଫୋନ ବ୍ୟବହାରର ଧାରା ଯଦି ଭବିଷ୍ୟତରେ ଜାରି ରହେ ତେବେ ପ୍ରତ୍ୟେକ ଉପଭୋକ୍ତାଙ୍କ ସମ୍ଭାବ୍ୟ ଜୀବଦ୍ଦଶାକୁ କେନ୍ଦ୍ରକରି ଜୀବନର କେତେ ସମୟ କେବଳ ଫୋନ ଦେଖାରେ କଟିଯିବ, ତାହା ମଧ୍ୟ ହିସାବ କରାଯାଇପାରେ । ଉଦାହରଣସ୍ୱରୂପ ଜଣେ ୨୫ ବର୍ଷ ବୟସ୍କ ଯଦି ଦିନକୁ ଚାରି ଘଣ୍ଟା ଫୋନ ସାନ୍ନିଧ୍ୟରେ କାଟୁଛନ୍ତି ଏବଂ ସେ ଶହେ ବର୍ଷ ବଞ୍ଚିବେ ବୋଲି ଧରିନିଆ ଯାଏ, ତେବେ ବର୍ଷକ ଦୁଇ ମାସ ଓ ୭୫ ବର୍ଷରେ ୧୫୦ ମାସ ବା ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ କେବଳ ଫୋନରେ ବିନିଯୋଗ ହେବ । ଏହିଭଳି ଆକଳନ ବ୍ୟକ୍ତି ମାନସରେ ଭୀତି ସଞ୍ଚାର କରିଥାଏ ।

 କ୍ରମବର୍ଦ୍ଧିଷ୍ଣୁ ଫୋନ ବ୍ୟବହାର ଅଭ୍ୟାସ ସମ୍ପର୍କରେ ସଚେତନ ଥାଇ ସମୟସୀମା କମାଇବା ଲାଗି ବାରମ୍ବାର ପ୍ରଚେଷ୍ଟା ସତ୍ତ୍ୱେ ବିଫଳତାର ସମ୍ମୁଖୀନ ହୋଇ ଅନେକ ହତାଶ ହୋଇଥା’ନ୍ତି । ଏହି ସମସ୍ୟା ଆନ୍ତର୍ଜାତିକସ୍ତରରେ ମଧ୍ୟ ଦେଖାଯାଉଛି । ବ୍ରିଟେନର ଖ୍ୟାତନାମା ‘ଦି ଗାର୍ଡିଆନ’ ସମ୍ବାଦପତ୍ର ପକ୍ଷରୁ ଜାନୁୟାରୀ-ଫେବୃୟାରୀ ୨୦୨୪ରେ ପାଠକବର୍ଗଙ୍କୁ ଫୋନ ମାୟାଜାଲରୁ ଉଦ୍ଧାର କରିବା ପାଇଁ ଏକ ‘ଇମେଲ ନିଉଜଲେଟର କୋର୍ସ’ ଆୟୋଜନ କରାଯାଇଥିଲା । ମୁଖ୍ୟତଃ ଯେଉଁମାନେ ଫୋନ ବ୍ୟବହାର କମାଇବା ନିମନ୍ତେ ଆଗ୍ରହୀ, କିନ୍ତୁ ଅଭ୍ୟାସ ପରିବର୍ତ୍ତନ ଲାଗି ବିଭିନ୍ନ ସମସ୍ୟାର ସାମ୍ନା କରୁଛନ୍ତି ସେମାନଙ୍କ ପାଇଁ ଏହି ପ୍ରୟାସ କରାଯାଇଥିଲା । ଫୋନ ବ୍ୟବହାର ପ୍ରତି ଥିବା ଆସକ୍ତିର କାରଣ ଜାଣିପାରିଲେ ସେ ଦିଗରେ ସଫଳତା ମିଳିପାରିବ ବୋଲି କୁହାଯାଇଥିଲା ।

‘ଦି ଗାର୍ଡିଆନ’ ପକ୍ଷରୁ ପ୍ରସାରିତ ଇମେଲଗୁଡ଼ିକରେ ଦର୍ଶାଯାଇଛି ଯେ ସ୍ମାର୍ଟଫୋନ ଆସକ୍ତିର ବିଭିନ୍ନ କାରଣ ମଧ୍ୟରେ ଏଥିରେ ସ୍ଥାନିତ ଆପ୍ଲିକେସନ(ଆପ)ଗୁଡ଼ିକ ପ୍ରଧାନ । ଉପଭୋକ୍ତାଙ୍କୁ ବାନ୍ଧି ରଖିବା ନିମନ୍ତେ ଆପରେ ବିଭବମାନ ଖଚିତ । ଉଦାହରଣସ୍ୱରୂପ, ସମସ୍ତେ ନିଜ ପ୍ରତିରୂପ ପ୍ରଦର୍ଶନ ଏବଂ ପ୍ରସାରକୁ ପସନ୍ଦ କରନ୍ତି । ସ୍ମାର୍ଟଫୋନ ୨୦୦୭ରେ ଉଦ୍ଭାବନ ପୂର୍ବରୁ ଏହି ସୁଯୋଗ ସମାଜର ଶୀର୍ଷ ସ୍ଥାନ ଅଧିକାର କରୁଥିବା ବ୍ୟକ୍ତିତ୍ୱମାନଙ୍କ ନିମନ୍ତେ ସଂରକ୍ଷିତ ଥିଲା । ତେବେ ଫେସବୁକ, ଟୁଇଟର, ୟୁଟ୍ୟୁବରେ ନିଜ ଓ ନିଜ ପରିଚିତ ବର୍ଗଙ୍କ ଫୋଟ ଓ ଭିଡିଓ ଉପଭୋଗ ସର୍ବସାଧାରଣରେ ଉପଲବ୍ଧ ହେବା ପରେ ଏତାଦୃଶ ଆକର୍ଷଣକୁ ସହଜରେ ଏଡ଼ାଇବା ସମ୍ଭବ ହୋଇପାରି ନ ଥାଏ । ବିଶେଷଜ୍ଞମାନେ ଏହାକୁ ଆକର୍ଷଣ ଅର୍ଥନୀତି ‘ଆଟେନସେନ ଇକନୋମି’ ନାମରେ ନାମିତ କରିଥା’ନ୍ତି । ଆପଗୁଡ଼ିକରେ କେତେସଂଖ୍ୟକ ଦର୍ଶକ କ’ଣ ଦେଖିଥା’ନ୍ତି ତାହା ତର୍ଜମା କରି ତଦନୁଯାୟୀ ବିଜ୍ଞାପନ ପ୍ରଦର୍ଶିତ ହୋଇଥାଏ ଏବଂ ଆପ ଆୟୋଜକମାନଙ୍କ ବିଜ୍ଞାପନ ରାଜସ୍ୱ ଆୟ ବଢ଼ିଥାଏ । ଆପଗୁଡ଼ିକ କ୍ଷେତ୍ରରେ ଦର୍ଶକ ଗ୍ରାହକ ନୁହନ୍ତି, ସେମାନଙ୍କ ଆକର୍ଷଣକୁ ହିସାବ କରି ବିଜ୍ଞାପନ ପ୍ରଦର୍ଶିତ ହେଉଥିବା ହେତୁ ଅର୍ଥ ପ୍ରଦାନକାରୀ ବିଜ୍ଞାପକମାନେ ଆପର ଗ୍ରାହକ । କୁହାଯାଏ ଯେ ଆପ ବ୍ୟବହାରରେ ଉପଭୋକ୍ତାଙ୍କ ମସ୍ତିଷ୍କରୁ ଆନନ୍ଦଦାୟକ ରସାୟନ ‘ଡୋପାମାଇନ’ କ୍ଷରଣ ହୋଇଥାଏ । ଉଦାହରଣରେ ନିଜେ ପୋଷ୍ଟ କରିଥିବା ପାଠ୍ୟ, ଚିତ୍ର, ଅଡିଓ ବା ଭିଡିଓକୁ ଅନ୍ୟମାନେ ପସନ୍ଦ ‘ଲାଇକ’ କରିବା ବା ମତାମତ ‘କମେଣ୍ଟ’ ଦେବା ଅବସରରେ ଆମେ ଆନନ୍ଦିତ ହୋଇଥାଉ ଏବଂ ଅଧିକ ଆନନ୍ଦ ଆଶାରେ ବାରମ୍ବାର ଆପ ଖୋଲୁ । ସର୍ବେକ୍ଷଣରୁ ଜଣାଯାଏ ଯେ ସୋସିଆଲ ମିଡିଆରେ ସକ୍ରିୟ ଉପଭୋକ୍ତାଗଣ ଦୈନିକ ଶହେରୁ ଊର୍ଦ୍ଧ୍ୱ ଥର ସ୍ମାର୍ଟଫୋନ ତନଖି(ଚେକ) କରିଥା’ନ୍ତି । କ୍ରମଶଃ ଏହା ଅଭ୍ୟାସରେ ପରିଣତ ହୋଇପଡ଼େ । ଅଭ୍ୟାସ କ୍ରମେ ଆସକ୍ତି(ଆଡିକସନ)ରେ ପରିବର୍ତ୍ତିତ ହେଲେ ଏଥିରୁ ମୁକ୍ତି ଲାଗି ବାଟ ଖୋଜିବାକୁ ପଡ଼େ ।



ସ୍ମାର୍ଟଫୋନକୁ ଏକ ଉପକରଣ ଭାବେ ଗ୍ରହଣ କରାଯିବା କଥା । ପ୍ରତ୍ୟେକ ଉପକରଣକୁ ଯେପରି ବ୍ୟବହାର କରାଯାଏ, ସେହିପରି ଫଳ ମିଳେ । ପରିବର୍ତ୍ତିତ ପରିବେଶରେ ସ୍ମାର୍ଟଫୋନ ଜନଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ପରିଗଣିତ ହେଲାଣି । ଉଦାହରଣସ୍ୱରୂପ, ବିଭିନ୍ନ ସାଧାରଣ ସୁବିଧା-ସୁଯୋଗ ଗ୍ରହଣ, ବିତ୍ତୀୟ କାରବାର ଓ ଯୋଗାଯୋଗ ସ୍ଥାପନ ଲାଗି ଆପାତତଃ ସ୍ମାର୍ଟଫୋନ୍‌ର ବିକଳ୍ପ ନାହିଁ । ଏହି ପରିସ୍ଥିତିରେ ଫୋନ ବ୍ୟବହାରକୁ ପରିତ୍ୟାଗ କରିବା ପ୍ରଶ୍ନ ଉଠୁନଥିବା ସ୍ଥଳେ ଏତଦ୍ୱାରା ବ୍ୟକ୍ତିଗତ ଜୀବନ ଯେପରି ବିପଦଗ୍ରସ୍ତ ନହୁଏ ସେଥିପ୍ରତି ଧ୍ୟାନ ଦେବା ସମୟ ଉପନୀତ । ଦୈନନ୍ଦିନ ଭିତ୍ତିରେ ସ୍ମାର୍ଟଫୋନ ପରଦାରେ ଦୀର୍ଘ ସମୟ ଅତିବାହିତ କରିବା ଦ୍ୱାରା ବିଭିନ୍ନ ସମସ୍ୟା ଉପୁଜିଥାଏ । ଉଦାହରଣସ୍ୱରୂପ, ସୋସିଆଲ ମିଡିଆରେ ବହୁଳ ଉପସ୍ଥିତି ହେତୁ ଉପୁଜୁଥିବା ନକାରାତ୍ମକ ମାନସିକତା ଜୀବନଯାତ୍ରାରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ସୋସିଆଲ ମିଡିଆରେ ବିଭିନ୍ନ ବ୍ୟକ୍ତିଙ୍କ ଆଚାରବ୍ୟବହାର ସହ ନିଜକୁ ତୁଳନା କଲେ ହୀନମନ୍ୟତା ଭାବ ସୃଷ୍ଟି ହୁଏ । ସେହିପରି ସୋସିଆଲ ମିଡିଆର ଆଲଗୋରିଥିମ ଉପଭୋକ୍ତାଙ୍କ ରୁଚି ଅନୁଯାୟୀ ପୋଷ୍ଟ ପ୍ରଦର୍ଶନ କରିବା ଫଳରେ ସମ୍ପୃକ୍ତ ବିଷୟରେ ଧ୍ରୁବୀକରଣ(ପୋଲାରାଇଜେସନ) ମାନସିକସ୍ତରରେ ଅନୁଚିତ ପ୍ରଭାବ ବିସ୍ତାର କରିଥାଏ । ସୋସିଆଲ ମିଡିଆରେ ବ୍ୟସ୍ତ ରହି ବାସ୍ତବ ଦୁନିଆକୁ ଭୁଲିଯିବା ଫଳରେ ପାରିବାରିକ ଓ ବନ୍ଧୁପରିଜନଙ୍କ ସହ ସମ୍ପର୍କ କ୍ଷୀଣ ହୋଇଯିବା ଦେଖିବାକୁ ମିଳେ ।

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସ୍ମାର୍ଟଫୋନ ବ୍ୟବହାର କ୍ରମାଗତ ବୃଦ୍ଧି ପାଇଚାଲିଛି । ଅନେକ ସ୍ତରରେ ସ୍ମାର୍ଟଫୋନ ତଥା ଇଣ୍ଟରନେଟ ସଂଯୁକ୍ତିକୁ ବିକାଶର ମାପକାଠି ଭାବେ ବିଚାର କରାଯାଉଛି । ଯୁକ୍ତରାଷ୍ଟ୍ର ଆମେରିକାରେ ୨୦୨୧ରେ ‘ପିଉ ରିସର୍ଚ୍ଚ ସେଣ୍ଟର’ ପକ୍ଷରୁ ଆୟୋଜିତ ଏକ ସର୍ବେକ୍ଷଣରେ ୩୧ ପ୍ରତିଶତ ମାର୍କିନ ନାଗରିକ ନିରନ୍ତର ଅନଲାଇନରେ ବା ଇଣ୍ଟରନେଟ୍‌ରେ ଉପସ୍ଥିତ ରହୁଥିବା ସ୍ୱୀକାର କରିଥିଲେ । ଛଅ ବର୍ଷ ପୂର୍ବେ ୨୦୧୫ରେ ଅନଲାଇନରେ ଉପଭୋକ୍ତାଙ୍କ ନିରନ୍ତର ଉପସ୍ଥିତି ୨୧ ପ୍ରତିଶତରେ ସୀମିତ ଥିଲା । ମାର୍କିନ ନାଗରିକମାନେ ଦୈନିକ ହାରାହାରି ଆଠ ଘଣ୍ଟା ଡିଜିଟାଲ ମଞ୍ଚରେ ବିତାଉଥିବା ଜଣାଯାଇଥିଲା । ଜନସାଧାରଣଙ୍କ ସ୍ମାର୍ଟଫୋନ ଅଭ୍ୟାସ ସମ୍ପର୍କରେ ନିକଟ ଅତୀତରେ ଆୟୋଜିତ ୮୨ ଗୋଟି ଗବେଷଣା ନିଷ୍କର୍ଷରୁ ଫୋନ ବ୍ୟବହାର ସମସ୍ୟା ଘନୀଭୂତ ହେଉଥିବା ପ୍ରମାଣିତ ହୋଇଛି । ଏହି ପରିବେଶରେ ଫୋନ ବ୍ୟବହାରଜନିତ ନକାରାତ୍ମକ ଦିଗଗୁଡ଼ିକ ସମ୍ପର୍କରେ ସାମୂହିକସ୍ତରରେ ଚେତନା ପ୍ରସାରଣ ଯେତିକି ଜରୁରୀ, ବ୍ୟକ୍ତିଗତ ସ୍ତରରେ ସଂଯମ ଆଚରଣ ଉଦ୍ୟମ ଅଧିକ ଗୁରୁତ୍ୱପୂର୍ଣ୍ଣ ।

# ମହିଳା ଆର୍ଥିକ ସଶକ୍ତୀକରଣ



ପ୍ରତାପ ଚନ୍ଦ୍ର ସାମଲ
କଟକ, ମୋ: ୯୦୯୦୩୨୫୮୦୨

ଆଜି ବିଶ୍ୱରେ ଅଛନ୍ତି ଅଗଣିତ, ବୁଭୁକ୍ଷୁ, ବିଧବା, ଅସହାୟା ନାରୀ, ନିର୍ଯ୍ୟାତିତା ଦୁଃଖିନୀ । ସେମାନେ କର୍ମଠ । କର୍ମ କରି ସେଥିରୁ ଯାହା ରୋଜଗାର ହେବ ସେଥିରେ କିଛି ଖାଇ ବଞ୍ଚିବେ । ତାଙ୍କୁ ଦେଖିବାକୁ କେହି ନାହିଁ । ସେମାନଙ୍କର ଆର୍ତ୍ତଚିତ୍କାର, ଗୁହାରି କାହାକୁ ଶୁଭୁନାହିଁ । ସମସ୍ତେ ନିଜ ନିଜ ବାଟରେ ଚାଲିଛନ୍ତି । କିନ୍ତୁ ବାଲାଂଦେଶର ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍‌ଙ୍କ କାନରେ ବାଜିଛି ସେମାନଙ୍କର ଆର୍ତ୍ତଚିତ୍କାର । ସେମାନଙ୍କୁ ବାଟ ଦେଖାଇଛନ୍ତି । ବଞ୍ଚିବା ପାଇଁ ସେମାନଙ୍କୁ ରାସ୍ତା ଦେଖାଇଛନ୍ତି ଏବଂ ସେମାନଙ୍କ ଆଖିରୁ ଲୁହ ପୋଛି ଦେଇଛନ୍ତି ।

ମହମ୍ମଦ ୟୁନୁସ ବାଲାଂଦେଶର ଚଟ ଗ୍ରାମରେ ୧୯୫୦ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପାଥିଲେ ଜଣେ ବଣିଆ । ସେ ପୁଅର ପାଠ ପଢ଼ା ପାଇଁ ସବୁପ୍ରକାର ସହାୟତା ଯୋଗାଇ ଦେଇଥିଲେ । ମାତା ସୋଫିଆ ଖାତୁନ । ୟୁନୁସ ସ୍କୁଲରେ ଜଣେ ମେଧାବୀ ଛାତ୍ରଥିଲେ । ସ୍କୁଲ ପାଠ ଶେଷ କରି ୟୁନିଭରସିଟ୍‌ରୁ ଅର୍ଥନୀତିରେ ଏମ୍‌ଏ ପାସ୍ କରିଥିଲେ । ୧୯୬୫ ମସିହାରେ ୟୁନୁସ ଫୁଲବ୍ରାଇଟ ସ୍କଲାରସିପ ପାଇ ଆମେରିକା ଯାତ୍ରା କଲେ । ଜଣେ ସରଳ ଓ ସୁଶୀଳ ଧରଣର ପିଲା ଥିଲେ ୟୁନୁସ୍ । ସେ ସର୍ବଦା ସାଧା ସିଧା ଖାଦ୍ୟ ଖାଇ ସନ୍ତୁଷ୍ଟ ଥିଲେ । ଟେଏନ୍ସି ଅନ୍ତର୍ଗତ ନ୍ୟାଶଭିଲର ଭ୍ୟାଣ୍ଡର ବିଲ୍ଟି ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପାଇ ବାଲାଂଦେଶର ଚଟ ଗ୍ରାମସ୍ଥିତ ବିଶ୍ୱବିଦ୍ୟାଳୟକୁ ଫେରି ଆସିଥିଲେ ୧୯୭୨ ମସିହାରେ । ସେଠାରେ ଅର୍ଥନୀତି ବିଭାଗର ମୁଖ୍ୟ ପଦବୀରେ ଅବସ୍ଥାପିତ ହୋଇଥିଲେ ।

ୟୁନୁସ ଚାକିରି କରିବାର ଦୁଇ ବର୍ଷ ପରେ ୧୯୭୪ ମସିହାରେ ବାଲାଂଦେଶରେ ଅକାଳ ମରୁଡ଼ି ପଡ଼ିଲା । ବଂଲାଦେଶର ଅର୍ଥନୀତିର ମୂଳଦୁଆକୁ ଦୋହଲାଇ ଦେଇଥିଲା ସେହି ମରୁଡ଼ି । ଚଟଗ୍ରାମ ବିଶ୍ୱବିଦ୍ୟାଳୟ ନିକଟରେ ବୋରବରା ଗ୍ରାମ । ଆଖି ଆଗରେ ଲୋକମାନେ ଅନାହାରରେ, ଅର୍ଦ୍ଧାହାରରେ ପୋକମାଛି ପରି ମରିଯାଉଥା’ନ୍ତି । ୟୁନୁସ ନିଜ ଆଖିରେ ଏସବୁ ଦେଖି ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଲୋକମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଏବଂ ସେମାନଙ୍କୁ ଅକାଳ ମୃତ୍ୟୁ ଦାଉରୁ ଜୀବନ ବଞ୍ଚାଇବା ପାଇଁ ୟୁନୁସ ପଦାକୁ ବାହାରି ପଡ଼ିଥିଲେ । ୟୁନୁସ ସରକାରଙ୍କୁ ପ୍ରସ୍ତାବ ଦେଲେ ଯେ ଗ୍ରାମୀଣ ବ୍ୟାଙ୍କ ଜରିଆରେ ଗରୀବ ଲୋକଙ୍କୁ ଋଣ ଦିଆଯାଉ, ଯାହା ଫଳରେ ଗରିବ ଲୋକେ ସ୍ୱଳ୍ପ ଋଣ ନେଇ କିଛି ଅର୍ଥ ଉପାର୍ଜନ କରି ବଞ୍ଚିଯିବେ । ଏହି ପ୍ରସ୍ତାବ ଆଧାରରେ ୧୯୭୬ ମସିହାରେ ବାଲାଂଦେଶରେ ଗ୍ରାମୀଣ ବ୍ୟାଙ୍କ ସ୍ଥାପନ କରାଗଲା ।

ୟୁନୁସ୍ କୁହନ୍ତି ମଣିଷ ସମାଜ ପାଇଁ ପଢ଼ିଥିବା ବିଦ୍ୟାର ପ୍ରୟୋଜନ ନ ହୋଇ ପାରିଲେ ସେହି ବିଦ୍ୟାର ପଢ଼ାଶୁଣାର ବା କି ପ୍ରୟୋଜନ? ତେଣୁ ୟୁନୁସ ଆଉ ବେଶି କିଛି ନ ପଢ଼ି ବାହାରି ପଡ଼ିଲେ ଲୋକମାନଙ୍କର ସେବା କରିବା ପାଇଁ । ଏହା ଥିଲା ତାଙ୍କର ମନସ୍ତାତ୍ତ୍ୱିକ ଅଭିବ୍ୟକ୍ତି । ସେ ଯାଇ ଯୋବରା ଗ୍ରାମରେ ଦେଖିଲେ ସେଠାକାର ବାସିନ୍ଦାମାନେ ବାଉଁଶ ପାଟିଆରେ କୁଲା, ଡାଲା, ଟୋପି, ଭୋଗେଇ ଓ ଟୋକେଇ ଆଦି ଜିନିଷମାନ ବୁଣୁଛନ୍ତି । ସେମାନେ ଗରୀବ ହେତୁ ଏ ସବୁ କଞ୍ଚାମାଲ କିଣିବା ପାଇଁ ମହାଜନମାନଙ୍କଠାରୁ ବହୁ ଉଚ୍ଚ ସୁଧରେ ଋଣ ଆଣି ନିଜର ବ୍ୟବସାୟ କରୁଛନ୍ତି । ସେଠାକାର ଲୋକମାନେ ଯାହା ରୋଜଗାର କରନ୍ତି, ମହାଜନମାନଙ୍କଠାରୁ ଆଣିଥିବା ମୂଳ ଉପରେ ଚଢ଼ା ଦରର ସୁଧ ଶୁଝିବା ସାର ହୁଏ । ଶେଷରେ ସେମାନେ ଯେଉଁ ଗରୀବକୁ ସେହି ଗରିବ ହୋଇ ରହିଛନ୍ତି । ୟୁନୁସ ବ୍ୟାଙ୍କମାନଙ୍କୁ ରାଜି କରାଇଲେ ଏହି ଗରିବମାନଙ୍କୁ ସ୍ୱଳ୍ପ ଋଣ ଦେବା ପାଇଁ । କିନ୍ତୁ ବ୍ୟାଙ୍କମାନେ ରାଜି ନ ହେବାରୁ ୟୁନୁସ ନିଜ ଜାମିନଦାରରେ କିଛି ଲୋକଙ୍କୁ ନେଇ ଗୋଷ୍ଠୀ ଗଠନ କରି ବ୍ୟାଙ୍କ ଋଣ ଦେଲେ । ପରେ ଗ୍ରାମ୍ୟବ୍ୟାଙ୍କମାନେ ଏସବୁ ଅନୁସରଣ କରି ଅଳ୍ପ ଅଳ୍ପ କରି ସେହି ଗରିବ ଲୋକମାନଙ୍କୁ ଋଣ ଦେଇଚାଲିଲେ । ଫଳରେ ସେହି ଗ୍ରାମର ମହିଳାମାନେ ରୋଜଗାର ବଢ଼ାଇ ବ୍ୟାଙ୍କ ଋଣ ଶୁଝିବା ସହ ନିଜେ ଦି ପଇସା ପାଇ ଘରସଂସାର ଚଳାଇଲେ । ଯାହାଫଳରେ ଗ୍ରାମୀଣ ବ୍ୟାଙ୍କମାନେ ଆଗେଇ ଆସିଲେ ସେହି ଲୋକମାନଙ୍କୁ ସ୍ୱଳ୍ପ ଋଣ ଦେବାକୁ । ଜଣାଯାଏ ପ୍ରାରମ୍ଭରୁ ୪୨ ଜଣ ମହିଳାଙ୍କୁ ସହାୟତା କରିବାକୁ ଯାଇ ସେମାନଙ୍କ ସୁଧ ବାବଦକୁ ୟୁନୁସ ନିଜେ ୨୭ ଡଲାର ପୈଠ କରିଥିଲେ ।



ପରବର୍ତ୍ତୀ ସମୟରେ ୟୁନୁସଙ୍କ ଏହି ଋଣ ବ୍ୟବସ୍ଥାକୁ ସମଗ୍ର ପୃଥିବୀ ଅନୁକରଣ କରିପାରିଛି । ସବୁ ଗ୍ରାମୀଣ ବ୍ୟାଙ୍କମାନେ ଆଗେଇ ଆସିଲେଣି ଗରିବ ମହିଳାମାନଙ୍କୁ ଗୋଷ୍ଠୀ ମାଧ୍ୟମରେ ଋଣ ଦେବା ପାଇଁ । ପୃଥିବୀର ପ୍ରାୟ ୫୫ଟି ଦେଶରେ ଗ୍ରାମୀଣ ବ୍ୟାଙ୍କମାନଙ୍କ ଦ୍ୱାରା କ୍ଷୁଦ୍ରଋଣର ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି । ଏହାକୁ ମାଇକ୍ରୋକ୍ରେଡିଟ୍ ବା କ୍ଷୁଦ୍ର ଋଣ ବୋଲି କୁହାଯାଉଛି । ଭାରତରେ ମଧ୍ୟ ୟୁନୁସଙ୍କର ପ୍ରଣୀତ ଏହି ମାଇକ୍ରୋଫାଇନାନ୍ସ ଋଣ ଅନେକ ବ୍ୟାଙ୍କମାନେ ଦେଉଛନ୍ତି । ଏହାକୁ ଓଡ଼ିଶାର ସମବାୟ ବ୍ୟାଙ୍କମାନେ ସାଦରେ ଗ୍ରହଣ କରି ପୃଥିବୀ ପାଇଁ ଏକ ଆଦର୍ଶ ପାଲଟି ଯାଇଛନ୍ତି ।

୧୯୯୯ ମସିହାରେ ମହମ୍ମଦ ୟୁନୁସଙ୍କୁ ‘ଇନ୍ଦିରାଗାନ୍ଧୀ ପୁରସ୍କାର’ ପ୍ରଦାନ କରାଯାଇଥିଲା । ଭାରତର ଇଲ୍ଲା ଭଟ୍ଟ ମଧ୍ୟ ୟୁନୁସଙ୍କ ସହ ମିଶି କାମ କରିଥିଲେ ଏବଂ ଭାରତରେ ‘ସେବା ବ୍ୟାଙ୍କ’ ନାମରେ ଏକ ବ୍ୟାଙ୍କ ସ୍ଥାପନ କରିଛନ୍ତି । ଜନସଖାତୁନ ନାମକ ମହିଳାଙ୍କ ସ୍ୱାମୀଙ୍କର କୌଣସି କାରଣରୁ ଚାକିରି ଚାଲିଯିବାରୁ କିପରି ପରିବାର ଚଳାଇବେ ଏହି ଚିନ୍ତାରେ ଥିବା ବେଳେ ସେବା ବ୍ୟାଙ୍କ ସହିତ ଯୋଗାଯୋଗ କରି ପ୍ରଥମେ ବ୍ୟାଙ୍କରୁ ୨୦୦୦ ଟଙ୍କା ଋଣ ଆଣି ବ୍ୟବସାୟ ଆରମ୍ଭ କଲେ । ସେଇ ଟଙ୍କାରେ ଗୋଟିଏ ସାଇକେଲ ରିକ୍‌ସା ସହ ଗୋଟିଏ କୁକୁଡ଼ା ଫାର୍ମ କଲେ । ଏବେ ୩୦୦୦୦ ରୁ ଅଧିକ କୁକୁଡ଼ା ରଖି ଅଣ୍ଡା ପାଇବା ସହ ୫୦ ଗୋଟି ଅଟୋ ରିକ୍‌ସା କରିପାରିଛନ୍ତି ।

୨୦୦୬ ମସିହାରେ ମହମ୍ମଦ ୟୁନୁସଙ୍କୁ ଗ୍ରାମୀଣ ବ୍ୟାଙ୍କର ପିତାମହ ମାନ୍ୟତା ଦିଆଗଲା ଏବଂ ସେହିବର୍ଷ ନିଜ ସେବା ପାଇଁ ନୋବେଲ ପୁରସ୍କାର ଓ ୧୪ ଲକ୍ଷ ଡଲାର ସେ ପାଇଲେ । ସେହି ଟଙ୍କାରେ ୟୁନୁସ ବାଲାଂଦେଶ ଗରୀବ ଦୁଃଖୀରଙ୍କ ଦୁଃଖ ଦୂର କରିବାରେ ଖର୍ଚ୍ଚ କରିବାରେ ସୁଯୋଗ ପାଇଲେ । ୧୯୯୭ ମସିହାରେ ୱାଶିଂଟନରେ ଗୋଟିଏ ମାଇକ୍ରୋକ୍ରେଡିଟ୍ କମିଟି ଗଠିତ ହୋଇଥିଲା । ସେହି କମିଟି କହନ୍ତି ଯେ ୟୁନୁସଙ୍କ ପଦ୍ଧତିରେ ୨୦୦୫ ସାଲ ମଧ୍ୟରେ ଏହା ୧୦ କୋଟି ଦରିଦ୍ର ମଣିଷଙ୍କୁ ଦାରିଦ୍ର୍ୟର ଶିକୁଳି କାଟିବାକୁ ଶିଖାଇଛି । ଏହା ସମବାୟରେ ଏକ ‘ନିରବ ବିପ୍ଲବ’ ବୋଲି କୁହାଯାଏ । ସମବାୟ ମାଧ୍ୟମରେ ନାରୀ ସଶକ୍ତୀକରଣର ସୁଯୋଗ ସୃଷ୍ଟି ହୋଇପାରିଛି ।

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବଙ୍କ ଗୁଣ୍ଡାଗିରି

## ଛଣିଗିରିରେ ସାମ୍ବାଦିକଙ୍କୁ ଆକ୍ରମଣ, ଛଡ଼ାଇନେଲେ ମୋବାଇଲ

■ ଖୋର୍ଦ୍ଧା, ୧୧।୪ (ସମିସ): ପୁଣି ଗୁଣ୍ଡାଗିରି ଦେଖାଇଛନ୍ତି ଚିଲିକା ବିଧାୟକ ତଥା ବିଜେପି ନେତା ପ୍ରଶାନ୍ତ ଜଗଦ୍ଦେବ। ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କ ସହ ପ୍ରଚାର କରୁଥିବା ପ୍ରଶାନ୍ତ ଜଗଦ୍ଦେବ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣ

**ପ୍ରଶାନ୍ତ-ଅପରାଜିତାଙ୍କୁ ଘେରିଲେ ସ୍ଥାନୀୟ ଜନସାଧାରଣ**

**ଚିକିତ୍ସା ପାଇଁ ଗୁରୁତର ସମ୍ବାଦିକ ଏମ୍ସ ସ୍ଥାନାନ୍ତର**

କରିବା ସହ ତାଙ୍କ ମୋବାଇଲ ଛଡ଼ାଇ ନେଇଛନ୍ତି। ପ୍ରଶାନ୍ତଙ୍କ ଆକ୍ରମଣରେ ଗୁରୁତର ଆହତ ସାମ୍ବାଦିକଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଜନସାଧାରଣ ଏମ୍ସରେ ଭର୍ତ୍ତି କରିଛନ୍ତି। ଅନ୍ୟପକ୍ଷରେ ପ୍ରଶାନ୍ତଙ୍କ କାର୍ଯ୍ୟକଳାପରେ କ୍ଷୁବ୍ଧ ଜନସାଧାରଣ ସାଂସଦ ପ୍ରାର୍ଥୀ ଅପରାଜିତା ଓ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଘେରାଉ କରିଛନ୍ତି।

ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ଛଣିଗିରିରେ ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ପ୍ରଚାର କରୁଥିବା ସମୟରେ ସାଂସଦଙ୍କୁ



୫ବର୍ଷର ହିସାବ ମାଗିଥିଲେ ସ୍ଥାନୀୟ ଲୋକ। ଭୋଟ ନେବାବେଳେ ଯେଉଁ ପ୍ରତିଶୃତ ଦେଇଥିଲ କେତେକ ପାଳନ କରିଛ ବୋଲି ଲୋକ ପ୍ରଶ୍ନ କରିଥିଲେ। ସାଂସଦ କୌଶଳ କ୍ରମେ ଏଡ଼ାଇ ଯାଇ ଆଗକୁ ବଢ଼ିବାକୁ ଉଦ୍ୟମ କରିଥିଲେ।

ସାମ୍ବାଦିକ ପ୍ରକାଶ ହାତୀ ଏହି ଦୃଶ୍ୟକୁ ନିଜ ମୋବାଇଲ୍‌ରେ ରେକଡ଼ିଂ କରୁଥିଲେ। ଏହି ସମୟରେ ପ୍ରଶାନ୍ତ ଜଗଦ୍ଦେବ ସାମ୍ବାଦିକ ପ୍ରକାଶ ହାତୀଙ୍କ ହାତରୁ ମୋବାଇଲ ଛଡାଇ ନେବା ସହ ଧକ୍କା ମାରି ତଳେ ପକାଇ ଦେଇଥିଲେ। ଏମିତି କି ଅସଭ୍ୟ ଭାଷାରେ ଗାଳି ଗୁଳଜ କରିବା ସହିତ ହତ୍ୟା ଭଳି ଧମକ ଦେଇଥିଲେ। ଏ ଦୃଶ୍ୟ ପାଖରେ ଥିବା ଅନ୍ୟ ସାମ୍ବାଦିକ ଉତ୍ତୋଳନ କରିବା ବେଳେ ପ୍ରକାଶଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ପ୍ରଥମେ ଖୋର୍ଦ୍ଧା ଓ ପରେ ଏମସରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ।

ଏ ସମ୍ପର୍କରେ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ ସହିତ ଘଟଣାର ତଦନ୍ତ କରି ପ୍ରଶାନ୍ତ ଜଗଦ୍ଦେବଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସାମ୍ବାଦିକମାନେ ଦାବି କରିଛନ୍ତି। ସାମ୍ବାଦିକ ଶ୍ରୀ ହାତୀଙ୍କ ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ବିଧାୟକଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସାମ୍ବାଦିକମାନେ କଳାବ୍ୟାଚ ପରିଧାନ ସହ ଧାରଣା ଦେବେ ବୋଲି ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଶୁଭ୍ରାଂଶୁ ସମାନ୍ତରାୟ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ, ସାମ୍ବାଦିକ ପ୍ରକାଶ ହାତୀ ରାଜ୍ୟ କର୍ମଜୀବୀ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲାର ସଭାପତି ଥିବା ବେଳେ ଏକ ପ୍ରତିଷ୍ଠିତ ନିଉଜ ଚ୍ୟାନେଲର ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି ଅଛନ୍ତି। ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ବିଧାୟକ ଜଗଦ୍ଦେବଙ୍କ ଆକ୍ରମଣ କୁ ଖୋର୍ଦ୍ଧା ଜିଲ୍ଲା ସାମ୍ବାଦିକ ସଂଘ ସମେତ ଓୟୁଜେ ଖୋର୍ଦ୍ଧା, ଉତ୍କଳ ଖୋର୍ଦ୍ଧା, ଓୟୁଡବ୍ଲୁଜେ ଖୋର୍ଦ୍ଧା ପକ୍ଷରୁ ଦୃଢ଼ ନିନ୍ଦା ସହିତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଘୋର ନିନ୍ଦା କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ପ୍ରଶାନ୍ତ ଜଗଦ୍ଦେବ ୨୦୨୧ ସେପ୍ଟେମ୍ବର ୮ ତାରିଖ ବାଲୁଗାଁ ରେ ବିଜେପି କର୍ମୀଙ୍କୁ ଆକ୍ରମଣ କରିଥିଲେ । ସେହିପରି ୨୦୨୨ ମାର୍ଚ୍ଚ ୧୨ ରେ ବାଣପୁରରେ ଲୋକଙ୍କ ଉପରେ ଗାଡି ଚଢାଇ ଜେଲ ଯାଇଥିଲେ। ଏଥିପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଦଳରୁ ବହିଷ୍କାର କରିଥିଲେ। ମାତ୍ର ସେ ବିଜେପିରେ ଯୋଗଦେବା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଖୋର୍ଦ୍ଧା ଆସନରେ ପ୍ରଶାନ୍ତ ଜଗଦ୍ଦେବଙ୍କୁ ବିଜେପି ଟିକେଟ ଦେବାକୁ ଘୋଷଣା କରିଥିଲେ। ଯାହାକୁ ନେଇ ଖୋର୍ଦ୍ଧା ବିଜେପି ପକ୍ଷରୁ କାଳୁ ଖଣ୍ଡାୟତରାୟଙ୍କ କର୍ମୀମାନେ ବିରୋଧ କରିଥିଲେ।

# ସାଂସଦ ଚନ୍ଦ୍ରଶେଖର ଅସୁସ୍ଥ

## ଡାକ୍ତରଖାନାରେ ଭେଟି ଆରୋଗ୍ୟ କାମନା କଲେ ପାଣ୍ଡିଆନ

ଭୁବନେଶ୍ୱର, ୧୧।୪ (ସମିସ): ବିଜେଡିର ବରିଷ୍ଠ ନେତା ବ୍ରହ୍ମପୁର ସାଂସଦ ତଥା ବିଜେଡି ଇସ୍ତାହାର କମିଟିର ଅଧ୍ୟକ୍ଷ ଚନ୍ଦ୍ରଶେଖର ସାହୁ ଅସୁସ୍ଥ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରସ୍ଥିତ ଏକ ପ୍ରସିଦ୍ଧ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଜ୍ଞ ବିଶେଷଜ୍ଞ ଡ଼ାକ୍ତର ଦଳ ତାଙ୍କର ଚିକିତ୍ସା ସେବାରେ ନିୟୋଜିତ ଅଛନ୍ତି।

ଶ୍ରୀ ସାହୁଙ୍କ ଅସୁସ୍ଥତା ଖବର ପାଇ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଡାକ୍ତରଖାନାରେ ପହଞ୍ଚିଛନ୍ତି। ସେ ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହିତ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅନୁରୂପ ଭାବରେ ଶ୍ରୀ ପାଣ୍ଡିଆନ ଡ଼ାକ୍ତରମାନଙ୍କ ସହିତ ଶ୍ରୀ ସାହୁଙ୍କୁ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଶ୍ରୀ ପାଣ୍ଡିଆନଙ୍କ ସହ ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର, ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ମଧ୍ୟ ସାଂସଦ ଶ୍ରୀ ସାହୁଙ୍କୁ ଭେଟି ତାଙ୍କର ଆରୋଗ୍ୟ କାମନା କରିଛନ୍ତି । ଡ଼ାକ୍ତରଖାନାରୁ ଫେରିବା ପରେ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଅସୁସ୍ଥତା ପରେ ଶ୍ରୀ ସାହୁଙ୍କର ଏଠାରେ ଚିକିତ୍ସା ଚାଲିଛି। ଆଜି ଶ୍ରୀ ପାଣ୍ଡିଆନ୍ ନିଜେ ଆସି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଶ୍ରୀ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସୁଛି ଏବଂ କିଛି ଦିନ ମଧ୍ୟରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବା ନେଇ ଆମେ ଆଶାବାଦୀ ଅଛୁ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

ବାରିପଦା, ୧୧।୨(ସମିସ): ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରିଥିବା ଦୁଇଜଣ ଶିକାରୀକୁ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଗିରଫ କରିଛି ବନବିଭାଗ। ଏଥିସହ ସେମାନଙ୍କ ନିକଟରୁ ଦୁଇଟି ବନ୍ଧୁକ, ବାରୁଦ, ମୋବାଇଲ ଓ ଅନ୍ୟାନ୍ୟ ସରଞ୍ଜାମ ମଧ୍ୟ ଜବତ କରାଯାଇଛି। ଅଭୟାରଣ୍ୟର ଦକ୍ଷିଣ ବନଖଣ୍ଡ ପିଠାବଟା ରେଞ୍ଜ ଅନ୍ତର୍ଗତ କେନ୍ଦୁଆ ଗ୍ରାମ ନିକଟରେ ଦୁଇ ଜଣ ଶିକାରୀ ଶିକାର ପାଇଁ ପ୍ରବେଶ କରିବା ସମୟରେ ସ୍ଥାନୀୟ ଗ୍ରାମବାସୀଙ୍କ ନଜର ଆସିଥିଲେ। ପରେ ଏ ନେଇ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଦୁଇଜଣ ଶିକାରୀକୁ ଗିରଫ କରିଥିଲେ। ତାଙ୍କ ନିକଟରୁ ୨ଟି ଦେଶୀ ବନ୍ଧୁକ ଜବତ କରାଯିବା ସହ କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି। ଗିରଫ ଶିକାରୀଦ୍ୱୟ ହେଲେ, ବାରିପଦା ସଦର ଥାନା ଅଧୀନ କେନ୍ଦୁଝରି ଗ୍ରାମର ଜଠା ସିଂ ଓ ଶରତଚନ୍ଦ୍ରପୁରର ଡାକ୍ତର ସିଂ। ତେବେ ଆଗକୁ ଉକ୍ତ ଗ୍ରାମବାସୀଙ୍କ ପ୍ରୟାସ ପାଇଁ ପୁରସ୍କୃତ କରାଯିବ ବୋଲି ବନ ବିଭାଗ କର୍ତ୍ତୃପକ୍ଷ କହିଛନ୍ତି।

■ ଏନ୍‌ଜିଟିରେ ଜାଲ୍ ଦସ୍ତାବିଜ ଦାଖଲ

# ଦୁଇ ଆବେଦନକାରୀଙ୍କୁ ୨୫ ହଜାର ଲେଖାଏଁ ଜରିମାନା

କଟକ,୧୧।୪(ସମିସ): ସୁନ୍ଦରଗଡ଼ର କୋଇଡ଼ାସ୍ଥିତ ଏକ ଇସ୍ପାତ କାରଖାନା ବିରୋଧରେ ପରିବେଶ ମଞ୍ଜୁରୀ ସର୍ତ୍ତାବଳୀ ଉଲ୍ଲଂଘନ ଓ ପ୍ରଦୂଷଣ ସଂକ୍ରାନ୍ତ ଅଭିଯୋଗ ସଂକ୍ରାନ୍ତ ରୁଜୁ ମାମଲାକୁ ରଦ୍ଦ କରିଛନ୍ତି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)। କେବଳ ସେତିକି ନୁହେଁ, ଜାଲ ଦସ୍ତାବିଜ୍ ଓ ଫଟୋ ଦାଖଲ ଅଭିଯୋଗରେ ଦୁଇ ଆବେଦନକାରୀ ଦାଶରଥି ସେଠୀ ଓ ଶୁଭଶ୍ରୀ ସାହୁଙ୍କୁ ଏନ୍‌ଜିଟି ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ଅଦାଲତି ପ୍ରକ୍ରିୟାର ଅପବ୍ୟବହାର ପାଇଁ ଉପରୋକ୍ତ ଜରିମାନା ରାଶି ସେମାନଙ୍କୁ ଦାଖଲ କରିବାକୁ ପଡ଼ିବ। ୧୫ ଦିନ ମଧ୍ୟରେ ଏହି ରାଶି ଜମା ନ କଲେ ଅର୍ଥ ଆଦାୟ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମାଜିଷ୍ଟ୍ରେଟ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି।

କୋଇଡ଼ାରେ ଥିବା ଏକ ଷ୍ଟିଲ ପ୍ଲାଣ୍ଟ ପରିବେଶ ସର୍ତ୍ତାବଳୀ ଉଲ୍ଲଂଘନ କରି ଚାଲୁଥିବା ଅଭିଯୋଗ ନେଇ ଏନଜିଟିରେ ଏହି ମାମଲା ଦାୟର ହୋଇଥିଲା। ଆବଶ୍ୟକ ପ୍ରଦୂଷଣ ନିୟନ୍ତ୍ରଣ ସରଞ୍ଜାମ ନ ଥିବା ନେଇ ଫଟୋଗ୍ରାଫ ମଧ୍ୟ ସଂଲଗ୍ନ କରାଯାଇଥିଲା। ଏନଜିଟିଙ୍କ ଦ୍ୱାରା ଗଠିତ ଏକ କମିଟିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବରିଷ୍ଠ ବୈଜ୍ଞାନିକ ଓ ସୁନ୍ଦରଗଡ଼ ଜିଲ୍ଲାପାଳ ଘଟଣାସ୍ଥଳ ଯାଇ ଯାଞ୍ଚ କରିଥିଲେ ଓ ପରେ ଏନଜିଟିରେ ସତ୍ୟପାଠ ଦାଖଲ କରାଯାଇଥିଲା। ଉପଯୁକ୍ତ ସ୍ଥାନରେ ପ୍ରଦୂଷଣ ନିୟନ୍ତ୍ରଣ ସରଞ୍ଜାମ ବସାଯାଇଛି ଓ ଠିକ୍ ଭାବେ କାର୍ଯ୍ୟ କରୁଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ଏ ସଂକ୍ରାନ୍ତରେ ଆବେଦନକାରୀଙ୍କୁ ପ୍ରତିଜବାବ ଦାଖଲ ପାଇଁ ମାର୍ଚ୍ଚ ୧୧ରେ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ହେଲେ ଏପ୍ରିଲ ୨ ଓ ୩ରେ ଏନଜିଟିରେ ମାମଲାର ଶୁଣାଣି ସମୟରେ ଆବେଦନକାରୀ ଓ ତାଙ୍କ ଆଇନଜୀବୀ ଅନୁପସ୍ଥିତ ଥିଲେ। ଏହାକୁ ବିଚାରକୁ ନେଇ ଏନଜିଟି ମାମଲା ଖାରଜ କରିବା ସହ ଆବେଦନକାରୀଙ୍କୁ ଜରିମାନା ପଇଠ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

## ଲୋକକଥା



ଟିକଟ ନ ପାଇ ସ୍ୱାଧୀନରେ କେତେ
ଲଢ଼ିବାକୁ ସଜ ହେଲେଣି,
ଇସ୍ତଫା ଝଡ଼ରେ ନାଡ଼ ଦୋହଲଇ
ପାଖୁଡ଼ା ଝଡ଼ାଇ ଦେଲାଣି !
କେମିତି ଲଢ଼ିବେ କେଜାଣି,
ପ୍ରାର୍ଥୀଙ୍କଠାରୁ ତ ଅସନ୍ତୋଷିଆଙ୍କ
ସଂଖ୍ୟା ବଢ଼ି ବଢ଼ି ଗଲାଣି !!

## ଅବଶିଷ୍ଟାଂଶ

### ଲୋକସଭାରେ ୩୩...

ସାହୁ, ଉମରକୋଟରରୁ ନବୀନା ନାୟକ, ନବରଙ୍ଗପୁରର କୌଶଲ୍ୟା ପ୍ରଧାନୀ, ଭବାନୀପାଟଣାର ଲତିକା ନାୟକ, କବିସୂର୍ଯ୍ୟନଗରର ଲତିକା ପ୍ରଧାନ, ସୋରଡାର ସଂଘମିତ୍ରା ସ୍ୱାଇଁ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ସେହିପରି ବ୍ରଜରାଜନଗରରୁ ଅଳକା ମହାନ୍ତି, ଝାରସୁଗୁଡ଼ାରୁ ଦୀପାଳି ଦାସ, ତଳସରାରୁ ଅନୁସୟା ପାତ୍ର, ମୋରଡାରୁ ପ୍ରୀତିନନ୍ଦା କାନୁନଗୋ, ଫୁଲବାଣୀରୁ ଜୟଶ୍ରୀ କହଁର, ଖଲ୍ଲିକୋଟରୁ ସୂର୍ଯ୍ୟମଣୀ ବୈଦ୍ୟ ଓ ଆସ୍କାରୁ ମଞ୍ଜୁଳା ସ୍ୱାଇଁ ନିଜର ଭାଗ୍ୟ ପରୀକ୍ଷା କରିବେ। ଅନୁରୂପ ଭାବରେ କେନ୍ଦୁଝରରୁ ମୀନା ମାଝି, ନର୍ଲାରୁ ମନୋରମା ମହାନ୍ତି ଏବଂ ପାରାଦୀପରୁ ଗୀତାଞ୍ଜଳି ରାଉତରାୟ ମଧ୍ୟ ବିଜେଡି ପକ୍ଷରୁ ନିର୍ବାଚନୀ ମୈଦାନକୁ ଓହ୍ଲାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଅନ୍ୟ ଦୁଇ ପ୍ରମୁଖ ରାଜନୈତିକ ଦଳ ଯଥା ବିଜେପି ଓ କଂଗ୍ରେସ ମହିଳା ପ୍ରାର୍ଥୀତ୍ୱକୁ ଏତଟା ଗୁରୁତ୍ୱ ଦେଇନାହାନ୍ତି। ବିଜେପି ପକ୍ଷରୁ ଘୋଷିତ ୧୧୨ ଜଣିଆ ବିଧାନସଭା ପ୍ରାର୍ଥୀ ତାଲିକାରେ ମାତ୍ରୟ ୮ ଜଣ ମହିଳା ସ୍ଥାନ ପାଇଛନ୍ତି। ଏପରିସ୍ଥଳେ ମୁଖ୍ୟମନ୍ତ୍ରୀଙ୍କର ମହିଳା ସଶକ୍ତିକରଣ ପାଇଁ ଏପରି ପ୍ରୟାସ ପ୍ରଶଂସନୀୟ ବୋଲି ବୁଦ୍ଧିଜୀବି ମହଲ ମତପ୍ରକାଶ କରିଛି।

### ଏପ୍ରିଲ୍‌ରେ ଥଣ୍ଡାର...

୨୪ ଡିଗ୍ରୀ ସେଲସିୟସ ରେକର୍ଡ କାରଯାଇଥିବା ବେଳେ ସମ୍ବଲପୁରରେ ୨୫.୭ ଡିଗ୍ରୀ, ହୀରାକୁଦରେ ୨୬.୧ ଓ ଅନୁଗୋଳରେ ୨୬.୭ ଡିଗ୍ରୀ ଦିନ ତାପମାତ୍ରା ରହଛି। ଯାହାକି ଏହି ୪ ସହରର ଏପ୍ରିଲ୍ ମାସରେ ଦିନରେ ରେକର୍ଡ ହୋଇଥିବା ସବୁଠାରୁ କମ୍ ତାପାତ୍ରା ବୋଲି ପାଣପିଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ପଶ୍ଚିମା ଝଡ଼ର ପ୍ରଭାବ ଯୋଗୁଁ ବାୟୁମଣ୍ଡଳର ମଧ୍ୟ ଏବଂ ଉପରିଭାଗରେ ନିମ୍ନଚାପରେଖା ପ୍ରଭାବରେ ଏଭଳି ପାଗ ସୃଷ୍ଟି ହୋଇଥିଲା। ଏହି ୪ ସହରରେ ସର୍ବକାଳୀନ ରେକର୍ଡ ହେବା ସହ ୧୧ ଟି ସହରରେ ତାପମାତ୍ରା ୨୭ ଡିଗ୍ରୀରୁ କମ୍ ରହିଥିଲା।

ତେବେ ଶୁକ୍ରବାରଠାରୁ ରାଜ୍ୟରେ ପାଗ ବଦଳିବା ସହ ଧୀରେ ଧୀରେ ତାପମାତ୍ରା ବୃଦ୍ଧି ପାଇବ। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୪ ଦିନ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୬-୮ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଦ୍ୱାରା ପୁଣି ଥରେ ତାପମାତ୍ରା ୪୦ ଡିଗ୍ରୀ ମୁହାଁ ହେବ। ଅନ୍ୟପଟେ ୧୩ରୁ ରାଜ୍ୟକୁ ଶୁଷ୍କ ବାୟୁପ୍ରବାହ ବୃଦ୍ଧି ହେବା କାରଣରୁ ୧୫ ତାରିଖଠାରୁ ରାଜ୍ୟରେ ପୁଣି ଥରେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ୧୪ ତାରିଖରୁ ରାଜ୍ୟର କିଛି ଜିଲ୍ଲାରେ ଉଷ୍ମ ରାତି ଅନୁଭୂତ ହେବା ନେଇ ମଧ୍ୟ କେନ୍ଦ୍ର ଆକଳନ ଜାରି କରିଛି। ଅନ୍ୟପଟେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହିତ କାଳବୈଶାଖୀ ଜନିତ ହାଲୁକା ବର୍ଷା ନେଇ ମଧ୍ୟ କେନ୍ଦ୍ର ଆକଳନ କରିଛି। ଶୁକ୍ରବାର ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା, ବରଗଡ଼, ନବରଙ୍ଗପୁର ଓ ନୂଆପଡ଼ାରେ ହାଲୁକା ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି।

### ହାଇକୋର୍ଟଙ୍କ ରାୟ...

ହାଇକୋର୍ଟଙ୍କ ରାୟ ଉପରେ ରହିତାଦେଶ ଆଣିପାରିଲେ ହୁଏତ ନିର୍ବାଚନ ଲଢ଼ି ପାରିବେ । ନଚେତ ତାଙ୍କର ନିର୍ବାଚନ ଲଢିବାର ବାଟ ବନ୍ଦ ହେବା ସହ ସଭ୍ୟ ପଦ ରଦ୍ଦ ହେବ। ୨୦୧୯ରେ ହୋଇଥିବା ବାରବାଟୀ-କଟକ ନିର୍ବାଚନ ଅନିୟମିତତା ମାମଲାରେ ହାଇକୋର୍ଟ ତାଙ୍କ ସଦସ୍ୟ ପଦ ରଦ୍ଦ କରିଥିଲେ ଓ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ । ହେଲେ ସେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ସୁପ୍ରିମକୋର୍ଟ ମଧ୍ୟ ଏହା ଉପରେ ଅନ୍ତରୀଣ ରହିତାଦେଶ ଦେଇ ତାଙ୍କ ସଦସ୍ୟତା ବଜାୟ ରହିବ ବୋଲି କହିଥିଲେ । ଆଶ୍ୱସ୍ତି ପାଇ ମୋକିମ ପ୍ରଚାର ମଇଦାନକୁ ଲମ୍ଫ ଦେଇଥିଲେ । ଆଗାମୀ ନିର୍ବାଚନରେ ବାରବାଟୀ-କଟକରୁ କଂଗ୍ରେସ ପ୍ରାର୍ଥୀ ହେବେ ବୋଲି ଆଶା ବାନ୍ଧିଥିଲେ। ସେହି ମାମଲା ଏବେ ବିଚାରାଧିନ ଥିବା ବେଳେ ଏବେ ଓଆର୍‌ଏଚ୍‌ଡିସି ଋଣ ଦୁର୍ନୀତି ମାମଲାରେ ସେ ଦଣ୍ଡିତ ହୋଇଛନ୍ତି । ଏହାକୁ ନେଇ କଂଗ୍ରେସ ସଂଗଠନ ଚିନ୍ତାରେ ପଡିଛି । କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରି ନ ଥିବା ବେଳେ ତାଙ୍କୁ ଟିକଟ ଦେଇ ନ ପାରେ ବୋଲି ଆଲୋଚନା ହେଉଛି । ଦୁଇ ବର୍ଷରୁ ଅଧିକ ଜେଲ ଦଣ୍ଡରେ ଦଣ୍ଡିତ କାରଣରୁ ଦେଶରେ ଜୟଲଳିତା ଓ ଲାଲୁ ଯାଦବଙ୍କ ଭଳି ନେତାଙ୍କ ସମେତ ଝାଡଖଣ୍ଡ,ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ତାମିଲନାଡୁ ଓ ବିହାର ଆଦି ରାଜ୍ୟର ୧୦ରୁ ଅଧିକ ବିଧାୟକ,ସାଂସଦ ସେମାନଙ୍କ ପଦ ହରାଇଥିବାର ନଜିର ରହିଛି । ଅନ୍ୟପକ୍ଷରେ ମୋକିମ କହିଛନ୍ତି ଯେ ଏହା ତାଙ୍କର ଏକ ଆଇନଗତ ଲଢେଇ। ସେ ଉଚ୍ଚନ୍ୟାୟାଳୟର ରାୟକୁ ସମ୍ମାନ କରୁଛନ୍ତି । ଆଇନର ବ୍ୟବସ୍ଥା ଭିତରେ କଣ କରିହେବ ନିଜ ଓକିଲଙ୍କ ସହ ପରାମର୍ଶ ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବେ ବୋଲି କହିଛନ୍ତି।

### ବଡ଼ମ୍ବାରେ 'ଗୋ-ବ୍ୟାକ୍'...

ପ୍ରଦାନର ଯଥାର୍ଥତାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଭର୍ତ୍ତୃହରି ଏହାର କୌଣସି ଉତ୍ତର ରଖି ନପାରିବାରୁ କର୍ମୀଙ୍କ ବିରୋଧ ଉଗ୍ର ରୂପ ନେଇଥିଲା। ଗଣ୍ଡଗୋଳ ଯୋଗୁଁ ଭର୍ତ୍ତୃହରିଙ୍କ ସାଥୀରେ ଥିବା ବିଜେପି କର୍ମୀମାନେ ଛତ୍ରଭଙ୍ଗ ଦେଇଥିଲେ

ଆଜି ପୂର୍ବାହ୍ଣରେ ବଡମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଆର୍ଶୀବାଦ ନିମନ୍ତେ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ଆସିଥିଲେ। ଭର୍ତ୍ତୃହରି ଏବଂ ସମ୍ବିତ୍ ବଡମ୍ବା ବ୍ଲକ ଅନ୍ତର୍ଗତ ଅଭିମାନପୁର ଡାକବଙ୍ଗଳା ଠାରୁ ଏକାଠି ରୋଡ଼ ଶୋ ଆରମ୍ଭ କରିଥିଲେ। ମାତ୍ର ବାଟରେ ଧୋବଣୀ ନାଳ ନିକଟରେ ବିଜେପି କର୍ମୀଙ୍କ ମଧ୍ୟରେ ପ୍ରଥମେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏଠାରେ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରିଙ୍କ ପ୍ରଚାର ଗାଡିକୁ ବିଜେପି କର୍ମୀମାନେ ଆଗକୁ ଛାଡ଼ି ନ ଥିଲେ।। ପୁଲିସ ବୁଝାସୁଝା କରିବା ପରେ ପୁଣି ଥରେ କରଡିବନ୍ଧ ଛକରେ ବିରୋଧ ହୋଇଥିଲା। କରଡିବନ୍ଧ ଛକରେ ଭର୍ତ୍ତୃହରି ଓ ସମ୍ବିତଙ୍କ ଗାଡିକୁ କର୍ମୀମାନେ ଦୀର୍ଘ ସମୟ ଧରି ଅଟକାଇ ରଖିଥିଲେ। ଯଦି ବିଜୟଙ୍କୁ ଟିକେଟ୍ ନଦିଆଯାଏ ତେବେ ବଡମ୍ବାରେ ଭର୍ତ୍ତୃହରିଙ୍କୁ ପ୍ରଚାର କରାଇ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ ବଡମ୍ବା ନିର୍ବାଚନ ମଣ୍ଡଳୀରେ ବିଜେପି ସମ୍ବିତ୍ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଛି; କିନ୍ତୁ ଏହି ନିଷ୍ପତ୍ତିକୁ ସେଠାରେ ବିଜେପି କର୍ମୀମାନେ ଗ୍ରହଣ କରୁ ନାହାନ୍ତି। ବିଜେପିର ଆଶାୟୀ ବିଧାୟକ ପ୍ରାର୍ଥୀ ବିଜୟ ଦଳବେହେରାଙ୍କ ପ୍ରତି ପାର୍ଟି ଅନ୍ୟାୟ କରିଥିବା ଅଭିଯୋଗ କରି କର୍ମୀମାନେ ସାଂସଦ ଭର୍ତ୍ତୃହରିଙ୍କୁ ବିରୋଧ କରିଥିଲେ।

ଗତ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବୀପ୍ରସାଦ ମିଶ୍ର ୯୦ହଜାର ୪୮୩ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ବିଜେପି ପ୍ରାର୍ଥୀ ବିଜୟ ୭୨ହଜାର ୩୦୦ଖଣ୍ଡ ଟିକେଟ୍ ପାଇଥିଲେ। ୪୧ପ୍ରତିଶତ ଭୋଟ୍ ପାଇ ବିଜୟ ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ତେବେ ଏଥର ବଡମ୍ବା ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ଟିକେଟ୍‌ର ପ୍ରକୃତ ହକଦାର ବିଜୟ ଦଳବେହେରା ବୋଲି ଦଳର କର୍ମୀମାନେ କହି ଆସୁଛନ୍ତି। କିନ୍ତୁ ବିଜେପି ଏଠାରେ ସମ୍ବିତ ତ୍ରିପାଠୀଙ୍କୁ ପ୍ରାର୍ଥୀ କରିଛି। ସମ୍ବିତଙ୍କ ଘର ବଡମ୍ବା ନିର୍ବାଚନ ମଣ୍ଡଳୀରେ ହୋଇନଥିବା ବେଳେ ପୂର୍ବରୁ ବଡମ୍ବା ଅଞ୍ଚଳ ପ୍ରତି ତାଙ୍କର କୌଣସି ଅବଦାନ ନାହିଁ ବୋଲି କର୍ମୀମାନେ ଅଭିଯୋଗ କରି ଚାଲିଛନ୍ତି। ଜଣେ କେନ୍ଦ୍ରମନ୍ତ୍ରୀଙ୍କ ପୂର୍ବତନ ସହଯୋଗୀଭାବେ ରାଜ୍ୟ ବିଜେପି ତାଙ୍କୁ ମନଇଚ୍ଛାରେ ଟିକେଟ୍ ଦେଇଛି। ଯାହାର ପରିଣାମ ବିଜେପିକୁ ଭୋଗିବାକୁ ହେବ ବୋଲି କର୍ମୀମାନେ କହିଛନ୍ତି। ଏଭଳି ପରିସ୍ଥିତିରେ ବିଜେପି ସାଂସଦ ଭର୍ତ୍ତୃହରି ପ୍ରଚାର ନକରି ପାରି ବଡମ୍ବାରେ ଫେରି ଆସଥିବା ଖବର ମିଳିଛି।

### ତୃଣମୂଳସ୍ତରରେ...

ହାନି କରୁଛନ୍ତି। ବିଜେପିର ଏହି କାର୍ଯ୍ୟ ଗଣତନ୍ତ୍ର ପ୍ରତି ଏହା ଘୋର ବିପଦ ସୃଷ୍ଟି କରୁଛି। ଏହା ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଘଂନ ବୋଲି ବିଜେଡି ଅଭିଯୋଗ କରିବା ସହିତ ଏପରି ଅନୈତିକ କାର୍ଯ୍ୟରେ ଲିପ୍ତ ନେତା ଓ କର୍ମୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

ବିଜେଡି ପକ୍ଷରୁ କୁହାଯାଇଛି ଯେ ରାଜ୍ୟ ବିଜେପି ବାରମ୍ବାର ଏପରି ବେଆଇନ୍ କାର୍ଯ୍ୟରେ ଲିପ୍ତ ରହୁଛି। ୨୦୧୯ ନିର୍ବାଚନ, ଉପ ନିର୍ବାଚନରେ ଏପରି ଘଟଣା ଦେଖିବାକୁ ମିଳିଥିଲା ଆଉ ଏବେ ୨୦୨୪ ନିର୍ବାଚନରେ ଏହାର ପୁନରାବୃତ୍ତି ଘଟୁଛି। ଏପରି ଏକ ସମ୍ବେଦନଶୀଳ ମାମଲାରେ ହସ୍ତକ୍ଷେପ କରି ତୃଣମୂଳ ସ୍ତରରେ କାର୍ଯ୍ୟରତ ମହିଳା, ସର୍ବୋପରି ଗଣତନ୍ତ୍ର ପ୍ରତି ଦେଖା ଦେଇଥିବା ବିପଦ ଦୂର କରିବା ପାଇଁ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ଅନୁରୋଧ କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ଼ ସସ୍ମିତ ପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ଓମ୍ ପ୍ରକାଶ ସାହୁ, ଡ଼ ସୁରେଶ କୁମାର ବାରିକ, ଇପ୍ସିତା ସାହୁ, ମଧୁସ୍ମିତା ନାୟକ ପ୍ରମୁଖ ସାମିଲ ଥିଲେ।

### ଅରବିନ୍ଦ, ପ୍ରେମାନନ୍ଦଙ୍କ...

ନୋଟିସର କୌଣସି ଉତ୍ତର ରଖିନଥିଲେ। ଏହାପରେ ଦୁଇ ବିଧାୟକଙ୍କୁ ଅପ୍ରେଲ ୧୦ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଅପ୍ରେଲ ୨ ତାରିଖରେ ବାଚସ୍ପତି ଚିଠି କରିଥିଲେ। ମାତ୍ର ସେମାନେ ହାଜର ହୋଇନଥିଲେ। ଏହାପରେ ବାଚସ୍ପତି ପ୍ରମିଳା ମଲ୍ଲିକ ଉଭୟ ବିଧାୟକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଧାୟକ ପଦ ରଦ୍ଦ କରିଛନ୍ତି। ଗଣମାଧ୍ୟମକୁ ବାଚସ୍ପତି ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ସମ୍ବିଧାନର ନିୟମ ଅନୁଯାୟୀ ପଦକ୍ଷେପ ନିଆଯାଇଛି। ଉଭୟ ବିଧାୟକଙ୍କୁ ବ୍ୟକ୍ତିଗତ ଭାବେ ନୋଟିସ ଦିଆଯାଇଥିଲା। ଏହାର କୌଣସି ଉତ୍ତର ଉଭୟେ ରଖିଲେ ନାହିଁ। ଏହାର ସପ୍ତାହକ ପରେ ସେମାନଙ୍କୁ ବ୍ୟକ୍ତିଗତ ଉପସ୍ଥିତ ପାଇଁ ମଧ୍ୟ ଡକାଯାଇଥିଲା। ମାତ୍ର ସେମାନେ ଉପସ୍ଥିତ ହେଲେ ନାହିଁ କିମ୍ବା ଏନେଇ ଅଧିକ ସମୟ ମଧ୍ୟ ମାଗିଲେ ନାହିଁ। ଅତଏବ ଦଳବଦଳ ନୀତି ଅନୁଯାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବାଚସ୍ପତି କହିଛନ୍ତି। ବିଧାୟକଙ୍କ ପାଇଁ ଯାହା ଯାହା ସୁବିଧା ସୁଯୋଗ ଅଛି, ସେଥିରୁ ଉଭୟେ ବଞ୍ଚିତ ହେବେ ବୋଲି ବାଚସ୍ପତି ସ୍ପଷ୍ଟ କରିଛନ୍ତି।

ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି କହିଛନ୍ତି ଯେ ସମ୍ବିଧାନର ଦଶମ ଅନୁଚ୍ଛେଦର ପାରା-୨(୧)କ ଅନୁସାରେ ସେମାନଙ୍କ ବିରୋଧରେ ଦଳ ବଦଳ ନିରୋଧୀ ଆଇନ ଲାଗୁ ହେବାର ଆବଶ୍ୟକତା ଥିଲା। ଏନେଇ ଆମେ ବାଚସ୍ପତିଙ୍କ ନିକଟରେ ପିଟିସନ ଦାଖଲ କରିଥିଲୁ। ସେହି ଅନୁଯାୟୀ ବାଚସ୍ପତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ପ୍ରଶାନ୍ତ କହିଛନ୍ତ।

# ଦୁର୍ଘଟଣାରେ ୩ ପାଟ୍ରୋଲିଂ କର୍ମଚାରୀ ମୃତ

ସୋହେଲା, ୧୧।୪ (ସମିସ): ଜାତୀୟ ରାଜପଥ ସୀମାନ୍ତରେ ଥିବା ଲୁହୁରାଚଟି ନିକଟରେ ଗତକାଲି ରାତିରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଅଶୋକା ବିଲ୍ଡକନ୍ କମ୍ପାନୀ ପାଟ୍ରୋଲିଂ ଗାଡ଼ିର ୩ ଜଣ କର୍ମଚାରୀଙ୍କ ଶୋଚନୀୟ ମୃତ୍ୟୁ ହୋଇଛି। ମୃତକମାନେ ହେଲେ, ବାଲେଶ୍ୱର ଜିଲ୍ଲା ବାସିନ୍ଦା ସୁବ୍ରତ ମଲିକ (୩୫), ସୋହେଲାର ବିକାଶ ଷଣ୍ଢ (୩୨) ଓ ସୋହେଲା ନିକଟସ୍ଥ ବନ୍ଦଲା ଗ୍ରାମର ପାର୍ଥିବ ସାହୁ (୩୦) । ଗତରାତିରେ ଜାତୀୟ ରାଜପଥ ସୀମାନ୍ତ ଲୁହୁରାଚଟି ଅରବିନ୍ଦ ସ୍କୁଲ ନିକଟରେ ଏକ ଟାଟା ଏସ୍ ଗାଡ଼ି ଖରାପ ହୋଇଥିବା ନେଇ ଏନ୍‌ଏଚ୍‌ଏଆଇ ଟୋଲ ଫ୍ରି ନମ୍ବର ୧୦୩୩ରୁ ସୂଚନା ପାଇ ସହାୟତା ଯୋଗାଇ ଦେବାକୁ ଅଶୋକା ବିଲ୍ଡକନ କମ୍ପାନୀର ପାଟ୍ରୋଲିଂ ଗାଡ଼ି ନମ୍ବର ଓଡି୧୭ ଏସ୍-୭୪୬୧ରେ ଉକ୍ତ ୩ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ରାତି ପ୍ରାୟ ୧୧ଟାରେ ଏହି କର୍ମଚାରୀମାନେ ସହାୟତା ପାଇଁ ଅଚଳ ହୋଇପଡ଼ିଥିବା ଗାଡ଼ି ନିକଟରେ ପହଞ୍ଚି ଛିଡ଼ା ହୋଇଥିବା ସମୟରେ ସେହି ରାସ୍ତାରେ ଯାଉଥିବା ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ମଧ୍ୟରୁ ସୁବ୍ରତ ବିବାହିତ ଥିବା ବେଳେ ଅନ୍ୟ ୨ଜଣ ଅବିବାହିତ। ସୋହେଲା ପୁଲିସ ମୃତକମାନଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ପୁଲିସ ଏ ସମ୍ପର୍କରେ ଥାନା କେଶ ନମ୍ବର ୧୯୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମୃତକଙ୍କ ମଧ୍ୟରୁ ସୋହେଲାର ବିକାଶ ଷଣ୍ଢ ଜଣେ ଫୁଟବଲ ଖେଳାଳି ଥିଲେ। ବିକାଶ ଓ ଅନ୍ୟ ଦୁଇ କର୍ମଚାରୀଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି।

**ଅଚଳ ଗାଡ଼ିର ସହାୟତା ପାଇଁ ଯାଇଥିଲେ**


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ପ୍ରଦାନ କରାଯାଉଛି କି ଆମର ଶାଖା ନେଟ୍‌ୱାର୍କର ପୁନର୍ଗଠନ ଏବଂ ଆମର ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ 25.7.2024 ଠାରୁ ଆମର ମହଜୁଦ ଶାଖାକୁ ନିମ୍ନଲିଖିତ ସ୍ଥାନରେ ମିଶ୍ରଣ କରିବା ପାଇଁ ପ୍ରସ୍ତାବ ଅଛି ।

| ମହଜୁଦ ଶାଖା | ମିଶ୍ରଣ ନିମନ୍ତେ ପ୍ରସ୍ତାବିତ |
|---|---|
| କଟକ / ଟ୍ରାକ୍ଟର<br>ପ୍ରଥମ ମହଲା, କୈଳାଶ ପ୍ଲାଜା,<br>ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ବିପରୀତ,<br>ଲିଙ୍କ୍ ରୋଡ୍, ଖାଟନଗର,<br>କଟକ – 753012, ଓଡ଼ିଶା | କଟକ<br>ପ୍ରଥମ ମହଲା, କୈଳାଶ ପ୍ଲାଜା,<br>ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟର ବିପରୀତ,<br>ଲିଙ୍କ୍ ରୋଡ୍, ଖାଟନଗର,<br>କଟକ – 753012, ଓଡ଼ିଶା |

ଫଳସ୍ୱରୂପ, ସମସ୍ତ ଜମାକାରୀ କଟକ ଶାଖା ଦ୍ୱାରା ସେବା ପ୍ରାପ୍ତ କରିବେ

ଏହି ବିଜ୍ଞପ୍ତି ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଗୁଡିକ ଦ୍ୱାରା ସାର୍ବଜନିକ ଜମା ସ୍ୱୀକୃତି (ରିଜର୍ଭ ବ୍ୟାଙ୍କ) ନିର୍ଦ୍ଦେଶନାମା, 2016 ର ଅନୁଚ୍ଛେଦ 31 (1) ଅନୁଯାୟୀ ଜାରି କରାଯାଇଛି ।

SUNDARAM FINANCE®
Enduring values. New age thinking.
ପଞ୍ଜୀକୃତ ଏବଂ ମୁଖ୍ୟ କାର୍ଯ୍ୟାଳୟ: 21, ପଟୁଲୋସ୍ ରୋଡ୍, ଚେନ୍ନାଇ – 600 002
044 - 2852 1181 customercare@sundaramfinance.in

**CAMBRIDGE HIGHER SECONDARY SCHOOL**
AT- DEBOTTAR COLONY, COLLEGE ROAD,
PO/DIST- NAYAGARH, ODISHA- 752069
E-mail: cambridgenayagarh@gmail.com

**FACULTY RECRUITMENT**

Application are invited for the post of junior lecturers on the following subjects:-
**Physics, Chemistry, Mathematics, Botany, Zoology, IT, Odia, English, Sanskrit**
**Qualification:** 55% in post graduation
(M.Sc/MA/M.Tech or higher qualification preferred)
Application are invited for the post of :-
**Demonstrator, Data entry operator, Clerk, Lab attendant, Peon, Sweeper**
**Qualification:**
**For Demonstrator:** Graduation in concerned subject
**For DEO / Clerk:** Graduation with knowledge of computer / PGDCA
**Peon/Sweeper:** 8th pass (or) Equivalent
**Date of Interview : 14.04.2024 at 10 AM onwards**
For any information and query contact:
**9937734149, 7008147910**
Sd/- Secretary

**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
By virtue of an affidavit (Dt. 9/4/2024) before the Notary Public, Bhubaneswar. I have changed my name from **Nikhil Tayal To Nikhhil Tayal.** Henceforth, I shall be known as **NIKHHIL TAYAL,** S/o Radheshyam Agrawal, resident of Sai Tower, 1061, Flat No.C-1, Nayapalli, Bhubaneswar, Pin- 751012, Dist-Khurda, Odisha for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, I Arunbala Paikaray D/o Late Udayanath Jena, W/o Late Sunyabasi Paikaray residing at House No : 508, Paikarasahi, Po: Delta, Baramunda, Ps: Khandagiri, Bhubaneswar-751003 declare that in the ROR issued by Tahasildar, BBSR Mouza-Hatasahi, Khata No: 272/43 my name has been mentioned as ARUN JENA instead of ARUNBALA PAIKARAY. By this affidavit no: 83, Dated 04.04.2024, both the name ARUN JENA & ARUNBALA PAIKARAY is same & one person i.e; me. Henceforth I shall be known as **ARUNBALA PAIKARAY** for all purposes.

## ଚନ୍ଦ୍ରଶେଖର ମହାବିଦ୍ୟାଳୟରେ କଡ଼ା ସୁରକ୍ଷା ବଳୟ

# ଷ୍ଟ୍ରଙ୍ଗ୍ ରୁମ୍‌ରେ ଇଭିଏମ୍ ମେସିନ୍

**ଚମ୍ପୁଆ,୧୧।୪(ସମିସ)**

ଚମ୍ପୁଆ ବିଧାନସଭା ଏବଂ ପାଟଣା ବିଧାନସଭା କ୍ଷେତ୍ର ପାଇଁ ଗତକାଲି ଚନ୍ଦ୍ରଶେଖର ମହାବିଦ୍ୟାଳୟ ଷ୍ଟ୍ରଙ୍ଗରୁମକୁ ଆସିଛି ଇଭିଏମ୍। ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା ଇଭିଏମ୍, ଭିଭିପାର୍ଟ ମେସିନ ଗୁଡ଼ିକୁ କେନ୍ଦୁଝରରୁ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଷ୍ଟ୍ରଙ୍ଗରୁମକୁ ଅଣାଯାଇଛି। ଇଭିଏମ ଭିଭିପାର୍ଟ ମେସିନ ଗୁଡ଼ିକୁ କଡା ସୁରକ୍ଷା ବଳୟରେ ରଖାଯାଇଛି। ୨୪ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ସହ ସଶସ୍ତ୍ର ପୁଲିସ ବାହିନୀ ଷ୍ଟ୍ରଙ୍ଗ ରୁମ ପାଖରେ ମୁତୟନ ହୋଇଛନ୍ତି। ଏଥିସହ ସିସିଟିଭି ଲଗାଯାଇଛି। ଚଳିତ ୨୦୨୪ ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ କରିବା ପାଇଁ ଚମ୍ପୁଆ ଉପଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ତରଫରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ୩ୟ ପର୍ଯ୍ୟାୟ ଅର୍ଥାତ୍ ମେ' ୨୫ତାରିଖରେ ନିର୍ବାଚନ ହେବ। ଚମ୍ପୁଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବଡ଼ବିଲ,ଯୋଡା ପୌରପାଳିକା ଓ ଚମ୍ପୁଆ ଏନ୍‌ଏସିର ୧୧ଟି ୱାର୍ଡ, ଯୋଡା ବ୍ଲକର ୧୯ଟି ପଞ୍ଚାୟତ ଅଞ୍ଚଳ, ଚମ୍ପୁଆ ବ୍ଲକର ୧୭ଟି ପଞ୍ଚାୟତକୁ ନେଇ ଏ ନିର୍ବାଚନ ମଣ୍ଡଳୀ ଗଠିତ।



୩ଟି ସହରାଞ୍ଚଳ ଓ ୩୬ଟି ପଞ୍ଚାୟତ ରହିଛି ଏହି ନିର୍ବାଚନ ମଣ୍ଡଳୀରେ। ସୂଚନାଯୋଗ୍ୟ କି ଏହି ନିର୍ବାଚନ ମଣ୍ଡଳୀରେ ୮୧ଟି ସହରାଞ୍ଚଳ ବୁଥ ହୋଇଥିବା ବେଳେ ୧୭୧ଟି ଗ୍ରାମାଞ୍ଚଳ ବୁଥ ରହିଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ୧,୧୪,୬୧୩ ଜଣ ପୁରୁଷ ଭୋଟର ଥିବା ବେଳେ ୧,୧୫,୯୧୨ ଜଣ ମହିଳା ଭୋଟର ଏବଂ ୭ଜଣ ଅନ୍ୟାନ୍ୟ ଭୋଟରଙ୍କ ସହ ମୋଟ ୨,୩୦,୫୩୨ ଜଣ ଭୋଟର ସେମାନଙ୍କର ମତ ସାବ୍ୟସ୍ତ କରିବାକୁ ଯାଉଛନ୍ତି। ସେହିପରି ପାଟଣା ବିଧାନସଭା କ୍ଷେତ୍ରରେ ମୋଟ ୨୭୩ଟି ବୁଥ ଥିବାବେଳେ ଏଠାରେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୦୫,୫୦୮, ମହିଳା ଭୋଟର ହେଲେ ୧,୦୬,୨୨୮ ଏବଂ ଅନ୍ୟାନ୍ୟ ୨ଜଣ। ଚମ୍ପୁଆ ବିଧାନସଭା କ୍ଷେତ୍ରରେ ମୋଟ ୫ଟି ବ୍ଲକ ଯଥା- ଚମ୍ପୁଆ, ଯୋଡା, ଝୁମ୍ପୁରା, ପାଟଣା ଓ ସାହାରପଡାର ମୋଟ ୫୨୫ଟି ବୁଥ ରହିଛି। ଇଭିଏମ୍ ଓ ଭିଭିପାର୍ଟ ଗୁଡ଼ିକୁ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୁରୁଣା କ୍ୟାମ୍ପସରେ ଥିବା ବିଲଡିଂରେ ପାଟଣା ବିଧାନସଭା ଓ ଲୋକସଭା ଆସନ ପାଇଁ ଇଭିଏମ, ଭିଭିପାର୍ଟ ମେସିନ ରହିଥିବା ବେଳେ ନୂଆ ଏକାଡେମିକ ବିଲଡିଂରେ ଚମ୍ପୁଆ ବିଧାନସଭା ଓ ଲୋକସଭା ଆସନ ପାଇଁ ଉକ୍ତ ମେସିନ ଗୁଡ଼ିକୁ ରଖାଯାଇଛି। ରାଜନୈତିକ ଦଳଗୁଡ଼ିକର ସଦସ୍ୟଙ୍କ ଉପସ୍ଥିତିରେ ଏଗୁଡିକ ଷ୍ଟ୍ରଙ୍ଗ ରୁମରେ ସିଲ୍ କରି ରଖାଯାଇଛି। ଏହି ସମୟରେ ଚମ୍ପୁଆ ଓ ପାଟଣାରେ ନିର୍ବାଚନ ଅଧିକାରୀ, ସହକାରୀ ଜିଲ୍ଲାପାଳ, ବିଭିନ୍ନ ବ୍ଲକର ବିଡିଓ, ସମସ୍ତ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଚୋରି; ଥାନାରେ ଅଭିଯୋଗ

**ଯୋଡା,୧୧।୪(ସମିସ):** ଯୋଡା ସହର ସ୍ଥିତ ଯୋଡା ଇଷ୍ଟ ଏଫ୍‌ଏପି କଲୋନୀରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଏକ ବୁଲେଟ ବାଇକ୍ ଚୋରି ହୋଇ ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ଉକ୍ତ କଲୋନୀରେ ରହୁଥିବା ସାହିଲ ଗାଗରାଇ ନାମକ ବ୍ୟକ୍ତିଙ୍କ ଘରେ ପଶି ବୁଲେଟ ବାଇକ୍ ନଂ ଓଡି୦୯ ଏଏ ୪୧୮୭କୁ ଚୋରି କରି ନେଇଥିଲେ। ଗୁରୁବାର ସାହିଲ ଗାଗରାଇ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି, ଯୋଡା ସହରରେ ଏକ ବାଇକ୍ ଚୋରି ରାକେଟ ସକ୍ରିୟ ରହିଛି। ବାଇକ୍ ଚୋରି ବୃଦ୍ଧି ପାଉଥିଲେ ହେଁ ଚୋରି ବାଇକ୍ ଉଦ୍ଧାର କରିବା କିମ୍ବା ଚୋରଙ୍କ ଟେର୍ ମଧ୍ୟ ପୁଲିସ ପାଇ ପାରୁ ନାହିଁ। ଯୋଡା ଥାନାରେ ଦୀର୍ଘ ଦିନ ଧରି ଚୋରି ବାଇକ୍ ନେଇ ଅଭିଯୋଗ ହୋଇଥିଲେ ହେଁ ପୁଲିସ ବାଇକ୍ ଉଦ୍ଧାର କରିବାରେ ବିଫଳ ହେଉଛି। ପୁଲିସ ପଇଁତରା କଡାକଡି ହେଉ ନ ଥିବା ଅଭିଯୋଗ ହୋଇଛି। ପୁଲିସ ନିଷ୍କ୍ରିୟ ରହୁଥିବାରୁ ଦିନକୁ ଦିନ ଚୋରି, ଲୁଟ ଘଟଣା ସହରରେ ବୃଦ୍ଧି ପାଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## କରମଙ୍ଗୀ - କାନ୍ତଲସୁଆଁ ରାସ୍ତା ମରଣଯନ୍ତା



**ତେଲକୋଇ,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅନ୍ତର୍ଗତ କରମଙ୍ଗୀ ପଞ୍ଚାୟତ ମୁଖ୍ୟାଳୟରୁ କାନ୍ତଲସୁଆଁ ରାସ୍ତା ମରଣଯନ୍ତା ପାଲଟିଛି। ପ୍ରାୟ ୪ କିଲୋମିଟର ଲମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଏହି ରାସ୍ତାରେ ପିଚୁ ଉଠି ମେଟାଲ ବାହାରି ପଡିଥିବା ଯୋଗୁଁ ରାସ୍ତାଟି ମରଣଯନ୍ତା ପାଲଟିଛି ଏହି ରାସ୍ତା। କାନ୍ତଲସୁଆଁ ଗ୍ରାମର ଲୋକମାନେ ପଞ୍ଚାୟତ ମୁଖ୍ୟାଳୟକୁ ଯିବାକୁ ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇଥିବା ବେଳେ କରମଙ୍ଗୀ ଏବଂ ବଳଭଦ୍ରପୁର ପଞ୍ଚାୟତର ଲୋକମାନେ ବ୍ୟାଙ୍କକୁ ଯିବାକୁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାର ଦୂରାବସ୍ଥା ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ସତ୍ତ୍ୱେ ବିଭାଗର ଦାୟୀତ୍ୱହିନତା ଯୋଗୁଁ ବାରମ୍ବାର ଲୋକ ହମସ୍ୟାର ସମ୍ମୁଖୀନ ହେଉଛନ୍ତି। ତବେ ଏହି ରାସ୍ତା ନିର୍ମାଣରେ ମଧ୍ୟ ବହୁ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଧର୍ମପରାୟଣା ମହିଳାଙ୍କ ଦେହାନ୍ତ



**ରାମଚନ୍ଦ୍ରପୁର,୧୧।୪ (ସମିସ):** ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଯେନାପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ରବିନ୍ଦ୍ର ତ୍ରୀପାଠୀଙ୍କ ସହଧର୍ମିଣୀ ଅହଲ୍ୟା ତ୍ରିପାଠୀ (୭୪)ଙ୍କ ଗତକାଲି ସନ୍ଧ୍ୟା ସାଢେ ୫ଟା ସମୟରେ ହୃଦ୍‌ଘାତରେ ପରଲୋକ ଘଟିଛି। ଅହଲ୍ୟା ଘରେ ବସିଥିବା ସମୟରେ ହଠାତ ହୃଦଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ସୁମନ୍ତ, ସାନପୁଅ ସୁଶାନ୍ତ, ବୋହୁ କୁଶଳା ଏବଂ ଦେବସ୍ମିତା ନାତିନାତୁଣୀ ଉପସ୍ଥିତ ଥିଲେ। ଖବର ପାଇ ସ୍ଥାନୀୟ ବସନ୍ତମଞ୍ଜରୀ ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ ଡ.ରତିକାନ୍ତ ବରାଳ, ଅଳତି ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳ, ସମାଜସେବୀ ପ୍ରମୋଦ କୁମାର ଦାସ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ତାଙ୍କ ଯେନାପଦାସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରବା ସହ ସମବେଦନା ଜଣାଇଥିଲେ। ଅହଲ୍ୟା ଜଣେ ଧର୍ମ ପରାୟଣା ମହିଳା ଥିଲେ। ଗାଁ ସ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁଅ ସୁଶାନ୍ତ ତ୍ରୀପାଠୀ ମୁଖାଗ୍ନି ଦେଇଥିଲେ।

## ତେଲକୋଇରୁ ପ୍ରାର୍ଥୀ ହେଲେ ମାଧବ



**କେନ୍ଦୁଝର,୧୧।୪(ସମିସ):** କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା ଆସନ ମଧ୍ୟରୁ ତେଲକୋଇ ଆସନଟି ଗୁରୁତ୍ୱପୂର୍ଣ୍ଣ। ଆସନଟି ଅନୁସୂଚିତ ଜନଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଏହି ଆସନରୁ ଗତ ଥର ବିଜେଡିରୁ ପ୍ରେମାନନ୍ଦ ନାୟକ ବିଜୟୀ ହୋଇଥିଲେ। ସେ ଦଳବଦଳ କରିଥିବାରୁ ଦଳବଦଳ ଆଇନ ଦ୍ୱାରା ପ୍ରେମାନନ୍ଦଙ୍କର ବିଧାୟକ ପଦ ରଦ୍ଦ ହୋଇଛି। ଏହି ଆସନରୁ ମୁଖ୍ୟମନ୍ତ୍ରୀ ପୂର୍ବତନ ସାଂସଦ, ବର୍ତ୍ତମାନର ଜିଲ୍ଲା ବିଜେଡି ସଭାପତି ମାଧବ ସର୍ଦ୍ଦାରଙ୍କୁ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏହାକୁ ନେଇ ଶ୍ରୀ ସର୍ଦ୍ଦାର ଖୁସି ବ୍ୟକ୍ତ କରିଥିବା ବେଳେ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷ, ସାଂଗଠନିକ ସମ୍ପାଦକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥି ସହିତ ତେଲକୋଇ ନିର୍ବାଚନ ମଣ୍ଡଳୀର ଜନସାଧାରଙ୍କର ଆଶିଷ କାମନା କରିଛନ୍ତି।

### ଘଟଗାଁ ମା' ତାରିଣୀଙ୍କ ଚଇତି ପର୍ବ

## ପାର୍ବତୀ ବେଶରେ ଦର୍ଶନ ଦେଲେ ମା'

**କେନ୍ଦୁଝର,୧୧।୪(ସମିସ):** କେନ୍ଦୁଝର ଜିଲ୍ଲାର ଆରାଧ ଦେବୀ ମା' ଘଟଗାଁ ତାରିଣୀଙ୍କର ୮୮ ଚଇତି ପର୍ବ ଗତ ମଙ୍ଗଳବାର ଠାରୁ ଯଥାବିଧି ଆରମ୍ଭ ହୋଇଛି। ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବେଳେ ୩ୟ ଦିନରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହଜାର ହଜାର ଭକ୍ତ ଦର୍ଶନ କରି ମା'ଙ୍କର ଆଶିଷ ଭିକ୍ଷା କରିଛନ୍ତି। ଗୁରୁବାର ମା'ଙ୍କର ପାର୍ବତୀ ବେଶ ଦେଖିବାକୁ ହଜାର ହଜାର ଭକ୍ତଙ୍କ ଭିଡ଼ ଜମିଥିଲା। ଗୁରୁବାର ଦିନବେଳେ ଘଟଗାଁ ମା' ତାରିଣୀ ନୃତ୍ୟ ଶିକ୍ଷା କେନ୍ଦ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱରର ଅସୀମା ପଣ୍ଡା ଓ ଗ୍ରୁପ ଦ୍ୱାରା କାର୍ଯ୍ୟକ୍ରମ, ବାରିପଦା ଛଉ ନୃତ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମଙ୍କୁ ଡିଆଇ ଦକ୍ଷିଣେଶ୍ୱର ମାର୍ଣ୍ଡି, ଇନସ୍‌ପେକ୍ଟର ତ୍ରିଲୋଚନ ନାଏକ, ନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ପରିଚାଳନା କରିଥିଲେ। ଚଇତି ପର୍ବ ଦିନ ମା' ତାରିଣୀଙ୍କ ଆବିର୍ଭାବ ହୋଇଥିଲା ବୋଲି କୁହାଯାଏ।



## ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ଯୋଡା,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ଯୋଡା ସହରର ୯ନଂ. ୱାର୍ଡ ସ୍ଥିତ ହୁଡ଼ି ସାହିରେ ଜଣେ ମହିଳା ଗୁରୁବାର ବେକରେ ଫାଶୀ ଲଗାଇ ଆ।। ହତ୍ୟା କରିଥିବା ଖବର ହସ୍ତଗତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ, ଗୁରୁବାର ସନ୍ଧ୍ୟା ପ୍ରାୟ ୭.୩୦ମିନିଟ୍ ସମୟରେ ଘରେ କେହି ନ ଥିବା ବେଳେ ଘର ଭିତରେ ଆରତୀ ପାତ୍ର (୩୦) ନାମ୍ନୀ ମହିଳା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଜାଣି ପୋଲିସ କୁ ଖବର ଦେଇଥିଲେ। ଆତ୍ମହତ୍ୟାର କାରଣ ସମ୍ପର୍କରେ ପରିବାର ଲୋକେ ସ୍ପଷ୍ଟ କରି ନ ଥିବା ବେଳେ ମହିଳା ଜଣକ ୮ବର୍ଷ ହେବ ପ୍ରେମ ବିବାହ କରି କୌଣସି କାରଣରୁ ସ୍ୱାମୀଙ୍କୁ ଛାଡି ଆସି ତାଙ୍କ ବାପା ମା'ଙ୍କ ଠାରେ ଆସି ରହୁଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି।

## ତୁରୁମୁଙ୍ଗାରେ ଚବିଶ ପ୍ରହର ନାମଯଜ୍ଞ



**ତୁରୁମୁଙ୍ଗା,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଗ୍ରାମର ତଳସାହିରେ ୪ ଦିନ ଧରି ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ବୁଧବାର ଅପରାହ୍ନରେ ଉଦଯାପିତ ହୋଇଯାଇଛି। ଏହି ନାମଯଜ୍ଞରେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼, ମୟୂରଭଞ୍ଜ ଭାଲୁବସା, କେନ୍ଦୁଝର ଝାରବେଡା ଗ୍ରାମର ଝିଅ ସଂକୀର୍ତ୍ତନ ଦଳ ସହ ମୟୂରଭଞ୍ଜ ବାଉଁଶଡିହା, ପାଟିଆସିମୁଳି, ଖଇରବଣୀ ପୁରୁଷ ଦଳ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ପୂଜକ ଭାବରେ ବାପି ପଣ୍ଡା ପୂଜାକାର୍ଯ୍ୟ ତୁଲାଇ ଥିବା ବେଳେ କର୍ତ୍ତା ଭାବରେ ସଞ୍ଜୟ କୁମାର ସାହୁ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। କୀର୍ତ୍ତନ କମିଟିର ତପନ ସାହୁ ସରୋଜ କୁମାର, ସନତ ସାହୁ, ବିର ସେଠୀ ପ୍ରମୁଖ ସହଯୋଗ କରିଥିଲେ। ୪ ଦିନ ଧରି ନାମ ସଂକ୍ରିତନ ଚାଲିଥିବା ରୁ ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ହରି ନାମ ଶୁଣିଥିଲେ।

## ରାମଚନ୍ଦ୍ରପୁରରେ ଜଗନ୍ନାଥଙ୍କ ପ୍ରଚାର

**ତୁରୁମୁଙ୍ଗା,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ ପର୍ଶଳା ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଗୁରୁବାର ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ମାଦଳର ତାଳେ ତାଳେ ନାଚି ଜୋରଦାର ପ୍ରଚାର କରିଛନ୍ତି। ଜଗନ୍ନାଥ ନାଏକ ରାମଚନ୍ଦ୍ରପୁର ଗ୍ରାମରେ ପହଞ୍ଚିବା ପରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ତାଙ୍କୁ ଆଦିବାସୀ ବାଦ୍ୟ ଓ ନୃତ୍ୟ ସହାୟତାରେ ସ୍ୱାଗତ କରିଥିଲେ। ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ମଧ୍ୟ ମହିଳାଙ୍କ ସହ ହାତ ହାତରେ ଛନ୍ଦି ମାଦଳର ତାଳେ ତାଳେ ନାଚି ନିର୍ବାଚନ ପ୍ରଚାର କରିବା ସହ ଆଗାମୀ ନିର୍ବାଚନରେ ବିଜୟ ଲାଭ ପାଇଁ ଆଶୀର୍ବାଦ ନେଇଥିଲେ। ଏହାପରେ ରାମଚନ୍ଦ୍ରପୁର ଗ୍ରାମରେ ଏକ ବୁଥସ୍ତରୀୟ କମିଟି ବୈଠକରେ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ସାଂଗଠାନିକ ଆଲୋଚନା କରିବା ସହ ନିର୍ବାଚନ ବୈତରଣୀ ପାର ହେବା ନେଇ ରଣନୀତି ପ୍ରସ୍ତୁତ କରିଥିଲେ।



## ମା'ମଙ୍ଗଳା ସେବା ସଙ୍ଗଠନ ପକ୍ଷରୁ ସହାୟତା ପ୍ରଦାନ

**ଆନନ୍ଦପୁର,୧୧।୪(ସମିସ):** ଅର୍ଥ ଅଭାବରୁ ତିନିମାସ ହେଲା ରୋଗ ଶଯ୍ୟାରେ ସୁଧୀର ତ୍ରିପାଠୀ ପଡ଼ି ରହିଛନ୍ତି। ଏହି ଖବର ଦୈନିକ ଖବରକାଗଜ "ସକାଳ' ରେ ପ୍ରକାଶିତ ହେବା ପରେ ଆଜି ମା'ମଙ୍ଗଳା ସେବା ସଙ୍ଗଠନର ପ୍ରତିଷ୍ଠାତା ହରିହର ଓଝାଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗଠନର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗର ହାତ ବଢାଇଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ମଛାଳ ପଂଚାୟତ ରୁଦ୍ରନାରାୟଣପୁର ଗ୍ରାମର ସୁଧୀର ତ୍ରିପାଠୀ (୬୫) ଙ୍କ ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ତିନିମାସ ହେଲା ଶଯ୍ୟାରେ ପଡ଼ିରହିଛନ୍ତି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ପରିବାର କହିଲେ ପତ୍ନୀ ସଞ୍ଜୁଲତା ତ୍ରିପାଠୀଙ୍କ ଛଡା ଆଉ କେହି ନିଜର ବୋଲି ନାହାନ୍ତି। ସୁଧୀର ସୁସ୍ଥ ଥିବା ବେଳେ ଏକ ଘୋରୋଇ କମ୍ପାନୀରେ କାମ କରି ଯାହା ରୋଜଗାର କରନ୍ତି ସେଇ ପଇସାରେ ଗୁଜୁରାଣ ମେଣ୍ଟାଇଥାନ୍ତି। ଏବେ ତିନିମାସ ହେଲା ବ୍ରେନ୍ ଷ୍ଟ୍ରୋକ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାରେ ପଡ଼ିରହି ଥିବା ବେଳେ ପତ୍ନୀ ସଞ୍ଜୁଲତା ଚିନ୍ତାରେ ଥାଇ ଆଖିରୁ ଲୁହ ଗଡ଼ାଇ ଦୀନ କାଟୁଛନ୍ତି। ପରିବାର ଚାଲିବା ବୋହୁ କଷ୍ଟକର ହେଉଥିବା ବେଳେ ଓଳିଏ ଖାଇଲେ ଆର ଓଳିକୁ ନାହିଁ ବନ୍ଧୁ ବାନ୍ଧବ ଓ ପ୍ରିୟଜନ ମାନେ ଯାହା ଦେଉଛନ୍ତି ତାହାକୁ ଖାଇ ଦିନ କାଟୁଥିବା ବେଳେ ଔଷଧ ଖାଇବା ପାଇଁ ଅର୍ଥ ନଥିବାରୁ ସହାୟତା ପାଇଁ ନିବେଦନ କରିଥିଲେ। ଆଜି ଆନନ୍ଦପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା'ମଙ୍ଗଳା ସେବା ସଙ୍ଗଠନର କର୍ମକର୍ତ୍ତା ମାନେ ତିନି ମାସ ପାଇଁ ରାସନ ସାମଗ୍ରୀ ସହିତ ପୋଷାକ ଏବଂ ଆର୍ଥିକ ରାଶି ପ୍ରଦାନ କରିଛନ୍ତି। ଏହା ସହିତ ପ୍ରଶାସନ ତରଫରୁ କିଛି ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ସଙ୍ଗଠନ ପକ୍ଷରୁ ଅନୁରୋଧ କରାଯାଇଛି।



## ଯୋଡ଼ାରେ ମୁଣ୍ଡ ଟେକୁଛି ମେଲେରିଆ | ୩ ଦିନରେ ଛଅ ରୋଗୀ ଚିହ୍ନଟ

**ଯୋଡା,୧୧।୪(ସମିସ):** କେନ୍ଦୁଝର ଜିଲ୍ଲାର ଯୋଡା-ବଡବିଲ ଖଣି ଅଞ୍ଚଳକୁ ମେଲେରିଆ ପ୍ରବଣ ଅଞ୍ଚଳଭାବେ ଚିହ୍ନଟ କରାଯାଇଛି। ଏଠାରେ ମେଲେରିଆ ମହାମାରୀ ର ରପନେଇଥାଏ। ଏବେ ଯୋଡା ପୌରପାଳିକା ରେ ମେଲେରିଆ ବ୍ୟାପିବା ଆରମ୍ଭ କରିଥିବା ଜଣାପଡିଛି। ଘରେ ଘରେ ଥଣ୍ଡା ଏବଂ ଜ୍ୱର। ପରୀକ୍ଷା କଲେ ବାହାରୁଛି ମେଲେରିଆ ପଜିଟିଭ। କିଛି ବର୍ଷ ପୂର୍ବରୁ ଖଣି ଅଞ୍ଚଳରେ ମେଲେରିଆ, ଡେଙ୍ଗୁ ଆତଙ୍କ ସୃଷ୍ଟି କରୁଥିଲା। ମେଲେରିଆ, ଡେଙ୍ଗୁ ସାରା ଅଞ୍ଚଳ ରେ ଏକ ଭୟର ବାତାବରଣ ଖେଳାଇ ଚାଲିଥିଲା ବେଳେ ସରକାରୀ ଓ ବେସରକାରୀ ସ୍ତରରୁ ସଚେତନତା ଓ ନିରାକରଣ ବ୍ୟବସ୍ଥା କରାଯାଇ ମେଲେରିଆକୁ ନିୟନ୍ତ୍ରଣ କରାଯାଇଥିବା ବେଳେ ଚଳିତ ବର୍ଷ ଆରମ୍ଭରୁ ପୁଣି ଯୋଡା ଅଞ୍ଚଳରେ ମେଲେରିଆ ବ୍ୟାପିବା ଆରମ୍ଭ ହେଲାଣି। ତିନି ଦିନରେ ଛଅ ଜଣ ମେଲେରିଆ ରୋଗୀ ଚିହ୍ନଟ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଯୋଡା ଖଣି ଅଞ୍ଚଳରେ ବିଭିନ୍ନ ବସ୍ତି ଗୁଡିକରେ ବସବାସ କରୁଥିବା ଲୋକମାନେ ମେଲେରିଆ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବାଂଶପାଣି ଅଞ୍ଚଳରୁ ଗୋଟିଏ ପରିବାରରୁ ୮ ମାସର ଶିଶୁ ସହିତ ୪ ଜଣ ମେଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ମହେନ୍ଦ୍ର ଅଙ୍ଗାରିଆ ନାମକ ବ୍ୟକ୍ତି ନିଜର ରକ୍ତ ପରୀକ୍ଷା କରିବାରୁ ତାହା ମେଲେରିଆ ପଜିଟିଭ ବୋଲି ଜଣାପଡିଛି। ଠିକ୍ ସେହିପରି ଏକ ଘରୋଇ ଡାକ୍ତରଖାନାରେ ବୁଦ୍ଧୁରାମ ମୁଣ୍ଡା ନାମକ ବ୍ୟକ୍ତି ମେଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଜଣାଯାଇଛି। ପୂର୍ବରୁ ଯୋଡା ପୌରପାଳିକାରେ ପ୍ରତି ୱାର୍ଡରେ ମଶାରୀ ବଣ୍ଟନ, ମଶାଧୂଆଁ ଗାଡି ପ୍ରଚଳନ କରାଯାଉଥିଲା। ଏବର୍ଷ ଏହା ଆରମ୍ଭ ହେବାକୁ ବିଳମ୍ବ ହେଉଥିବା ନେଇ ମଶା ବଂଶ ବୃଦ୍ଧି ପାଇଥିବା ସହ ମେଲେରିଆ, ଡେଙ୍ଗୁ ମଧ୍ୟ ବୃଦ୍ଧି ପାଇବାକୁ ବସିଛି। ପୌରପାଳିକା ପକ୍ଷରୁ ମଶାଧୂଆଁ ଗାଡି ବୁଲେଇବା ସହ, ମଶାତେଲ, ବ୍ଲିଚିଂ ସିଞ୍ଚନ କରାଗଲେ ଏହାକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି। ତେବେ ଏ ସଂକ୍ରାନ୍ତରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର କୁମାର ପୃଷ୍ଟିଙ୍କୁ ପଚାରିବାରୁ ସେ ଏହାକୁ ଗୁରୁତର ଭାବେ ନେଇ ଖୁବ୍ ଶୀଘ୍ର ଏହାର ନିରାକରଣ କରାଯିବ ବୋଲି କହିଛନ୍ତି।

# ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ପାଳିତ

**ଚମ୍ପୁଆ,୧୧।୪(ସମିସ)**

ମୁସଲମାନ ସମ୍ପ୍ରଦାୟର ଇଦୁଲଫିତର ଚମ୍ପୁଆରେ ପାଳିତ ହୋଇଯାଇଛି। ଚମ୍ପୁଆର ୪ଟି ମସଜିଦ୍ ସମେତ ଜାମୁଦଲକ ଓ ପଡୋଶୀ ଝାଡଖଣ୍ଡର ମୁସଲିମ ସମ୍ପ୍ରଦାୟ ଏହାକୁ ନିଷ୍ଠାର ସହ ପାଳନ କରିଛନ୍ତି। ରମଜାନ୍ ମାସ ସାରା ଉପବାସ ବ୍ରତ ରଖି ଚନ୍ଦ୍ର ଦେଖିବା ପରେ ଏହି ପର୍ବ ପାଳନ କରିଥିଲେ। ଚମ୍ପୁଆ ସ୍ଥିତ ମୌଲାନାଗୋଡା, ଅଲିନଗର, ମୁସଲିମ ବସ୍ତିର ମୁସଲିମ ଭାଇ ଭଉଣୀ ମାନେ ପ୍ରତ୍ୟୁଷରୁ ସ୍ନାନାଦୀକାର୍ଯ୍ୟ ସଂପାଦନ କରି ନିଜ ନିଜ ଇଦ୍‌ଗା ପଡିଆରେ ସମବେତ ହୋଇଥିଲେ ଏବଂ ସାମୂହିକ ନମାଜ ପାଠ କରିଥିଲେ। ସମ୍ପ୍ରଦାୟର ଧର୍ମ ଗୁରୁମାନେ ଧର୍ମ ସମ୍ବନ୍ଧିୟ ସୂଚନା ପ୍ରଦାନ କରିବା ସହିତ ନମାଜ ପାଠ କରାଇଥିଲେ। ଏହି ଇଦ୍ ପର୍ବ ପାଳନ ଅବସରରେ ଶାନ୍ତିଶୃଙ୍ଖଳା ନିମିତ ବିଭିନ୍ନ ସ୍ଥାନରେ ପୋଲିସ ମୃତୟନ କରାଯାଇଥିବା ବେଳେ ସାମ୍ପ୍ରଦାୟିକା ଭାବନାକୁ ଦୂରରେ ରଖି ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟ ମଧ୍ୟରେ ଇଦ୍ ମୁବାରକ କରାଯାଇଥିଲା।

**ରାମଚନ୍ଦ୍ରପୁର:** ଘସିପୁରା ବ୍ଲକର ଗଡବାନ୍ଧଗୋଡା, ପଞ୍ଚହରା, ପଥରପଦା, ପଣ୍ଡୁଆ ପ୍ରଭୃତି ଗ୍ରାମରେ ଥିବା ମୁସଲମାନ ବସ୍ତିରେ ଇଦଉଲ ଫିତର ପର୍ବ ବଡ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ବିଭିନ୍ନ ମୁସଲମାନ ବସ୍ତିରେ ପହଞ୍ଚି ଇଦ୍ ମୁବାରକ ଜଣାଇବା ସହ ମୁସଲମାନ ଭାଇମାନଙ୍କ ସୁଖ ସମୃଦ୍ଧି କାମନା କରିଛନ୍ତି। ପଣ୍ଡୁଆ ମୁସଲମାନ ବସ୍ତିରେ ବଦ୍ରିଙ୍କୁ ଟୋପି ପିନ୍ଧାଇ ପାଛୋଟି ନିଆଯାଇଥିଲା। ପଣ୍ଡୁଆ ମୁସଲମାନ ସାହିରେ ଥିବା ଇଦ୍‌ଘାରେ ମୌଲବିସାହି ମୁରବୀ ରହି ନମାଜ ପାଠ କରିବା ପରେ ସମସ୍ତେ ସାମୂହିକ ନମାଜ ପାଠ କରିଥିଲେ। ସାହିର ମୁରବୀ କମରୁଦ୍ଦିନ ଖାଁ, କୋରା ଖାଁ, ନେମାଜି ଖାଁ, ରିଆଜୁଦ୍ଦିନ ଖାଁ, ରିଜୁଆନ ଖାଁ, ଫତେଉଦ୍ଦିନ ଖାଁ, ସେକ ସଲିମ୍, ମୁସ୍ତାକ ଖାଁ, ଅମିର୍ ଖାଁ ନେତୃତ୍ୱରେ ଇଦଇଲ ଫିତର ପର୍ବ ପାଳିତ ହୋଇଥିଲା। ସେହିପରି ଗଡବାନ୍ଧଗୋଡା ଇଦଘାରେ ମୌଲବୀ ଜନାବ ତାଜୋଦ୍ଦିନ ସାହେବ ନମାଜ ପାଠ ପଢାଇଥିଲେ। ସାହିର ମୁରବୀ ସେକ ଅବ୍ଦୁଲ୍ ରହିମ୍, ଏସକେ ଜାହାଙ୍ଗିର, ଆଜାଦ ଖାଁ, ଅବଦୁଲ ଓହିଦ୍, ସେକ ହନିଲ୍ ପ୍ରମୁଖ ଇଦ ପର୍ବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ପଥରପଦା ଏବଂ ପଞ୍ଚହରାରେ ମଧ୍ୟ ଇଦ୍ ପାଳିତ ହୋଇଛି। ମୁସଲମାନ ଭାଇମାନଙ୍କ ପାଇଁ ଏହା ଏକ ବଡ ପର୍ବ।



**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ ଇଦ୍ ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। ବିଭିନ୍ନ ସ୍ଥାନରେ ଥିବା ମସଜିଦ୍‌ମାନଙ୍କରେ ମୁସଲିମ୍ ସଂପ୍ରଦାୟର ପାରମ୍ପରିକ ରୀତିନୀତିରେ ଏହି ପର୍ବଶୃଙ୍ଖଳାର ସହିତ ଶେଷ ହୋଇଛି। ସୋସୋ ଥାନା ଅନ୍ତର୍ଗତ ସୋସୋ ଗ୍ରାମରେ ଏବଂ ଘସିପୁରା ବ୍ଲକ ପଣ୍ଡୁଆ ଓ ପଞ୍ଚହରା ଗ୍ରାମରେ ଇଦୁଲଫିତର ପର୍ବ ଭାଇଚାରା ସମ୍ପର୍କରେ ପାଳିତ ହୋଇଯାଇଛି। ସଭାପତି ମିର୍ଜା ୟାକୁନ ବେଗ୍ ଓ ସମ୍ପାଦକ ମିର୍ଜା ସଫିଉଦ୍ଦିନ୍ ବେଗ୍‌ଙ୍କ ତତ୍ତ୍ୱାବଧାନରେ ଇଦ୍-ଉଲ-ଫିତର ର ନମାଜ ମୌଲବି ମହମ୍ମଦ ସିରାଜଙ୍କ ଦ୍ୱାରା ପାଠ କରାଯାଇଥିଲା। ଏହି ଅବସରରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଓ ପଣ୍ଡୁଆ ସରପଞ୍ଚ ଭୂପତି ଭୂଷଣ ରାଉତ, ସମିତିସଭ୍ୟ ସୁନିଲ କୁମାର ଜେନା ଯୋଗ ଦେଇ ମୁସଲମାନ ଭାଇଭଉଣୀମାଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ମିର୍ଜା ଅମିରୁଦ୍ଦିନ ବେଗ୍, ମିର୍ଜା ଜାହାଙ୍ଗିର ବେଗ୍, ମିର୍ଜା ଜଲାଲ ବେଗ୍, ମିର୍ଜା ଆଲିମ ବେଗ୍, ମିର୍ଜା ସୌକତ ବେଗ୍, ମିର୍ଜା ଆବୁଷ୍ୱାଲେ ବେଗ୍, ମିର୍ଜା କୋରେତୁଲ ବେଗ୍, ସେକ୍ ନସିର, ଫରିଜ ଖାଁ, ବାବୁ ଖାଁ, ମୁନସି ଖାଁ , ମିର୍ଜା ସମୀର ବେଗ୍, ମିର୍ଜା ରିଆଜୁଦ୍ଦିନ ବେଗ୍ ପ୍ରମୁଖ ସହଯୋଗ କରିଥିଲେ।

**ଯୋଡା:** ଯୋଡା ପୌରାଞ୍ଚଳ ଅନ୍ତର୍ଗତ ୪ନଂ ୱାର୍ଡରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀଙ୍କ ମଧ୍ୟରେ ଉଦ୍-ଉଲ ଫିତର ପାଳିତ ହୋଇଯାଇଛି। ୩ଟିଯାକ ମସଜିଦ୍‌ରେ ଏନେଇ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ନୂତନ ବସ୍ତ୍ର ପରିଧାନ କରି ମୁସଲମାନ ଭାଇମାନେ ଏକତ୍ର ନମାଜ ପାଠ କରିଥିଲେ। ପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ସମସ୍ତେ ମାସାଧିକ କାଳ ରଖିଥିବା ରୋଜା ଖୋଲି ଏକତ୍ର ଜଳପାନ କରିଥାନ୍ତି। ଏହି କର୍ଯ୍ୟକ୍ରମରେ ବଜାରର ୩ଟିଯାକ କମିଟି ଯୋଗ ଦେଇଥିବା ବେଳେ ଏହାକୁ କାଉନସିଲର ଆବୁଲ ହାସନ, ଏମଡି ଆୟୁବ, ଏମଡି ମୁକ୍ତାର ପ୍ରମୁଖ ପରିଚାଳନା କରିଥିଲେ।





# ବିକାଶଠୁ ବହୁ ଦୂରରେ କୁଞ୍ଜାଲଡାହି ଓ ହାରିଡାହି ସାହି

## ସମସ୍ୟାରେ ଯୁଝୁଛନ୍ତି ୩୦ ପରିବାର / ରାଜସ୍ୱ ଗ୍ରାମ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ନେଇ ପ୍ରଶାସନକୁ ଦାବିପତ୍ର

ବିଶୋଇ, ୧୧।୪(ସମିସ)

ଅପହଞ୍ଚ ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ସମାଜରେ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀଙ୍କ ଅବହେଳାରୁ ସରକାର ଯୋଜନା ସ୍ୱପ୍ନ ପାଲଟିଛି। ସ୍ୱାଧୀନତା ପରେ ବି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ପାଇବାରୁ ହିତାଧିକାରୀ ବଞ୍ଚିତ ହୋଇଆସୁଛନ୍ତି। ମୌଳିକ ସମସ୍ୟା ସମାଧାନ ପାଇଁ ପୂର୍ବ ସାଧାରଣ ନିର୍ବାଚନରେ ଜନପ୍ରତିନିଧିଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା ଆଜିଯାଏ କୌଣସି ବି ଗୋଟିଏ ବି ପ୍ରତିଶ୍ରୁତି ପାଳନ ହୋଇନାହିଁ। ଫଳରେ ଜନପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ ହୋଇଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବିଶୋଇ ବ୍ଲକ ଦ୍ୱାରଶୁଣୀ ଗ୍ରାମରେ। ବ୍ଲକର ଖଡ଼ମବେଡା ପଞ୍ଚାୟତର ଦ୍ୱାରଶୁଣୀ ଗ୍ରାମର କୁଞ୍ଜାଲଡାହିର ୧୩ଟି ମୁଣ୍ଡା ପରିବାର ଓ ହାରିଡାହି ସାହିର ପ୍ରାୟ ୧୮ଟି ସାନ୍ତାଳୀ ସମ୍ପ୍ରଦାୟର ପରିବାରକୁ ମିଶାଇ ସମୁଦାୟ ୩୧ଟି ପରିବାର ବାସ କନ୍ତି। ଏହି ଦୁଇ ସାହିର



ବାସିନ୍ଦା ଏବେ ସୁଦ୍ଧା ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏପରିକି ଏହି ଦୁଇସାହିକୁ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ଲୋକ ମୟୂରଭଞ୍ଜ ଜିଲ୍ଲାପାଳ, ରାଇରଙ୍ଗପୁର ଉପଜିଲ୍ଲାପାଳ, ଏସ୍.ଡି.ଓ ଏବଂ ବିଶୋଇ ବ୍ଲକ ଅଧକ୍ଷାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗତକାଲି ବ୍ଲକ ପ୍ରଶାସନ ଜରିଆରେ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୪୯ ନଂ ଜାତୀୟ ରାଜ୍ୟପଥରୁ ୮ କିମି ଦୂରରେ ରହିଛି ହାରିଡାହି ଗ୍ରାମ। ତେବେ ମୁଖ୍ୟ ଦପ୍ତରରୁ ୨ ସାହି ରାସ୍ତା ଯାଏଁ ସମ୍ପୂର୍ଣ୍ଣ ରାସ୍ତା ମାଟି ଓ ଚିଟାମାଟି ନିର୍ମିତ ସଡ଼କ ରହିଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବର୍ଷାଦିନରେ ଅବସ୍ଥା ସାଙ୍ଘାତିକ ହୋଇଯାଏ। ଅନେକ ସମୟରେ ରୋଗୀଙ୍କୁ ଖଟିଆରେ ବୁହାହୋଇ ଆମ୍ବୁଲାନ୍ସ ନିକଟକୁ ପହଞ୍ଚାଯାଇଥାଏ। ସେହିପରି ସାହିରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ ହୋଇପଡ଼ିଛି। ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସେବା ଅପହଞ୍ଚ ହୋଇରହିଛି। ସାହିବାସିନ୍ଦା ନିଜେ ପାଣ୍ଠି ବିନିଯୋଗ କରି ଘରେ ସୋଲାର ଲାଇଟର ବ୍ୟବସ୍ଥା କରିଛନ୍ତି। ସେହିପରି ଶିକ୍ଷା ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇଛି। ପ୍ରାଥମିକ ଶିକ୍ଷା ପାଇଁ ଏଯାବତ ଅଙ୍ଗନବାଡି ମଧ୍ୟ ନାହିଁ। ତେଣୁ ନିକଟସ୍ଥ ତାରଣା ଗ୍ରାମରେ ଏକ ଘରୋଇ ବାସଗୃହରେ ଚାଲିଥିବା ଅଙ୍ଗନବାଡିକୁ ଏହି ଦୁଇସାହିର ପିଲା ନିର୍ଭର କରନ୍ତି। ଜଙ୍ଗଲ ରାସ୍ତା ଦେଇ କୁନି କୁନି ପିଲା ଅଙ୍ଗନବାଡିକୁ ଯିବାକୁ ବାଧ ହୁଅନ୍ତି। ସେହିପରି ପ୍ରାଥମିକ ଶିକ୍ଷା ଗ୍ରହଣ ପାଇଁ ଦୁଧକୁଣ୍ଡି ଗ୍ରାମକୁ ଯାଆନ୍ତି ଛାତ୍ରଛାତ୍ରୀ। ତେବେ ବିଶେଷକରି ଏଠାରେ ମୁଖ୍ୟ ସମସ୍ୟା ହେଉଛି ପାନୀୟଜଳ। ହାରିଡାହି ଗ୍ରାମରେ ଏକମାତ ନଳକୂପ ଥିବାରୁ ୧୮ ପରିବାରକୁ ତାହା ଯଥେଷ୍ଟ ହେଉନି। ଉକ୍ତ ନଳକୂପ ନିଅଣ୍ଟ ହୋଇପଡୁଛି। ତେଣୁ ସାହି ବାସିନ୍ଦା ନିକଟରେ ଥିବା ନାଳର ପାଣି ବ୍ୟବହାର କରୁଛନ୍ତି। ଏ ନେଇ ବିଶୋଇ ବ୍ଲକ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ସାହୁଙ୍କୁ ଯୋଗାଯୋଗ କରିବାରୁ ଜଳ ଜୀବନ ମିଶନ ଯୋଜନାରେ କୁଞ୍ଜାଲଡାହି ସାହିରେ ୫ ହଜାର ଲିଟର ବିଶିଷ୍ଟ ସୋଲାର ଉଠାଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହା ଶୀଘ୍ର ଶେଷ ହେବ ବୋଲି କହିଛନ୍ତି। ସେହିପରି ହାରିଡାହି ଗ୍ରାମରେ ପୂର୍ବରୁ ୨ଟି ନୂତନ ନଳକୂପ ଖନନ କରାଯାଇଥିଲେ ସୁଦ୍ଧା ପାଣି ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ତେଣୁ ଏହିସବୁ ସମସ୍ୟା ନେଇ ଏହି ଦୁଇସାହିବାସୀ ରାସ୍ତା, ଶିକ୍ଷା, ବିଦ୍ୟୁତ, ପାନୀୟଜଳ, ଅଙ୍ଗନାବାଡି ଓ ରାଜସ୍ୱ ଗ୍ରାମର ମାନ୍ୟତା ନେଇ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଦିନରେ ଦାବି ପୂରଣ ନ ହୁଏ ତାହାହେଲେ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।



### ● ଭିନ୍ନକ୍ଷମ ହୋଇ ଶମ୍ଭୁନାଥ ଆତ୍ମନିର୍ଭରଶୀଳ

## ଯୁବବର୍ଗଙ୍କ ପାଇଁ ସାଜିଛନ୍ତି ଉଦାହରଣ

ଉଦଳା, ୧୧।୪(ସମିସ): ଉଦଳା ସହରର ୬ନଂ. ୱାର୍ଡର ବାସିନ୍ଦା ଶମ୍ଭୁନାଥ ସାହୁ ଭିନ୍ନକ୍ଷମ ହୋଇଥିଲେ ବି ଆତ୍ମନିର୍ଭରଶୀଳ। ବାଧିତ ୩୩ ବର୍ଷୀୟ ଶମ୍ଭୁନାଥ ସହରର ମୁଖ୍ୟ ବଜାରରେ ଏକ ଚା' ଦୋକାନ କରିଛନ୍ତି। ପିଲାଟି ବେଳୁ ନିଜର ଅସହାୟତାକୁ ଖାତିରି ନ କରି ଆଗକୁ ବଢ଼ିବାରେ ଇଚ୍ଛାଶକ୍ତି ତାଙ୍କୁ ଆତ୍ମନିର୍ଭର କରିପାରିଛି ବୋଲି ସେ କହିଛନ୍ତି। ମାଟ୍ରିକ ପାସ କରି ପ୍ରଥମେ ଏକ ଚା' ଦୋକାନରେ କାମ କରିଥିଲେ। ପରେ ସେ ୨୦୦୭ରେ ନିଜର ଚା' ଦୋକାନ ଖୋଲି ବେଶ୍ ଦି ପଇସା ରୋଜଗାର କରିବା ସହିତ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତିନି ଭାଇ ଓ ତିନି ଭଉଣୀଙ୍କ ମଧ୍ୟରେ ସେ ମଝିଆ। ବାପା ବୀରକିଶୋର ସାହୁ ମଧ୍ୟ ଶମ୍ଭୁନାଥଙ୍କୁ ଉତ୍ସାହିତ କରିଥାନ୍ତି। ତେବେ ସେ ସମାଜସେବାରେ ରୁଚି ରଖନ୍ତି। କେତେବେଳେ ବୁଲା କୁକୁରଙ୍କ ଖାଦ୍ୟ ଦିଅନ୍ତି ତ ଅନ୍ୟ କେତେବେଳେ ଅସହାୟ ମାନସିକ ବିକୃତି ମଣିଷଙ୍କ ପ୍ରିୟ ମଣିଷ ପାଲଟିଯାନ୍ତି। ଏହାର ସତ୍ୟତା କରୋନା ସମୟରେ ଦେଖିବାକୁ ମିଳିଥିଲା। ନୀରବ ଜନମାନ ଭିତରେ କୁକୁରଙ୍କୁ ଖାଦ୍ୟ ଦେବା ବେଶ ଚର୍ଚ୍ଚା ସାଉଁଟିଥିଲେ। ସେହିପରି ମାନସିକ ବିକୃତି ମଣିଷଠାରୁ ବୁଲା ଗାଇ ଷଣ୍ଢଙ୍କୁ ଖାଦ୍ୟ ଦେବାର ଜଣେ ଅଗ୍ରଣୀ ଯୋଦ୍ଧା ସାଜିଥିଲେ। ତେବେ ସରକାରୀ ସହାୟତା ଭତ୍ତା ବୃଦ୍ଧି ହୋଇ ୧୨୦୦ଟଙ୍କା ପାଇବା କ୍ଷଣି ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରି ପୁଣି ଚର୍ଚ୍ଚିତ ହୋଇଛନ୍ତି। ସକାଳୁ ହେବା କ୍ଷଣି ଶମ୍ଭୁଙ୍କ ଦୋକାନରେ ଭିଡ଼ ଲାଗିଯାଏ। ସର୍ବଦା ହସମୁଖ ଓ ମିଠା କଥା କହୁଥିବା ଶମ୍ଭୁନାଥ ନିଶ୍ଚିତ ଭାବେ ଭିନ୍ନକ୍ଷମ; ହେଲେ ସେ ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ତାଙ୍କର କ୍ରିକେଟ ଖେଳ ପ୍ରତି ଅହେତୁକ ଦୁର୍ବଳତା ରହିଛି। କ୍ରିକେଟ ଖେଳର ସମସ୍ତ ତଥ୍ୟ ସଂଗ୍ରହ କରି ଗ୍ରାହକଙ୍କୁ ଜଣାଇଥାନ୍ତି। ତାଙ୍କୁ ଯଦି ସରକାରୀ ସ୍ତରରେ ଅଧିକ ସହାୟତା ମିଳିଲେ ସେ ସମାଜସେବା କରିପାରିବେ ବୋଲି ସ୍ଥାନୀୟ ଲୋକେ ମତ ଦିଅନ୍ତି।



# ସୁଦାମ ଓ ରାଇସେନ୍‌ଙ୍କୁ ଜାମଦାରେ ଭବ୍ୟ ସ୍ୱାଗତ

ରାଇରଙ୍ଗପୁର, ୧୧।୪(ସମିସ)

ଜାମଦା ବ୍ଲକ ବିଜେଡ଼ି ପକ୍ଷରୁ ଜାମଦା ବ୍ଲକ ଅଧକ୍ଷ ଡୁମୁକା ହେମ୍ବ୍ରମଙ୍କ ନେତୃତ୍ୱରେ ବାବା ପାକଣାପାଟ୍ କଇଁପୁର ଛକଠାରୁ



ହରିଲାବେଡ଼ା ହାଟ ଛକ ପର୍ଯ୍ୟନ୍ତ ବିରାଟ ଜନ ଶୋଭାଯାତ୍ରା ମାଧ୍ୟମରେ ଲୋକସଭା ପ୍ରାର୍ଥୀ ସୁଦାମ ମାର୍ଣ୍ଡି ଓ ବିଧାନସଭା ପ୍ରାର୍ଥୀ ରାଇସେନ୍ ମୁର୍ମୁଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି।

ଏଥିରେ ଜିଲ୍ଲା ସଦର ଉପସଭାପତି ସୁବାସ ମଣ୍ଡଳ, ଜାମଦା ବ୍ଲକର ୧୬, ୧୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ ବାବୁଲୁ ଟୁଡୁ, ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ଜାମଦା ଛାତ୍ର ସଭାପତି ଶିବ ବେହେରା, ବ୍ଲକ ଯୁବ ସଭାପତି ପ୍ରଭାସ ସର୍ଦ୍ଦାର, ପାର୍ବତୀ ବିରୁଆ, ସାବିତ୍ରୀ ହେମ୍ବ୍ରମ, ଜାମଦା ବ୍ଲକର ସମସ୍ତ ପଞ୍ଚାୟତର ସରପଞ୍ଚ, ପିଏସ୍ ମେମ୍ବର, ସମସ୍ତ ପଞ୍ଚାୟତର ବିଜେଡି ସଭାପତି, ଜିଲ୍ଲା ସାଧାରଣ ସମ୍ପାଦକ ଫୁଲସାଏ ଡମାନ ମାର୍ଣ୍ଡି, ଜାମଦା ବ୍ଲକ ବିଜେଡ଼ି ସଂଯୋଜକ ଦିବ୍ୟକାନ୍ତ ଖୁଣ୍ଟିଆ, ଏମଡି ଭୁଟ୍, ୧୬ ଓ ୧୭ ନମ୍ବର ଜୋନ୍‌ର ଉପସଭାପତି ସମାୟ ମାର୍ଣ୍ଡି, ହରିହର ଟୁଡୁ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ପାଛୋଟି ନେଇଥିଲେ। ଦଳର ସମସ୍ତ ନେତା ଓ କର୍ମୀମାନେ ତାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଆସନ୍ତା ସାଧାରଣ ନିର୍ବାଚନରେ କିପରି ବିଜୟୀ ହେବେ ସେନେଇ ଆଲୋଚନା କରିଥିଲେ। ଉଭୟ ପ୍ରାର୍ଥୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ଏବଂ ବିଜେଡି ସରକାର କିପରି ରାଜ୍ୟକୁ ୧ନଂ. କରିପାରିଛି ସେ ନେଇ ମଧ୍ୟ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବିଜେଡ଼ିର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ।

### ■ କରଞ୍ଜିଆ ବିଧାନସଭା ଆସନ

## ପ୍ରାର୍ଥୀ ଘୋଷଣାରେ ବିଳମ୍ବ; ବଢୁଛି ଉତ୍କଣ୍ଠା

ଠାକୁରମୁଣ୍ଡା, ୧୧।୪(ସମିସ): ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ଟିକଟ୍ ଆଶାୟୀ ସଂଖ୍ୟା ବିଭିନ୍ନ ଦଳରେ ବଢ଼ିବାରେ ଲାଗିଛି। ଇତିମଧ୍ୟରେ ବିଜେଡି ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିସାରିଲାଣି; ହେଲେ କରଞ୍ଜିଆ ବିଧାନସଭା ଆସନ ପାଇଁ ନାମ ଘୋଷଣା କରିନି ବିଜେଡି। ଫଳରେ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଚାଲିଛି। ସେପଟେ ଦେଖିବାକୁ ଗଲେ ପ୍ରାର୍ଥୀ ହେବା ପାଇଁ ୭ ଜଣ ଆଶାୟୀ ରହିଛନ୍ତି। ତେଣୁ ପ୍ରାର୍ଥୀ ଚୟନ ଯେତିକି ବିଳମ୍ବ ହେଉଛି ଆଶାୟୀଙ୍କ ମଧ୍ୟରେ ମଧ୍ୟ ସେତିକି ଆଶଙ୍କା ଦେଖାଦେଇଛି। କେନ୍ଦୁଝର ଲୋକସଭା କ୍ଷେତ୍ର ଅଧୀନରେ କରଞ୍ଜିଆ ବିଧାନସଭା

**କାହାମୁଣ୍ଡରେ ସୁନା କଳସ ଢାଳିବେ ବିଜେଡି ସୁପ୍ରିମୋ**

ନିର୍ବାଚନମଣ୍ଡଳୀ ରହିଛି। ବିଜେପି ମଧ୍ୟ ନାମ ଘୋଷଣା କରାଯାଇନାହିଁ। ଯେଉଁଥିପାଇଁ ଅଶାୟୀଙ୍କ ମଧ୍ୟରେ ବ୍ୟଗ୍ରତା ବଢ଼ିବାରେ ଲାଗିଛି। ଅନ୍ୟପକ୍ଷେ ଟିକଟ ଲବିରେ ବିଧାୟିକା ତଥା ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ବିଜୟ ନାଏକ, ଠାକୁରମୁଣ୍ଡା ବ୍ଲକ ଅଧକ୍ଷା ସରୋଜିନୀ ମୁଣ୍ଡା ପ୍ରମୁଖ ଦାବିଦାର ଥିଲା ବେଳେ ପୂର୍ବତନ କରଞ୍ଜିଆ ବ୍ଲକ ଅଧକ୍ଷ ହରିଶ ନାଏକ, ସାମାୟ ପୂର୍ତ୍ତି, ରକ୍ମଣୀ ହେମ୍ବ୍ରମ, କୈବଲ୍ୟଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଏହି ଅଶାୟୀଙ୍କ ମଧ୍ୟରୁ ସବୁଠୁ ଆଗରେ ରହିଛନ୍ତି ବିଜେଡି ପୂର୍ବତନ ବିଧାୟକ ବିଜୟ ନାଏକ ଓ ନୂଆ ଚେହେରା ସରୋଜିନୀ ମୁଣ୍ଡା, ବାସନ୍ତୀ ହେମ୍ବ୍ରମ। ଏବେ ପ୍ରାର୍ଥୀଙ୍କ ନାମ ଘୋଷଣା ବିଳମ୍ବ ହେଉଥିବାରୁ ଆଶାୟୀମାନେ ମଧ୍ୟ ନିଜ ନିଜର ସମର୍ଥକଙ୍କୁ ନେଇ ଗୁପ୍ତ ବୈଠକ କରି ରଣନୀତି ପ୍ରସ୍ତୁତ କରୁଥିବା ରାଜନୈତିକ ମହଲରୁ ଜଣାପଡ଼ିଛି।

# ରାସ୍ତାରେ କୂଅ; ପୂର୍ତ୍ତ ବିଭାଗର ବେପରୁଆ କାମକୁ ନେଇ ଅସନ୍ତୋଷ

ବୈଶିଙ୍ଗା, ୧୧।୪(ସମିସ): ବିଗତ ୫ମାସ ପୂର୍ବରୁ ଠାକୁରମୁଣ୍ଡା-ରୁସ୍ପା ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟର ବ୍ୟାପକ ଅନିୟମିତାକୁ ନେଇ ଜନଅସନ୍ତୋଷ ଭୟଙ୍କର ରୂପ ନେଇଥିବାବେଳେ ଏବେ ପୁଣି ଠିକାଦାରଙ୍କ ବେପରୁଆ ମନୋବୃତ୍ତି ପାଇଁ ସମ୍ପ୍ରସାରିତ ପିଚୁ ରାସ୍ତା ମଝିରେ ରହିଯାଇଥିବା ଏକ କୂଅ ପାଇଁ ବଢୁଛି ଦୁର୍ଘଟଣା। ପୂର୍ତ୍ତ ବିଭାଗ ଅଧୀନ ଠାକୁରମୁଣ୍ଡାଠାରୁ ରୁସ୍ପା ପର୍ଯ୍ୟନ୍ତ ଏମଡିଆର-୭୦ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ହେଲେ ଉକ୍ତ କାର୍ଯ୍ୟ କରୁଥିବା ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଆରମ୍ଭରୁ ବିବାଦ ଲାଗି ରହିଛି। ସୂଚନାନୁଯାୟୀ, ଉକ୍ତ କାର୍ଯ୍ୟ ପାଇଁ ବିଭାଗୀୟ ଅନୁଦାନ ୨୨କୋଟି ୫୯ଲକ୍ଷ ୭୦ହଜାର ୧୪୪ଟଙ୍କା ଅନୁମୋଦନ କରାଯାଇଛି। ପୂର୍ବରୁ ସାଢ଼େ ୩.୭୫ମିଟର ଥିବା ରାସ୍ତାକୁ ଓସାରିଆ କରି ୬.୫ ମିଟର କରିବାର ଅଟକଳ ପ୍ରଦାନ କରାଯିବା ସହିତ ଆସନ୍ତା ଜୁଲାଇ ମାସରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ରହିଛି। ହେଲେ ୩ମାସ ପୂର୍ବରୁ ଉକ୍ତ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଦର୍ଶାଇ ରାସ୍ତା ଅବରୋଧ ପୂର୍ବକ କାର୍ଯ୍ୟ ବନ୍ଦ କରାଇଥିଲେ ସ୍ଥାନୀୟ ଜନସାଧାରଣ। ସେହିଭଳି ପ୍ରଥମେ ଭୀମଦାଠାରୁ ଆରମ୍ଭ କରି ବୈଶିଙ୍ଗା ୧୨କିମି ରାସ୍ତା ନିର୍ମାଣାଧୀନ ଥିବା ସମୟରେ ପ୍ରାୟତଃ ସ୍ଥାନରେ ଅଧପନ୍ତରିଆ ହୋଇ ରାସ୍ତା ପଡ଼ିରହିଛି। କିଛି ସ୍ଥାନରେ ପିଚୁ ରାସ୍ତା ସମ୍ପୂର୍ଣ୍ଣ ହୋଇଯାଇଛି। ହେଲେ ଉକ୍ତ ରାସ୍ତାର ଧନାପାଳ ଠାରୁ ଉତ୍ତରପାଳ ଛକ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ପୂର୍ବରୁ ରାସ୍ତାପାର୍ଶ୍ୱରେ ରହିଥିବା ଉଠା ଜଳସେଚନ ବିଭାଗର ୨ଟି କୂଅ ଏବେ ସମ୍ପ୍ରସାରିତ ରାସ୍ତା ମଝିରେ ରହିଯାଇଛି। ଏହି ସ୍ଥାନର ଉଭୟ ପାର୍ଶ୍ୱ ରାସ୍ତା। ପିଚୁ ହୋଇଥିବାବେଳେ ମଝିରେ ଥିବା ଏକ ଖୋଲା କୂଅ ବିପଦସଂକୁଳ ଅବସ୍ଥାରେ ରହିଛି। ଦୁର୍ଘଟଣା ଘଟିବା ପରେ ଗୋଟିଏ କୂଅ ଉପରେ ଗଛ ଡାଳ ପକାଯାଇ ଅବରୋଧ କରାଯାଇଥିବାବେଳେ ଅନ୍ୟଟି ଏବେବି ଖୋଲା ପଡ଼ିଛି। ଯେଉଁଥିପାଇଁ ରାତିରେ ଜାଣି ନପାରି କୂଅରେ ପଡ଼ି ଏକାଧିକ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଯାହାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଯୋଉଁଥିପାଇଁ ସ୍ଥାନୀୟ ବାସିନ୍ଦା ବେପରୁଆ ଭାବେ ନିର୍ମାଣ କାର୍ଯ୍ୟ କରୁଥିବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଦାୟିତ୍ୱରେ ଥିବା ବିଭାଗୀୟ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ର ମିଶ୍ରଙ୍କ ପ୍ରତିକ୍ରିୟା ନେବାପାଇଁ ବାରମ୍ବାର ଫୋନ କରିଥିଲେ ବି ସେ ଫୋନ ଉଠାଇ ନଥିଲେ। ଠିକାଦାରଙ୍କ ତରଫରୁ ରାସ୍ତାକାର୍ଯ୍ୟ ତଦାରଖ କରୁଥିବା ସୁପରଭାଇଜରଙ୍କୁ ପଚାରିବାରୁ ସେ କହିଥିଲେ ଉକ୍ତ କୂଅକୁ ପୋତିବା କାମ ଉଠା ଜଳସେଚନ ବିଭାଗର, ତେଣୁ ଆମେ ପୋତିବୁନି ଓ ଯଦି ଆମ ବିଭାଗୀୟ ଯନ୍ତ୍ରୀ ନିର୍ଦ୍ଦେଶ ଦେବେ ତାହେଲେ ଆମେ କୂଅ ପୋତିଦେବୁ ବୋଲି କହିଥିଲେ।



### (କେଜିବିଭି)ର ସାଂସ୍କୃତିକ ମହୋତ୍ସବ 'ମଉଜ-୨୦୨୪' ଉଦ୍‌ଯାପିତ

# ନୃତ୍ୟଗୀତରେ ଝୁମିଲେ ଦର୍ଶକ





ବିଶୋଇ, ୧୧।୪ (ସମିସ)

ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ (କେଜିବିଭି)ରେ ଚାଲିଥିବା ବାର୍ଷିକ ସାଂସ୍କୃତିକ ମହୋତ୍ସବ 'ମଉଜ-୨୦୨୪' ଉଦଯାପିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହିତ ସମାଜରେ ଜଣେ ଭଲ ମଣିଷ ହେବା ପାଇଁ ହେଲେ ଲକ୍ଷ୍ୟ ସ୍ଥିର କରିବାକୁ ପଡ଼ିବ ବୋଲି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେକୃଷ୍ଣ ନାୟକ ଓ ଜିଲ୍ଲା ଏସ୍.ଏସ୍.ଏ ବାଳିକା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ମୁଖ୍ୟବ୍ୟକ୍ତା ଭାବରେ ଯୋଗଦେଇ ଜୀବନର ଶୀର୍ଷ ପାହଚରେ ପହଞ୍ଚିବାକୁ ହେଲେ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଶକ୍ତିର ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାୟକ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜିତ କୁମାର ଦେଓ ପ୍ରମୁଖ ଯୋଗଦେଇ ଆଦର୍ଶ ଛାତ୍ରଛାତ୍ରୀ ହେବା ପାଇଁ କୁନିକୁନି ପିଲାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ କପ୍ ଦେଇ ପରସ୍କୃତ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସମ୍ବଲପୁରୀ, ସାନ୍ତାଳୀ, ଝୁମର ଓ ଓଡ଼ିଆ ଗୀତରେ ଉଚ୍ଚକୋଟୀର ସାଂସ୍କୃତିକ ପରିବେଷଣ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଜଙ୍ଗଲୀ ଡ୍ୟାନ୍ସ ଓ 'ମୁଁ ସେଇ କଳିଙ୍ଗ' ଗୀତରେ ଗ୍ରୁପ ଡ୍ୟାନ୍ସ ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା।

ଶିକ୍ଷକ ମନୋରଞ୍ଜନ ଗିରି ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଲକ୍ଷ୍ମୀକାନ୍ତ ତୁଙ୍ଗ, ସୁନୀଲ ଦେଓ, ଶରତ ସେଠୀ, ଉମାକାନ୍ତ ଗିରି, ହରେକୃଷ୍ଣ ସେଠୀ, ରଞ୍ଜନ ଗିରି, ବବିତା ମୁର୍ମୁ, କାଞ୍ଚନ ନାଏକ, ଆରତୀ ନାଏକ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଲୁହାକାନିରେ ଇଦୁଲ ଫିତର ପର୍ବ ପାଳିତ

ବିଶୋଇ, ୧୧।୪ (ସମିସ): ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନୀଠାରେ ମୁସଲିମ ସମ୍ପ୍ରଦାୟର ଶାନ୍ତି ଓ ସଦଭାବନାର ପର୍ବ ଇଦ୍ ପର୍ବ ମହାଆଡମ୍ବର ସହକାରେ ପାଳିତ ହୋଇଛି। ଏହି ପର୍ବରେ ମୁସଲିମ ପରିବାରର ସମସ୍ତ ସଦସ୍ୟ ନୂତନ ପୋଷାକ ପରିଧାନ କରି ମସଜିଦରେ ନମାଜ ପଢ଼ିଥିଲେ। ଧର୍ମଗୁରୁ ନମାଜ ଇଦୁଲ୍ ଫିତର ପାଠ କରାଇ ଉପସ୍ଥିତ ସଭାସ୍ୱଜନ ମଣ୍ଡଳୀଙ୍କୁ ବିଶ୍ୱଶାନ୍ତି, ଭାଇଚାରା, ମାନବ କଲ୍ୟାଣ କାର୍ଯ୍ୟ କରିବା ତଥା ଦେଶରେ ଏକତା, ଅଖଣ୍ଡତା ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜଣେ ଅନ୍ୟ ଜଣକୁ ଆନ୍ତରିକତା ସହ ସହୃଦୟରେ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ।

# ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦ୍‌ଯାପିତ

ମୋରଡ଼ା, ୧୧।୪(ସମିସ): ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ପଞ୍ଚାୟତର ବସଷ୍ଟାଣ୍ଡରେ ମା' ଶୀତଳାଙ୍କ ବାର୍ଷିକ ପୂଜା ଉଦଯାପିତ ହୋଇଯାଇଛି। ସରପଞ୍ଚ ବାଲକ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ୱାର୍ଡ ସଭ୍ୟମାନେ ଏହି ପୂଜା ପରିଚାଳନା କରିଛନ୍ତି। ମଙ୍ଗଳବାର ମା' ଭଗବତୀ ବିଳମ୍ବିତ ରାତିରେ ପଞ୍ଚାୟତର ବିଭିନ୍ନ ୱାର୍ଡକୁ ବାଜା ଏବଂ ଚଡଚଡ଼ି ସାଙ୍ଗକୁ ବାଣ ଫୁଟାଇ ଲୋକମାନେ ରୋଗ, ବ୍ୟାଧି ଦୂର କରାଇବା ସହିତ ଗ୍ରାମଶାନ୍ତି ପାଇଁ ଗାଁ ପରିକ୍ରମା କରାଇଥିଲେ। ପରେ ଘଟ ଉତ୍ତୋଳନ କରାଯାଇଥିଲା। ମୁଖ୍ୟ ପୂଜକ ବାଲେଶ୍ୱର ଜିଲ୍ଲା ନଙ୍ଗଳେଶ୍ୱର କୋମାରଗଡ଼ିଆର ଜୟନ୍ତ ମିଶ୍ରଙ୍କ କହିବା ମୁତାବକ ସେ ଦୀର୍ଘ ୪୦ ବର୍ଷ ହେଲା ମା'ଙ୍କୁ ପୂଜା କରି ଆସୁଛନ୍ତି। ତେବେ ଚଳିତ ବର୍ଷ ବର୍ଷା ଯୋଗୁଁ ୬ ଶହରୁ ଅଧିକ ମାନସିକଧାରୀ ପୂଜା କରିବା ପାଇଁ ଆସିଥିଲେ; କିନ୍ତୁ ବର୍ଷା ଯୋଗୁଁ ଫିକା ପଡ଼ିଯାଇଥିଲା।

ପୂଜା ସରିବା ପରେ ୱାର୍ଡ଼ ସଭ୍ୟମାନେ ଖଇ ଏବଂ ମିଠା ପକେଟ ଧରି ଘରକୁ ଘର ବୁଲି ପ୍ରସାଦ ବଣ୍ଟନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଲିଟୁ ରଣା, ସାମଟୁ ଜେନା, ମଣ୍ଟୁ ଦେହୁରୀ, ଏବଂ ଫାନା ବେହେରା ପରିଚାଳନା କରୁଥିଲେ।



## ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ



**ସୋସୋ, ୧୧।୪(ସମିସ):** ହାଟଡିହୀ ବ୍ଲକ ମରେଇଗାଁ ଗ୍ରାମର ଜୟବୀର ହନୁମାନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଛି। ଆଜି ସକାଳୁ କଳସ ଆଣାଯାଇ ମନ୍ଦିର ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ପଣ୍ଡିତ ନିରଞ୍ଜନ ମିଶ୍ର ଓ ଅନାମ ତ୍ରିପାଠୀ ରିତିନିତି ଅନୁଯାଇ ପୂଜାପାଠ କରିଥିବାବେଳେ କାହ୍ନ ଚରଣ ଜେନା ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣ ପ୍ରଭାଜେନା କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ଗାଁ ତଥା ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଉପସ୍ଥିତ ରହି ରତ୍ନମୁଦ ଭଣ୍ଡାରରେ ଦାନ କରିଥିଲେ। ଜୟବୀର ହନୁମାନ ପରିଚାଳାନା କମିଟିର ସଭ୍ୟମାନେ ସହଯୋଗ ଓ ପରିଚାଳନା କରିଥିଲେ।

## ମଉଦାଠାରୁ ଅଡାଳପଙ୍କ ରାସ୍ତା ବିପର୍ଯ୍ୟସ୍ତ



**ସୋସୋ, ୧୧।୪(ସମିସ):** କେନ୍ଦୁଝର ଜିଲା ହାଟଡିହି ବ୍ଲକର ସୋସୋ ପଞ୍ଚାୟତ ମଉଦା ଠାରୁ ଅଡାଳପଙ୍କ ପର୍ଯ୍ୟନ୍ତ ରାସ୍ତାଟି ଖାଲଖମାରେ ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତାଟି ଭଦ୍ରକ ଜିଲା ବନ୍ତକୁ ସଂଯୋଗ କରିଥିବାରୁ ଆଖପାଖ ଗାଁର ଲୋକମାନେ ବନ୍ତ ବଜାର ଉପରେ ନିର୍ଭର କରିଥାନ୍ତି। ତାଛଡା ୨କିମି ଦୂରରେ ଅଡାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ଲୋକମାନେ ସେହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ରାସ୍ତାଟି ଦୀର୍ଘ ଦିନ ହେବ ମରାମତି କରାଯାଉନଥିବାରୁ ରାସ୍ତାର ଚିପ୍ସ ଉଠିଯିବା ସହିତ ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଏହି ରାସ୍ତା ଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଯାତାୟତ କରିଥାନ୍ତି। ଏଭଳି ଗୁରୁତ୍ୱ ବହନ କରୁଥିବା ରାସ୍ତାଟି ଅସୁରକ୍ଷିତ ହୋଇ ପଡିଥିବାରୁ ଦୁର୍ଘଟଣା ବିଭିନ୍ନ ସମୟରେ ଘଟୁଛି। ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ଆବଶ୍ୟକ ନଥିବା ସ୍ଥାନରେ ବିଭାଗ ରାସ୍ତା ନିର୍ମାଣ କରୁଥିବାବେଳେ ଅସୁରକ୍ଷିତ ହୋଇ ପଡିଥିବା ରାସ୍ତାକୁ ମରାମତି କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତାଟିକୁ ମରାମତି କରିବାକୁ ସେ ଅଂଚଳର ସମାଜ ସେବୀ ସୁବୋଧ କୁମାର ସାହୁ, ମା'ତାରିଣୀ ସେବା ଟ୍ରଷ୍ଟର ସଭାପତି ଧନେଶ୍ୱର ମହାନ୍ତି, ବ୍ରହ୍ମାନନ୍ଦ ଘଡେଇ, ରାଜେନ୍ଦ୍ର ନାଥ, ଅବିନାଶ ପ୍ରମୁଖ ବହୁ ଗ୍ରାମବାସୀ ଦାବି ଦାବି କରିଛନ୍ତି।

## ଛୋଟ ପିଲାଙ୍କୁ ପ୍ରଚାରରେ ବ୍ୟବହାର କରୁଛି ବିଜେପି



**ଆନନ୍ଦପୁର,୧୧।୪(ସମିସ):** ନିର୍ବାଚନ ପ୍ରଚାର ଭଳି ସମ୍ବେଦନଶୀଳ କାର୍ଯ୍ୟକ୍ରମରେ କୋମଳମତି ଛୋଟ ପିଲାଙ୍କୁ ବିଜେପିର ପ୍ରାର୍ଥୀମାନେ ବ୍ୟବହାର କରିବା ଘଟଣାରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ନିର୍ବାଚନ ଆଚରଣ ବିଧି ଓ ପ୍ରଚାର ସମୟରେ ସରକାରୀ କଟକଣା ଏବଂ ବିଶେଷ କରି ଦୂରଦୃଷ୍ଟି ନ ରଖି ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିବାକୁ ଏପରି କରୁଥିବା ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡାପାଳ ପଞ୍ଚାୟତର ଟୋଲଙ୍ଗପଡା ଗ୍ରାମରେ। ବିଜେପି କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ଚରଣ ନାୟକ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ ଟୋଲଙ୍ଗପଡା ଗ୍ରାମର ମା' ମଙ୍ଗଳାଙ୍କ ପୀଠରେ ପୂଜାର୍ଚ୍ଚନା କରି ପଦଯାତ୍ରା ଆରମ୍ଭ କରିଥିଲେ। ନିଜ ସପକ୍ଷରେ ପ୍ରଚାର କରିବା ପାଇଁ ଟୋଲଙ୍ଗପଡା ଗ୍ରାମର ବିଭିନ୍ନ ସାହି ବସ୍ତିକୁ ପରିକ୍ରମା କରୁଥିବା ବେଳେ ସାଥିରେ ଥିବା କର୍ମୀମାନଙ୍କ ସଂଖ୍ୟା ଅତି ନଗନ୍ୟ ପରିଲକ୍ଷିତ ହୋଇଥିଲା। ହାତଗଣତି କେଇଜଣ କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ଗାଁରେ ବୁଲୁଥିବା ବେଳେ ଗାଁ ଦାଣ୍ଡରେ ବୁଲୁଥିବା ଛୋଟ ଛୋଟ ପିଲାମାନଙ୍କୁ ବିଜେପି ପତାକା ଧରାଇ ଏହି ପଦଯାତ୍ରାରେ ସାମିଲ କରିଥିଲେ। ପଦଯାତ୍ରାରେ ବିଜେପି ପତାକା ଧରି ବୁଲୁଥିବା ଛୋଟ ଛୋଟ ପିଲାମାନଙ୍କୁ ଦେଖି ପରିବାର ଲୋକେ ଚକିତ ହୋଇପଡିଥିବା ବେଳେ ବୁଦ୍ଧିଜୀବୀ ମହଲରେ ଏପରି କାର୍ଯ୍ୟକଳାପକୁ ନାପସନ୍ଦ କରାଯାଇଥିଲା। ତେବେ ବିଜେପି ଭଳି ଏକ ଜାତୀୟ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀ ନିର୍ବାଚନ ପ୍ରଚାରରେ ଛୋଟ ପିଲାମାନଙ୍କୁ ସାମିଲ କରିବା ଘଟଣା ନିର୍ବାଚନ ଆଇନ୍‌ର ବିରୁଦ୍ଧାଚରଣ କରୁଥିବାରୁ ଏଦିଗରେ ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଓ ନିର୍ବାଚନ ଅଧିକାରୀ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

**ଜଙ୍ଗଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା**

# ପ୍ରେମ ପ୍ରତାରଣାରୁ ହତ୍ୟା; ପ୍ରେମିକ ଗିରଫ

ଯୋଡା,୧୧।୪(ସମିସ)



ପ୍ରେମ ପରେ ପ୍ରତାରଣା। ଆଉ ଶେଷରେ ହତ୍ୟା। ପ୍ରଥମେ ପ୍ରେମ, ଆଉ ତା' ପରେ ବିବାହର ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖିଲା ପ୍ରେମିକ। ପ୍ରେମିକା ଗର୍ଭବତୀ ହେବା ନେଇ ଜାଣିବା ପରେ ତାକୁ ଘରୁ ଡାକି ନେଇ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲା ପ୍ରେମିକ। ଗତ ମଙ୍ଗଳବାର ବଡ଼ବିଲ ଥାନା ସୋୟାବାଲି ଜଙ୍ଗଲରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାସ କରି ବଡ଼ବିଲ ପୁଲିସ୍ ଏହି ସୂଚନା ଦେଇଛି। ମୃତଦେହ ଚିହ୍ନଟ ହେବା ପରେ ପୋଲିସ୍ ଘଟଣାର ରହସ୍ୟ ଉନ୍ମୋଚନ କରିବା ସହ ହତ୍ୟାକାରୀ ପ୍ରେମିକକୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତ ସତ୍ୟବାନକୁ ଧରି ପୁରା ଘଟଣାର ସିନ୍ରି କ୍ରିଏସନ କରିଛି ବଡ଼ବିଲ ପୁଲିସ୍।

ମୃତ ଯୁବତୀ ଜଣକ ହେଲେ ସୁନ୍ଦରଗଡ଼ ଜିଲ୍ଲା, କୋଇଡ଼ା ଥାନା ଅନ୍ତର୍ଗତ ବଡ଼ଇନ୍ଦପୁର ଗ୍ରାମର ପୁରୁଷୋତ୍ତମ ପଲେଇଙ୍କ ୨୦ବର୍ଷର ଝିଅ ମମତା ପଲେଇ। ଆଉ ଗିରଫ ଅଭିଯୁକ୍ତ ହେଲେ ଚମ୍ପୁଆ ଥାନା ରଜିଆ ଅଞ୍ଚଳର ସତ୍ୟବାନ ବେହେରା। ସତ୍ୟବାନ ପୂର୍ବରୁ ବିବାହିତ। ସେ ଏକ ଘରୋଇ ଖଣି ସଂସ୍ଥାରେ ଡ୍ରାଇଭର ଭାବେ କାମ କରୁଥିଲା ଏବଂ ବଡ଼ବିଲ ବସ୍ତି ଅଞ୍ଚଳରେ ଏକ ଭଡ଼ା ଘର ନେଇ ରହି ଆସୁଥିଲା। ଅନେକ ସମୟରେ ସେ କାମରେ ବଡ଼ଇନ୍ଦପୁର ଯିବା ଆସିବା କରିବା ଭିତରେ ମମତାଙ୍କ ସହ ତା'ର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ବିବାହର ପ୍ରତିଶ୍ରୁତି ଦେଇ ଦୈହିକ ସମ୍ପର୍କ ରଖିବାକୁ ବାଧ କରିଥିଲା। ପରେ ଅନ୍ତସତ୍ତ୍ୱା ହୋଇଥିଲେ ମମତା। ଇତି ମଧ୍ୟରେ ଦୁଇମାସ ବିତିଯାଇଥିଲା। ବିବାହ ପାଇଁ ଜିଦ୍ ଧରି ବସିଥିଲେ ମମତା। କିନ୍ତୁ ଅଭିଯୁକ୍ତ ସତ୍ୟବାନର ଉଦ୍ଦେଶ୍ୟ ଆଉ କିଛି ରହିଥିଲା। ଗତ ୫ ତାରିଖ ସନ୍ଧ୍ୟାରେ ବଡ଼ବିଲ ମହାନ୍ତ ବସ୍ତିର ଜଣେ ବନ୍ଧୁଙ୍କ ବାଇକ୍ ମାଗି ବଡ଼ଇନ୍ଦପୁର ଯାଇ ସେଠାରୁ ବିବାହ କରିବା କଥାଦେଇ ମମତାକୁ ସାଥିରେ ନେଇ ବଡ଼ବିଲ ଆସିଥିଲେ। ବିଳମ୍ବିତ ରାତିରେ ବଡ଼ବିଲ ସାନ୍ତବାହାଳ ଠାରେ ଥିବା ଶିବ ମନ୍ଦିରକୁ ଉଭୟ ଯାଇଥିଲେ। ତେବେ ମନ୍ଦିର ବନ୍ଦ ଥିବା ଫଳରେ ଉଭୟ ମନ୍ଦିର ବାହାରେ ହିଁ ରାତି କାଟିଥିଲେ। ପରଦିନ ଅର୍ଥାତ୍ ୬ ତାରିଖ ସକାଳ ପ୍ରାୟ ୬ଟା ସମୟରେ ସେ ବନ୍ଧୁଙ୍କ ଠାରୁ ନେଇଥିବା ବାଇକ୍ ଫେରାଇବା ପରେ ଉଭୟ ଚାଲିଚାଲି ସୟାବାଲି ଜଟେଶ୍ୱର ମନ୍ଦିରକୁ ଯାଉଥିଲେ। ମାତ୍ର ଜଟେଶ୍ୱର ମନ୍ଦିରକୁ ପହଞ୍ଚିବା ପୂର୍ବରୁ ବାମପଟେ ଥିବା ଏକ ନିଛାଟିଆ ବାଟରେ ମମତାକୁ ନେଇଯାଇଥିଲା ସତ୍ୟବାନ। ଆଉ ତା' ପରେ ନିର୍ମମ ଭାବରେ ମମତାର ତଣ୍ଟି ଚିପି ହତ୍ୟା କରିଥିଲା। ହତ୍ୟା କରିସାରିବା ପରେ ଘଟଣାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ମମତା ଦେହରେ ପଡ଼ିଥିବା ଚୁନରୀକୁ ତା'ର ବେକରେ ବାନ୍ଧି ମାତ୍ର ୩ ଫୁଟ ଉଚ୍ଚତାରେ ଗୋଟିଏ ଗଛରେ ଝୁଲାଇ ଦେଇ ସେଠାରୁ ପଳାଇଥିଲା। ବାଟରେ ସେ କେଉଁଠାରେ ମମତାଙ୍କ ମୋବାଇଲ ଫୋନକୁ ମଧ୍ୟ ଫୋପାଡ଼ି ଦେଇଥିଲା ବୋଲି ପୁଲିସ ସୂଚନା ଦେଇଛି। ସକାଳ ପ୍ରାୟ ୧୦ଟାରୁ ସାଢେ ୧୦ଟା ମଧ୍ୟରେ ଏହି ହତ୍ୟାକାଣ୍ଡ ଭିଆଇଥିଲା ଧୋକେବାଜ୍ ପ୍ରେମିକ। ଘଟଣାର ତିନି ଦିନ ପରେ ସ୍ଥାନୀୟ କିଛି ଲୋକ ଜଙ୍ଗଲରେ ଯୁବତୀଙ୍କ ଗଳିତ ମୃତଦେହ ଝୁଲୁଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ଏ ସଂକ୍ରାନ୍ତରେ ବଡ଼ବିଲ ପୁଲିସ୍ ୧୩୭/୨୪, ଦଫା ୩୦୨ /୩୭୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସତ୍ୟବାନ ବେହେରାକୁ କୋର୍ଟଚାଲାଣ କରିଛ।

## ମା' ତାରିଣୀ ମନ୍ଦିର ଟ୍ରଷ୍ଟି ସଦସ୍ୟଙ୍କ ପରଲୋକ

**ଆନନ୍ଦପୁର,୧୧।୪(ସମିସ):** ଆନନ୍ଦପୁର ଅଞ୍ଚଳର ବିଶିଷ୍ଟ ଡାକ୍ତର ରାଜକିଶୋର ଶତପଥୀଙ୍କ ବଡଭାଇ ତଥା ବରାହଟିପୁରା ଗ୍ରାମ ନିବାସୀ ମାୟାଧର ଶତପଥୀଙ୍କର ୯୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ଘରୋଇ ଭାବେ ଚିକିତ୍ସିତ ହେଉଥିଲେ। ଆଜି ସକାଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ସ୍ୱର୍ଗତ ଶତପଥୀ ତରା ଗ୍ରାମ ପନଚାୟତର ସରପନଚ ଏବଂ ଦୀର୍ଘ ବର୍ଷ ଧରି ଘଟଗାଁ ମା'ତାରିଣୀ ମନ୍ଦିର ଟ୍ରଷ୍ଟିର ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ସ୍ୱର୍ଗତ ଶତପଥୀ ଆନନ୍ଦପୁର ପୌରପାଳିକା ଅନ୍ତର୍ଗତ ଶାଳପଡାର ବାସିନ୍ଦା ଓ କେନ୍ଦୁଝର ଜିଲ୍ଲା ସମବାୟ ସଂଘର ସଭାପତି ଅଟଳ ବିହାରୀ ଶତପଥୀ ଏବଂ ବିଜେପିର ବରିଷ୍ଠ ନେତା ସ୍ୱାଧୀନ ଶତପଥୀଙ୍କ ପିତା ଅଟନ୍ତି। ସେ ଜଣେ



ଅମାୟିକ ତଥା ସମାଜସେବୀ ଭାବେ ସ୍ଥାନୀୟ ଅଞ୍ଚଳରେ ଶେଷ ସମୟ ପର୍ଯ୍ୟନ୍ତ ସାଇକେଲରେ ବୁଲି ଅଂଚଳବାସୀଙ୍କ ସେବା କରି ବେଶ୍ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସମସ୍ତ ଆତ୍ମୀୟ ସ୍ୱଜନ ବରାହଟିପୁରାରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ତାଙ୍କ ପାର୍ଥୀବ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ଘଟଗାଁ ମା'ତାରିଣୀଙ୍କ ମନ୍ଦିର ପରିକ୍ରମା କରାଯିବା ପରେ ଶ୍ମଶାନରେ ଶେଷକୃତ୍ୟ ସମ୍ପନ ହୋଇଥିଲା। ବଡ଼ପୁଅ ଅଟଳ ବିହାରୀ ମୁଖାଗ୍ନୀ ଦେଇଥିଲେ।

## ତିଗିରିଆ ଅଷ୍ଟପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

**ରାମଚନ୍ଦ୍ରପୁର,୧୧।୪(ସମିସ):** ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ପଞ୍ଚାୟତ ତିଗିରିଆ ଗ୍ରାମରେ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟବିଂଶତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ ଗ୍ରାମର ଅନେକ ଶ୍ରଦ୍ଧାଳୁ ଉପବାସ ବ୍ରତରଖି ଗ୍ରାମ ପୁଷ୍କରିଣୀରୁ କଳସ ପୂଜନ କରି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ନାମଯଜ୍ଞ ମଣ୍ଡପ ଠାରେ ରାଧାକୃଷ୍ଣଙ୍କ ମୃଣ୍ମୟୀ ମୂର୍ତ୍ତି ତିନିଦିନ ଧରି ପୂଜା ପାଇ ଆସୁଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ଡ. ଶମ୍ଭୁନାଥ ରାଉତ ଯୋଗଦେଇ ଭାଇଚାରା ସମ୍ପର୍କକୁ ଅତୁଟ ରଖିବା ସହ ଆଶୀର୍ବାଦ କାମନା କରିଥିଲେ। ଶେଷ ଦିବସରେ ବିଲାବନ୍ଧ, ଅଳତି, ରାଇତୋଳା, ବେଲସୁନ୍ଦରୀ, ଏବଂ ସୁକିନ୍ଦା ଅଞ୍ଚଳରୁ ଆସିଥିବା ସଂକିର୍ତ୍ତନ ମଣ୍ଡଳି ନଗର ଭ୍ରମଣ କରି



ସନ୍ଧ୍ୟାରେ ଦଧିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁ ହେମନ୍ତ ସାମଲ ଦଧିହାଣ୍ଡି ଭାଙ୍ଗି ଅଷ୍ଟପ୍ରହର ନାମଯଜ୍ଞକୁ ସମାପନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମନୋରଞ୍ଜନ ବେହେରା, ମହେନ୍ଦ୍ର ବେହେରା, ଜିତେନ୍ଦ୍ର ବେହେରା, ହୃଦାନନ୍ଦ ବେହେରା, କଳାକର ବେହେରା, ମାୟାଧର ରାଉତ ସମେତ ଅନେକ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ଦୀର୍ଘ ତିନି ଦିନ ଧରୀ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।

## ବିଶ୍ରାମ ନେବା ସମୟରେ ଟଳିପଡ଼ିଲେ ଯୁବକ

**ତୁରୁମୁଙ୍ଗା,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମୁରୁସୁଆଁ ପଞ୍ଚାୟତ ଭାଲୁପାହାଡ଼ି ଗ୍ରାମରେ ଗୁରୁବାର ସକାଳେ ଜଣେ ବ୍ୟକ୍ତି ଖାଇସାରି ଘର ବାରଣ୍ଡାରେ ବିଶ୍ରାମ ନେଉଥିବା ସମୟରେ ଖସି ପଡିଥିଲେ। ପରିବାର ଲୋକେ ତୁରନ୍ତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ବିଜୟ ମହାନ୍ତ (୪୮)। ଖବର ପାଇ ତୁରୁମୁଙ୍ଗା ଥାନା ଏସ୍ଆଇ ତାପସ କୁମାର ଦାସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନା ରେ ୧୦/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶୈଳଙ୍ଗରେ ବାଦିପାଲା ସମାରୋହ

**ଆନନ୍ଦପୁର,୧୧।୪(ସମିସ):** ଆନନ୍ଦପୁର ପୌରାଞ୍ଚଳ୧୬ ନଂ ଓ୍ୱାର୍ଡ ଶୈଳଙ୍ଗ ଗ୍ରାମରେ ୬୮ ତମ ବାଦିପାଲା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟନାରାୟଣ ପାଲା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି ବାଦିପାଲାରେ ଗାୟକ ସିଦ୍ଧାନ୍ତ ଦର୍ଶୀ ମଦନମୋହନ ଜେନା ଓ ଗାୟକ ସମ୍ରାଟ କାଳୁ ଚରଣ ଦାଶ ପ୍ରତିଦିନ ସନ୍ଧ୍ୟାରେ ପାଲା ପରିବେଶଣ ମାଧ୍ୟମରେ ନୀତିଶିକ୍ଷା, ସାମାଜିକ ରୀତିନୀତି ଓ ସାଂପ୍ରତିକ ସମାଜରେ ପାରିବାରିକ ସମ୍ପର୍କ ବଜାୟ ରଖିବା ପାଇଁ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ପାଲା କମିଟିର କର୍ମକର୍ତ୍ତା ପ୍ରଶାନ୍ତ ପୁହାଣ, ଭୀମସେନ ସାହୁ, ଅକ୍ଷୟ ସା, ସୁବାଷ ମହାନ୍ତି, ଅକ୍ଷୟ ପୁହାଣ, ପ୍ରୀତିରଂଜନ ସା, ଅକ୍ଷୟ ନାୟକ, ଘନଶ୍ୟାମ ସା, ଅକ୍ଷୟ ମୁଦୁଲି, ବେଣୁଧର ସା, ହରିହର ଅଧିକାରୀ, ପ୍ରଶାନ୍ତ ମହାନ୍ତି, ମହେଶ୍ୱର ରାଉତ, ସୌଭାଗ୍ୟ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

## ମହୁଫେଣା କାଟୁଥିବା ବେଳେ ଟାଙ୍କିରୁ ପଡ଼ି ଯୁବକ ମୃତ

**ଆନନ୍ଦପୁର,୧୧।୪(ସମିସ):** ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡ଼ିହା ଗ୍ରାମରେ ଗତ ବୁଧବାର ବସୁଧା ପାଣି ଟାଙ୍କିରୁ ମହୁ ଫେଣା କାଟୁଥିବା ବେଳେ ଗୋଡ଼ ଖସି ଯିବାରୁ ଟାଙ୍କିରୁ ପଡି ଜଣେ ଯୁବକର ମୃତ୍ୟୁ ହୋଇଯାଇଛି ସୂଚନା ଅନୁଯାୟୀ ଗତକାଲି ସୁନାକଞ୍ଚା ଗ୍ରାମର ଜମ୍ବିରା ହେମ୍ବ୍ରମ ମହୁ ଆଣିବା ପାଇଁ ବସୁଧା ପାଣି ଟାଙ୍କି ଉପରେ ଚଢ଼ିଥିଲେ। ମହୁ ଫେଣା କାଟୁଥିବା ସମୟରେ ଗୋଡ଼ ଖସିଯିବାରୁ ସେ ତଳେ ପଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଆନନ୍ଦପୁର ପୁଲିସ ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

## ଜନାର୍ଦ୍ଦନପୁର ଶାସନରେ ସାମ୍ବାଦିକଙ୍କୁ ଶ୍ରଦ୍ଧାଞ୍ଜଳି

**ଆନନ୍ଦପୁର,୧୧।୪(ସମିସ):** ଆନନ୍ଦପୁର ପୌରାଞ୍ଚଳର ଜନାର୍ଦ୍ଦନପୁର ଶାସନରେ ଆନନ୍ଦପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ସାମ୍ବାଦିକ ଗୌରହରି ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ତାଙ୍କ ଦ୍ୱାଦାଶହ କର୍ମ ଅବସରରେ ଜନାର୍ଦ୍ଦନପୁର ଶାସନ ସ୍ଥିତ ବାସ ଭବନରେ ଆୟୋଜିତ ସ୍ମୃତି ଚାରଣ ଓ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନୈତିକ ନେତୃବୃନ୍ଦ,



ଗଣମାଧ୍ୟମର ପ୍ରତିନିଧି ଓ ଆଇନଜିବୀ ମାନେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ଶ୍ରୀମା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ତତ୍ତ୍ୱାବଧାରକ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ପୁଅ ଅଭିଜିତ ମିଶ୍ର, ବିରଞ୍ଚି ନାରାୟଣ ଦାଶ, ଜ୍ଞାନରଞ୍ଜନ ଦାଶ, ପ୍ରଦୀପ ହୋତା, ଜ୍ୟୋତିରଂଜନ ମହାପାତ୍ର, ଜ୍ଞାନରଞ୍ଜନ ପଣ୍ଡା, ଦିପ୍ତି ରଞ୍ଜନ ପଣ୍ଡା, ଶେଷନାଗ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଟୋଲଙ୍କପଡ଼ାରେ ଅଷ୍ଟପ୍ରହରୀ ନାମଯଜ୍ଞ

**ବେଲବାହାଲି,୧୧।୪(ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ଗ୍ରାମରେ ଧାର୍ମିକ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅଷ୍ଟପ୍ରହରୀ ଓ ନାମଯଜ୍ଞ ମହା ଆଡମ୍ବରରେ ପାଳନ ହୋଇଯାଇଅଛି। ମୁଖ୍ୟକର୍ତ୍ତା ଭାବେ ଚଗଲା ସାହୁ, ଜଳଧର ବାରିକ, ସନାତନ ସାହୁ, ଶରତ ସାହୁ, ବିରଞ୍ଚି ମହାରଣା, ବସନ୍ତ ସା, ନିରଞ୍ଜନ ସାହୁ ଓ ଗୋଲଖ ସାହୁ ରୀତିନୀତି ଅନୁସାରେ କୁସେଇ ନଦୀରୁ କଳସ ପୂଜନ କରି ଶଙ୍ଖ ଘଣ୍ଟ ହୁଳହୁଳି ବାଜା ବଜାଇ ଗ୍ରାମ ପରିକ୍ରମା କରି ନାମଯଜ୍ଞ ମଣ୍ଡପ ଠାରେ ସ୍ଥାପନ କରିଥିଲେ। ଉକ୍ତ ନାମଯଜ୍ଞରେ ପୂଜକ ବ୍ରଜକିଶୋର ଦାସ, ପ୍ରାଣକୃଷ୍ଣ ଦାସ, ଲମ୍ବୋଦର ଦାସ, ସୁବୋଧ ଦାସ ପ୍ରମୁଖ ପୂଜାର୍ଚ୍ଚନା ଓ ନାମଯଜ୍ଞ ସହିତ ଗ୍ରାମ ସଂକୀର୍ତ୍ତନ ଦଳଙ୍କ ଦ୍ୱାରା ହରିନାମ କୀର୍ତ୍ତନ କରାଯାଇଥିଲା। ଏହି ଅଧିବାସ ତିନି ଦିନ ଧରି ଚାଲୁଥିବା ବେଳେ ଆଖପାଖ ଅଞ୍ଚଳରୁ ୨୦ଟି ଦଳ ଆସି ଏହି ନାମଯଜ୍ଞ ରେ ନାମ ସଙ୍କୀର୍ତ୍ତନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଟୋଲଙ୍କପଡା ଗ୍ରାମର ଯୁବପିଢ଼ି ଏବଂ ଗ୍ରାମବାସୀ ମାନେ ସହଯୋଗ କରିଛନ୍ତି।

# ତଳ ତମାଙ୍ଗରେ ଝରଣା ପାଣି ଭରସା

ତେଲକୋଇ,୧୧।୪(ସମିସ)



କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକର ବହୁ ଆଦିବାସୀ ଅଞ୍ଚଳରେ ଏବେବି ଅନେକ ଗ୍ରାମ ମୌଳିକ ସୁବିଧାସୁଯୋଗରୁ ବଞ୍ଚିତ ହୋଇ ରହିଛି। ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ, ଏବଂ ରାସ୍ତା ଏହି ଗ୍ରାମକୁ ଅପହଞ୍ଚ ହୋଇ ରହିଛି। ଏମିତି ଏକ ଗ୍ରାମ ହେଉଛି ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡା ପଞ୍ଚାୟତ ଅନ୍ତର୍ଗତ ତଳ ତମାଙ୍ଗ (ନୂଆ)। ପୂର୍ବପୁରୁଷରୁ ଏହି ଗ୍ରାମର ଅଧିବାସୀ ପାହାଡ ଉପର ତମାଙ୍ଗ ଗ୍ରାମରେ ରହି ଆସୁଥିଲେ। ତେଣୁ ସେଠାକୁ କୌଣସି ସରକାରୀ ସୁବିଧାସୁଯୋଗ ପହଞ୍ଚାଇବାରେ ପ୍ରଶାସନ ନାକେଦମ ହେଉଥିଲେ। ଏଣୁ ପ୍ରଶାସନର ବହୁ ବୁଝାସୁଝା ଓ ପ୍ରତିଶୃତି ପରେ ଏହି ଗ୍ରାମର ଲୋକ ମାନେ ପାହାଡ ତଳକୁ ଆସି ମାଙ୍କଡଖଳି ନିକଟରେ ଏକ ନୂଆ ବସତି ସ୍ଥାପନ କଲେ। ଯେଉଁ ପ୍ରଶାସନିକ ପ୍ରତିଶୃତିକୁ ବିଶ୍ୱାସ କରି ଏମାନେ ସୁବିଧାସୁଯୋଗ ଆଶାରେ ପାହାଡ ତଳକୁ ଓହ୍ଲାଇଲେ ସେସବୁ ଏବେ ପାଣିର ଗାର ସାବ୍ୟସ୍ତ ହୋଇଛି। ପ୍ରାୟ ୧୦-୧୨ଟି ପରିବାରକୁ ନେଇ ବସତି ସ୍ଥାପନ ହୋଇଗଲା କିନ୍ତୁ ବିଶୁଦ୍ଧ ପାନୀୟଜଳ ଓ ବିଦ୍ୟୁତ ଭଳି ଅତ୍ୟାବଶ୍ୟକ ସୁବିଧା ମଧ୍ୟ ଉପଲବ୍ଧ ହୋଇପାରିଲା ନାହିଁ। ନିକଟରେ ବୋହିଯାଉଥିବା ପାହାଡି ଝରଣା ହିଁ ଏହି ସାହି ପାଇଁ ଜଳ ସଂଗ୍ରହର ଉତ୍ସ ପାଲଟିଛି। ବାରମ୍ବାର ଅଭିଯୋଗ ଓ ନିବେଦନ ପରେ ମଧ୍ୟ ଏହି ସାହି ପାଇଁ ପାନୀୟଜଳର ବ୍ୟବସ୍ଥା ହୋଇପାରିଲା ନାହିଁ। ତଳକୁ ଓହ୍ଲାଇଥିବା ପରିବାର ଗୁଡିକର ଏଭଳି ଦସା ଦେଖି ଉପରେ ବାକି ରହିଯାଇଥିବା ପ୍ରାୟ ୧୦ଟି ପରିବାର ଆଉ ତଳ (ନୂଆ) ବସତିକୁ ଆସିବାକୁ ନାରାଜ। ପ୍ରଶାସନିକ ଅଧିକାରୀ ଏହି ସାହିକୁ କେବଳ ପ୍ରତିଶୃତି ଦେବାକୁ ଆସିଥାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ବିପଦସଙ୍କୁଳ ଜଙ୍ଗଲ ରାସ୍ତାରେ ପାଣି ପାଇଁ ଝରଣାକୁ ଯିବା ଏହି ସାହି ର ମହିଳା ମାନଙ୍କ ପାଇଁ ନିତିଦିନିଆ କଥା ହୋଇଥିବା ବେଳେ କେବେ ପ୍ରଶାସନ ଏହାର ସମାଧାନ କରୁଛି ତାହା ଦେଖିବା ବାକି ରହିଲା।

## ଶ୍ରୀଝାଡ଼େଶ୍ୱର ପୀଠରେ ଜମୁଛି ବାରୁଣୀ ମେଳା

**ଆନନ୍ଦପୁର,୧୧।୪(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରାସ୍ଥିତ ଶ୍ରୀଝାଡେଶ୍ୱର ମହେଶଙ୍କ ପୀଠରେ ପ୍ରସିଦ୍ଧ ବାରୁଣୀ ମେଳା ଗତ ୬ ତାରିଖଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରତିଦିନ ଜନଗହଳି ଲାଗି ରହିଥିବା ପରିଲକ୍ଷିତ ହୋଇଛି। ଏହି ମେଳା ୭ ଦିନ ଧରି ଚାଲିବାକୁ ପ୍ରଶାସନିକ ନିଷ୍ପତି ହୋଇଥିବା ବେଳେ ପରିଚାଳନା କମିଟି କର୍ମକର୍ତ୍ତାମାନଙ୍କ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହିତ ଚାଲିଥିବା ଜଣାଯାଇଛି। ମେଳାରେ ଦୁଇ ଶହରୁ ଅଧିକ ଷ୍ଟଲ ଲାଗିଥିବା ବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି, ମୀନାବଜାର ସାଙ୍ଗକୁ, ଖାଦ୍ୟ ବଜାର ମଧ୍ୟ ପସରା ମେଲିଛି। ଏହି ମେଳାରେ ଯାଜପୁର, କୁଆଖିଆ, ଜାରକା, ଭଦ୍ରକ, କଟକ ସମେତ ସ୍ଥାନୀୟ ଅଂଚଳର ବ୍ୟବସାୟୀଙ୍କ ସମାଗମ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ଫାଲଗୁନୀ ମାଝୀ ମେଳା ପରିଚାଳନା ସମ୍ପର୍କରେ ତଦାରଖ କରୁଥିବା ଜଣାଯାଇଛି। କୋଠ ତହସିଲଦାର ସୁଶାନ୍ତ କୁମାର ସାମଲ, ଏଆରଆଇ ମନୋଜ କୁମାର ସାହୁ, କମିଟି ସଦସ୍ୟ ଅଜୟ କୁମାର ସାହୁ, ରଘୁନାଥ ସାହୁ, ଦୀପକ ସାହୁ, ଚିନ୍ତାମଣି ସାହୁ, ପଙ୍କଜ ସାହୁ, ବିକାଶ ସାହୁ, ଅକ୍ଷୟ ସାହୁ, ପରେଶ ସେଠୀ, ପ୍ରଶାନ୍ତ ସାହୁ, ନିରଞ୍ଜନ ସାହୁ, ଚକ୍ରଧର ସାହୁ ମେଳା ପରିଚାଳନାରେ ସହ ଯୋଗ କରୁଥିବା ବେଳେ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ



ମୁତୟନ କରାଯିବା ସହିତ ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ କର୍ମଚାରୀମାନେ ମୁତୟନ ହୋଇଛନ୍ତି। ସେହିଭଳି ପରିମଳ, ବିଦ୍ୟୁତ ଓ ପାନୀୟଜଳ ଯୋଗାଣ ବ୍ୟବସ୍ଥା ପାଇଁ ଆବଶକୀୟ ବ୍ୟବସ୍ଥା କରାଯାଇଥିବା ଜଣାଯାଇଛି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୩.୭୫ • ପାଉଣ୍ଡ ୧୦୫.୭୧
- ୟୁରୋ ୯୦.୦୩ • ୟେନ୍ ୦.୫୪

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)

- ସୁନା : ୬୬,୨୬୦ (ଭୁବନେଶ୍ୱର)
- ରୁପା : ୮୫,୬୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୫,୦୩୮.୦୦
- ନିଫ୍ଟି ୨୨,୭୫୩.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



### ପାନ ମସଲା, ଗୁଟ୍‌ଖା ବ୍ୟବସାୟୀଙ୍କୁ ବଡ଼ ଆଶ୍ୱସ୍ତି

# ଜିଏସ୍‌ଟି ରିଟର୍ଣ୍ଣ ଫାଇଲିଂ ସମୟସୀମା ବଢ଼ିଲା

**ନୂଆଦିଲ୍ଲୀ,୧୧।୪(ଏଜେନ୍ସି):** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କ୍ରମେ କେନ୍ଦ୍ର ସରକାର ପାନ ମସଲା, ଗୁଟଖା ଓ ତମାଖୁ ଉତ୍ପାଦନକାରୀଙ୍କ ପଞ୍ଜୀକରଣ ଏବଂ ମାସିକ ରିଟର୍ଣ୍ଣ ଦାଖଲ କରିବା ପାଇଁ ବିଶେଷ ପ୍ରକ୍ରିୟାର କାର୍ଯ୍ୟାନ୍ୱୟନ ସମୟସୀମାକୁ ୧୫ ମେ' ପର୍ଯ୍ୟନ୍ତ ବଢାଇ ଦେଇଛନ୍ତି। ପରୋକ୍ଷ ଟିକସ ଏବଂ କେନ୍ଦ୍ରୀୟ ସୀମା ଶୁଳ୍କ ବୋର୍ଡ ଏହା ପୂର୍ବରୁ ନୂଆ ପଞ୍ଜୀକରଣ ଏବଂ ମାସିକ ରିଟର୍ଣ୍ଣର ଦାଖଲ ପ୍ରକ୍ରିୟା ଚଳିତବର୍ଷ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ କରିବା ଲାଗି ଜାନୁଆରୀରେ ଘୋଷଣା କରିଥିଲା। ଏଭଳି ବ୍ୟବସ୍ଥାଗୁଡିକର ପଞ୍ଜୀକରଣ, ରେକର୍ଡ ରଖିବା ଏବଂ ମାସିକ ସୂଚନାରେ ଆମୁଳଚୂଳ ପରିବର୍ତ୍ତନର ପଦକ୍ଷେପ ଉଦ୍ଦେଶ୍ୟ ପାନ ମସଲା ଏବଂ ତମ୍ବାକୁ ଉତ୍ପାଦନକାରୀଙ୍କ ଜିଏସଟି ଅନୁପାଳନରେ ଉନ୍ନତି ଆଣିବା। ପୂର୍ବ ବିଧେୟକ ୨୦୨୪ ଜରିଆରେ ଜିଏସ୍‌ଟି ଆଇନରେ ସଂଶୋଧନ ଅଣାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ଯଦି ସେ ଏପ୍ରିଲ ପହିଲାରୁ ନିଜ ପ୍ୟାକିଂ ବ୍ୟବସ୍ଥାକୁ ଜିଏସ୍‌ଟି ଅଧିକାରୀମାନଙ୍କ ନିକଟରେ ପଞ୍ଜୀକୃତ କରିବାର ବିଫଳ ହୁଅନ୍ତି ତେବେ ପାନ ମସଲା, ଗୁଟଖା ଏବଂ ତମାଖୁକୁ ଉତ୍ପାଦର ନିର୍ମାତାଙ୍କୁ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ। ସିବିଆଇସି ଏକ ଅଧିସୂଚନା ମାଧ୍ୟମରେ ଏହି ବିଶେଷ ପ୍ରକ୍ରିୟାର ଲାଗୁ ସମୟସୀମାକୁ ୪୫ ଦିନ ବଢାଇ ୧୫ ମେ' କରିଦେଇଛନ୍ତି ।




ଅବଧି ମେ' ୧୫ ଯାଏ ବୃଦ୍ଧି

# ନିର୍ବାଚନ ପରେ ବଢ଼ିବ ପେଟ୍ରୋଲ-ଡିଜେଲ ଦର

**ନୂଆଦିଲ୍ଲୀ,୧୧।୪(ଏଜେନ୍ସି)**

ସାରା ଦେଶରେ ଏବେ ସାଧାରଣ ନିର୍ବାଚନର ମାହୋଲ। ଅନେକ ରାଜନୈତିକ ଦଳ ଏବେ ଭୋଟରଙ୍କୁ ଗୋଟିଏ ପରେ ଗୋଟିଏ ପ୍ରତିଶ୍ରୁତି ଦେବାରେ ଲାଗିପଡିଛନ୍ତି। ବର୍ତ୍ତମାନ ଆସିଥିବା ଏକ ରିପୋର୍ଟରେ କୁହାଯାଇଛି ଯେ ନିର୍ବାଚନ ପରେ ସାଧାରଣ ଲୋକଙ୍କ ପକେଟ ଉପରେ ଆର୍ଥିକ ଭାର ବଢ଼ିପାରେ। କାରଣ ବଜାର ବିଶେଷଜ୍ଞମାନଙ୍କ କହିବା ମୁତାବକ ନିର୍ବାଚନ ପରେ ବଢ଼ିବ ଅଶୋଧିତ ତୈଳ ଦର। ଏମିତିକି ଫୋନ୍ ବିଲ୍ ମଧ୍ୟ ଏଥିରୁ ବାଦ୍ ପଡିବ ନାହିଁ। ନିର୍ବାଚନ ପରେ ମୋବାଇଲ୍ ରିଚାର୍ଜ ପ୍ଲାନ୍‌ଗୁଡିକର ମୂଲ୍ୟ ୧୫ରୁ ୧୭ ପ୍ରତିଶତକୁ ବୃଦ୍ଧି ପାଇପାରେ।

ଚଳିତଥର ଦେଶରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏପ୍ରିଲ ୧୦ରେ ଅନୁଷ୍ଠିତ ହେବ। ଏହାପରେ ଏହି ନିର୍ବାଚନ ଜୁନ୍ ପହିଲା ସୁଦ୍ଧା ୭ଟି ପର୍ଯ୍ୟାୟରେ ଶେଷ ହେବ। ଜୁନ୍ ୪ରେ ଭୋଟ୍ ଗଣନା କରାଯିବ ଏବଂ ଏକ ନୂତନ ସରକାର ଗଠନ ହେବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ଅଧିକ ରହିଥିବାବେଳେ ସାରା ବିଶ୍ୱରେ ଅସ୍ଥିରତାର ବାତାବରଣ ରହିଛି। ଇସ୍ରାଏଲ ଏବଂ ହାମାସ ମଧ୍ୟରେ ଚାଲିଥିବା ଯୁଦ୍ଧ ସହିତ ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ ନ ହେବା ଏବଂ ସୁଧ ହାର ସମ୍ବନ୍ଧରେ ଫେଡେରାଲ୍ ରିଜର୍ଭର ଘୋଷଣା ସହ ଶୋଧିତ ତୈଳ ଉତ୍ପାଦନ ହ୍ରାସ କରିବାକୁ ଓପେକ୍ ରାଷ୍ଟ୍ର ସମୂହ ଘୋଷଣା କରିଛନ୍ତି। ଏସବୁ ବାହ୍ୟ ପ୍ରଭାବର କାରଣରୁ ଘରୋଇ ବଜାର ଉପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ଜନିତ ଚାପ ରହିବ। ସମ୍ପ୍ରତି ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ଭାବେ ଦୁଇ ସପ୍ତାହ ହେବ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ବିଶଷ୍ୱ ବଜାରରେ ଅଶୋଧିତ ତେହୈଳ ଦର ବ୍ୟାରେଲ ପିଛା ୯୦ ଡଲାର ଉପରେ ରହିଛି। ଏହା ସତ୍ତ୍ୱେ ଘରୋଇ ବଜାରରେ ପେଟ୍ରୋଲେ ଏବଂ ହିଜେଲ ଦର ସ୍ତିର ରହିଛି। ଆହୁରିମଧ ଗତ ମାସରେ କେନ୍ଦ୍ର ସରକାର ଉଭୟ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୨ ଟଙ୍କା ହ୍ରାସ ଘଟାଇଥିଲେ। ତେବେ ବଗିତ ୬ ମାସ ମଧ୍ୟରେ ପ୍ରଥମ କରି ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୯୦ ଡଲାର ଅତିକ୍ରମ କରିଛି। ତେଣୁ ଏଭଳି ସମୟରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ଘଟିବାର ଯତେଷ୍ଟ ସମ୍ଭାବନା ରହିଥିବା ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି।

ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ନିର୍ବାଚନ ପରେ ଟେଲିକମ୍ ଶିଳ୍ପ ରିଚାର୍ଜ ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇପାରେ। ଆଣ୍ଟିକ୍ ଷ୍ଟକ୍ ବ୍ରୋକିଂର ଏକ ରିପୋର୍ଟ ଅନୁଯାୟୀ, ଏହି କ୍ଷେତ୍ରରେ ଫି ବୃଦ୍ଧି ଘଟିବା ପ୍ରାୟନିଶ୍ଚିତ। ନିର୍ବାଚନ ପରେ ଟେଲିକମ୍ ଶିଳ୍ପ ଏହାର ଟାରିଫ୍ ପ୍ଲାନ୍‌ରେ ୧୫-୧୭ ପ୍ରତିଶତ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଡିସେମ୍ବର ୨୦୨୧ରେ ଦେଶରେ ମୋବାଇଲ୍ ରିଚାର୍ଜ ଯୋଜନାଗୁଡିକ ଶେଷ ଥର ପାଇଁ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଶୁଳ୍କରେ ୨୦ ପ୍ରତିଶତ ବୃଦ୍ଧି କରାଯାଇଥିଲା।




ମୋବାଇଲ୍ ରିଚାର୍ଜ ହେବ ମହଙ୍ଗା

## ଆମ୍ରି ହସ୍ପିଟାଲ ପକ୍ଷରୁ ପାର୍କିନ୍‌ସନ୍ ଦିବସ ପାଳିତ



**ଭୁବନେଶ୍ୱର,୧୧।୪(ସମିସ):** ପାର୍କିନସନ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅପ୍ରେଲ ମାସ ୧୧ ତାରିଖକୁ ବିଶ୍ୱ ପାର୍କିନସନ୍ ଦିବସ ଭାବରେ ପାଳନ କରାଯାଇଥାଏ। ଏହି ଅବସରରେ ଭୁବନେଶ୍ୱର ସ୍ଥିତ ଆମ୍ରି ହସ୍ପିଟାଲର ନ୍ୟୁରୋଲୋଜି ବିଭାଗ ପକ୍ଷରୁ ପାର୍କିନସନ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ଆମ୍ରି ହସ୍ପିଟାଲର ନ୍ୟୁରୋଲୋଜି ବିଭାଗର ଡାଃ ପି.ଆର. ଭୂୟା, ଡାଃ ଏଲ୍.ଡି.ପାଢ଼ୀ, ଡାଃ ଆକାଶ ଅଗ୍ରୱାଲ ନ୍ୟୁରୋସର୍ଜରୀ ବିଭାଗର ଡାଃ ଅମିତ ଜୟସ୍ୱାଲ ଯୋଗଦେଇଥିଲେ। ଡାକ୍ତରମାନେ ଏହି ରୋଗର କାରଣ, ଲକ୍ଷଣ ଓ ସଠିକ୍ ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ। ପାର୍କିନସନ୍ ରୋଗ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଲକ୍ଷ୍ୟରେ ଆମ୍ରି ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡାଃ ଶକ୍ତିମୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅନେକ ପାର୍କିନସନ୍ ରୋଗୀ, ତାଙ୍କ ପରିବାର ସଦସ୍ୟଙ୍କ ସମେତ ଅନ୍ୟାନ ବିଭାଗର ଡାକ୍ତର, ନର୍ସ ଓ କର୍ମଚାରୀମାନେ ଯୋଗଦେଥିଲେ।

## କେବିସି ଗ୍ଲୋବାଲର ରିଅଲ ଇଷ୍ଟେଟ୍ ବଜାରରେ ଅଭିବୃଦ୍ଧି ଲକ୍ଷ୍ୟ

**ଭୁବନେଶ୍ୱର,୧୧।୪(ସମିସ)**

ନିର୍ମାଣ ଓ ରିଅଲ ଇଷ୍ଟେଟ ବିକାଶ କ୍ଷେତ୍ରରେ ଏକ ପ୍ରମୁଖ କମ୍ପାନୀ (ପୂର୍ବରୁ କାର୍ଡା କନ୍‌ଷ୍ଟ୍ରକସନ୍ ଲିମିଟେଡ ଭାବରେ ପରିଚିତ ଥିବା) କେବିସି ଗ୍ଲୋବାଲ ଲିମିଟେଡ ଉଭୟ ଘରୋଇ ଓ ଆନ୍ତର୍ଜାତିକ ବଜାରରେ ସମ୍ପ୍ରସାରଣ ନିମନ୍ତେ ତାହାର ରଣକୌଶଳାତ୍ମକ ଯୋଜନାସମୂହ ଘୋଷଣା କରିଛି। ୨୦୦୭ରେ ସ୍ଥାପିତ ଏହି କମ୍ପାନୀ ରିଅଲ ଇଷ୍ଟେଟ ଶିଳ୍ପରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି, ବିଶେଷକରି ଭାରତର ନାସିକରେ ଏହା ଆବାସିକ ଏବଂ ଆବାସିକ-ତଥା-କାର୍ଯ୍ୟାଳୟ ପ୍ରକଳ୍ପଗୁଡିକର ବିକାଶ ଓ ବିକ୍ରୟ କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଜ୍ଞତା ହାସଲ କରିଛି। କମ୍ପାନୀ ମୁଖ୍ୟତଃ ଦୁଇଟି କ୍ଷେତ୍ରରେ କାର୍ଯ୍ୟ କରୁଛି: ତାହା ହେଉଛି ଆବାସିକ ଓ ବ୍ୟବସାୟିକ ପ୍ରକଳ୍ପଗୁଡିକ ଏବଂ ଚୁକ୍ତିଭିତ୍ତିକ ପ୍ରକଳ୍ପସମୂହର ନିର୍ମାଣ ଓ ବିକାଶ। କମ୍ପାନୀର ଉଲ୍ଲେଖନୀୟ ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି ହରି ଗୋକୁଳଧାମ, ହରି ନକ୍ଷତ୍ର-୨ ଇଜଟେକ୍ସଟ ଟାଉନସିପ୍, ହରି ସଂସ୍କୃତି ୨, ହରି ସିଦ୍ଧି ଏବଂ ହରି ସମର୍ଥ ଆଦି। କମ୍ପାନୀର ଅଭିବୃଦ୍ଧି ଦୃଶ୍ୟପଟ୍ଟ ସମ୍ପର୍କରେ ପ୍ରକାଶ କରି ନରେଶ କାର୍ଡା, ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର, କେବିସି ଗ୍ଲୋବାଲ ଲିମିଟେଡ କହିଥିଲେ, "ଉଭୟ ଘରୋଇ ଆନ୍ତର୍ଜାତିକ ବଜାରରେ ଆଗକୁ ରହିଥିବା ସୁଯୋଗକୁ ନେଇ ଆମେ ଉଲ୍ଲସିତ ଅଛୁ। ରିଅଲ ଇଷ୍ଟେଟ କ୍ଷେତ୍ର ଯୋଗାଣ ଓ ଚାହିଦା ସ୍ଥିତି, ନିୟାମ ବିଧିବ୍ୟବସ୍ଥା ଏବଂ ସାମଗ୍ରିକ ଅର୍ଥନୈତିକ ପରିସ୍ଥିତିକୁ ନେଇ ନିରନ୍ତର ଅଭିବୃଦ୍ଧି ପଥରେ ଅଗ୍ରସର ହେବାକୁ ଯାଉଛି। 'ସମସ୍ତଙ୍କ ପାଇଁ ଆବାସ' ଏବଂ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ଭଳି ସରକାରୀ ପ୍ରୟାସଗୁଡିକ ଏହି ଶିଳ୍ପରେ ଅଭିବୃଦ୍ଧି ସମ୍ପର୍କରେ ପୁନଃ ସୂଚନା ଦେଉଛି।

ତତ୍‌ସହିତ ରାଜପଥ, ବିମାନ ବନ୍ଦର ଏବଂ ମେଟ୍ରୋ ଭଳି ଭିତ୍ତିଭୂମି ପ୍ରକଳ୍ପଗୁଡିକ ରିଅଲ ଇଷ୍ଟେଟ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ଅବଦାନ ରଖୁଛି। ଏସବୁ ସହିତ କେବିସି ଗ୍ଲୋବାଲ ଲିମିଟେଡର ଏକ ଷ୍ଟେପଡାଉନ୍ ସହଯୋଗୀ କମ୍ପାନୀ ତଥା କେବିସି ଗ୍ଲୋବାଲ୍ ଏଫଜେଡସିଓର ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ କେବିସି ଇଣ୍ଟରନ୍ୟାସନାଲ ଲିମିଟେଡ ନାଇଜେରିଆର ସାଧାରଣତନ୍ତ୍ରର ଫେଡେରାଲ ହାଉସିଂ ଅଥରିଟି (ଏଫଏଚ୍‌ଏ) ସହିତ ଏକ ଆଗ୍ରହ ପତ୍ରରେ ସ୍ୱାକ୍ଷର କରିଛି। ଏହାର ସମ୍ପ୍ରସାରଣ ପ୍ରୟାସକୁ ସମର୍ଥନ କରିବା ସକାଶେ କମ୍ପାନୀ ପ୍ରତ୍ୟେକ୧୦୦,୦୦୦ ଆମେରିକୀୟ ଡଲାର ମୂଲ୍ୟର ୯୫୦ ବିଦେଶୀ ମୁଦ୍ରା ବିନିମୟକ୍ଷମ ବଣ୍ଡ ଜାରି ଜରିଆରେ ସଫଳତାର ସହିତ ପାଣ୍ଠି ସଂଗ୍ରହ କରିଛି।

KARDA CONSTRUCTIONS BUILDERS & DEVELOPERS (KBC GLOBAL LTD)

## ପାନାସୋନିକ୍ ପକ୍ଷରୁ ଓଡ଼ିଶାରେ ନୂତନ ଏସି ରେଞ୍ଜର ଉନ୍ମୋଚନ

**ଭୁବନେଶ୍ୱର, ୧୧।୪(ସମିସ):** ପାନାସୋନିକ ଲାଇଫ ସଲ୍ୟୁସନ୍ସ ଇଣ୍ଡିଆ-ଏକ ଅଗ୍ରଣୀ ବିବିଧ ଟେକ୍ନୋଲୋଜି କମ୍ପାନୀ ଆଜି ଓଡିଶା ବଜାରରେ ନୂତନ ଏୟାର କଣ୍ଡିସନର'ର ୨୦୨୪ ଲାଇନ-ଅପ ଘୋଷଣା କରିଛି। ୧.୦, ୧.୫ ଏବଂ ୨.୦-ଟନ ମଡେଲର ଏକ ବ୍ୟାପକ ଶୃଂଖଳାର ବୈଶିଷ୍ଟ୍ୟ ଥିବା ୬୦ରୁ ଅଧିକ ମଡେଲ, ଏୟାର କଣ୍ଡିସନରର'ର ସର୍ବଶେଷ ପରିସର ବର୍ତ୍ତମାନ ସମସ୍ତ ମୁଖ୍ୟ ରିଟେଲ ଆଉଟଲେଟ, ଇ-କମର୍ସ ପ୍ଲାଟଫର୍ମ ଏବଂ ପାନାସୋନିକ ବ୍ରାଣ୍ଡ ଷ୍ଟୋରରେ ଉପଲବ୍ଧ। ଏୟାର କଣ୍ଡିସନର ଗ୍ରୁପ, ପିଏମଆଇଏନ,ପିଏଲଏସଆଇଏନଡି ଅଭିଷେକ ବର୍ମା କହିଥିଲେ,




ଆମର ନିକଟରେ କରାଯାଇଥିବା ଅଧ୍ୟୟନରେ ଓଡିଶାର ଗ୍ରାହକଙ୍କ ମଧ୍ୟରେ ପ୍ରମୁଖ ଚିନ୍ତା ଥିବା ଜଣାପଡିଛି, ବିଶେଷତଃ ରାତିରେ ଏସି ତାପମାତ୍ରାକୁ ବାରମ୍ବାର ସଜାଡିବାର ହଇରାଣ, ଥଣ୍ଡା ପ୍ରଦର୍ଶନ, ବାହ୍ୟ ୟୁନିଟର କଳଙ୍କି ଏବଂ ରକ୍ଷଣାବେକ୍ଷଣ ଏବଂ ସେବା ଆବଶ୍ୟକତା ଉପରେ କେନ୍ଦ୍ରିତ। ତେଣୁ ଗ୍ରାହକଙ୍କ ଏହି ବିକାଶଶୀଳ ଆବଶ୍ୟକତାକୁ ଧ୍ୟାନରେ ରଖି ପାନାସୋନିକ ଏସିର ନୂତନ ପରିସର ବିକଶିତ ହୋଇଛି।

## ଗିଫ୍ଟରେ ଆଇଡିଇର ବୁଟ୍ କ୍ୟାମ୍ପ୍

**ଭୁବନେଶ୍ୱର, ୧୧।୪(ସମିସ):** ଗିଫ୍ଟ ସ୍ୱୟଂଶାସିତ କଲେଜରେ ଏଆଇସିଟିଇ, ଏମ୍‌ଆଇସି ମିଳିତ ଭାବେ ସିବିଏସ୍‌ଇ ଓ ଏନ୍‌ଏସିଇଆର୍‌ଟିର ପ୍ରସ୍ତାବିତ "ଇନୋଭେସନ, ଡ଼ିଜାଇନ୍ ଆଣ୍ଡ ଇଂଟରପ୍ରିନିୟରସିପ୍ (ଆଇଡ଼ିଇ)" ଉପରେ ଏକ ଦୁଇ ଦିନିଆ ବୁଟ୍ କ୍ୟାମ୍ପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୨୨୦ ଜଣ ଶିକ୍ଷକ,



ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ଗିଫ୍ଟର ଅଧ୍ୟକ୍ଷ ଡଃ. ଶରତ କୁମାର ମହାରଣା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ଆଇଆଇଟି ଭୂବନେଶ୍ୱରର ଡଃ. ଶୁଭଙ୍କର ପତି, ଓଡ଼ିଶା ଷ୍ଟାର୍ଟ ଅପ୍‌ର ଇତିଶ୍ରୀ ପାଣିଗ୍ରାହୀ, ଏମ୍‌ଆଇସି/ଏଆଇସିଟିଇର ଦୀପନ ସାହୁ ନୋଡ଼ାଲ ସେଣ୍ଟର ମୁଖ୍ୟ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ଖଲ୍ଲିକୋଟ ୟୁନିଟାରୀ ୟୁନିଭରସିଟିର ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇଥିଲେ।

## ୨୦୨୪ରେ ସୋନାଲିକାର ସର୍ବୋଚ୍ଚ ବଜାର ଅଂଶ ହାସଲ

**ଭୁବନେଶ୍ୱର, ୧୧।୪(ସମିସ):** ଭାରତର ଅଗ୍ରଣୀ ଟ୍ରାକ୍ଟର ରପ୍ତାନୀକାରୀ ବ୍ରାଣ୍ଡ, ସୋନାଲିକା ଚମତ୍କାର ସଫଳତା ସହିତ ୨୦୨୪ ଆର୍ଥିକ ବର୍ଷରେ ପ୍ରାୟ ୧୫.୩%ର ବାର୍ଷିକ ସର୍ବୋଚ୍ଚ ବଜାର ଅଂଶ ହାସଲ କରିଛି। ଏଥିସହିତ ୨୦୨୪ ଆର୍ଥିକ ବର୍ଷରେ ଘରୋଇ ବଜାରରେ ଅଭିବୃଦ୍ଧି ହାସଲ କରିଥିବା ଏକମାତ୍ର ଟ୍ରାକ୍ଟର ବ୍ରାଣ୍ଡରେ ପରିଣତ ହୋଇଛି। ଏହି ଚମତ୍କାର ପ୍ରଦର୍ଶନ ସୋନାଲିକାକୁ ଶିଳ୍ପ ପ୍ରଦର୍ଶନ ତୁଳନାରେ ଅଧିକ ଉତ୍ତମ ଭାବେ ପ୍ରଦର୍ଶନ କରିବାକୁ ସକ୍ଷମ କରିଛି। ଏହି ଆର୍ଥିକ ବର୍ଷରେ କମ୍ପାନୀ ୧୩୦୦ କୋଟି ଟଙ୍କାର ନିବେଶ ଯୋଜନା ସମ୍ପର୍କରେ ଉନ୍ମୋଚନ କରିବା ସହିତ ହୋସିଆରପୁରରେ ଦୁଇଟି ନୂଆ ପ୍ଲାଣ୍ଟ ସ୍ଥାପନ କରିବା ସମ୍ପର୍କରେ ଘୋଷଣା କରିଥିଲା ଯାହା ବିଶ୍ୱର ସବୁଠାରୁ ବଡ ଟ୍ରାକ୍ଟର ପ୍ଲାଂଟ୍ ଥିବା କମ୍ପାନୀ ଭାବେ ସୋନାଲିକା ସ୍ଥିତିକୁ ସୁଦୃଢ କରିବ। ଏହି ଆର୍ଥିକ ବର୍ଷରେ କମ୍ପାନୀ ୫ଟି ନୂଆ ଟ୍ରାକ୍ଟର ଶୁଭାରମ୍ଭ କରିଥିଲା।

## ଅତ୍ୟାଧୁନିକ ୱେରହାଉସ୍‌ରେ ଟିଭିଏସ୍ କରିବ ୧୨୫ କୋଟି ନିବେଶ

**ଭୁବନେଶ୍ୱର, ୧୧।୪(ସମିସ):** ୱେୟାରହାଉସିଂ ଶିଳ୍ପର ଅଗ୍ରଣୀ କମ୍ପାନୀ ଟିଭିଏସ୍ ଆଇଏଲ୍‌ପି (ଟିଭିଏସ୍ ମୋବିଲିଟି ଗ୍ରୁପ୍ର ଏକ ଅଂଶ) ପକ୍ଷରୁ କଟକଠାରେ ଏକ ନୂଆ ଅତ୍ୟାଧୁନିକ ୱେୟାରହାଉସ୍ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଟିମ୍ ପକ୍ଷରୁ ଏକ ସମାରୋହର ଆୟୋଜନ କରାଯିବା ସହିତ ସାଇଟ୍‌ରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ନୂଆ ଫ୍ୟାସିଲିଟି ୨୪ ଏକର ଜମିରେ ପରିବ୍ୟାପ୍ତ ରହିଛି ଯେଉଁଥିରେ ମୋଟ ୫ ଲକ୍ଷ ବର୍ଗଫୁଟ ଅଂଚଳରେ ଦୁଇଟି ବିଶାଳ ୱେୟାରହାଉସ୍ ଅନ୍ତର୍ଭୁକ୍ତ। ଏହା ଏଫ୍‌ଏମ୍‌ସିଜି, ଏଫଏମସିଡି, ୩ପିଏଲ୍ ଓ ଇକମର୍ସ ଭଳି କ୍ଷେତ୍ରଗୁଡିକର ଆବଶ୍ୟକତା ପୂରଣ କରିବ। ମୁମ୍ବାଇ ଓ ଚେନ୍ନାଇ-କୋଲକାତା ଜାତୀୟ ରାଜପଥ (ଏନ୍‌ଏଚ୍-୫୫)ର ସଙ୍ଗମ ସ୍ଥଳରେ ନିଜର ଉପସ୍ଥିତି ସହିତ ଏହି ୱେୟାରହାଉସ୍ ପାରାଦୀପ ପୋର୍ଟ ଓ ଦେଶର ପ୍ରମୁଖ ଅଂଶଗୁଡିକୁ ଚମତ୍କାର ସଂଯୋଗ ଉପଭୋଗ କରୁଛି। ଟିଭିଏସ୍ ଆଇଏଲ୍ପି ଏହି ପ୍ରକଳ୍ପରେ ପ୍ରାୟ ୧୨୫ କୋଟି ଟଙ୍କା ନିବେଶ କରିବ।



## ଅନୀଲ, ସୋନମ୍ କପୁରଙ୍କୁ ନେଇ ଏରିଏଲର ନୂଆ ଅଭିଯାନ

**ଭୁବନେଶ୍ୱର, ୧୧।୪(ସମିସ):** ଗତ ଦୁଇବର୍ଷ ମଧ୍ୟରେ ଏରିଏଲ ଇଣ୍ଡିଆ କ୍ରମାଗତ ଭାବରେ ଘରୋଇ ଚାହିଦା ବୃଦ୍ଧି କରିବାରେ ଲାଗିଛି। ସମାଜ ଅଗ୍ରଗତି କଲାବେଳେ ପୁରୁଷମାନେ ନିଜ ଜୀବନସାଥୀଙ୍କୁ ସମାନ ଭାବରେ ସମର୍ଥନ କରିବାର ଗୁରୁତ୍ୱକୁ ଅଧିକ ସ୍ୱୀକୃତି ଦେଉଛନ୍ତି। ଆଜି ପ୍ରତ୍ୟେକଙ୍କ ଘରେ ଏରିଏଲର ବିଶ୍ୱାସ ସହ ଅଗ୍ରଗତିର ଆବଶ୍ୟକତାକୁ ବିଚାର କରି ଏହା ନିଶ୍ଚିତ କରେ ଯେ ଏରିଏଲ ଘର ଭିତରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଘର କାମର ଉତ୍ତରଦାୟିତ୍ୱ ଓ ସଂସ୍କୃତି ପ୍ରତିପାଦନ କରିବାକୁ ଲକ୍ଷ୍ୟ ରଖିଛି। ଏରିଏଲର ଏହି ନୂଆ ଅଭିଯାନର ଉନ୍ମୋଚନ କାର୍ଯ୍ୟକ୍ରମରେ ଅନୀଲ କପୁର ବିକାଶଶୀଳ ଗତିଶୀଳତା ଓ ସଂପର୍କ ମଧ୍ୟରେ ପ୍ରକୃତ ସହଭାଗିତାର ମହତ୍ୱ ଉପରେ ଏକ ଶକ୍ତିଶାଳୀ ବାର୍ତ୍ତା ପ୍ରଦାନ କରିଛନ୍ତି।

# ଡିଜିଟାଲ ପେମେଣ୍ଟରେ ଆମେରିକାଠାରୁ ବହୁ ଆଗରେ ଭାରତ

**ନୂଆଦିଲ୍ଲୀ,୧୧।୪(ଏଜେନ୍ସି)**

ଡିଜିଟାଲ୍ ପେମେଣ୍ଟ କ୍ଷେତ୍ରରେ ଭାରତ କ୍ରମାଗତ ଭାବରେ ନୂତନ ଶିଖରରେ ଛୁଇଁବାରେ ଲାଗିଛି। କେନ୍ଦ୍ର ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ବୁଧବାର ଡିଜିଟାଲ ପେମେଣ୍ଟରେ ଭାରତର ଅଭିବୃଦ୍ଧି ଉପରେ ସାNଚନା ଦେଇ କହିଛନ୍ତି ଯେ ଦେଶରେ ଏକ ମାସ ମଧ୍ୟରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ ୧୨୦ କୋଟି ଟଙ୍କା ମୂଲ୍ୟର କାରବାର କରାଯାଉଛି।

ରାଜସ୍ଥାନର ବିକାନିରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଶ୍ରୀ ଜୟଶଙ୍କର ଭାରତକୁ ଆମେରିକା ସହ ତୁଳନା କରି ସେ କହିଛନ୍ତି ଯେ ଆମେ ୱାଶିଂଟନ୍‌ଠାରୁ ବହୁତ ଆଗରେ ରହିଛୁ। ସେଠାରେ ଗୋଟିଏ ବର୍ଷରେ କେବଳ ୪୦ କୋଟି ଟଙ୍କା ମୂଲ୍ୟର ଡିଜିଟାଲ କାରବାର ହେଉଛି। ଆମର ଏହି ଅଗ୍ରଗତିକୁ ସମ୍ପ୍ରତି ବିଶ୍ୱ ପ୍ରଶଂସା କରୁଛି। ଆପଣଙ୍କୁ ଦେଖିବାକୁ ପଡିବ ଆମେ କିଛି କ୍ଷେତ୍ରରେ କିପରି ପ୍ରଗତି କରୁଛି ତାହା ଏବେ ସାରା ଦୁନିଆର ନଜରରେ। ୟୁପିଆଇ ହେଉଛି ଏକ ବ୍ୟବସ୍ଥା ଯାହା ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ୍ ଆପ୍ଲିକେସନ୍ ସହିତ ଲିଙ୍କ୍ କରିଥାଏ। ଏହା ୧୧ ଏପ୍ରିଲ ୨୦୧୬ ରେ ତତ୍କାଳୀନ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ରଘୁରାମ ରାଜନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଗତ ସପ୍ତାହରେ ଆରବିଆଇ ବ୍ୟବହାରକାରୀଙ୍କୁ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ ନଗଦ ଜମା ମେସିନ୍ (ସିଡିଏମ୍) ରେ ନଗଦ ଜମା କରିବାକୁ ଅନୁମତି ଦେବାକୁ ପ୍ରସ୍ତାବ ଦେଇଥିଲା। ଚଳିତ ଆର୍ଥିକବର୍ଷର ପ୍ରଥମ ମୁଦ୍ରା ନୀତି ଘୋଷଣା କରି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି, 'ନଗଦ ଜମା ମେସିନ୍ (ସିଡିଏମ୍) ମାଧ୍ୟମରେ ଡେବିଟ୍ କାର୍ଡ ମାଧ୍ୟମରେ ନଗଦ ଜମା କରିବା ପାଇଁ ଯୋଜନା ଚାଲୁଛି। ଏଟିଏମରେ ୟୁପିଆଇ ବ୍ୟବହାର କରି କାର୍ଡ ବିହୀନ ନଗଦ ପ୍ରତ୍ୟାହାରର ଅଭିଜ୍ଞତାକୁ ଦୃଷ୍ଟିରେ ରଖି ବର୍ତ୍ତମାନ ୟୁପିଆଇ ବ୍ୟବହାର କରି ସିଡିଏମ୍‌ରେ ନଗଦ ଜମା କରିବାର ସୁବିଧା ଯୋଗାଇଦେବାକୁ ପ୍ରସ୍ତାବ ଦିଆଯାଇଛି। ଏହି ସମୟରେ ଶ୍ରୀଲଙ୍କା, ମରିସସ୍ ଏବଂ ନେପାଳରେ ମଧ୍ୟ ଭାରତର ୟୁପିଆଇ ସେବା ଆରମ୍ଭ କରାଯାଇଛି।



- ଭାରତରେ ଗୋଟିଏ ମାସରେ ୧୨୦ କୋଟିର ୟୁପିଆଇ କାରବାର
- ଆମେରିକାରେ ସାରା ବର୍ଷରେ ମାତ୍ର ୪୦ କୋଟିର ଡିଜିଟାଲ କାରବାର

## ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳିତ



**ଭୁବନେଶ୍ୱର,୧୧।୪(ସମିସ):** ବିଶିଷ୍ଟ ଜର୍ମାନ ଚିକିତ୍ସକ ଓ ହୋମିଓପ୍ୟାଥି ଚିକିତ୍ସା ର ଜନକ ସାମୁଏଲ ହନେମନଙ୍କ ଜୟନ୍ତୀ ଉପଲକ୍ଷେ ଚଳିତମାସ ୧୦ ତାରିଖରେ ସୁନାମ ଧନ୍ୟ ହୋମିଓପ୍ୟାଥି ଚିକିତ୍ସକ ଅକ୍ଷୟ କୁମାର ମିଶ୍ରଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ମନୋଜ କୁମାର ସିଂ ,ଉପ-ମହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରିଥିଲେ।



# 'ଡନ୍-୩'ର ବଜେଟ୍ ୨୭୫ କୋଟି

ଫରହାନ୍ ଅଖତାର୍ ଏକାଧାରରେ ଜଣେ ଅଭିନେତା, ନିର୍ଦ୍ଦେଶକ, ଲେଖକ ଓ ଗାୟକ। ଏବେ ଫରହାନ୍ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଡନ୍-୩'ରେ ବ୍ୟସ୍ତ ଅଛନ୍ତି। ଏହାକୁ ସୁପରହିଟ୍ କରାଇବା ପାଇଁ ସେ ବେଶ୍ ମୋଟା ଅଙ୍କର ଅର୍ଥ ମଧ୍ୟ ଖର୍ଚ୍ଚ କରୁଛନ୍ତି। ଫିଲ୍ମର ବଜେଟ୍ ରହିଛି ୨୭୫ କୋଟି। 'ଡନ୍' ଫ୍ରାଞ୍ଚାଇଜ୍‌ର ପ୍ରଥମ ଫିଲ୍ମ 'ଡନ୍'ର ବଜେଟ୍ ଥିଲା ୪୦ କୋଟି। ସେହିଭଳି 'ଡନ୍-୨'ର ବଜେଟ୍ ୭୫ କୋଟି ଥିଲା। ଏହି ଦୁଇଟି ଫିଲ୍ମରେ ନାୟକ ଭାବେ ଦେଖାଯାଇଥିଲେ କିଙ୍ଗ୍ ଖାନ୍ ଶାହାରୁଖ୍। ଏବେ କିନ୍ତୁ 'ଡନ୍-୩'ରେ ଲିଡ୍ ରୋଲରେ ନଜର ଆସିବେ ରଣବୀର ସିଂହ। ଏଥିରେ ରଣବୀରଙ୍କ ନାୟିକା ଭାବେ ଦେଖାଯିବେ କିଆରା ଆଡଭାନୀ। 'ଡନ୍-୩'ରେ ଖଳନାୟକ ଭାବେ ଇମ୍ରାନ୍ ହାସ୍‌ମୀ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ଫରହାନ୍ ଏଥିରେ ହଲିଉଡ୍ ଭଳି ଆକ୍ସନ୍ ସିନ୍ କରିବା ଲକ୍ଷ୍ୟ ରଖିଛନ୍ତି। ଯଦିଓ ଫିଲ୍ମର ସୁଟିଂ ଆରମ୍ଭ ହୋଇନାହିଁ, କିନ୍ତୁ ଏବେ ପ୍ରିପ୍ରଡକ୍ସନ୍ କାମ ଚାଲିଛି। ୨୦୨୫ରେ ଏହା ପରଦାକୁ ଆସିବ। ତେବେ ଏହାର ବଜେଟ୍‌କୁ ଦେଖି ଏହାକୁ 'ଡନ୍' ଫ୍ରାଞ୍ଚାଇଜ୍‌ର ସବୁଠୁ ବଡ଼ ଫିଲ୍ମ ବୋଲି କୁହାଯାଉଛି।

# ୨୫ କେଜିଆ ରସଗୋଲା

**ଦାମ୍ ୮ ହଜାର**



ବିଭିନ୍ନ ସମୟରେ ଖାଦ୍ୟକୁ ନେଇ ଭିନ୍ନ ଭିନ୍ନ ରେକର୍ଡ ଦେଖିବାକୁ ମିଳୁଛି। କେତେବେଳେ ଅଧିକ ଲମ୍ବର ଦୋସା ତିଆରି କରାଯାଉଛି ତ ପୁଣି ଆଉ କେତେବେଳେ ବଡ଼ ପିଜା ତଥା ବର୍ଗର। ଏହି କ୍ରମରେ ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି ଗୋଟିଏ ରସଗୋଲା। ଯାହାର ଓଜନ କେଜିଏ କି ଦୁଇ କେଜି ନୁହେଁ, ବରଂ ୨୫ କେଜି। ଉତ୍ତରପ୍ରଦେଶ ଝାନ୍ସିର ଏକ ମିଠା ଦୋକାନ ଏଭଳି ଏକ ବିଶାଳକାୟ ରସଗୋଲା ତିଆରି କରି ରେକର୍ଡ କରିଛି। ପାଣ୍ଡେ ମିଷ୍ଟାନ୍ନ ଭଣ୍ଡାରର କାରିଗରମାନେ ଏହି ବୃହତ୍ ରସଗୋଲା ତିଆରି କରିଛନ୍ତି। ଏହି ରସଗୋଲାକୁ 'ବଡ଼ ରସଗୋଲା' ବୋଲି କୁହାଯାଇଛି। ଅବଶ୍ୟ ଏନେଇ ମିଠା ଦୋକାନକୁ ବରାଦ ମିଳିଥିବାରୁ ଏହାକୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ଜଣାପଡ଼ିଛି। ଏହାର ଓଜନ ଯେଭଳି, ଦାମ୍ ମଧ୍ୟ ସେମିତି। ଏହାର ଦାମ୍ ୮ ହଜାର ଟଙ୍କା ରଖାଯାଇଛି। ତିନିଜଣ କାରିଗର ମିଶି ଏହାକୁ ପ୍ରସ୍ତୁତ କରିଛନ୍ତି। ତେବେ ତିଆରି ସମୟରେ ଏହା ଉପରେ ବିଶେଷ ଦୃଷ୍ଟି ଦିଆଯାଇଥିଲା। ମୁଖ୍ୟତଃ ଏହା ଯେଭଳି ନ ଭାଙ୍ଗିବ, ସେନେଇ କାରିଗର ବିଶେଷ ଯତ୍ନବାନ ହୋଇ ଏହାକୁ ପ୍ରସ୍ତୁତ କରିଥିଲେ। ଗୋଟେ ପଟେ ଏହି ଦୋକାନ ରସଗୋଲା ପାଇଁ ଚର୍ଚ୍ଚିତ ଥିବା ବେଳେ ଏବେ ଏହି ବିଶାଳ ରସଗୋଲା ହିଁ ଦୋକାନକୁ ଅଧିକ ଲୋକପ୍ରିୟ କରିବାରେ ସଫଳ ହୋଇପାରିଛି।

# ସ୍କେଟିଂରେ ମନାଲିରୁ କନ୍ୟାକୁମାରୀ



ସାଧାରଣତଃ ଲୋକେ ଉଡ଼ାଜାହାଜ, ଟ୍ରେନ୍, ବସ୍, କାର୍, ବାଇକ୍ ତଥା ସାଇକଲରେ ବିଭିନ୍ନ ସ୍ଥାନ ବୁଲିବା କଥା ସମସ୍ତେ ଜାଣିଛନ୍ତି। କିନ୍ତୁ କେହି କେବେ ସ୍କେଟ୍‌ବୋର୍ଡରେ ଯାତ୍ରା କରି ନ ଥିବେ। ଏଭଳି କିଛି କରି ଦେଖାଇଛନ୍ତି ରିତିକ୍ କ୍ରାଟଜେଲ୍। ସେ ଜଣେ ପେସାଦାର ଯୁବ ସ୍କେଟ୍‌ବୋର୍ଡର। ପିଠିରେ ଏକ ଛୋଟ ବ୍ୟାଗ୍ ପକାଇ ସେ ତାଙ୍କ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କର ସ୍କେଟିଂ ଯାତ୍ରା ମନାଲିରୁ ଆରମ୍ଭ ହୋଇଥିବା ବେଳେ କନ୍ୟାକୁମାରୀରେ ଶେଷ ହୋଇଥିଲା। ଯାତ୍ରା ସମୟରେ ସେ ବିଭିନ୍ନ ରାଜ୍ୟ ମଧ୍ୟ ବୁଲିଛନ୍ତି। ସେହି ସବୁ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସେ ଉପଭୋଗ କରିଥିବା କହିଛନ୍ତି। ତେବେ ତାଙ୍କର ଏହି ଯାତ୍ରା ପାଇଁ ସମୁଦାୟ ୧୦୦ ଦିନ ଲାଗିଛି। ଜାନୁଆରୀ ୭ରେ ସେ ପ୍ରଥମେ ମନାଲିରୁ ଯାତ୍ରା ଆରମ୍ଭ କରିଥିଲେ ଏବଂ ଏପ୍ରିଲ ୧ରେ ସେ ତାଙ୍କ ଯାତ୍ରା ସଫଳତାପୂର୍ବକ ପୂର୍ଣ୍ଣ କରିଛନ୍ତି। ଏହାବାଦ୍ ଯାତ୍ରା ସମୟରେ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥିଲା। ମୁଖ୍ୟତଃ ଗୁଗଲ୍‌ମ୍ୟାପ୍ ସମସ୍ୟା ପାଇଁ ସ୍କେଟ୍‌ବୋର୍ଡ ଯାତ୍ରା ତାଙ୍କ ପାଇଁ ଅଧିକ ସମସ୍ୟା ସୃଷ୍ଟି କରିଥିଲା। ସେହିପରି ରିତିକ୍ ତାଙ୍କର ସାମାଜିକ ଗଣମାଧ୍ୟମରେ ତାଙ୍କ ସ୍କେଟ୍‌ବୋର୍ଡ ଯାତ୍ରାର ଭିଡିଓକୁ ସେୟାର୍ କରିଛନ୍ତି। ଅନେକ ତାଙ୍କର ଏଭଳି ରୋମାଞ୍ଚକର ଯାତ୍ରାକୁ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି।

## ଆଜିର ଇତିହାସ

- ୧୮୬୧- ଆମେରିକାରେ ଗୃହଯୁଦ୍ଧ ଆରମ୍ଭ।
- ୧୯୨୭- ବ୍ରିଟିଶ କ୍ୟାବିନେଟ୍ ମହିଳାଙ୍କୁ ମତଦାନ ଅଧିକାର ପ୍ରଦାନ କଲା।
- ୧୯୪୫- ଆମେରିକୀୟ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲଟ୍‌ଙ୍କର ରହସ୍ୟମୟ ପରିସ୍ଥିତିରେ ଦେହାନ୍ତ।
- ୧୯୮୧- ମହାକାଶଯାନ କଲମ୍ବିଆକୁ ପ୍ରଥମ ଥର ମହାକାଶକୁ ପଠାଗଲା।
- ୧୯୯୮- ଗିରିଜା ପ୍ରସାଦ କୋଇରାଲା ନେପାଳର ପ୍ରଧାନମନ୍ତ୍ରୀ ହେଲେ।
- ୨୦୧୩- ଫ୍ରାନ୍ସର ସିନେଟ୍ ସମଲିଙ୍ଗୀ ବିବାହକୁ ମାନ୍ୟତା ଦେଲା।
- ୨୦୧୪- ଜଣାଶୁଣା ଗୀତିକାର ଗୁଲ୍‌ଜାର୍‌ଙ୍କୁ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ କରାଗଲା।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି।

**ବୃଷ:** କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ଭାବିଚିନ୍ତି କାମ କରନ୍ତୁ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ପିତାମାତାଙ୍କ ସେବା କରିବେ।

**କର୍କଟ:** ଦିନଟି ମିଶ୍ରିତଫଳ ପ୍ରଦାନ କରିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ନିଜ ଦାୟିତ୍ୱକୁ ଭଲ ଭାବେ ତୁଲାନ୍ତୁ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ସମ୍ମାନହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଅଚାନକ ଖୁସି ଖବର ପାଇପାରନ୍ତି। ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ଆଳସ୍ୟ ଅନୁଭବ କରିବେ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସ୍ୱପ୍ନ ପୂରା କରିବାକୁ ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ଚାକିରିରେ ବଦଳି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ। ବନ୍ଧୁଙ୍କ ସହ ଦୂରଯାତ୍ରା କରିପାରନ୍ତି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।




**ମୋ ସ୍ୱାସ୍ଥ୍ୟ ମୋ ଅଧିକାର**

## ଉତ୍ତମ ଚିକିତ୍ସା ପ୍ରଦାନ ଆମର ଦାୟିତ୍ୱ

ଉତ୍ତମ ଚିକିତ୍ସାର ପ୍ରସାର ଏବଂ ସଚେତନତା ଅଭାବ ଯୋଗୁଁ ସାରା ବିଶ୍ୱରେ ପ୍ରତି ୫ ସେକେଣ୍ଡରେ ଜଣେ ବ୍ୟକ୍ତି ମୃତ୍ୟୁମୁଖରେ ପଡୁଛନ୍ତି। ସର୍ବୋତ୍କୃଷ୍ଟ ଚିକିତ୍ସା ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର ହୋଇଥିଲେ ମଧ୍ୟ ବାୟୁମଣ୍ଡଳ ପ୍ରଦୂଷଣ, ବିଶୃଙ୍ଖଳିତ ଖାଦ୍ୟ-ପାନୀୟର ଅଭ୍ୟାସ, ସାମାଜିକ ସ୍ତର, ରୋଜଗାର କ୍ଷମତା ଏବଂ ମାନସିକତା ଏଥିରେ ବାଧା ସୃଷ୍ଟି କରେ। ତେଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ସଚେତନତା ପାଇଁ "ବିଶ୍ୱ ସ୍ୱାସ୍ଥ୍ୟ ଦିବସ"ର ପ୍ରମୁଖ ଭୂମିକା ରହିଛି।

ଉତ୍ତମ ଚିକିତ୍ସା ନିମନ୍ତେ ଆର୍ଥିକ ସ୍ୱଚ୍ଛଳତା ଅନିବାର୍ଯ୍ୟ, ସମାଜରେ ଉଚ୍ଚବର୍ଗ ତଥା ଧନଶାଳୀ ବ୍ୟକ୍ତିଙ୍କ ନିକଟରେ ସମସ୍ତ ସୁବିଧା ଉପଲବ୍ଧ ଥିଲାବେଳେ ଗରିବ ଶ୍ରେଣୀର ଲୋକ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ଏହି ପ୍ରଭେଦ ଦୂର କରି ସବୁବର୍ଗର ଲୋକଙ୍କୁ ଉତ୍କୃଷ୍ଟ ଚିକିତ୍ସା ପ୍ରଦାନ କରିବା ଆମର ଲକ୍ଷ୍ୟ ହେବା ଉଚିତ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ୧୪୦ ଦେଶର ସମ୍ବିଧାନରେ ନାଗରିକଙ୍କ ଉତ୍ତମ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ତା'ସତ୍ତ୍ୱେ ପ୍ରାୟ ୪୦୦ କୋଟିରୁ ଊର୍ଦ୍ଧ୍ୱ ଲୋକ ଅତ୍ୟାବଶ୍ୟକୀୟ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ। ନାଗରିକଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ଦେବା ପ୍ରତିଟି ଦେଶର ସରକାରଙ୍କ ଦାୟିତ୍ୱ। ଏହାଦ୍ୱାରା ସମସ୍ତ ନାଗରିକ ଉଚ୍ଚସ୍ତରର ଚିକିତ୍ସା ଲାଭ କରିବା ସମ୍ଭବ ହୋଇଥାଏ। ଏହି ଦିଗରେ ଆମ ରାଜ୍ୟ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ( B S K Y )କାର୍ଡ ଭଳି ସୁବିଧା ପ୍ରଦାନ କରି ସରକାର ନିଜ ଦାୟିତ୍ୱ ସୁଚାରୁ ରୂପେ ତୁଲାଉଛନ୍ତି। ଆମ ରାଜ୍ୟରେ ଅଙ୍ଗ ପ୍ରତ୍ୟାରୋପଣ ଭଳି ଆଧୁନିକ ଚିକିତ୍ସା ପ୍ରଣାଳୀକୁ ଉତ୍ସାହିତ କରିବା ସହ ଲିଭର୍ (ଯକୃତ୍) ରୋପଣ, ଯାହାକି ଅତ୍ୟନ୍ତ ଜଟିଳ ଏବଂ ବ୍ୟହବହୁଳ ପ୍ରକ୍ରିୟା, ତାହା ପ୍ରଦାନ କରି ସମସ୍ତ ରାଜ୍ୟବାସୀଙ୍କୁ ଏକ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିଛନ୍ତି। ତେଣୁ ସମସ୍ତଙ୍କ ନିକଟରେ ଉତ୍ତମ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ, ଶିକ୍ଷା, ଉତ୍କୃଷ୍ଟ ଚିକିତ୍ସାର ପ୍ରସାର, ଶୁଦ୍ଧ ପାନୀୟ ଜଳ, ନିର୍ମଳ ବାୟୁ ,ପରିଷ୍କାର ବାସସ୍ଥଳୀ,ସୁସ୍ଥ ପରିବେଶର ଅଧିକାର ପ୍ରାପ୍ତ କରାଇବା ସ୍ୱାସ୍ଥ୍ୟ ଦିବସର ବିଷୟବସ୍ତୁ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର'ର ଉଦ୍ଦେଶ୍ୟ। ଏହାଦ୍ୱାରା ସମସ୍ତ ବ୍ୟକ୍ତି ନିଜ ସ୍ୱାସ୍ଥ୍ୟର ଗୁରୁତ୍ୱକୁ ବୁଝି ଏକ ସୁସ୍ଥ ସମାଜ ଗଠନରେ ଅଗ୍ରସର ହେବେ।

- ଡା. ପ୍ରଦୀପ କୁମାର ମହାନ୍ତି
ବରିଷ୍ଠ ପରାମର୍ଶଦାତା, ପଲମୋନାରି ମେଡିସିନ୍ ତଥା ପରିଚାଳନା ନିର୍ଦ୍ଦେଶକ
ସଦ୍‌ଗୁରୁ ମେଡିକାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପ୍ରା. ଲି,
ଜଗତପୁର, କଟକ

**ବ୍ୟାୟାମ ଓ ନିଦକୁ ନିରୀକ୍ଷଣ କରିବ**

## ହେଲ୍‌ଥ ଟ୍ରାକର ଆପ୍




ସୁସ୍ଥ ରହିବା ପାଇଁ ଲୋକେ ଦୈନନ୍ଦିନ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆଣୁଛନ୍ତି। ଖାଦ୍ୟପେୟ ସହିତ ନିୟମିତ ବ୍ୟାୟାମକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି ଲୋକମାନେ ନିଜର ସ୍ୱାସ୍ଥ୍ୟ ଏବଂ ବ୍ୟାୟାମ ଅଭ୍ୟାସକୁ ଅପଡେଟ୍ ରଖିବା ପାଇଁ ସ୍ମାର୍ଟ ଘଣ୍ଟା, ମୋବାଇଲ୍ ଆପ୍ ଆଦିର ସାହାଯ୍ୟ ନେଉଛନ୍ତି। ଏହିକ୍ରମରେ ଏବେ ବ୍ରିଟାନିଆ ନ୍ୟୁଟ୍ରିଚଏସ୍ 'ସବ୍‌ସ୍କ୍ରିପସନ -ମୁକ୍ତ ନ୍ୟୁଟ୍ରିପ୍ଲସ୍' ଆପ୍ ଲଞ୍ଚ କରିଛି। ଏକ୍ସିବୋ ଲ୍ୟାବ୍ ସହଯୋଗରେ ଏହାକୁ ବିକଶିତ କରିଥିବାବେଳେ ବ୍ରିଟାନିଆ ଗୁଗୁଲ ପ୍ଲେ'ଷ୍ଟୋର ଏବଂ ଆପଲ ଆପ୍ ଷ୍ଟୋର ମାଧ୍ୟମରେ ଏହି ଆପ୍‌କୁ ବ୍ୟବହାରକାରୀଙ୍କ ପାଇଁ ସୁଲଭ କରିବାକୁ ଯୋଜନା କରିଛନ୍ତି। ଏହି ଆପ୍ ଦୈନିକ ନ୍ୟୁଟ୍ରିସ୍କୋର ପ୍ରଦାନ କରେ, ଯାହା ଜଣେ ବ୍ୟକ୍ତିଙ୍କ ବ୍ୟାୟାମ ଏବଂ ନିଦର ସମୟକୁ ଟ୍ରାକ୍ କରି ବ୍ୟକ୍ତିର ସୁସ୍ଥତାକୁ ଜଣାଏ। ଏପରିକି ୱେୟରଲେସ ବିନା ଏହା ବ୍ୟବହାରଯୋଗ୍ୟ। କେବଳ ସ୍ମାର୍ଟଫୋନ୍‌ର ଆପ୍ ସାହାଯ୍ୟରେ ଏହା ସ୍ୱାସ୍ଥ୍ୟସମ୍ବନ୍ଧୀୟ ସୂଚନା ଦିଏ। ଏହି ଆପ୍ ଜରିଆରେ ଜଣେ ବ୍ୟକ୍ତି କୌଣସି ରୋଗର ଆରମ୍ଭରୁ ଚିହ୍ନଟ କରି ଚିକିତ୍ସା କରିବାରେ ସହାୟକ ହୁଏ।

**ତୁଟ୍‌କା ଚିକିତ୍ସା**

## ରକ୍ତ ଶର୍କରା ନିୟନ୍ତ୍ରଣ କରେ ହେଙ୍ଗୁ

**ଅନେକ ଅଛନ୍ତି, ଯେଉଁମାନେ ଛୋଟ ଛୋଟ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଅଧିକ ଡୋଜ୍‌ର ଔଷଧ ସେବନ କରନ୍ତି। ଆଉ ଏହାର ପ୍ରଭାବ ସିଧାସଳଖ କିଡ୍‌ନୀ ଉପରେ ପଡ଼ିଥାଏ। ତେଣୁ ଛୋଟ ମୋଟ ସ୍ୱାସ୍ଥ୍ୟ ସମସ୍ୟାରୁ ଆରାମ ପାଇବା ପାଇଁ ଆୟୁର୍ବେଦ ଉପଚାର ସବୁଠୁ ଭଲ ଉପାୟ। ଏହି କ୍ରମରେ ହେଙ୍ଗୁର ବ୍ୟବହାର ପ୍ରାଚୀନ କାଳରୁ ରହିଆସିଛି। ହେଙ୍ଗୁ ବ୍ୟଞ୍ଜନର ସ୍ୱାଦ ବଢ଼ାଇବା ସହ ସ୍ୱାସ୍ଥ୍ୟ ପାଇଁ ଉପକାରୀ ମଧ୍ୟ। ଏଥିରେ ଥିବା ଆଣ୍ଟି ଇମ୍‌ଫ୍ଲାମେଟରୀ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଖାଦ୍ୟ ହଜମ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଲାଭଦାୟକ। ତେବେ ସର୍ବଦା ଶୋଧିତ ହେଙ୍ଗୁ ବ୍ୟବହାର କରିବା ଉଚିତ।**

- ଏକ ଗ୍ଲାସ୍ ନଖଉଷୁମ ପାଣିରେ ଅଳ୍ପ ଶୋଧିତ ହେଙ୍ଗୁମିଶା ପାଣିକୁ ଗୋଳାଇ ଦିଅନ୍ତୁ। ପ୍ରତିଦିନ ସକାଳୁ ଏହି ହେଙ୍ଗୁ ପାଣି ପିଇବା ଦ୍ୱାରା ଅମ୍ଳଜନିତ ସମସ୍ୟା, ମଧୁମେହ, ରକ୍ତହୀନତା, ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳେ। ଅସ୍ଥି ଏବଂ ଦାନ୍ତ ମଜଭୁତ ରୁହେ। ଆଜ୍‌ମା ରୋଗୀଙ୍କ ପାଇଁ ଏହି ପାଣି ବହୁତ ଲାଭକାରୀ।
- ଯେଉଁମାନଙ୍କର ହଜମ ପ୍ରକ୍ରିୟା କମ୍‌ଜୋର ଥାଏ, ସେମାନଙ୍କ ପାଇଁ ଏହି ପାଣି ସ୍ୱାସ୍ଥ୍ୟପ୍ରଦ। ହେଙ୍ଗୁ ପାଣି ପେଟଜନିତ ସମସ୍ୟା ଦୂର କରେ। ଏଥିରେ ମିଳୁଥିବା ଆଣ୍ଟି ଇନଫ୍ଲାମେଟରୀ ତତ୍ତ୍ୱ ମହିଳାଙ୍କ ଋତୁସ୍ରାବ ଜନିତ ଯନ୍ତ୍ରଣାକୁ କମ୍ କରେ। ସେହିପରି ପୁରୁଷମାନଙ୍କ କମ୍‌ଜୋର ସମସ୍ୟାକୁ ଦୂର କରେ ହେଙ୍ଗୁ। ଏକ ଗ୍ଲାସ ନଖଉଷୁମ ପାଣିରେ ହେଙ୍ଗୁ ମିଶାଇ ପିଇବା ଦ୍ୱାରା ଶରୀରରେ ରକ୍ତ ବୃଦ୍ଧି ପାଏ। ହେଙ୍ଗୁକୁ ମହୁ, ଅଦା ସହିତ ମିଶାଇ ଖାଇବା ଦ୍ୱାରା କାଶ ଭଲହୁଏ। ସାଧାରଣତଃ ମଧୁମେହ ପୀଡ଼ିତଙ୍କୁ ରକ୍ତ ଶର୍କରା ନିୟନ୍ତ୍ରଣ କରିବାକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ହେଙ୍ଗୁରେ କୋମରିନ୍ସ ନାମକ ଏକ ତତ୍ତ୍ୱ ମିଳୁଥିବାରୁ ଏହା ରକ୍ତକୁ ପତଳା କରି ଏହାର ପ୍ରବାହକୁ ବଢ଼ାଏ। ଏହାଦ୍ୱାରା ଶରୀରରୁ ରକ୍ତ ଶର୍କରା ସ୍ତର ଏବଂ ଶରୀରରେ ଟ୍ରାଇଗ୍ଲିସରାଇଡ କମ୍ ହୁଏ। ଓଜନ ହ୍ରାସ, ପ୍ରତିରକ୍ଷା ପ୍ରଣାଳୀକୁ ମଜଭୁତ କରିବାରେ ହେଙ୍ଗୁ ସହାୟକ ହୁଏ।



- ହେଙ୍ଗୁରେ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ। ଏହାକୁ ନିୟମିତ ସେବନ କରିବା ଦ୍ୱାରା ଶରୀରର କୋଷିକାକୁ ସୁରକ୍ଷା ପ୍ରଦାନ କରେ। ସେହିପରି ତ୍ୱଚା ଜନିତ ସମସ୍ୟା ଦୂର କରିବାରେ ଏହାର ଭୂମିକା ଅଧିକ ରହିଛି। ତ୍ୱଚା ଜଳାପୋଡ଼ାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟାକୁ ଭଲ କରିବାରେ ହେଙ୍ଗୁର ବିଶେଷ ଗୁଣ ରହିଛି।

**ଶିଶୁ ସ୍ୱାସ୍ଥ୍ୟ**

## ପର୍ପଲ କ୍ରାଇଙ୍ଗ୍



ଛୋଟ ଛୋଟ ପିଲାଙ୍କ ଦେଖାଶୁଣା କରିବାରେ ଅଭିଭାବକଙ୍କୁ ନାନା ସମସ୍ୟାର ସାମ୍ନା କରିବାକୁ ପଡ଼େ। ସେଥିମଧ୍ୟରୁ ପିଲା ରାହା ଧରି କାନ୍ଦିବା ଏକ ମୁଖ୍ୟ ସମସ୍ୟା। ପିଲାମାନେ ଏପରି କାନ୍ଦିବାର କାରଣ ସାଧାରଣତଃ ପିତାମାତା ଜାଣି ନ ପାରିଲେ ବି ପିଲାଙ୍କୁ ଚୁପ୍ କରାଇବା ପାଇଁ ସେମାନଙ୍କୁ କାନ୍ଧରେ ପକାଇ ଏଣେତେଣେ ବୁଲାଇଥା'ନ୍ତି। କେହି କେହି ଗୀତ ମଧ୍ୟ ଶୁଣାଇଥା'ନ୍ତି। ତେବେ ଲଗାତାର ପିଲାଙ୍କ କାନ୍ଦିବା ଅଭ୍ୟାସକୁ 'ପର୍ପଲ କ୍ରାଇଙ୍ଗ' କୁହାଯାଏ। ଏହା ସାଧାରଣତଃ ନବଜାତ ଶିଶୁଙ୍କଠାରେ ଜନ୍ମର ଦ୍ୱିତୀୟ ସପ୍ତାହରୁ ଆରମ୍ଭ କରି ଚାରି ମାସ ଯାଏଁ ଦେଖିବାକୁ ମିଳିଥାଏ। ଅଧିକାଂଶ ପିଲାଙ୍କଠାରେ ପର୍ପଲ କ୍ରାଇଙ୍ଗ୍ ଲକ୍ଷଣ ୬ ମାସ ଯାଏଁ ମଧ୍ୟ ଦେଖିବାକୁ ମିଳିଥାଏ।

ପର୍ପଲ କ୍ରାଇଙ୍ଗ୍‌ରେ ପିଲାମାନେ ଶାରୀରିକ ରୂପେ ସକ୍ରିୟ ରହି ନ ଥା'ନ୍ତି। ବାରମ୍ବାର କାନ୍ଦୁଥାନ୍ତି। ଜନ୍ମରୁ ଦ୍ୱିତୀୟ ସପ୍ତାହ ମଧ୍ୟରେ ଯଦି ପିଲା ଠିକ୍ ଭାବେ ଶୋଇ ପାରୁନାହିଁ, ସବୁବେଳେ ହାତକୁ ମୁଠା କରି ରଖୁଛି, ଠିକ୍ ଭାବେ କ୍ଷୀର ପିଇ ପାରୁ ନାହିଁ, ସ୍ତନ୍ୟପାନ ସମୟରେ ମୁହଁ କାଢ଼ିନେଉଛି, ତେବେ ଏସବୁ ହିଁ ପର୍ପଲ କ୍ରାଇଙ୍ଗ୍‌ର ଲକ୍ଷଣ।

ଏଥିରୁ ବର୍ତ୍ତିବା ପାଇଁ ଜନ୍ମରୁ ତିନି ମାସ ଯାଏଁ ନବଜାତ ଶିଶୁଙ୍କ ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ରହିବାକୁ ହୁଏ। ବେଳେବେଳେ ପେଟ ଗ୍ୟାସ୍ ଯୋଗୁଁ ପିଲା ମଧ୍ୟ କାନ୍ଦିଥାଆନ୍ତି। ତେଣୁ ପିଲାର ଲଗାତାର କାନ୍ଦକୁ ଅଣଦେଖା ନ କରି ଶିଶୁ ବିଶେଷଜ୍ଞଙ୍କୁ ଯୋଗାଯୋଗ କରି ଚିକିତ୍ସା ଆରମ୍ଭ କରିଦିଅନ୍ତୁ।

ସେହିପରି ପିଲାର ପୋଷାକ, ବିଛଣା ଆରାମ ଦାୟକ ନ ହେଲେ ପିଲାକୁ ଅସୁଖ ଲାଗେ ଓ ସେ କାନ୍ଦିଥାଏ। ଶୋଇବା ସମୟରେ ବା ଧରିବା ସମୟରେ ହାତ, ପାଦ ଚାପିହୋଇ ଦରଜ ହେବା ଯୋଗୁଁ ପିଲା ମଧ୍ୟ କାନ୍ଦିଥାଏ। ତେଣୁ ଏସବୁ ପ୍ରତି ଲକ୍ଷ୍ୟ ରଖିବା ଆବଶ୍ୟକ।

**ସୁସ୍ଥ ମନ ସୁସ୍ଥ ଶରୀର**

## ପଡ଼ୋଶୀଙ୍କ ଝଗଡ଼ା ବଢ଼ାଏ ମାନସିକ ରୋଗ



ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଦ୍ୱାରା ଏମାନେ କେବଳ ସୁଖଦୁଃଖ ଓ ବିପଦଆପଦରେ ପାଖରେ ରୁହନ୍ତି, ତାହା ନୁହେଁ; ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ସୁପ୍ରଭାବ ପଡ଼ିଥାଏ। ନିକଟରେ ଆମେରିକା, ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରୁ ଏହା ସ୍ପଷ୍ଟ ହୋଇଛି ଯେ, ଉତ୍ତମ ପଡ଼ୋଶୀଙ୍କ ଦ୍ୱାରା ଜଣେ ବ୍ୟକ୍ତି ଚିନ୍ତାମୁକ୍ତ ରୁହନ୍ତି। ଯଦି ପଡୋଶୀଙ୍କ ସ୍ୱଭାବ ମନ୍ଦ ହୋଇଥାଏ, ଏହା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏଥିଯୋଗୁଁ ଡିମେନ୍ସିଆ ଶିକାର ହେବାର ଆଶଙ୍କା ବୃଦ୍ଧି ପାଇଥାଏ। ଅଧ୍ୟୟନ ମୁତାବକ, ଯଦି ଜଣଙ୍କ ଘରେ କିମ୍ବା ପଡ଼ୋଶୀରେ କଳିଝଗଡ଼ା ଲାଗି ରହୁଛି, ଏପରି ସ୍ଥିତିରେ ଜଣେ ଚିନ୍ତାମୁକ୍ତ ରହିବା ସହ ନିଜେ ଖୁସି ରହିବା ଅଧିକ ଆହ୍ୱାନପୂର୍ଣ୍ଣ ହୋଇଥାଏ। ସ୍ମରଣ ଶକ୍ତି କମ୍‌ଜୋର୍ ହୋଇଥାଏ। ପଡ଼ୋଶୀଙ୍କ ଝଗଡ଼ା ସ୍ୱଭାବ ଯୋଗୁଁ ବୟସ ତୁଳନାରେ ୩ବର୍ଷ ପୂର୍ବରୁ ଅଧିକ ବୟସ୍କ ହେବାର ଆଶଙ୍କା ରହିଛି। ଏନେଇ କ୍ଲିନିକାଲ ନ୍ୟୁରୋସାଇକୋଲୋଜିଷ୍ଟ ଡ. ଓରୋନ ରୁବେନ୍ ଚିନ୍ତା ପ୍ରକଟ କରି କହିଛନ୍ତି, ଭଲ ପଡୋଶୀ ନ ହେଲେ କିମ୍ବା ସର୍ବଦା କଳିଝଗଡ଼ା ଲାଗି ରହୁଥିଲେ, ଏହା ମାନସିକ ସ୍ତରରେ ଗଭୀର ପ୍ରଭାବ ପକାଇଥାଏ। ତେଣୁ ଏକ ଖରାପ ବାତାବରଣରେ ରହିବା ଦ୍ୱାରା ଡିମେନ୍ସିଆ ଓ ସିଜୋଫ୍ରେନିଆ ଆଦି ରୋଗ ହେବାର ସମ୍ଭାବନା ୪୩ ପ୍ରତିଶତ ବୃଦ୍ଧି ପାଇଥାଏ।

ପଡ଼ୋଶୀ ମାହୋଲର ସ୍ଥିତି ପ୍ରାୟତଃ ୪୫ ବର୍ଷୀୟ ବୟସ୍କଙ୍କ ମସ୍ତିଷ୍କ ଉପରେ ଅଧିକ ପ୍ରଭାବ ପକାଏ। ଏହି ଲୋକଙ୍କ ସ୍ନାୟୁ ଠିକ୍ ଭାବେ କାର୍ଯ୍ୟ କରି ନ ଥାଏ। ତେଣୁ ମସ୍ତିଷ୍କରେ ହାପି ହର୍ମୋନ୍ ନିର୍ଗତ କରିବାକୁ ବ୍ୟାୟାମ ଓ ଯୋଗ ସହ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଉଚିତ।

# ଲଢ଼େଇ କରି ହାରିଲେ ନାଗଲ

**ମୋଣ୍ଟେକାର୍ଲୋ, ୧୧।୪ (ଏଜେନ୍ସି):** ଫ୍ରାନ୍ସରେ ଚାଲିଥିବା ମୋଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ପ୍ରତିଯୋଗିତାରେ ଭାରତର ସୁମିତ ନାଗାଲଙ୍କ ଅଭିଯାନ ଶେଷ ହୋଇଛି। ଗୁରୁବାର ଖେଳାଯାଇଥିବା ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡରେ ସୁମିତ୍‌ଙ୍କ ମୁକାବିଲା ବିଶ୍ୱ ମାନ୍ୟତାର ୭ମ ସ୍ଥାନରେ ଥିବା ଡେନମାର୍କର ହୋଲଗର୍ ରୁନଙ୍କ ସହ ହୋଇଥିଲା। ମାନ୍ୟତାରେ ବହୁତଳେ (୯୨ତମ ସ୍ଥାନ) ଥିବା ସୁମିତ ୩-୬, ୬-୩, ୨-୬ ସେଟ୍‌ରେ ହୋଲଗର୍‌ଙ୍କ ନିକଟରୁ ହାରିଯାଇଥିଲେ। ସେ ପ୍ରଥମ ଭାରତୀୟ ଭାବେ କ୍ଲେ କୋର୍ଟରେ ଏକ ମାଷ୍ଟର୍ସ ଇଭେଣ୍ଟର ପୁରୁଷ ଏକକ ପ୍ରଥମ ରାଉଣ୍ଡରେ ବିଜୟୀ ହେବାର ସୌଭାଗ୍ୟ ଲାଭ କରିଛନ୍ତି।

### ଇଣ୍ଡିଆନ ସୁପର ଲିଗ୍

# ୧୯ରୁ ପ୍ଲେ ଅଫ୍, ମେ ୪ରେ ଫାଇନାଲ

**ନୂଆଦିଲ୍ଲୀ, ୧୧।୪(ଏଜେନ୍ସି)**

ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍ )ର ଚୂଡାନ୍ତ ପର୍ଯ୍ୟାୟ ଖେଳସୂଚୀ ଘୋଷଣା କରାଯାଇଛି। ଏହି ଘୋଷଣା ଅନୁଯାୟୀ ମେ ୪'ରେ ଫାଇନାଲ ମ୍ୟାଚ୍ ଆୟୋଜିତ ହେବ। କିନ୍ତୁ ଏହା କେଉଁ ଭେନ୍ୟୁରେ ଆୟୋଜିତ ହେବ ତାହା ଚୂଡାନ୍ତ ହୋଇନାହିଁ। ଏହି ଫାଇନାଲରେ କେଉଁ ଦୁଇ ଦଳ ଖେଳିବେ ସେଥିଲାଗି ଏପ୍ରିଲ ୧୯ରୁ ନକ୍ଆଉଟ ମୁକାବିଲା ଆରମ୍ଭ ହେବ। ଏହି ଦିନଠାରୁ ୪ଟି ଦଳକୁ ନେଇ ପ୍ଲେ ଅଫ୍ ମ୍ୟାଚ୍ ବା ନକ୍ଆଉଟ ମୁକାବିଲା ଆୟୋଜିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଲିଗ୍ ପର୍ଯ୍ୟାୟରେ ପ୍ରଥମ ୬ଟି ସ୍ଥାନ ଅଧିକାର କରିଥିବା ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବେ। ଏହା ମଧ୍ୟରୁ ପ୍ରଥମ ଦୁଇଟି ଦଳ ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟ ୪ଟି ଦଳ ପ୍ଲେ ଅଫ୍‌ରେ ଖେଳିବେ। ଏହି ଦଳ ମଧ୍ୟରେ ଦୁଇଟି ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଦୁଇଟିର ବିଜେତା ଅନ୍ୟ ଦୁଇଟି ସେମିଫାଇନାଲ ସ୍ଥାନ ପୂରଣ କରିବେ। ସେମିଫାଇନାଲ ମୁକାବିଲା ହୋମ୍ ଓ ଆୱେ ଭିତ୍ତିରେ ଡବଲ ଲେଗ୍ ମ୍ୟାଚ୍ ଖେଳାଯିବ। ଦୁଇଟି ମ୍ୟାଚ୍‌ରେ ସର୍ବାଧିକ ଗୋଲ ଦେଇଥିବା ଦଳକୁ କିମ୍ବା ଗୋଲ ସଂଖ୍ୟା ସମାନ ରହିଲେ ପେନାଲ୍ଟି ସୁଟଆଉଟରେ ମ୍ୟାଚ୍‌ର ଫାଇନାଲ ଖେଳାଯିବ। ସେମିଫାଇନାଲର ପ୍ରଥମ ଲେଗ୍ ଏପ୍ରିଲ ୨୩ ଓ ୨୪ରେ, ଦ୍ୱିତୀୟ ଲେଗ୍ ଏପ୍ରିଲ ୨୮ ଓ ୨୯ରେ ଖେଳାଯିବ। ମେ ୪ରେ ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ।

ବୁଧବାର ଖେଳାଯାଇଥିବା ମୁକାବିଲାରେ ପଞ୍ଜାବ ଏଫ୍‌ସିଠାରୁ ଇଷ୍ଟ ବେଙ୍ଗଲ ହାରିଯିବା ପରେ ପ୍ଲେ ଅଫ୍‌ରେ କେଉଁ ୬ଟି ଦଳ ଖେଳିବେ ତାହା ସ୍ଥିର ହୋଇଯାଇଛି। ଇଷ୍ଟ ବେଙ୍ଗଲ ହାରିଯିବା ପରେ ଚେନ୍ନାଇନ୍ ଏଫ୍‌ସି ପ୍ଲେ ଅଫରେ ସ୍ଥାନ ପାଇଛି। ପୂର୍ବରୁ ମୁମ୍ବାଇ ସିଟି ଏଫ୍‌ସି ଓ ମୋହନ ବାଗାନ ଲିଗ୍ ପର୍ଯ୍ୟାୟରେ ପ୍ରଥମ ସ୍ଥାନ ଲାଗି ଆଗରେ ଅଛନ୍ତି। ଆଉ ୩ଟି ଦଳ ଯଥା ଓଡ଼ିଶା ଏଫ୍‌ସି, ଏଫ୍‌ସି ଗୋଆ ଏବଂ କେରଳା ବ୍ଲାଷ୍ଟର୍ସ ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି।

### ଆନ୍ତଃଜୋନ୍ ମହିଳା କ୍ରିକେଟ ଫାଇନାଲ

# ଦକ୍ଷିଣାଞ୍ଚଳକୁ ହରାଇ ପୂର୍ବାଞ୍ଚଳ ଚାମ୍ପିଅନ

**ପୁଣେ, ୧୧।୪ (ଏଜେନ୍ସି)**


ଚାମ୍ପିଅନ ଟ୍ରଫି ସହ ପୂର୍ବାଞ୍ଚଳ ମହିଳା ଦଳ



ଶ୍ରେଷ୍ଠ ଖେଳାଳି ପୁରସ୍କାର ସହ ପୂର୍ବାଞ୍ଚଳ ଅଧିନାୟିକା ଦୀପ୍ତି ଶର୍ମା (ବାମ)

ବିସିସିଆଇ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆନ୍ତଃଜୋନ ମହିଳା କ୍ରିକେଟ୍ ଫାଇନାଲ ମୁକାବିଲାରେ ଦକ୍ଷିଣାଞ୍ଚଳକୁ ରୋମାଞ୍ଚକ ଭାବେ ଗୋଟିଏ ୱିକେଟ୍‌ରେ ପରାସ୍ତ କରି ପୂର୍ବାଞ୍ଚଳ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଦକ୍ଷିଣାଞ୍ଚଳ ପକ୍ଷରୁ ଧାର୍ଯ୍ୟ ୧୮୪ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଦୀପ୍ତି ଶର୍ମାଙ୍କ ନେତୃତ୍ୱାଧୀନ ପୂର୍ବାଞ୍ଚଳ ତୃତୀୟ ଦିବସରେ ଗୁରୁବାର ୯ ୱିକେଟ୍ ହରାଇ ବିଜୟୀ ହୋଇ ଟ୍ରଫି ଜିତିଥିଲା। ମ୍ୟାଚରେ ମୋଟ୍ ୬୮ ରନ ସହ ୧୦ ୱିକେଟ୍ ହାସଲକରି ପୂର୍ବାଞ୍ଚଳ ଅଧିନାୟିକା ଦୀପ୍ତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସେ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ବାବଦକୁ ୧.୫ ଲକ୍ଷ ଟଙ୍କା ପାଇଥିଲେ।

୧୮୪ ରନର ଲକ୍ଷ୍ୟକୁ ପିଛା କରିଥିବା ପୂର୍ବାଞ୍ଚଳ ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୨ୟ ପାଳିରେ ଦୁଇ ୱିକେଟ୍ ହରାଇ ୩୦ ରନ କରିଥିଲା। ଏହି ଅସମାପ୍ତ ଦ୍ୱିତୀୟ ପାଳିରୁ ଗୁରୁବାର ଖେଳ ଆରମ୍ଭ କରିଥିବା ପୂର୍ବାଞ୍ଚଳ ଓପନର୍ ଉମା ଛେତ୍ରୀ (୧୭ ରନ)ଙ୍କ ୱିକେଟ୍ ହରାଇଥିଲା। ଏହାପରେ ୪ର୍ଥ ୱିକେଟ୍ ଯୋଡ଼ିରେ ଅଧିନାୟିକା ଦୀପ୍ତି ଶର୍ମା ଓ ରିଚା ଘୋଷ ସ୍ଥିତି ସମ୍ଭାଳିଥିଲେ। ଉଭୟ ଏହି ଭାଗୀଦାରିରେ ୬୨ ରନ ଯୋଡ଼ିବା ସହ ଦଳୀୟ ସ୍କୋର ଶହେ ରନ ଅତିକ୍ରମ କରାଇଥିଲେ। ତେବେ ଲୟରେ ଖେଳୁଥିବା ରିଚା ୩୩ ରନ କରିଥିବାବେଳେ ଦୁର୍ଭାଗ୍ୟପୂର୍ଣ୍ଣ ଭାବେ ରନଆଉଟ୍ ହୋଇ ବିଦାୟ ନେଇଥିଲେ। ଏହାପରେ ରିଙ୍କୁ ଶାହ (୦) ଓ ଶାଇକା ଇଶାକ (୧) ସଅଳ ଆଉଟ୍ ହୋଇଥିଲେ। ସେହିଭଳି ୯୨ ବଲରୁ ୪୬ ରନ କରିଥିବାବେଳେ ଦୀପ୍ତି ବାମହାତୀ ସ୍ପିନର ଶାହଣ ପାୱରଙ୍କୁ ବଡ଼ ସଟ୍ ମାରିବାକୁ ଯାଇ କ୍ୟାଚ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ମୋନିକା ଦାସ ମଧ୍ୟ ୨୨ ରନର ଉପଯୋଗୀ ପାଳି ଖେଳି ବିଦାୟ ନେଇଥିଲେ। ଫଳରେ ପୂର୍ବାଞ୍ଚଳ ୧୫୩ ରନରେ ୮ ୱିକେଟ୍ ହରାଇ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। ଏହି ସମୟରେ ନିମ୍ନକ୍ରମରେ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଅନ୍ନପୂର୍ଣ୍ଣା ଦାସ ଧୈର୍ଯ୍ୟର ସହ ବ୍ୟାଟିଂ କରି ଦଳକୁ ବିଜୟ ନିକଟତର କରାଇଥିଲେ। ୩ଟି ଚୌକା ସହ ସୁଶ୍ରୀ ୧୫ ରନ କରିଥିବାବେଳେ ମିନୁ ମାନିଙ୍କ ଶିକାର ବନିଥିଲେ। ଦଳକୁ ବିଜୟ ଲାଗି ୬ ରନ ଆବଶ୍ୟକ ହେଉଥିବାବେଳେ ୯ମ ବ୍ୟାଟର୍ ଭାବେ ସୁଶ୍ରୀ ଆଉଟ୍ ହୋଇଥିଲେ। ଏହାପରେ ଅନ୍ନପୂର୍ଣ୍ଣା ଓ ତିତାସା ସାଧୁ ଆଉ କୌଣସି କ୍ଷତି ହେବାକୁ ନ ଦେଇ ପୂର୍ବାଞ୍ଚଳକୁ ଗୋଟିଏ ୱିକେଟ୍ ବଳକାଥାଇ ରୋମାଞ୍ଚକ ବିଜୟ ଭେଟି ଦେଇଥିଲେ। ଅନ୍ନପୂର୍ଣ୍ଣା ୧୨ ଓ ତିତାସା ୪ ରନରେ ଅପରାଜିତ ରହିଥିଲେ। ପ୍ରତିପକ୍ଷ ଦକ୍ଷିଣାଞ୍ଚଳ ବୋଲରଙ୍କ ମଧ୍ୟରେ ଅଧିନାୟିକା ମିନୁ ମାନି ଓ ଶାହାନ ପାୱାର ୩ଟି ଲେଖାଏ ୱିକେଟ୍ ନେଇଥିଲେ। ମ୍ୟାଚରେ ୮ ୱିକେଟ୍ ସହ ମୋଟ୍ ୩୪ ରନ କରିଥିବା ମିନୁ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଚାମ୍ପିଅନ ପୂର୍ବାଞ୍ଚଳ ଦଳ ଟ୍ରଫି ସହ ୫୦ ଲକ୍ଷ ଟଙ୍କା ଓ ରନର୍ସଅପ୍ ଦକ୍ଷିଣାଞ୍ଚଳକୁ ଟ୍ରଫି ସହ ୨୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ ପ୍ରଥମ ପାଳି: ୧୩୩/୧୦
ପୂର୍ବାଞ୍ଚଳ ପ୍ରଥମ ପାଳି: ୧୨୯/୧୦
ଦକ୍ଷିଣାଞ୍ଚଳ ୨ୟ ପାଳି: ୧୭୯/୧୦
ପୂର୍ବାଞ୍ଚଳ ୨ୟ ପାଳି: ୧୮୪/୯

# ହିମାଂଶୁଙ୍କ ଦମ୍‌ଦାର୍ ପ୍ରଦର୍ଶନ; ବରଗଡ ବିଜୟୀ

### କଳାହାଣ୍ଡି କପ୍

**କଟକ,୧୧।୪(ସମିସ):** ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ଗୋଲ୍ଡ ଲିଗ୍ ଗ୍ରୁପ-ଏ'ର ମ୍ୟାଚ୍ ଗୁରୁବାର ଠାରୁ ଆରମ୍ଭ ହୋଇଛି। କଟକର ବିଭିନ୍ନ ଗ୍ରାଉଣ୍ଡରେ ୩ଟି ମ୍ୟାଚ୍ ଖେଳାଯାଇଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ ୧୦୯ ରନରେ ବୌଦ୍ଧକୁ ପରାସ୍ତ କରିଥିଲା। ବରଗଡ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ ହିମାଂଶୁ ବିସ୍ତ। ଉଭୟ ବ୍ୟାଟିଂ ଓ ବୋଲିଂରେ ଦମଦାର ପ୍ରଦର୍ଶନ କରି ସେ ଦଳକୁ ଜିତାଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବରଗଡ ସମସ୍ତ ୱିକେଟ ହରାଇ ୨୫୫ରନ କରିଥିଲା। ହିମାଂଶୁ ୭୨ବଲରୁ ୯୧ରନ୍ କରିଥିଲେ। ରାକେଶ କିଶାନ ୩୭ରନର ଦ୍ରୁତ ଇନିଂସ ଖେଳିଥିଲେ। ବୌଦ୍ଧ ପକ୍ଷରୁ ରଜନିଶ ଯାଦବ ସର୍ବାଧିକ ୪ଟି ଏବଂ ଲକ୍ଷ୍ମୀଧର ପ୍ରଧାନ ୩ଟି ୱିକେଟ ଅକ୍ତିଆର କରିଥିଲେ। ୨୫୬ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ବୌଦ୍ଧର ଇନିଂସ ୧୪୬ରନରେ ସୀମିତ ରହିଥିଲା। ବିଭୂତି ମଲ୍ଲିକ ୩୬ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ବରଗଡର ହିମାଂଶୁ ବୋଲିଂରେ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ୭.୩ ଓଭରରେ ମାତ୍ର ୭ରନ ବ୍ୟୟ କରି ସେ ୩ଟି ୱିକେଟ ଦଖଲ କରିଥିଲେ। କୌସ୍ତୁବ ମହର୍ଷିଙ୍କୁ ୩ଟି ୱିକେଟ ମିଳିଥିଲା।

ବାରବାଟୀ ଷ୍ଟାଡିୟମରେ ଭଦ୍ରକ ୩ ୱିକେଟରେ କିଟ୍‌କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା କିଟ୍ ୫ୱିକେଟ ବିନିମୟରେ ୨୧୮ ରନ ସଂଗ୍ରହ କରିଥିଲା। ମରୋଜୁ


ହିମାଂଶୁ ବିସ୍ତ


ଆକାଶ ମହାପାତ୍ର


ଟୁକୁନା ସାହୁ

ପ୍ରଶାନ୍ତ ୭୩ରନ ଏବଂ ସୁଦର୍ଶନ ସ୍ୱାଇଁ ୫୦ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଭଦ୍ରକର କିଶାନ ମହାନ୍ତି ଏବଂ ସତ୍ୟକାମ ଭରଦ୍ୱାଜ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଆକାଶ ମହାପାତ୍ରଙ୍କ ୮୬ରନ ବଳରେ ହାତରେ ୩ ୱିକେଟ ବାକି ରଖି ଭଦ୍ରକ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ପାରାଦ୍ୱୀପ ଏବଂ ଅନୁଗୋଳ ମୁହାଁମୁହିଁ ହୋଇଥିଲେ। ଏଥିରେ ଅନୁଗୁଳ ୯ ୱିକେଟରେ ବିଜୟ ଲାଭ କରିଛି। ପାରାଦ୍ୱୀପ ମାତ୍ର ୧୨୩ରନରେ ଅଲଆଉଟ ହୋଇଥିଲା। ଶାଶ୍ୱତ ମହାନ୍ତି ସର୍ବାଧିକ ୪୭ରନ କରିଥିଲେ। ଅନୁଗୋଳର ରାକେଶ ବିଶ୍ୱାଳଙ୍କୁ ୩ଟି ୱିକେଟ ମିଳିଥିଲା। ଜଣାଶୁଣା କ୍ରିକେଟର ଟୁକୁନା ସାହୁଙ୍କ ଅର୍ଦ୍ଧଶତକୀୟ ପାଳି ବଳରେ ଅନୁଗୋଳ ବିଜୟୀ ହୋଇଛି। ଟୁକୁନା ୨୮ ବଲରୁ ଦ୍ରୁତ ୬୯ରନ ସଂଗ୍ରହ କରିଥିଲେ।

# ଟ୍ରେଡ୍‌ମିଲ୍‌ରେ ୧୨ ଘଣ୍ଟା ଦୌଡ଼ି ବିଶ୍ୱ ରେକର୍ଡ କଲେ ସୁମିତ

**ରାଉରକେଲା, ୧୧।୪(ସମିସ):** ରାଉରକେଲାର ବାସନ୍ତୀ କଲୋନୀ ବାସିନ୍ଦା ସୁମିତ ସିଂହ ଟ୍ରେଡ୍‌ମିଲ୍‌ରେ ୧୨ ଘଣ୍ଟା ଦୌଡ଼ି ବିଶ୍ୱ ରେକର୍ଡ କରିଛନ୍ତି। ତାଙ୍କର ଏହି ସଫଳତା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ସ୍ଥାନିତ ହୋଇଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୧୨ ତାରିଖରେ ବାସନ୍ତୀ ପାଠାଗାର ପରିସରରେ ସୁମିତ ସକାଳ ୮.୧୫ରୁ ରାତି ୮.୨୦ ଘଣ୍ଟା ଯାଏ ସେ ଟ୍ରେଡ୍‌ମିଲ୍‌ରେ ଦୌଡ଼ିଥିଲେ। ଏହି ସମୟ ମଧ୍ୟରେ ସେ ମୋଟ୍ ୬୮.୦୪ କିଲୋମିଟର ଅତିକ୍ରମ କରିଥିଲେ। ଏହି ଭିଡିଓକୁ ସେ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡର ୱେବସାଇଟରେ ଅପଲୋଡ୍ କରିଥିଲେ। ଗିନିଜ ବୁକ୍ ଅଫ ୱାର୍ଲ୍ଡ ରେକର୍ଡ କର୍ତ୍ତୃପକ୍ଷ ଏହାକୁ ପରୀକ୍ଷା କରିବା ପରେ ସୁମିତଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ସୁମିତଙ୍କ ନାଁରେ ଏକାଧିକ ରେକର୍ଡ ରହିଛି। ୨୦୨୩ ଏପ୍ରିଲ ୨୫ ତାରିଖରୁ ମେ' ୨୪ ଯାଏଁ ୩୦ ଦିନରେ ୩୩ଟି ଫୁଲ୍ ମାରାଥନ ଦୌଡ଼ିଥିଲେ। ସ୍ଥାନୀୟ ଉଦିତନଗର ପଡ଼ିଆରେ ସନ୍ଧ୍ୟା ୬ଟାରୁ ରାତି ୧୧ ଟା ପର୍ଯ୍ୟନ୍ତ ପ୍ରତିଦିନ ୪୨.୨ କିଲୋମିଟର ଲେଖାଏ ଦୌଡ଼ିଥିଲେ। ସୁମିତ ୩୦ ଦିନରେ ୩୩ଟି ମାରାଥନ୍, ଅର୍ଥାତ୍ ମୋଟ୍ ୧୩୯୨.୬ କିଲୋମିଟର ଦୌଡ଼ିଥିଲେ। ଏହି ରେକର୍ଡ ପାଇଁ ତାଙ୍କୁ ଇଣ୍ଟରନ୍ୟାସନାଲ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳିଥିଲା। ବାସନ୍ତୀ କଲୋନୀ ନିବାସୀ ସୁମିତ ହେଉଛନ୍ତି ସଞ୍ଜୟ ସିଂହ ଓ ମୀରା ଦେବୀଙ୍କ ପୁତ୍ର। ସେ କଳିଙ୍ଗାସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରନ୍ତି।




# ବିଲି ଜିନ୍ କିଙ୍ଗ୍ କପ୍‌ରେ ଭାରତର ଦ୍ୱିତୀୟ ବିଜୟ

**ଚାଙ୍ଗଶା, ୧୧।୪ (ଏଜେନ୍ସି)**



ଚୀନରେ ଚାଲିଥିବା ସମ୍ମାନଜନକ ବିଲି ଜିନ୍ କିଙ୍ଗ୍ କପ୍‌ରେ ଭାରତୀୟ ମହିଳା ଟେନିସ ଦଳ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ଏସିଆ/ଓସେନିଆ ଗ୍ରୁପ୍-୧ ମୁକାବିଲାରେ ଭାରତ ୨-୧ ଗୋଲରେ ଚାଇନିଜ ତାଇପେଇକୁ ହରାଇଦେଇଛି। ଉଭୟ ଦଳ ମହିଳା ଏକକରେ ଗୋଟିଏ ଲେଖାଏ ମ୍ୟାଚ୍ ଜିତିଥିଲେ। ଭାରତର ଋତୁଜା ଭୋସାଲେ ୬-୩, ୬-୨ ସିଧାସଳଖ ସେଟ୍‌ରେ ପ୍ରତିପକ୍ଷ ଚାଇନିଜ ତାଇପେଇର ପରାସ୍ତ କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ ମହିଳା ଏକକ ମ୍ୟାଚରେ କିନ୍ତୁ ଭାରତର ଶ୍ରେଷ୍ଠ ମାନ୍ୟତା ଖେଳାଳି ଅଙ୍କିତା ରାଇନା ନିରାଶ କରିଥିଲେ। ସୁଓ ଲିଆଙ୍ଗ୍'ଙ୍କ ବିପକ୍ଷରେ ଅଙ୍କିତା ପାଖାପାଖି ଅଢ଼େଇ ଘଣ୍ଟା ଧରି ଲଢ଼େଇ କରିଥିଲେ ମଧ୍ୟ ୬-୨, ୪-୬, ୪-୬ରେ ହାରିଯାଇଥିଲେ। ଫଳରେ ମ୍ୟାଚ୍ ୧-୧'ର ସମାନସ୍ତରକୁ ଚାଲିଆସିଥିଲା। ଏହାପରେ ନିର୍ଣ୍ଣାୟକ ମହିଳା ଯୁଗଳ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭାରତର ଅଙ୍କିତା ଓ ପ୍ରାର୍ଥନା ଥୋମ୍ବାରେ ଯୋଡ଼ି ପ୍ରତିପକ୍ଷ ଚାଇନିଜ ତାଇପେଇର ଚାଙ୍ଗ୍ ଓ ଲିଆଙ୍ଗ'ଙ୍କ ବିପକ୍ଷରେ କଡ଼ା ଟକ୍କରର ସମ୍ମୁଖୀନ ହୋଇଥିଲେ। ଅଙ୍କିତା ଓ ପ୍ରାର୍ଥନା ଯୋଡ଼ି ପ୍ରଥମ ସେଟ୍‌କୁ ୪-୬ରେ ହାରିଯାଇଥିଲେ ମଧ୍ୟ ଦ୍ୱିତୀୟ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରି ୬-୧ରେ ସହଜରେ ଜିତିଥିଲେ। ନିର୍ଣ୍ଣାୟକ ୩ୟ ସେଟ୍‌ର ଫଳାଫଳ ସୁପର୍ ଟାଇବ୍ରେକରରେ ବାହାରିଥିଲା। ଯେଉଁଥିରେ ଭାରତୀୟ ଯୋଡ଼ି ଅଙ୍କିତା-ପ୍ରାର୍ଥନା ୧୫-୧୩ରେ ବିଜୟୀ ହେବା ସହ ଭାରତକୁ ୨-୧ରେ ଜିତାଇଥିଲେ। ଏହି ବିଜୟ ସହ ଭାରତ ୬ ଦଳୀୟ ପ୍ରତିଯୋଗିତାର ୩ୟ ସ୍ଥାନକୁ ଉଠିଛି। ଭାରତୀୟ ମହିଳା ଟେନିସ ଦଳ ଯଦି ୨ୟ ସ୍ଥାନରେ ରୁହେ ତେବେ ଗ୍ରୁପ୍-୨କୁ ଯୋଗ୍ୟତା ଅର୍ଜନ କରିବ।

# ସିନ୍ଧୁ, ପ୍ରଣୟ ହାରିଲେ; ଭାରତର ଅଭିଯାନ ଶେଷ

### ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍

**ନୂଆଦିଲ୍ଲୀ, ୧୧।୪ (ଏଜେନ୍ସି):** ଚୀନର ନିଙ୍ଗବୋ ସହରରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ଗୁରୁବାର ଦୁଇଥରର ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଓ ବିଶ୍ୱ ଚାମ୍ପିଅନସିପ୍ କାଂସ୍ୟ ପଦକ ବିଜେତା ଏଚ୍‌ଏସ୍ ପ୍ରଣୟଙ୍କ ପରାଜୟ ସହ ଏହି ପ୍ରତିଯୋଗିତାରୁ ଭାରତୀୟ ଖେଳାଳି ବିଦାୟ ନେଇଛନ୍ତି। ମହିଳା ଏକକର ପ୍ରି-କ୍ୱାର୍ଟର ଲଢ଼େଇରେ ସିନ୍ଧୁ ଓ ଘରୋଇ ଚୀନର ହାନ ୟୁ ସାମ୍ନାସାମ୍ନି ହୋଇଥିଲେ। ବିଶ୍ୱ ମାନ୍ୟତାର ୧୨ତମ ସ୍ଥାନରେ ଥିବା ସିନ୍ଧୁ ଏଥିରେ ୧୮-୨୧, ୨୧-୧୩, ୧୭-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ। ପ୍ରଥମ ଗେମ୍‌କୁ ସିନ୍ଧୁ ପରାସ୍ତ ହୋଇଥିଲେ ମଧ୍ୟ ୨୧-୧୩ରେ ଦ୍ୱିତୀୟ ଗେମ୍‌କୁ ଜିତି ମ୍ୟାଚକୁ ୧-୧'ର ସମାନସ୍ତରକୁ ଆଣିଥିଲେ। ତେବେ ବିଶ୍ୱ ମାନ୍ୟତାରେ ୭ମ ସ୍ଥାନରେ ଥିବା ହାନ ନିର୍ଣ୍ଣାୟକ ୩ୟ ଗେମ୍‌କୁ ୨୧-୧୭ରେ ଜିତି ମ୍ୟାଚକୁ ହାତେଇନେଇଥିଲେ। ହାନ୍‌ଙ୍କ ବିପକ୍ଷରେ ଏହା ମୋଟ୍ ଉପରେ ୬ଷ୍ଠ ଲଢ଼େଇ ଥିବାବେଳେ ସିନ୍ଧୁ ପ୍ରଥମଥର ପରାଜୟର ସାମ୍ନା କରିଛନ୍ତି।

ସେହିଭଳି ବିଶ୍ୱ ମାନ୍ୟତାର ୯ମ ସ୍ଥାନରେ ରହିଥିବା ପ୍ରଣୟ ଓ ଚାଇନିଜ ତାଇପେଇର ଲିନ୍ ଚୁନ-ୟିଙ୍କ ମଧ୍ୟରେ ପୁରୁଷ ଏକକର ରାଉଣ୍ଡ-୧୬ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଲିନ୍ ଚୁନ ୨୧-୧୮, ୨୧-୧୧ ସିଧାସଳଖ ଗେମ୍‌ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଅପରପକ୍ଷରେ ମହିଳା ଯୁଗଳରେ ଅଶ୍ୱିନି ପୋନ୍ନାପା ଓ ତାନିଶା କ୍ରାଷ୍ଟୋ ଯୋଡ଼ିଙ୍କୁ ମଧ୍ୟ ପ୍ରି-କ୍ୱାର୍ଟରରେ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଏଥିସହ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରୁ ଭାରତର ଅଭିଯାନ ଶେଷ ହୋଇଛି। ପୂର୍ବରୁ ମହିଳା ଯୁଗଳରେ ଦୁଇ ଓଡ଼ିଆ ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ହାରିଥିଲେ। ସେହିଭଳି ପୁରୁଷ ଏକକରେ କିଦାମ୍ବି ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ ମଧ୍ୟ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଥିଲେ।

### ଇଣ୍ଡିଆନ ପ୍ରିମିୟର ଲିଗ୍

# ୫ମ ରାଉଣ୍ଡ ସୁଦ୍ଧା ହାରିଛନ୍ତି ସବୁ ଟିମ୍

**ଜୟପୁର, ୧୧।୪(ଏଜେନ୍ସି)**



ମ୍ୟାଚ୍‌ର ଶେଷ ବଲ୍‌ରେ ରଶିଦ୍ ଖାନ୍ ଚୌକା ମାରିବା ଫଳରେ ବୁଧବାର ଗୁଜରାଟ ଟାଇଟାନ୍ସ ୩ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ହରାଇ ଦେଇଥିଲା। ଫଳରେ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଆଉ କୌଣସି ଦଳ ଅପରାଜେୟ ନାହାନ୍ତି। ଏହି ମ୍ୟାଚ୍ ପୂର୍ବରୁ କେବଳ ରାଜସ୍ଥାନ ରୟାଲ୍ସ ୪ଟି ମ୍ୟାଚ୍‌ରୁ ୪ଟି ଜିତି ଅପରାଜେୟ ରହିଥିଲା। କିନ୍ତୁ ଘରୋଇ ମାଟିରେ ଟାଇଟାନ୍ସଠାରୁ ହାରିଯିବା ପରେ ରୟାଲ୍ସର ବିଜୟ ଧାରାରେ ବ୍ରେକ୍ ଲାଗିଥିଲା। ଫଳରେ ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ସମସ୍ତ ୧୦ଟି ଯାକ ଦଳ ଅତିକମ୍‌ରେ ଗୋଟିଏ ହେଲେ ମ୍ୟାଚ୍ ହାରିଛନ୍ତି। ଏହା ଫଳରେ ଆଉ କୌଣସି ଦଳ ଅପରାଜେୟ ରହିନାହିଁ। ପ୍ରତିଦ୍ୱନ୍ଦ୍ୱିତାର ମାନରେ ଯଥେଷ୍ଟ ଉନ୍ନତି ହେବା ଫଳରେ ଏହା ଦେଖିବାକୁ ମିଳିଛି। ଚଳିତ ଟୁର୍ଣ୍ଣାମେଣ୍ଟରେ ୭୦ଟି ଲିଗ୍ ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ମାତ୍ର ୨୪ଟି ମ୍ୟାଚ୍ ଶେଷରେ ସମସ୍ତ ଦଳ ପରାଜୟ ବରଣ କରିଛନ୍ତି। ଫାଇନାଲ ଓ ପ୍ଲେ ଅଫ୍‌ରେ ଆଉ ୪ଟି ମୁକାବିଲାକୁ ମିଶାଇରେ ମୋଟ ୭୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୧୪ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଏହି ୨୪ଟି ଲିଗ୍ ମ୍ୟାଚ୍ ଶେଷରେ ଟାଇଟାନ୍ସ ସର୍ବାଧିକ ୬ଟି ମ୍ୟାଚ୍ ଖେଳିସାରିଛି। କୋଲକାତା ନାଇଟ୍ ରାଇଡର୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟସ ଓ ମୁମ୍ବାଇ ଇଣ୍ଡିଆନ୍ସ ୪ଟି ଲେଖାଏଁ ମ୍ୟାଚ୍ ଖେଳି ଥିଲାବେଳେ ବାକି ସବୁ ଦଳ ୫ଟି ଲେଖାଏଁ ମ୍ୟାଚ୍ ଖେଳିସାରିଛନ୍ତି। ଏହି ତଥ୍ୟକୁ ଦେଖିଲେ ଏକ ତୃତୀୟାଂଶ ମ୍ୟାଚ୍ ଶେଷ ହୋଇଯାଇଛି। ଏବେ ସୁଦ୍ଧା ରାଜସ୍ଥାନ ରୟାଲ୍ସ ସର୍ବାଧିକ ୪ଟି ମ୍ୟାଚ୍ ଜିତି ପଏଣ୍ଟ ସାରଣୀର ପ୍ରଥମ ସ୍ଥାନରେ ରହିଛି। ପଞ୍ଜାବ ୨ଟି, ମୁମ୍ବାଇ, ବେଙ୍ଗାଲୁରୁ ଓ ଦିଲ୍ଲୀ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତିଥିଲାବେଳେ ଅନ୍ୟ ସବୁ ଦଳ ୩ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

ସୱାଇ ମାନସିଂ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ଟି ବେଶ ରୋମାଞ୍ଚକର ହୋଇଥିଲା। ଏପରିକି ରାଜସ୍ଥାନ ପ୍ରଦତ୍ତ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଗୁଜରାଟ ଏକଦା ୧୫.୨ ଓଭରରେ ୫ ୱିକେଟ ହରାଇ ପରାଜୟର ସମ୍ମୁଖୀନ ହୋଇଥିଲା। ଏହି ସମୟରେ ଦଳର ୩ଜଣ ଖେଳାଳି ଦ୍ରୁତ ରନ୍ ସଂଗ୍ରହ କରିବା ଫଳରେ ଟାଇଟାନ୍ସ ଏହି ଅବିଶ୍ୱସନୀୟ ବିଜୟ ହାସଲ କରିଥିଲା। ଏହି ଖେଳାଳିମାନଙ୍କ ମଧ୍ୟରୁ ରାହୁଲ ତେୱାଟିଆ ୧୧ ବଲ୍‌ରେ ୨୨, ଶାହରୁଖ ଖାନ୍ ୮ ବଲ୍‌ରେ ୧୪ ଓ ଶେଷ ବଲ୍‌ରେ ଚୌକା ମାରି ଦଳକୁ ଜିତାଇଥିବା ରଶିଦ୍ ଖାନ୍ ୧୧ ବଲ୍‌ରେ ଅପରାଜିତ ୨୪ ରନ୍ କରି ଏହି ରୋମାଞ୍ଚକ ବିଜୟ ହାସଲ କରିଥିଲେ। ନୂଆ ଅଧିନାୟକ ତଥା ଭାରତୀୟ କ୍ରିକେଟର ଅଘୋଷିତ ଯୁବରାଜ ଶୁବମାନ ଗିଲଙ୍କ ନେତୃତ୍ୱରେ ଏହି ୩ ଖେଳାଳି ୪ ଓଭରରୁ ୫୯ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ଏହି ମ୍ୟାଚ୍ ପରେ ରନ୍‌ଚେଜ୍ କରୁଥିବା ଦଳ ଯେ ହାରିବା କଷ୍ଟକର ତାହା ସ୍ପଷ୍ଟ ହୋଇଯାଇଛି।

### ବୁମ୍ରାଙ୍କ ଘାତକ ବୋଲିଂ; ୫ ବ୍ୟାଟରଙ୍କ ଅର୍ଦ୍ଧଶତକ

# ବେଙ୍ଗାଲୁରୁ ବିପକ୍ଷରେ ମୁମ୍ବାଇର ସହଜ ବିଜୟ

ମୁମ୍ବଇ, ୧୧।୪(ଏଜେନ୍ସି)

ଯଶପ୍ରୀତ୍ ବୁମ୍ରାଙ୍କ ଘାତକ ବୋଲିଂ, ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶାନ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ଆଇପିଏଲ୍‌ର ୨୫ତମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୭ ୱିକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରିଛି। ଏହା ଫଳରେ ହ୍ୟାଟ୍ରିକ୍ ପରାଜୟରୁ ଅଭିଯାନ ଆରମ୍ଭ କରିଥିବା ମୁମ୍ବାଇ ଏହାକୁ ମିଶାଇ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସେହିପରି ଖରାପ ଫର୍ମରେ ଥିବା ବେଙ୍ଗାଲୁରୁ ୬ଷ୍ଠ ମ୍ୟାଚ୍‌ରୁ ପଞ୍ଚମ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ମାତ୍ର ୨୧ ରନ୍‌ରେ ୫ଟି ୱିକେଟ ନେଇଥିବା ମୁମ୍ବାଇର ବୁମ୍ରାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।




### ୧୭ ବଲ୍‌ରେ ସୂର୍ଯ୍ୟଙ୍କ ୫୦

ଏହି ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୮ ୱିକେଟରେ ୧୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମୁମ୍ବାଇ ଇଣ୍ଡିଆନ୍ସ ୪.୩ ଓଭର ବା ୨୭ଟି ବଲ୍ ବାକିଥାଇ ୩ ୱିକେଟ ବିନିମୟରେ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ୧୭ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲାବେଳେ ମୋଟ ୧୯ଟି ବଲ୍‌ରୁ ୫ ଚୌକା ଓ ୪ଛକା ସହ ୫୨ ରନ୍ କରିଥିଲେ। ସେହିପରି ୨୯ଟି ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା କିଶାନ ୩୪ ବଲ୍‌ରୁ ୭ ଚୌକା ଓ ୩ଛକା ସହ ସର୍ବାଧିକ ୬୯, ରୋହିତ ଶର୍ମା ୨୪ ବଲ୍‌ରେ ୩୮, ହାର୍ଦ୍ଦିକ ପାଣ୍ଡ୍ୟା ୬ ବଲ୍‌ରେ ଅପରାଜିତ ୨୧ ରନ୍ କରିଥିଲେ।

### ବୁମ୍ରା ବନାମ ବେଙ୍ଗାଲୁରୁ ବ୍ୟାଟର

ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗୁରୁବାର ଖେଳାଯାଇଥିବା ଆଇପିଏଲ୍ ଲିଗ୍ ମ୍ୟାଚ୍‌ଟି ମୁମ୍ବାଇ ଇଣ୍ଡିଆନ୍ସର ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବ୍ୟାଟରଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗାଲୁରୁ ଆରମ୍ଭରୁ ବିପଦରେ ପଡ଼ିଥିଲା। ପ୍ରଥମେ ଫାଷ୍ଟ ବୋଲର ବୁମ୍ରା ତାରକା ବ୍ୟାଟର ବିରାଟ କୋହଲି (୩) ଓ ପରେ ଆକାଶ ମାଧୱାଲ ପଦାର୍ପଣକାରୀ ୱିଲ ଜ୍ୟାକ୍ସ (୮)ଙ୍କୁ ଆଉଟ କରିବା ପରେ ଦଳ ଚତୁର୍ଥ ଓଭରରେ ମାତ୍ର ୨୩ ରନ୍‌ରେ ଦୁଇ ୱିକେଟ ହରାଇଥିଲା। ଅଧିନାୟକ ଡୁ ପ୍ଲେସିଙ୍କ ସହ ରଜତ ପଟିଦାର ଯୋଗ ଦେବା ପରେ ରନ୍ ହାର ବୃଦ୍ଧି ପାଇଥିଲା। ଏମାନେ ତୃତୀୟ ୱିକେଟରୁ ୪୭ ବଲ୍‌ରୁ ୮୨ ରନ୍ ଉଠାଇ ଦଳକୁ ବିପଦରୁ ରକ୍ଷା କରିଥିଲେ। ଏହି ସମୟରେ ୨୫ ବଲ୍‌ରୁ ଅର୍ଦ୍ଧଶତକ ହାସଲ କରିଥିବା ପଟିଦାରଙ୍କୁ ଗେରାଲ୍ଡ କୋଏଜି ଓ ଖାତା ଖୋଲିବା ପୂର୍ବରୁ ଗ୍ଲେନ୍ ମ୍ୟାକ୍ସୱେଲଙ୍କୁ ଶ୍ରେୟସ ଗୋପାଳ ଆଉଟ କରିବାରୁ ମାତ୍ର ୨ ରନ୍ ମଧ୍ୟରେ ୨ଟି ୱିକେଟ ହରାଇ ବେଙ୍ଗାଲୁରୁ ଅଡୁଆ ପରିସ୍ଥିତିକୁ ଆସିଯାଇଥିଲା। ଗୋଟିଏ ପଟେ ଦୃଢ଼ତାର ସହ ମୁମ୍ବାଇ ବୋଲରଙ୍କୁ ମୁକାବିଲା କରୁଥିବା ଫାଫ ଡୁପ୍ଲେସିସଙ୍କୁ ଦିନେଶ କାର୍ତ୍ତିକ ଉପଯୁକ୍ତ ସହାୟତା ଯୋଗାଇ ଦେଇଥିଲେ। ଏମାନେ ୫ମ ୱିକେଟରୁ ୨୬ ବଲ୍‌ରେ ୪୫ ରନ୍ ଉଠାଇ ଦଳକୁ ଏକ ଭଲ ସ୍କୋର ଆଡେ ନେଉଥାଉଥିଲେ। ଏହି ସମୟରେ ବୁମ୍ରା ତାଙ୍କ ମ୍ୟାଜିକ୍ ସ୍ପେଲ ଆରମ୍ଭ କରିଥିଲେ। ସେ ୧୭ତମ ଓଭରର ଚତୁର୍ଥ ବଲ୍‌ରେ ଡୁ ପ୍ଲେସି ଓ ପଞ୍ଚମ ବଲ୍‌ରେ ମହିପାଲ ଲୋମରର (୦)ଙ୍କୁ ଆଉଟ କରିଦେଇଥିଲେ। ଡୁ ପ୍ଲେସି ୪୦ ବଲ୍‌ରୁ ୪ ଚୌକା ଓ ୩ଛକା ସହ ୬୧ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ଏହି ସମୟରେ ଦିନେଶ କାର୍ତ୍ତିକ ବିସ୍ଫୋରକ ବ୍ୟାଟିଂ ଆରମ୍ଭ କରିଥିଲାବେଳେ ବୁମ୍ରା ଘାତକ ବୋଲିଂ କରିଥିଲେ। ୧୯ତମ ଓଭରରେ ବୁମ୍ରା ଦୁଇ ଜଣ ଖେଳାଳିଙ୍କୁ ଆଉଟ କରି ଆଇପିଏଲ୍‌ରେ ଦ୍ୱିତୀୟଥର ସକାଶେ ଗୋଟିଏ ପାଳିରେ ୫ ୱିକେଟ ନେବାର ସଫଳତା ପାଇଥିଲେ। ଅନ୍ୟ ପକ୍ଷରେ କାର୍ତ୍ତିକ ମଧ୍ୟ ଦମ୍‌ଦାର ଖେଳିଥିଲେ। ଶେଷ ପର୍ଯ୍ୟନ୍ତ ଆଉଟ ହୋଇ ନ ଥିବା କାର୍ତ୍ତିକ ମାତ୍ର ୨୩ ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୪ ଛକା ସହ ୫୩ ରନ୍ କରିଥିଲେ। ତାଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ବେଙ୍ଗାଲୁରୁ ଶେଷ ୫ ଓଭରରେ ୬୬ ରନ୍ ସଂଗ୍ରହ କରିଥିଲା। ଏହା ମଧ୍ୟରେ ୨ ଓଭର ବୋଲିଂ କରିଥିବା ବୁମ୍ରା ମାତ୍ର ୧୪ ରନ୍ ଦେଇଥିଲାବେଳେ ଅନ୍ୟ ୩ ଓଭରରୁ ୫୨ ରନ୍ ମିଳିଥିଲା। ଏହା ମଧ୍ୟରେ ଦଳ ୪ଟି ୱିକେଟ ହରାଇଥିଲା।

ମୁମ୍ବାଇ ପକ୍ଷରୁ ବୁମ୍ରାଙ୍କ ବୋଲିଂ ଯୋଗୁ ବେଙ୍ଗାଲୁରୁ ନିୟନ୍ତ୍ରଣରେ ରହିଥିଲା। ସେ ୨୧ ରନ୍‌ରେ ୫ଟି ୱିକେଟ ପାଇଥିଲେ। ଆଇପିଏଲ୍‌ରେ ୨ ଥର ୫ ୱିକେଟ ନେବାରେ ବୁମ୍ରା ହେଉଛନ୍ତି ଚତୁର୍ଥ ବୋଲର। ତାଙ୍କ ପୂର୍ବରୁ ଜେମ୍ସ ଫକ୍‌ନର, ଜୟଦେବ ଉନାଦକତ ଓ ଭୁବନେଶ୍ୱର କୁମାର ଏହି କ୍ଲବରେ ସାମିଲ ହୋଇଛନ୍ତି।

### ଆଇପିଏଲ୍-୧୭
### ଆଜିର ମ୍ୟାଚ୍
**ଲକ୍ଷ୍ନୌ- ଦିଲ୍ଲୀ**

ସ୍ଥାନ- ଲକ୍ଷ୍ନୌ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଆଇପିଏଲ୍‌ରେ ସର୍ବାଧିକ 'ଶୂନ'

# ରୋହିତ୍, ଦିନେଶଙ୍କ ସମକକ୍ଷ ହେଲେ ମ୍ୟାକ୍ସୱେଲ

**ମୁମ୍ବଇ, ୧୧।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ଅଷ୍ଟ୍ରେଲୀୟ ତଥା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ବିସ୍ଫୋରକ ଅଲ୍‌ରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଗୁରୁବାର ଏଠାରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ମ୍ୟାକ୍ସୱେଲ ୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ସେ ଲେଗ୍-ସ୍ପିନର ଶ୍ରେୟସ ଗୋପାଳଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଶୂନରେ ଆଉଟ୍ ହେବା ଫଳରେ ସେ ଆଇପିଏଲ୍‌ରେ ଏକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଛନ୍ତି। ଆଇପିଏଲ୍ ଇତିହାସରେ ସର୍ବାଧିକଥର ଶୂନରେ ଆଉଟ୍ ହେବାରେ ରୋହିତ୍ ଶର୍ମା ଓ ଦୀନେଶ କାର୍ତ୍ତିକଙ୍କ ସହ ମ୍ୟାକ୍ସୱେଲ ସମକକ୍ଷ ହୋଇଛନ୍ତି। ଏହି ୩ଜଣ ଖେଳାଳି ଆଇପିଏଲ୍‌ରେ ୧୭ଥର ଲେଖାଏ 'ଶୂନ'ରେ ପ୍ୟାଭିଲିୟନ ଫେରିଛନ୍ତି। ସେହିଭଳି ୧୫ଥର ଲେଖାଏ ଶୂନରେ ଆଉଟ୍ ହୋଇ ଏହି ତାଲିକାରେ ରଶିଦ ଖାନ, ସୁନିଲ ନାରିନ, ମନଦୀପ ସିଂହ ଓ ପିୟୂଷ ଚାୱଲା ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ମ୍ୟାକ୍ସୱେଲ ଚଳିତ ଆଇପିଏଲ୍‌ରେ ମଧ୍ୟ ୩ୟଥର ଲାଗି ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ଆଇପିଏଲ୍‌ର ଏହି ସଂସ୍କରଣରେ ସେ ୬ ମ୍ୟାଚ୍ ଖେଳି ମାତ୍ର ୩୨ ରନ କରିବାକୁ ସକ୍ଷମ ହୋଇଛନ୍ତି।

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ମୁମ୍ବାଇ | ୫ | ୨ | ୩ | ୪ | -୦.୦୭୩ |
| ପଞ୍ଜାବ | ୫ | ୨ | ୩ | ୪ | -୦.୧୯୬ |
| ବେଙ୍ଗାଲୁରୁ | ୬ | ୧ | ୫ | ୨ | -୧.୧୨୪ |
| ଦିଲ୍ଲୀ | ୫ | ୧ | ୪ | ୨ | -୧.୩୭୦ |



### ରିସ୍ ଅଲିମ୍ପିକ୍ସ ଲାଗି ପ୍ରସ୍ତୁତି

# ସ୍ପେନ୍‌ରେ ପ୍ରଶିକ୍ଷଣ ନେବେ ଜ୍ୟୋତି

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି)

ପ୍ୟାରିସ୍‌ରେ ଚଳିତବର୍ଷ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ପ୍ରସ୍ତୁତି ସକାଶେ ଭାରତ ସରକାର ଯୋଗ୍ୟତା ଅର୍ଜନ କରିଥିବା ବଛା ବଛା ପ୍ରତିଯୋଗୀଙ୍କୁ ବିଦେଶରେ ପ୍ରଶିକ୍ଷଣ ନେବା ଲାଗି ଆର୍ôଥକ ସହାୟତା ଯୋଗାଇ ଦେଉଛନ୍ତି। ଏହି କ୍ରମରେ ମହିଳା ବାଧା ଦୌଡ଼ାଳି ଜ୍ୟୋତି ୟାରାଜୀ ସ୍ପେନ୍‌ରେ ୪୫ ଦିନ ଧରି ପ୍ରଶିକ୍ଷଣ ନେବାକୁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାକୁ ସରକାର ଗ୍ରହଣ କରିଛନ୍ତି। ଭାରତରୁ ସ୍ପେନ୍‌କୁ ଯିବା ଆସିବା, ସେଠାରେ ରହିବା ଖାଇବା ଓ ପ୍ରଶିକ୍ଷଣ ଚାର୍ଜ ସହ ଅନ୍ୟାନ୍ୟ ସୁବିଧା ଲାଗି ଯାହା ଖର୍ଚ୍ଚ ହେବ ତାହା ସରକାର ଯୋଗାଇଦେବେ। ଏବେ ବିଶ୍ୱମାନ୍ୟତାରେ ଜ୍ୟୋତି ୨୩ ନମ୍ବର ସ୍ଥାନରେ ରହିଛନ୍ତି। ତାଙ୍କୁ ଟାର୍ଗେଟ ଅଲିମ୍ପିକ୍ସ ପୋଡିୟମ ସ୍କିମ୍‌ରେ ଏହି ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ସେହିପରି ବ୍ୟାଡମିଣ୍ଟନ ଖେଳାଳି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକସାଇରାଜ ର୍ୟାଙ୍କିରେଡ୍ଡୀ ଅଭ୍ୟାସ କରିବା ଲାଗି ଦୁଇ ଯୋଡି ବିଦେଶୀଙ୍କୁ ଭାରତ ଆଣିବାକୁ ପ୍ରସ୍ତାବ ଦେଇଥିଲେ। ଏହାକୁ ମଧ୍ୟ କ୍ରୀଡ଼ା ମନ୍ତ୍ରଣାଳୟ ସ୍ୱୀକୃତି ଦେଇଛି। ସ୍କଟଲାଣ୍ଡର ଆଲେକଜାଣ୍ଡର ଡୁନ୍ ଓ ଆଦାମ ହଲ, ଇଣ୍ଡୋନେସିଆର ରେନ୍ ଅଙ୍ଗୁଙ୍ଗ ଓ ବେରୀ ଆଗ୍ରିୱାନ୍‌ଙ୍କ ଯୋଡି ଭାରତ ଆସିବେ। ସ୍କଟଲାଣ୍ଡ ଯୋଡି ମୁମ୍ବଇରେ ଓ ଇଣ୍ଡୋନେସିଆ ଯୋଡି ହାଇଦରାବାଦ୍‌ରେ ସେଟ୍ଟୀ-ର୍ୟାଙ୍କୀରେଡ୍ଡୀଙ୍କ ସହ ଅଭ୍ୟାସ କରିବେ। ଏଥିଲାଗି ସରକାର ସମସ୍ତ ପ୍ରକାର ସହାୟତା ଦେବାକୁ ସ୍ୱୀକୃତି ଦେଇଛନ୍ତି। ଜ୍ୟୋତିଙ୍କ ବ୍ୟତୀତ ସୁଟର ରାଇଜା ଧୀଲୋନଙ୍କୁ ମଧ୍ୟ ବିଦେଶରେ ପ୍ରଶିକ୍ଷଣ ନେବାକୁ ସରକାର ସହାୟତା ଦେବେ। ସେ ତାଙ୍କ ବ୍ୟକ୍ତଗତ ପ୍ରଶିକ୍ଷକ ରାଜେଶ୍ୱରୀ କୁମାରୀଙ୍କ ସହ ଇଟାଲୀରେ ପ୍ରଶିକ୍ଷଣ ନେବାକୁ ଅନୁମତି ଦିଆଯାଇଛି।

# ସାମ୍‌ସନ୍‌ଙ୍କୁ ୧୨ ଲକ୍ଷ ଜରିମାନା



**ଜୟପୁର, ୧୧।୪ (ଏଜେନ୍ସି):** ଚଳିତ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସକୁ ପ୍ରଥମ ପରାଜୟ ସ୍ୱୀକାର କରିବାକୁ ପଡ଼ିଛି। ବୁଧବାର ଏଠାରେ ଖେଳାଯାଇଥିବା ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ ଦଳ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ୩ ୱିକେଟ୍‌ରେ ଗୁଜରାଟ ଟାଇଟନ୍ସ ନିକଟରୁ ପରାଜୟବରଣ କରିଛି। ରାଜସ୍ଥାନ ପ୍ରଥମ ପରାଜୟବରଣ କରିଥିବାବେଳେ ଅଧିନାୟକ ସାମସନଙ୍କୁ ମଧ୍ୟ ଝଟ୍‌କା ଲାଗିଛି। ଦଳ ଧିମା ବୋଲିଂ କରିଥିବାରୁ ଅଧିନାୟକ ସଞ୍ଜୁଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଆଇପିଏଲ୍ ପକ୍ଷରୁ ଏକ ବିବୃତିରେ ଏହା କୁହାଯାଇଛି। 'ଗୁଜରାଟ ବିପକ୍ଷରେ ରାଜସ୍ଥାନ ଦଳ ଧିମା ବୋଲିଂ କରିଥିଲା। ଚଳିତ ଆଇପିଏଲ୍‌ରେ ଧିମା ବୋଲିଂ କରିବାରେ ରାଜସ୍ଥାନର ଏହା ପ୍ରଥମ ଘଟଣା। ତେଣୁ ଆଇପିଏଲ୍‌ର ନିୟମାବଳୀ ଅନୁଯାୟୀ ଅଧିନାୟକ ସଞ୍ଜୁଙ୍କ ଉପରେ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି' ବୋଲି ଆଇପିଏଲ୍ ପକ୍ଷରୁ ଜାରି ବିବୃତିରେ ଏହା ଉଲ୍ଲେଖ କରାଯାଇଛି। ଯଦି ଚଳିତ ଆଇପିଏଲ୍‌ରେ ଦଳ ଏଭଳି ଆହୁରି ଧିମା ବୋଲିଂ କରେ ତେବେ ଅଧିନାୟକଙ୍କ ଉପରେ ଜରିମାନା ରାଶି ଦ୍ୱିଗୁଣିତ କରାଯିବ ବୋଲି ଜଣାପଡ଼ିଛି। ରାଜସ୍ଥାନ ବର୍ତ୍ତମାନ ସୁଦ୍ଧା ୫ ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଟେବଲ୍‌ର ଶୀର୍ଷ ସ୍ଥାନ ବଳବତ୍ତର ରଖିଛି।

# 'ଜାତୀୟ ଦଳରେ ସ୍ଥାନ ପାଇବେ ପରାଗ'



**ଜୟପୁର, ୧୧।୪(ଏଜେନ୍ସି):** ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରାଜସ୍ଥାନ ରୟାଲ୍ସର ମିଡଲ ଅର୍ଡର ବ୍ୟାଟର ରିଆନ ପରାଗ ଭଲ ଫର୍ମରେ ଅଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଗୁଜରାଟଠାରୁ ତାଙ୍କ ଦଳ ହାରିଯାଇଥିଲେ ମଧ୍ୟ ପରାଗ ୭୬ ରନ୍‌ର ଆକର୍ଷଣୀୟ ପାଳି ଖେଳିଥିଲେ। ଏହା ଫଳରେ ସେ ଖେଳିଥିବା ୫ଟି ମ୍ୟାଚ୍‌ରୁ ୩ଟି ଅର୍ଦ୍ଧଶତକ ସହ ୨୬୧ ରନ୍ କରିବାରେ ସମର୍ଥ ହୋଇଛନ୍ତି। ପରାଗଙ୍କ ଏଭଳି ପ୍ରଦର୍ଶନରେ ଉତ୍ସାହିତ ହୋଇଛନ୍ତି ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ କୁମାର ସାଙ୍ଗାକାରା। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ପରାଗ ଭାରତୀୟ ଦଳରେ ସ୍ଥାନ ପାଇବାର ଯଥେଷ୍ଟ ସୁଯୋଗ ସୃଷ୍ଟି କରିଛନ୍ତି। ତାଙ୍କୁ ଯଦି ଭାରତୀୟ ଦଳରେ ସୁଯୋଗ ମିଳେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ସାଙ୍ଗକାରା କହିଛନ୍ତି। ସେ ଆହୁରି କହନ୍ତି, ପରାଗ ଯେପରି ନିୟମିତ ପ୍ରଦର୍ଶନ କରୁଛନ୍ତି ତାହା ଯଦି ବଜାୟ ରଖନ୍ତି, ତେବେ ନିଶ୍ଚିତଭାବେ ଜାତୀୟ ଦଳରେ ସ୍ଥାନ ପାଇବେ। ଭାରତୀୟ ଦଳ ଚୟନ ଉପରେ ମୋର କୌଣସି ମନ୍ତବ୍ୟ ଦେବାର ଆଗ୍ରହ ନାହିଁ। କେବଳ ମୁଁ ପରାଗଙ୍କ ପ୍ରଦର୍ଶନ ଉପରେ କହୁଛି ଓ ରାଜସ୍ଥାନ ରୟାଲ୍ସର ଖେଳ ଉପରେ ମୋ ନଜର କେନ୍ଦ୍ରୀଭୂତ କରିଛି। ୨୨ ବର୍ଷୀୟ ପରାଗ ଚଳିତ ସିଜନରେ ତାଙ୍କ ଜୀବନର ଶ୍ରେଷ୍ଠ ଫର୍ମରେ ଅଛନ୍ତି। ଘରୋଇ କ୍ରିକେଟରେ ଦମ୍‌ଦାର ଖେଳ ପ୍ରଦର୍ଶନ କରି ପୂର୍ବରୁ ସେ ଚୟନକର୍ତ୍ତାଙ୍କ ରାଡାରରେ ରହିଛନ୍ତି। କେବଳ ସେମାନଙ୍କ ଶୁଭଦୃଷ୍ଟି ପଡ଼ିଲେ ଆସାମର ଏହି ଯୁବ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇପାରନ୍ତି।

# ଦୁଇଟି ମ୍ୟାଚ୍ ଖେଳିବେନି ମୟଙ୍କ



**ନୂଆଦିଲ୍ଲୀ, ୧୧।୪ (ସମିସ):** ମାଂସପେଶୀରେ ଆଘାତଜନିତ ସମସ୍ୟା ଦେଇ ଗତି କରୁଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟସର ଯୁବ ତାରକା ଦ୍ରୁତ ବୋଲର ମୟଙ୍କ ଯାଦବ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇନାହାନ୍ତି। ତେଣୁ ସେ ଲକ୍ଷ୍ନୌର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳି ନପାରନ୍ତି। ଲକ୍ଷ୍ନୌର ମୁଖ୍ୟ ପ୍ରଶିକ୍ଷକ ଜଷ୍ଟିନ ଲାଙ୍ଗର ଗୁରୁବାର ଏହି ସୂଚନା ଦେଇଛନ୍ତି। ଲକ୍ଷ୍ନୌ ଏହାର ପରବର୍ତ୍ତୀ ଦୁଇଟି ମ୍ୟାଚରେ ଯଥାକ୍ରମେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରବିବାର କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏପ୍ରିଲ ୧୯ରେ ଘରୋଇ ଗ୍ରାଉଣ୍ଡରେ ଚେନ୍ନାଇ ସୁପର୍ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍‌ବେଳକୁ ସେ ସୁସ୍ଥ ହୋଇଯାଇଥିବେ ବୋଲି ଲାଙ୍ଗର ଆଶାବ୍ୟକ୍ତ କରିଛନ୍ତି। ଦିଲ୍ଲୀ ବିପକ୍ଷ ମୁକାବିଲା ପୂର୍ବରୁ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲାଙ୍ଗର କହିଛନ୍ତି, 'ଆଗାମୀ ମ୍ୟାଚ୍ ଖେଳିବାକୁ ମୟଙ୍କ ପ୍ରତିଦିନ କଠିନ ପ୍ରସ୍ତୁତି କରୁଛନ୍ତି। ଆମେ ଚାହୁଁଛୁ ସେ ପ୍ରତ୍ୟେକ ମ୍ୟାଚ୍ ଖେଳନ୍ତୁ। କିନ୍ତୁ ସେ ପରବର୍ତ୍ତୀ ଦୁଇ ମ୍ୟାଚରେ ଖେଳିବା ସମ୍ଭାବନା ବହୁକ୍ଷୀଣ। ଚେନ୍ନାଇ ବିପକ୍ଷ ମ୍ୟାଚ୍‌ବେଳକୁ ସୁସ୍ଥ ହୋଇଯାଇଥିବା ନେଇ ଆଶା କରାଯାଉଛି।' ଉଲ୍ଲେଖଯୋଗ୍ୟ, ୨୧ ବର୍ଷୀୟ ମୟଙ୍କ ଚଳିତ ଆଇପିଏଲ୍‌ରେ ଦ୍ରୁତ ଗତିରେ ବୋଲିଂ କରି ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି। ଚଳିତ ଆଇପିଏଲ୍ ତାଙ୍କର ଅଧିକାଂଶ ବଲ୍‌ର ଗତି ଘଣ୍ଟାପ୍ରତି ୧୫୦ କିମିରୁ ଊର୍ଦ୍ଧ୍ୱ ରହିଛି। ଆଇପିଏଲ୍-୧୭ରେ ସେ ଦ୍ୱିତୀୟ ଦ୍ରୁତତମ ବଲ୍ (୧୫୬.୭ କିମି) ପକାଇଛନ୍ତି।

### ଆଇଜଲ ଯିବାକୁ ମନାକଲେ ମଣିପୁର ଦଳ

# ଆଇ-ଲିଗ୍‌ର ୨ଟି ମ୍ୟାଚ୍ ବାତିଲ

**ପଣଜୀ, ୧୧।୪(ଏଜେନ୍ସି):** ମିଜୋରାମର ରାଜଧାନୀ ଆଇଜଲ୍‌ରେ ମ୍ୟାଚ୍ ଖେଳିବାକୁ ମଣିପୁରର ଦୁଇ ଦଳ ଯିବାକୁ ମନା କରିବା ପରେ ଆଇ-ଲିଗ୍‌ର ଦୁଇଟି ମ୍ୟାଚ୍‌କୁ ସର୍ବଭାରତୀୟ ଫୁଟବଲ ମହାସଂଘ ବାତିଲ କରିଦେଇଛି। ଏହା ଫଳରେ ଘରୋଇ ମାଟିରେ ଆଇଜଲ ଏଫ୍‌ସି ଦୁଇଟି ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ସୁରକ୍ଷା କାରଣରୁ ମଣିପୁର ଟିଆର୍‌ଏୟୁ ଓ ନେରୋକା ଏଫ୍‌ସି ଆଇଜଲ୍‌ରେ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ଜାତିଆଣା ବିଦ୍ୱେଷ ଓ ଗଣ୍ଡଗୋଳ ଯୋଗୁଁ ଗତବର୍ଷଠାରୁ ମଣିପୁର ଅଶାନ୍ତ ହୋଇ ରହିଛି। ଯାହା ଫଳରେ ମଣିପୁରର ଟିମ୍ ଗୁଡିକ ଘରୋଇ ମ୍ୟାଚ୍ ରାଜ୍ୟ ବାହାରେ ଖେଳିବାକୁ ବାଧ୍ୟ ହୋଇଥିଲେ। ଏବେ ମଣିପୁର ଦଳ ଆଇଜଲ ଯିବାକୁ ମନା କରିଦେବା ଫଳରେ ଏଆଇଏଫ୍‌ଏଫ୍ ମ୍ୟାଚ୍ ଦୁଇଟିକୁ ବାତିଲ କରିଦେଇଛି। ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି। ଆଇଜଲକୁ ଦୁଇଟି ପଏଣ୍ଟ ମିଳିଛି। ମଣିପୁରର ଦୁଇ ଦଳ ଏହି ମ୍ୟାଚକୁ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। କିନ୍ତୁ ଏଆଇଏଫ୍‌ଏଫ୍ ଏହାକୁ ଅସ୍ୱୀକାର କରିଦେଇଥିଲା। ଆଇଜଲ ନିରପେକ୍ଷ ଭେନ୍ୟୁ କୋଲକାତାରେ ମ୍ୟାଚ୍ ଖେଳିବାକୁ ରାଜି ହୋଇଥିଲା। କିନ୍ତୁ ପଡ଼ିଆ ଅଭାବରୁ ଏହାକୁ କୋଲକାତାରେ ଆୟୋଜନ କରିବା କଷ୍ଟକର ହେବାରୁ ବାତିଲ କରିବାକୁ ପଡ଼ିଥିଲାବେଳେ ଏଆଇଏଫ୍‌ଏଫ୍ ପକ୍ଷରୁ କୁହାଯାଇଛି। ପଏଣ୍ଟ ଭାଗ ହୋଇଥିବାରୁ ଆଇଜଲ୍‌କୁ ଫାଇଦା ମିଳିଛି।

# ଆର୍‌ସିବି ବିପକ୍ଷରେ ପ୍ରଥମ ୫ ୱିକେଟ୍ ସଫଳତା

**ମୁମ୍ବଇ, ୧୧।୪ (ଏଜେନ୍ସି):** ଆଇପିଏଲ୍ ଇତିହାସରେ ପ୍ରଥମ ବୋଲର ଭାବେ ମୁମ୍ବାଇ ଇଣ୍ଡିଆନ୍ସର ତାରକା ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବିପକ୍ଷରେ ୫ ୱିକେଟ୍ ସଫଳତା ପାଇଛନ୍ତି। ଗୁରୁବାର ଏଠାରେ ଅନୁଷ୍ଠିତ ମ୍ୟାଚରେ ବୁମ୍ରା ତାଙ୍କ ୪ ଓଭର ବୋଲିଂ କୋଟାରେ ମାତ୍ର ୨୧ ରନ ବ୍ୟୟ କରି ଆର୍‌ସିବିର ୫ଜଣ ବ୍ୟାଟର୍‌ଙ୍କୁ ପ୍ୟାଭିଲିୟନ ପଠାଇଥିଲେ। ଏଥିସହ ସେ ମଧ୍ୟ ଆଇପିଏଲ୍‌ରେ ୪ର୍ଥ ବୋଲର ଭାବେ ଦୁଇଥର ୫ ୱିକେଟ୍ ସଫଳତା ପାଇଛନ୍ତି। ପୂର୍ବରୁ ଜେମ୍ସ ଫକନର୍ (୬୦ ମ୍ୟାଚରେ ୨ଥର), ଜୟଦେବ ଉନାଦକତ୍ (୯୮ ମ୍ୟାଚରେ ୨ଥର), ବୁମ୍ରା (୧୨୫ ମ୍ୟାଚରେ ୨ଥର) ଓ ଭୁବନେଶ୍ୱର କୁମାର (୧୬୫ ମ୍ୟାଚରେ ୨ଥର) ଆଇପିଏଲ୍‌ରେ ଦୁଇଥର ଲେଖାଏ ୫ ୱିକେଟ୍ ଅକ୍ତିଆର କରିଛନ୍ତି। ଗୁରୁବାର ବେଙ୍ଗାଲୁରୁ ବିପକ୍ଷରେ ବୁମ୍ରା ଦୁଇଥର ହ୍ୟାଟ୍ରିକ ୱିକେଟ୍ ନେବାର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଏଥିରେ ସଫଳ ହୋଇପାରି ନ ଥିଲେ। ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ କୌଣସି ମୁମ୍ବାଇ ଇଣ୍ଡିଆନ୍ସ ବୋଲର ହ୍ୟାଟ୍ରିକ ୱିକେଟ୍ ଅକ୍ତିଆର କରିନାହାନ୍ତି।

# ଗୁଜରାଟୀ, ପ୍ରଜ୍ଞାନନ୍ଦା ବିଜୟୀ; ଶୀର୍ଷରେ ଗୁକେଶ

ଟରଣ୍ଟୋ, ୧୧।୪(ଏଜେନ୍ସି)



### କ୍ୟାଣ୍ଡିଡେଟ୍ସ ଚେସ

ଯୁବ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ବୁଧବାର ରାତିରେ ଖେଳାଯାଇଥିବା ୬ଷ୍ଠ ରାଉଣ୍ଡ ମ୍ୟାଚ୍‌ରେ ୮ମ ସିଡ୍ ହିକାରୁ ନାକାମୁରାଙ୍କ ସହ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି। ସେହିପରି ଇଆନ ନେପୋମନିଆଚାଚି ଓ ଟପ୍ ସିଡ ଫାବିଆନୋ କାରୁଆନାଙ୍କ ମଧ୍ୟରେ ଖେଳାଯାଇଥିବା ଟପ୍ ବୋର୍ଡ ମ୍ୟାଚ୍ ମଧ୍ୟ ଡ୍ର ରହିଛି। ଏହା ଫଳରେ ଉଭୟ ଗୁକେଶ ଓ ଫିନ୍‌ଲାଣ୍ଡର ଗ୍ରାଣ୍ଡମାଷ୍ଟର ଇଆନ ନେପୋମନିଆଚାଚି ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ଗୁକେଶ ପ୍ରଥମ ଓ ଇଆନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆମେରିକାର ଫାବିଆନୋ କାରୁଆନା ୩.୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ୫ମ ରାଉଣ୍ଡରେ ବିଜୟ ସୁଯୋଗ ହାତଛଡ଼ା କରିଥିବା ଆର୍ ପ୍ରଜ୍ଞାନନ୍ଦା ଓ ବିଦିତ ସନ୍ତୋଷ ଗୁଜରାଟୀ ୬ଷ୍ଠ ରାଉଣ୍ଡରେ ଦମ୍‌ଦାର ବିଜୟ ହାସଲ କରିଛନ୍ତି। ଏହା ଫଳରେ ପ୍ରଜ୍ଞାନନ୍ଦା ୩.୫ ପଏଣ୍ଟ ସହ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଗୁଜରାଟୀ ମଧ୍ୟ ୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଛନ୍ତି। ବୁଧବାର ଖେଳାଯାଇଥିବା ୬ଷ୍ଠ ରାଉଣ୍ଡରେ ଗୁଜରାଟୀ ନିଜାତ ଆବାସୋଭ୍‌ଙ୍କୁ ଓ ପ୍ରଜ୍ଞାନନ୍ଦା ଅଲୀରେଗା ଫିରୋଉଜାଙ୍କୁ ପରାସ୍ତ କରିଥିଲେ। ଗୁରୁବାର ରାତିରେ ଖେଳାଯିବାକୁ ଥିବା ୭ମ ରାଉଣ୍ଡ ଖେଳରେ ଗୁକେଶଙ୍କ ସହ ଅଲୀରେଜା, ନାକାମୁରାଙ୍କ ସହ ନେପୋମନିଆଚାଚି, ପ୍ରଜ୍ଞାନନ୍ଦାଙ୍କ ସହ କାରୁଆନୋ ଓ ଗୁଜରାଟୀଙ୍କ ସହ ଆବାସୋଭ୍‌ଙ୍କର ମୁକାବିଲା ହେବ।

ମହିଳା ବିଭାଗରେ ୫ମ ରାଉଣ୍ଡର ସମସ୍ତ ମୁକାବିଲା ଅମୀମାଂସିତ ରହିଥିଲାବେଳେ ବୁଧବାର ଖେଳାଯାଇଥିବା ୬ଷ୍ଠ ରାଉଣ୍ଡର ସମସ୍ତ ମ୍ୟାଚ୍‌ର ଫଳାଫଳ ବାହାରିଥିଲା। ଏଥିରେ ଭାଗ ନେଇଥିବା ଦୁଇ ଭାରତୀୟ ଖେଳାଳି କୋନେରୁ ହମ୍ପି ଓ ଆର୍ ବୈଶାଳୀ ପରାଜିତ ହୋଇଥିଲେ। ଲେଇ ତିନଜିଜେଙ୍କଠାରୁ ହମ୍ପି ଓ କେଟେରିନା ଲାଗ୍ନୋଙ୍କଠାରୁ ବୈଶାଳୀ ପରାଜିତ ହୋଇଯାଇଛନ୍ତି। ୬ଷ୍ଠ ରାଉଣ୍ଡ ଶେଷରେ ଚୀନା ଗ୍ରାଣ୍ଡମାଷ୍ଟର ଝୋଙ୍ଗୟି ତାନ୍ ୪.୫ ପଏଣ୍ଟ ପାଇ ପ୍ରଥମ ଓ ଆଲେକ୍‌ଜାଣ୍ଡ୍ରା ଗୋର୍‌ୟାଚକିନା ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ୨.୫ ପଏଣ୍ଟ ପାଇ ବୈଶାଳୀ ଷଷ୍ଠ ଓ ୨ ପଏଣ୍ଟ ପାଇ ହମ୍ପି ସପ୍ତମ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ୮ଜଣ ଲେଖାଏଁ ଖେଳାଳି ଭାଗ ନେଉଛନ୍ତି। ଗୁରୁବାର ରାତିରେ ଖେଳାଯିବାକୁ ଥିବା ୭ମ ରାଉଣ୍ଡରେ ଦୁଇ ଭାରତୀୟ ଖେଳାଳି ହମ୍ପି ଓ ବୈଶାଳୀ ପରସ୍ପର ସହ ମୁକାବିଲା କରିବେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA